RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-08 ♦THURSDAY ♦02 JULY 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୦୮ ♦ଗୁରୁବାର ♦୦୨ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ପ୍ରତ୍ୟାବର୍ତ୍ତନରେ ସେରେନା ନିରାଶ

▶ପୃଷ୍ଠା ୧୨ ଦେଖନ୍ତୁ...

# ଲାଗୁହେଲା 'ଜି-ରାମ-ଜି'

## ସର୍ବନିମ୍ନ ମଜୁରି ୩୭୦ ଟଙ୍କା

■ ନୂଆଦିଲ୍ଲୀ, ୧।୭ (ଏଜେନ୍ସି): ଗ୍ରାମାଞ୍ଚଳର ଗରିବ ଶ୍ରମିକମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ମନରେଗା ବଦଳରେ ବିକଶିତ ଭାରତ - ରୋଜଗାର ଏବଂ ଆଜୀବିକା ସୁରକ୍ଷା ଅଭିଯାନ ଗ୍ରାମୀଣ ଆଇନ, ୨୦୨୫ (ଜି-ରାମ-ଜି) ଆଜି ଠାରୁ ସାରା ଦେଶରେ କାର୍ଯ୍ୟକାରୀ କରିଛନ୍ତି କେନ୍ଦ୍ର ସରକାର। ସଂଶୋଧିତ ମଜୁରୀ ସହିତ ଏହାକୁ ଲାଗୁ କରାଯାଇଛି। ଏଣିକି ଦେଶର କୌଣସି ବି ରାଜ୍ୟରେ ଶ୍ରମିକଙ୍କ ଦୈନିକ ମଜୁରୀ ୩୨୭ ଟଙ୍କାରୁ କମ୍ ରହିବ ନାହିଁ। ସରକାରଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଦେଶର ସମସ୍ତ ୩୪ଟି



ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ମଜୁରୀ ହାରରେ ବୃଦ୍ଧି କରାଯାଇଛି। ପୂର୍ବରୁ ଜାତୀୟ ସ୍ତରରେ ହାରାହାରି ଦୈନିକ ମଜୁରୀ ପ୍ରାୟ ୨୯୮ ଟଙ୍କା ୮୦ ପଇସା ଥିବା ବେଳେ, ଏବେ

### ଇତିହାସ ପାଲଟିଲା ମନରେଗା

ଏହା ବୃଦ୍ଧି ପାଇ ପ୍ରାୟ ୩୨୭ ଟଙ୍କା ୪୦ ପଇସା ହୋଇଛି। ମଜୁରୀରେ ହାରାହାରି ପ୍ରାୟ ୨୮ ଟଙ୍କା ୬୦ ପଇସାର ବୃଦ୍ଧି ଘଟିଛି, ଯାହାକି ଶତକଡ଼ା ହିସାବରେ ୧୦ ପ୍ରତିଶତରୁ ଅଧିକ। ଏହି ନୂତନ ନିୟମ ଯୋଗୁଁ ସେହିସବୁ ରାଜ୍ୟଗୁଡ଼ିକ ସବୁଠାରୁ ଅଧିକ ଲାଭବାନ ହେବେ, ଯେଉଁଠାରେ ପୂର୍ବରୁ ବହୁତ କମ୍ ମଜୁରୀ ମିଳୁଥିଲା। ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା, ଆସାମ, ଅରୁଣାଚଳ ପ୍ରଦେଶ ଏବଂ ହିମାଚଳ ପ୍ରଦେଶ ଭଳି ରାଜ୍ୟଗୁଡ଼ିକରେ ମଜୁରୀ ହାର ପ୍ରାୟ ୧୫ରୁ ୨୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଅପରପକ୍ଷରେ କେରଳ, ହରିୟାଣା, ପଞ୍ଜାବ ଓ କର୍ଣ୍ଣାଟକ ଭଳି ଧନୀ ରାଜ୍ୟଗୁଡ଼ିକରେ ମଜୁରୀ ହାର ୩୭୦ ଟଙ୍କାରୁ ଆରମ୍ଭ କରି ୪୦୯ ଟଙ୍କା ପର୍ଯ୍ୟନ୍ତ ରହିଛି। ଏହି ଆଇନ ମାଧ୍ୟମରେ ବର୍ଷକୁ ଗ୍ୟାରେଣ୍ଟି ସହ ମିଳୁଥିବା କାମର ଅବଧିକୁ ମଧ୍ୟ ୧୨୫ ଦିନକୁ ବୃଦ୍ଧି କରାଯାଇଛି।

# ୧୨ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

## ଚଳିତ ବର୍ଷରୁ ରାଜ୍ୟରେ ମାଗଣା ଶିକ୍ଷା

■ ଭୁବନେଶ୍ୱର, ୧।୭ (ସମିସ): ଏଣିକି ରାଜ୍ୟରେ କେଜିରୁ ପିଜି ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ ଛାତ୍ରଛାତ୍ରୀମାନ ମାଗଣା ଶିକ୍ଷା ପାଇପାରିବେ। ଆଉ ରାଜ୍ୟର ଜଣେ ବି ପିଲା ଆର୍ଥିକ ଅଭାବ କାରଣରୁ ଶିକ୍ଷାରୁ ବଞ୍ଚିତ ହେବେ ନାହିଁ କିମ୍ବା ପାଠପଢ଼ା ମଝିରୁ ପାଠ ଛାଡିବେ ନାହିଁ। ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷାକୁ ଅଧିକ ସହଜଲଭ୍ୟ, ସମାନତା ଭିତ୍ତିକ ଏବଂ ସୁଲଭ କରିବା ପାଇଁ ଏହି ଐତିହାସିକ ପଦକ୍ଷେପ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବୁଧବାର ରାଜ୍ୟ କ୍ୟାବିନେଟ ବୈଠକରେ 'ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି' ଯୋଜନା ଉପରେ ମୋହର ବାଜିଥିବା ବେଳେ ଏହି ଯୋଜନା ଅଧୀନରେ, ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା ବିଭାଗ ଅଧିନସ୍ଥ



### 'ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି' ଉପରେ ମୋହର

### ୫ ବର୍ଷରେ ଖର୍ଚ୍ଚ ହେବ ୫,୪୬୭.୫୫ କୋଟି ଟଙ୍କା

### ଅର୍ଥ ପାଇଁ କେହି ଶିକ୍ଷାରୁ ବଞ୍ଚିତ ହେବେନାହିଁ: ମୁଖ୍ୟମନ୍ତ୍ରୀ

ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନଗୁଡ଼ିକରେ ନିୟମିତ ପାଠ୍ୟକ୍ରମରେ ନାମ ଲେଖାଇଥିବା ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ▶ପୃଷ୍ଠା-୧୦

## ୮ ଲେନ୍ ହେବ ଜୟଦେବ ବିହାର-ନନ୍ଦନକାନନ ରାସ୍ତା

■ ଭୁବନେଶ୍ୱର, ୧।୭ (ସମିସ): ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୮ ଟି ବିଭାଗର ୧୨ ଟି ପ୍ରସ୍ତାବ ଉପରେ ମୋହର ବାଜିଛି। ଏଥିରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଭାବେ ରାଜଧାନୀ ଭୁବନେଶ୍ୱରର ଟ୍ରାଫିକ୍ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କଳିଙ୍ଗ ଷ୍ଟାଡିୟମ (ଗେଟ୍ ନଂ-୪) ଠାରୁ ରଘୁନାଥପୁର ସେତୁ ପର୍ଯ୍ୟନ୍ତ ଜୟଦେବ ବିହାର-ନନ୍ଦନକାନନ ରାସ୍ତାକୁ ୮ ଲେନ୍‌କୁ ସମ୍ପ୍ରସାରଣ କରାଯିବା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି।

### ୫୭୯ କୋଟି ବ୍ୟୟ ଅଟକଳକୁ ଅନୁମୋଦନ

### ଆସନ୍ତା ୨ ବର୍ଷ ମଧ୍ୟରେ ଶେଷ ହେବ ନିର୍ମାଣ କାର୍ଯ୍ୟ

### ଗଭୀର ସମୁଦ୍ର ମତ୍ସ୍ୟ ମିଶନ ୨୦୨୬-୨୦୩୬କୁ ମଞ୍ଜୁରି

ଏହି ପ୍ରକଳ୍ପରେ ବିଭିନ୍ନ ପ୍ରମୁଖ ଛକରେ ଫ୍ଲାଏଓଭର, ଅଣ୍ଡରପାସ ଓ ଭୂତଳ ପାର୍କିଂ ନିର୍ମାଣ କରାଯିବ। ଏହି ପ୍ରକଳ୍ପ ପାଇଁ ମେସର୍ସ ଦୀନେଶଚନ୍ଦ୍ର ଆର୍ ଅଗ୍ରୱାଲ ଇନଫ୍ରାକନ୍ ପ୍ରାଇଭେଟ୍ ଲିମିଟେଡର ୫୭୯ କୋଟି ଟଙ୍କା ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ଆଗାମୀ ୨୪ମାସ ମଧ୍ୟରେ ଏହି କାର୍ଯ୍ୟ ଶେଷ ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିପରି ପୂର୍ତ୍ତ ବିଭାଗ ଅଧିନରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ▶ପୃଷ୍ଠା-୧୦

## ରାମ ମନ୍ଦିର ଚାନ୍ଦା ଚୋରି

# ପଶିବ ଇଡି, ଆୟକର ବିଭାଗ



### ଷଡ଼ଯନ୍ତ୍ର ଉପରୁ ପରଦା ଉଠୁଛି

### ଟ୍ରଷ୍ଟ ଓ ବ୍ୟାଙ୍କ କର୍ମଚାରୀ ସାମିଲ

### ଅଭିଯୁକ୍ତ ଘରୁ ମିଳିଲା ଦାନବାକ୍ସ

### କୁମ୍ଭମେଳାରେ କୋଟି କୋଟି ଚୋରି

### ବାଥ୍‌ରୁମ୍‌ରେ ଲୁଚାଇଥିଲା ଟଙ୍କା

■ ନୂଆଦିଲ୍ଲୀ/ଅଯୋଧ୍ୟା, ୧।୭ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରର ଦାନ ବାକ୍ସରୁ ହୋଇଥିବା ଚାନ୍ଦା ଚୋରି ମାମଲାକୁ ନେଇ ଦିନକୁ ଦିନ ନୂଆ ତଥ୍ୟ ଆସିବାରେ ଲାଗିଛି। ଏହାକୁ ଲୁଟିବା ଲାଗି ବଡ଼ ଧରଣର ଷଡ଼ଯନ୍ତ୍ର ହୋଇଥିଲା ଏବଂ ଏଥିରେ ଟ୍ରଷ୍ଟ କର୍ମଚାରୀଙ୍କ ସହିତ ବ୍ୟାଙ୍କ କର୍ମଚାରୀ ମଧ୍ୟ ସାମିଲ ଥିଲେ। ମନ୍ଦିର ଟ୍ରଷ୍ଟର ଅନେକ ବରିଷ୍ଠ କର୍ମକର୍ତ୍ତା ଏହା ଜାଣିଥିବା ଅଭିଯୁକ୍ତମାନେ ପୁଲିସ ପଚରାଉଚରା ବେଳେ ସ୍ୱୀକାର କରିଛନ୍ତି। କୁମ୍ଭମେଳା ସମୟରେ ସବୁଠାରୁ ବେଶି ଚୋରି ହୋଇଛି। ଏହି ସମୟରେ କୋଟି କୋଟି ଟଙ୍କା ଲୁଟ୍ କରାଯାଇ ଜମି ସହିତ ଅନ୍ୟ କାରବାରରେ ଲଗାଇଛନ୍ତି ଅଭିଯୁକ୍ତ। ଅଭିଯୁକ୍ତଙ୍କର ଏଭଳି ଖୁଲାସା ପରେ ଅର୍ଥ କାରବାର ଅନୁସନ୍ଧାନ ନେଇ ଅସହାୟ ହୋଇପଡ଼ିଛି ପୁଲିସ। ତେଣୁ ଏଥିରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର (ଇଡି) ସହାୟତା ଲୋଡ଼ାଯାଇଛି। ଏହି ଘୋଟାଲାରେ କିଛି ପ୍ରଭାବଶାଳୀ କର୍ମକର୍ତ୍ତା ସାମିଲ ଥିବାରୁ ଇଡିର ସହାୟତା ନିଆଯାଇଥିବା କୁହାଯାଉଛି।

ଏହି ମାମଲାରେ ପୁଲିସ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଖୋଳତାଡ଼ ଚଳାଇଛି। ପଚରାଉଚରା ବେଳେ ଅଭିଯୁକ୍ତ ମାନେ ସ୍ୱୀକାର କରିଛନ୍ତି ଯେ ୨୦୨୫ ମସିହା ପ୍ରାରମ୍ଭରେ ଅନୁଷ୍ଠିତ କୁମ୍ଭମେଳା ସମୟରେ ହିଁ ରାମ ▶ପୃଷ୍ଠା-୧୦

## ଗଣଶିକ୍ଷା ବିଭାଗର ଆଡ଼ବାୟା ନୀତି

# ମନ୍ତ୍ରୀଙ୍କ ମନ୍ତବ୍ୟକୁ କାଟିଲେ ସଚିବ

### ପିଲାଙ୍କୁ ମିଳିବ ତ୍ରୁଟିଶୂନ୍ୟ ନୂଆ ବହି

■ ଭୁବନେଶ୍ୱର, ୧।୭ (ସମିସ): ସ୍କୁଲ ପିଲାଙ୍କ ପାଠ୍ୟପୁସ୍ତକରେ ହଜାର ହଜାର ତ୍ରୁଟି ପ୍ରସଙ୍ଗ ଦିନକୁ ଦିନ ଅଧିକ ଜଟିଳ ହେଉଛି। ଗତ ସୋମବାର ଦିନ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗଣମାଧ୍ୟକୁ ପ୍ରତିକ୍ରିୟା ଦେଇ ପାଠ୍ୟପୁସ୍ତକ ଫେରସ୍ତ ହେବ ନାହିଁ ଓ ସେହି ବହିକୁ ସଂଶୋଧିତ କରି ଶିକ୍ଷାଦାନ କରାଯିବ ବୋଲି କହିଥିଲେ। ମାତ୍ର ଦିନକ ପରେ ଅର୍ଥାତ୍ ଆଜି ବିଭାଗୀୟ ସଚିବ ଏନ୍ ଥିରୁମାଳା ନାଏକ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀଙ୍କ ମନ୍ତବ୍ୟକୁ ଭୁଲ୍ ପ୍ରମାଣିତ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ସମ୍ପୂର୍ଣ୍ଣ ନୂତନ ଭାବେ ତ୍ରୁଟିଶୂନ୍ୟ ପୁସ୍ତକ ଯୋଗାଇ ଦିଆଯିବ ବୋଲି ସଚିବ ବୁଧବାର ଘୋଷଣା କରିଛନ୍ତି। ମନ୍ତ୍ରୀ ଓ ସଚିବଙ୍କ କଥାରେ ତାଳମେଳ ରହୁ ନଥିବାବେଳେ ପିଲାଙ୍କୁ କେବେ ସୁଦ୍ଧା ନୂତନ ବହି ମିଳିବ ତାହା ସ୍ପଷ୍ଟ ହୋଇନାହିଁ। ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ ଓ ଅଭିଭାବକମାନେ ଚିନ୍ତାରେ ପଡ଼ିଛନ୍ତି। ପୁସ୍ତକ ଯୋଗାଣ ସମ୍ପର୍କରେ ସଚିବ କହିଛନ୍ତି ଯେ, ଖୁବଶୀଘ୍ର ପିଲାଙ୍କୁ ▶ପୃଷ୍ଠା-୧୦

**ସୋମବାର ପୁରୁଣା ବହି ଫେରସ୍ତକୁ ମନା କରିଥିଲେ ମନ୍ତ୍ରୀ**

**ନୂଆ ମିଳିବା ଯାଏ ତାଳିପକା ବହିରେ ଚାଲିବ ପାଠପଢ଼ା**

**କଟା ଘା'ରେ ଚୂନ**

### ଯେତିକି କୁହାଯାଉଛି, ସେତିକି ଭୁଲ୍ ହୋଇନାହିଁ: ସଚିବ

■ ଭୁବନେଶ୍ୱର, ୧।୭ (ସମିସ): ସ୍କୁଲ ପିଲାଙ୍କ ପଢ଼ା ବହିରେ ତ୍ରୁଟିକୁ ନେଇ ସାରା ରାଜ୍ୟ ହୁଲସ୍ଥୁଲ। ଏହି ପ୍ରସଙ୍ଗ ଜାତୀୟସ୍ତରରେ ଓଡ଼ିଶାକୁ ନିନ୍ଦିତ କରିଛି। ବିରୋଧୀଦଳଗୁଡ଼ିକ ସରକାରଙ୍କୁ ତୀବ୍ର ସମାଲୋଚନା କରୁଛନ୍ତି। ନିଜେ ମୁଖ୍ୟମନ୍ତ୍ରୀ ଏହି ଭୁଲ ପଛରେ ଷଡ଼ଯନ୍ତ୍ର ହୋଇଥିବା ସନ୍ଦେହ କରିଛନ୍ତି। ବିଭାଗୀୟ ସଚିବ ଭୁଲ ଥିବା ସ୍ୱୀକାର କରି ପିଲାଙ୍କୁ ତ୍ରୁଟିଶୂନ୍ୟ ନୂଆ ବହି ଯୋଗାଇବାକୁ ଘୋଷଣା କରିଛନ୍ତି। ମାତ୍ର ବହିରେ ଥିବା ଗୁରୁଚଣ୍ଡାଳ ଦୋଷଗୁଡ଼ିକକୁ ଘୋଡ଼ାଇବା ସହ ଏହା ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ଘୋଡ଼ାଇବାକୁ ଉଦ୍ୟମ କରିଛନ୍ତି। ଯାହାକି ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷାବିତ୍‌ଙ୍କ କଟା ଘା'ରେ ଚୂନ ମାରିବା ପରି ହୋଇଛି। ବହିରେ ଯେତିକି ଭୁଲ ଥିବା କୁହାଯାଉଛି, ବାସ୍ତବରେ ସେତିକି ଭୁଲ ନାହିଁ ବୋଲି ସଚିବଙ୍କ ଟିପ୍ପଣୀ ଏବେ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିର୍ଦ୍ଦିଷ୍ଟ ଅଧିକାରୀମାନଙ୍କୁ ଘଣ୍ଟ ଘୋଡ଼ାଇବାକୁ ସଚିବ ଏପରି ମନ୍ତବ୍ୟ ଦେଇଛନ୍ତି ବୋଲି ଅନେକ ଅଭିଯୋଗ କରିଛନ୍ତି।

ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଓସେପା ପକ୍ଷରୁ ବହିରେ ୧୬୭୮ ଟି ତ୍ରୁଟି ଥିବା ସ୍ୱୀକାର କରାଯିବା ▶ପୃଷ୍ଠା-୧୦

## ଅକ୍ଟୋବର ଶେଷ ସୁଦ୍ଧା ପୁଲିସ୍ ଏସ୍‌ଆଇ ପରୀକ୍ଷା

■ ଭୁବନେଶ୍ୱର, ୧।୭ (ସମିସ): ଚଳିତବର୍ଷ ଅକ୍ଟୋବର ଶେଷ ସୁଦ୍ଧା ସରିବ ପୁଲିସ୍ ଏସ୍‌ଆଇ ନିଯୁକ୍ତି ପରୀକ୍ଷା। ଏନେଇ ଆଜି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଓଡ଼ିଶା ୟୁନିଫର୍ମ ସର୍ଭିସ୍ ଷ୍ଟାଫ୍ ସିଲେକ୍ସନ୍ କମିଶନ (ଓୟୁଏସ୍‌ଏସ୍‌ଏସ୍‌ସି) ଅଧ୍ୟକ୍ଷ ରଶ୍ମିରଞ୍ଜନ ସ୍ୱାଇଁ। ପରୀକ୍ଷା ସମ୍ପର୍କରେ ସେ କହିଛନ୍ତି ଯେ ପୂର୍ବରୁ ଆବେଦନ କରିଥିବା ସମସ୍ତ ପିଲା ପରୀକ୍ଷା ଦେଇପାରିବେ। ଆବେଦନକାରୀଙ୍କ ସଂଖ୍ୟାରେ କୌଣସି ପରିବର୍ତ୍ତନ ହେବନାହିଁ। ସେହିପରି ସିଲାବସ୍ ଓ ପରୀକ୍ଷା ଢାଞ୍ଚା ମଧ୍ୟ ଅପରିବର୍ତ୍ତିତ ରହିବ। ଓପିଆର୍‌ବି ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦିଆଯାଇଥିବା ସିଲାବସ୍ ଅନୁଯାୟୀ ପରୀକ୍ଷା ହେବ। ପରୀକ୍ଷା ପାଇଁ ସମସ୍ତ କାର୍ଯ୍ୟ ଆରମ୍ଭ ହୋଇସାରିଛି। ସମସ୍ତ କାର୍ଯ୍ୟ ସଠିକ୍ ଦିଗରେ ମଧ୍ୟ ଆଗେଇ ଚାଲିଛି। ତ୍ରୁଟିଶୂନ୍ୟ ଓ ସ୍ୱଚ୍ଛତାର ସହ ପରୀକ୍ଷା କରିବା ତାଙ୍କର ପ୍ରାଥମିକତା ହେବ ବୋଲି କହିବା ସହ ଆଶାୟୀମାନଙ୍କୁ ପାଠପଢ଼ା ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି। ଅଧ୍ୟକ୍ଷଙ୍କ ସ୍ପଷ୍ଟୀକରଣ ପରେ ଧାରଣାରେ ବସିଥିବା ଆଶାୟୀମାନେ ଆନ୍ଦୋଳନ ପ୍ରତ୍ୟାହାର କରିଛନ୍ତି। ସୂଚନାଯୋଗ୍ୟ ଯେ ୨୦୨୫ ଜାନୁଆରୀରେ ପ୍ରାୟ ୯୩୩ ପଦରେ ପୁଲିସ୍ ଏସ୍‌ଆଇ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ଏଯାଏଁ ପରୀକ୍ଷା ହୋଇପାରିନି। ଚାକିରି ବିକ୍ରି ମସୁଧା କରୁଥିବା ଏକ ଆନ୍ତଃରାଜ୍ୟ ଗ୍ୟାଙ୍ଗ ଧରା ପଡ଼ିବା ପରେ ସିବିଆଇ ତଦନ୍ତ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ଏହି ଘଟଣାରେ ଅନେକ ବ୍ୟକ୍ତି ଗିରଫ ହୋଇଛନ୍ତି।

## ବିଜୟ ସରକାର ଭାଙ୍ଗିବା ପାଇଁ ଷଡ଼ଯନ୍ତ୍ର!



### ବିଧାୟକଙ୍କୁ ୩୫ କୋଟିର ପ୍ରଲୋଭନ

■ ଚେନ୍ନଇ, ୧।୭ (ଏଜେନ୍ସି): ତାମିଲନାଡୁରେ ସୁପରଷ୍ଟାର୍ ବିଜୟଙ୍କ ନେତୃତ୍ୱାଧୀନ 'ଟିଭିକେ' (ତାମିଲିଗା ଭେଟ୍ରି କାଜାଗାମ) ସରକାର ଗଠନ ହେବାର ମାତ୍ର ଦୁଇ ମାସ ମଧ୍ୟରେ ଏହାକୁ ଭାଙ୍ଗିବା ପାଇଁ ଷଡ଼ଯନ୍ତ୍ର। ବିଧାନସଭାରୁ ଇସ୍ତଫା ଦେବାଲାଗି ଟିଭିକେ ବିଧାୟକଙ୍କୁ ଯଚାଯାଇଥିଲା ୩୫ କୋଟି ଟଙ୍କା। ଏହି ଷଡ଼ଯନ୍ତ୍ରର ପର୍ଦ୍ଦାଫାସ ହେବାପରେ ତାମିଲନାଡୁ ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି। ଏହି ଘଟଣାରେ ତିନି ଜଣଙ୍କୁ ଗିରଫ କରାଯିବା ପରେ ଷଡ଼ଯନ୍ତ୍ରରେ ଡିଏମକେ ସାମିଲ ଥିବା ନେଇ ଅଭିଯୋଗ ହୋଇଛି।

ରାଜ୍ୟ ଗୋଇନ୍ଦା ବିଭାଗ ଏହି ଯୋଜନାକୁ ପଣ୍ଡ କରିଥିବା ଦାବି କରିଛି। ମିଳିଥିବା ସୂଚନା ଅନୁଯାୟୀ, ସରକାରର ପତନ ପାଇଁ ଏକାସଙ୍ଗେ ୧୫ ଜଣ ଟିଭିକେ ବିଧାୟକଙ୍କୁ ଇସ୍ତଫା ଦେବା ପାଇଁ ପ୍ରଲୋଭିତ କରାଯାଉଥିଲା। ଏକ ସମୟରେ ଏତେ ବିଧାୟକ ଇସ୍ତଫା ଦେଇଥିଲେ ବିଜୟ ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଯୋଜନା ହୋଇଥିଲା। ବିରୋଧୀ ଦଳ ▶ପୃଷ୍ଠା-୧୦


SIKSHA 'O' ANUSANDHAN

Empowering students for a brighter future

B.TECH PROGRAMMES IN ELECTRONICS DESIGN
- Electrical and Electronics Engineering
- Electronics and Communication Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through JEE-Main, Please visit: www.soa.ac.in


# ଅକ୍ଟୋବରରେ ଶିମିଳିପାଳକୁ ଆସିବେ ମହାବଳ

## ଆଉ ଦୁଇଟି ବାଘୁଣୀ ଓ ଗୋଟିଏ ମହାବଳ ଆଣିବା ନେଇ ଯୋଜନା

■ ବାରିପଦା, ୧।୭ (ସମିସ): ମହାରାଷ୍ଟ୍ରର ବାଘୁଣୀ "ଜୀନତ୍' ମା' ହେବା ପରେ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ମହାବଳ ବଂଶ ବୃଦ୍ଧି ପାଇଛି। ପ୍ରତି ମାସରେ ବାଘୁଣୀ ସହ ଶାବକଙ୍କ ଗୋଟିଏ ପରେ ଗୋଟିଏ ଚିତ୍ର ସାମ୍ନାକୁ ଆସୁଥିବାରୁ ଦ୍ୱିତୀୟ ପର୍ଯ୍ୟାୟ ମହାବଳ ବାଘ ସ୍ଥାନାନ୍ତର ଦିଗରେ ବନ ବିଭାଗ ଅଣ୍ଟା ଭିଡ଼ିଛି। ଦ୍ୱିତୀୟ ପର୍ଯ୍ୟାୟରେ ଦୁଇଟି ବାଘୁଣୀ ଓ ଗୋଟିଏ ମହାବଳ ଅଣାଯାଇ ଶିମିଳିପାଳରେ ଛାଡ଼ିବାକୁ ଯୋଜନା ହୋଇଛି। ତେବେ ସେମାନଙ୍କୁ କେଉଁ ଅଞ୍ଚଳରେ ଛଡ଼ାଯିବ ସେନେଇ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ।

ବର୍ତ୍ତମାନ ସମୟରେ ମୌସୁମୀ ବାୟୁ ସାରା ଦେଶରେ ଅଗ୍ରସର ହେବା ସହ ବର୍ଷା ଲାଗିରହିଥିବାରୁ ଜଙ୍ଗଲରେ ମହାବଳ ଚିହ୍ନଟ ଓ ସ୍ଥାନାନ୍ତର ପ୍ରକ୍ରିୟା ସମ୍ଭବପର ହେବ ନାହିଁ। ତେଣୁ ବର୍ଷା ଛାଡ଼ିବା ପରେ ହିଁ ଏହି ପ୍ରକ୍ରିୟା ଆଗେଇବ। ମହାରାଷ୍ଟ୍ରର ଯେଉଁ ଜଙ୍ଗଲରୁ ମହାବଳ ଆସିବ ସେନେଇ ସେଠାକାର ରାଜ୍ୟ ସରକାରଙ୍କ ସହ ଆଲୋଚନା ଶେଷ ହୋଇଥିବା ଜଣାପଡ଼ିଛି। ବନ ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ ଦ୍ୱିତୀୟ ପର୍ଯ୍ୟାୟ ବାଘ ସ୍ଥାନାନ୍ତର ପୂର୍ବରୁ ଅନେକ ଔପଚାରିକ କାର୍ଯ୍ୟ ଶେଷ କରିବାକୁ ପଡ଼ିବ। ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟରେ ଯେଉଁଭଳି ପରିସ୍ଥିତି ଉପୁଜିଥିଲା ତାହାକୁ ଏଡ଼ାଇବାକୁ ସମସ୍ତ ପ୍ରକାର ପ୍ରସ୍ତୁତି ହେଉଛି। ଶିମିଳିପାଳ ଅଭୟାରଣ୍ୟକୁ ମହାବଳ ଆଣିବାକୁ ରାଜ୍ୟ ସରକାର ବହୁତ ସକାରାତ୍ମକ ରହିଛନ୍ତି। ତେବେ ବାସସ୍ଥାନ ଓ ବାଘ ଚୟନ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। "ଜୀନତ୍' କ୍ଷେତ୍ରରେ ବାସସ୍ଥାନ ଖାପଖୁଆଇବା ନେଇ ଯେଉଁଭଳି ସମସ୍ୟା ହୋଇଥିଲା ତ'ର ▶ପୃଷ୍ଠା-୧୦





# ଦେଶ ବିଦେଶ

ସକାଳ THE SAKALA
www.sakalaepaper.com

## ମହୁଆ ମୈତ୍ରଙ୍କ ସଭାରେ ଅଣ୍ଡା ମାଡ଼

ନଦିଆ, (ଏଜେନ୍ସି): ପଶ୍ଚିମବଙ୍ଗର ନଦିଆ ଜିଲ୍ଲାର କାଳିଗଞ୍ଜଠାରେ ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦ ମହୁଆ ମୈତ୍ରଙ୍କ ଏକ ଦଳୀୟ ବୈଠକ ଚାଲିଥିବା ସମୟରେ ତାଙ୍କୁ ଲକ୍ଷ୍ୟ କରି ଅଣ୍ଡା ମାଡ଼ ହୋଇଥିବା ଅଭିଯୋଗ ହୋଇଛି।



ବିରୋଧୀ ବିଜେପି ସମର୍ଥକମାନେ ବୈଠକ ସ୍ଥଳକୁ ଚାରିପଟୁ ଘେରିଯିବା ସହ ସେମାନଙ୍କୁ ସେଠାରୁ ବାହାରକୁ ଯିବାକୁ ଦେଇନଥିଲେ ବୋଲି ସାଂସଦ ଅଭିଯୋଗ କରିଛନ୍ତି। ସାମାଜିକ ଗଣମାଧ୍ୟମରେ କିଛି ଭିଡିଓ ସେୟାର କରି ମହୁଆ ମୈତ୍ର ଦାବି କରିଛନ୍ତି ଯେ, କଳା ପତାକା ଧରିଥିବା ବିଜେପି କର୍ମୀମାନେ ରାସ୍ତା ଅବରୋଧ କରିବା ସହ ଝରକା ବାଟେ ଭିତରକୁ ଅଣ୍ଡା ଓ ଅନ୍ୟାନ୍ୟ ସାମଗ୍ରୀ ଫିଙ୍ଗିଥିଲେ, ଯାହା ମଧ୍ୟରୁ ଗୋଟିଏ ଅଣ୍ଡା ତାଙ୍କ ଦେହରେ ବାଜିଥିଲା। ଏହି ସମୟରେ ସେଠାରେ ଉପସ୍ଥିତ ପୋଲିସ କୌଣସି ପଦକ୍ଷେପ ନେଇନଥିବା ବି ଅଭିଯୋଗ କରିଛନ୍ତି। ଅପରପକ୍ଷରେ, ଟିଏମସି ଏହାକୁ ଏକ ସୁଚିନ୍ତିତ ରାଜନୈତିକ ଆକ୍ରୋଶ ବୋଲି ଦର୍ଶାଇଥିବା ବେଳେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ରାଜନୈତିକ ଉତ୍ତେଜନା ପ୍ରକାଶ ପାଉଛି।

## ଖାମେନେଇଙ୍କ ଅନ୍ତ୍ୟେଷ୍ଟିକ୍ରିୟାକୁ ଜୈନ ମୁନିଙ୍କୁ ନିମନ୍ତ୍ରଣ


ତେହେରାନ, ୧୭(ଏଜେନ୍ସି): ଇରାନର ପୂର୍ବତନ ସର୍ବୋଚ୍ଚ ଧାର୍ମିକ ନେତା ଆୟାତୋଲ୍ଲା ସୟଦ ଅଲୀ ଖାମେନେଇଙ୍କ ଆଗାମୀ ରାଷ୍ଟ୍ରୀୟ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ଭାରତର ଜୈନ ମୁନି ଆଚାର୍ଯ୍ୟ ଲୋକେଶଙ୍କୁ ବିଶେଷ ଭାବେ ନିମନ୍ତ୍ରଣ କରାଯାଇଛି। ବିଶ୍ୱ ଶାନ୍ତି କେନ୍ଦ୍ରର ପ୍ରତିଷ୍ଠାତା ତଥା ସର୍ବଧର୍ମ ସମନ୍ୱୟର ପ୍ରବକ୍ତା ଆଚାର୍ଯ୍ୟ ଲୋକେଶଙ୍କୁ ମିଳିଥିବା ଏହି ନିମନ୍ତ୍ରଣ ଏବେ ଅନ୍ତର୍ଜାତୀୟ କୂଟନୀତି କ୍ଷେତ୍ରରେ ଏକ ବିରଳ ମୁହୂର୍ତ୍ତ ସୃଷ୍ଟି କରିଛି। ଜୁଲାଇ ୪ରୁ ୯ ତାରିଖ ପର୍ଯ୍ୟନ୍ତ ଇରାନର ବିଭିନ୍ନ ପବିତ୍ର ସହରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆଚାର୍ଯ୍ୟ ଲୋକେଶ ଗତ ତିନି ଦଶନ୍ଧିରୁ ଅଧିକ ସମୟ ଧରି ଜାତିସଂଘ ଏବଂ ବିଶ୍ୱର ବିଭିନ୍ନ ପ୍ରମୁଖ ମଞ୍ଚରେ ଜୈନ ଦର୍ଶନ, ଅହିଂସା ଓ ବିଶ୍ୱ ଶାନ୍ତିର ବାର୍ତ୍ତା ପ୍ରଚାର କରିଆସୁଛନ୍ତି। ରାଜନୈତିକ ଏବଂ ଆଦର୍ଶଗତ ମତଭେଦକୁ ଦୂର କରି ଧାର୍ମିକ ସଦ୍ଭାବନା ରକ୍ଷା କରିବାରେ ତାଙ୍କର ପ୍ରଚେଷ୍ଟା ପାଇଁ ଇରାନ ସରକାର ତାଙ୍କୁ ଏହି ସମ୍ମାନଜନକ କାର୍ଯ୍ୟକ୍ରମକୁ ଆମନ୍ତ୍ରଣ କରିଛନ୍ତି। ଏହି ନିମନ୍ତ୍ରଣ ଭାରତ ଓ ଇରାନ ମଧ୍ୟରେ ଥିବା ସାଂସ୍କୃତିକ ତଥା ପାରମ୍ପରିକ ସମ୍ପର୍କକୁ ଅଧିକ ସୁଦୃଢ଼ କରୁଛି। ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ପକ୍ଷରୁ ସରକାରୀ ପ୍ରତିନିଧି ଭାବେ କେନ୍ଦ୍ର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗାରେଟା ଏବଂ ବିହାରର ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ ସୟଦ ଅତା ହସନେନ ଯୋଗଦେବେ। ସରକାରୀ କୂଟନୀତି ସହିତ ଆଚାର୍ଯ୍ୟ ଲୋକେଶଙ୍କ ଭଳି ଜଣେ ଆଧ୍ୟାତ୍ମିକ ଗୁରୁଙ୍କ ଉପସ୍ଥିତି ବିଶ୍ୱ ଦରବାରରେ ଭାରତର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଐତିହ୍ୟକୁ ପ୍ରତିପାଦିତ କରିବ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

## ବଠିଣ୍ଡାରେ ସଡ଼କ ଦୁର୍ଘଟଣାରେ ୪ ଅମରନାଥ ଯାତ୍ରୀ ମୃତ

ବଠିଣ୍ଡା, ୧୭(ଏଜେନ୍ସି): ପଞ୍ଜାବର ବଠିଣ୍ଡା-ବିକାନେର ଜାତୀୟ ରାଜପଥରେ ବୁଧବାର ସକାଳ ପ୍ରାୟ ୫ଟା ସମୟରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଅମରନାଥ ଯାତ୍ରୀମାନଙ୍କୁ ନେଇ ଯାଉଥିବା ଏକ ଟେମ୍ପୋ ଟ୍ରାଭେଲର ଗାଡ଼ି ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରେଲର୍ (ଟ୍ରକ୍) ପଛରେ ପିଟି ହୋଇଯାଇଛି। ଏହି ଦୁର୍ଘଟଣାରେ ୪ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୮ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ମୃତକମାନେ ରାଜସ୍ଥାନର ବାଡ଼ମେର (ବାଲୋତ୍ରା) ଅଞ୍ଚଳର ଏବଂ ସେମାନେ ଅମରନାଥ ଯାତ୍ରା ପୂର୍ବରୁ ଅମୃତସରର ସ୍ୱର୍ଣ୍ଣ ମନ୍ଦିର ଦର୍ଶନ ପାଇଁ ଯାଉଥିଲେ। ଧକ୍କା ଏତେ ଜୋରଦାର ଥିଲା ଯେ ଟେମ୍ପୋ ଟ୍ରାଭେଲର ଗାଡ଼ିଟି ସମ୍ପୂର୍ଣ୍ଣ ଭାବେ ଚୁରମାର ହୋଇଯାଇଛି। ସ୍ଥାନୀୟ 'ସହାରା ଜନସେବା ସଂସ୍ଥା'ର କର୍ମୀ ଏବଂ ସୁରକ୍ଷାବଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଆହତମାନଙ୍କୁ ଚିକିତ୍ସା ପାଇଁ ବଠିଣ୍ଡାର ସର୍ବଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏଆଇଆଇଏମ୍ଏସ୍)ରେ ଭର୍ତ୍ତି କରାଯାଇଛି। ସେହିପରି ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ସରକାରୀ ମାଲଖାନାରେ ରଖାଯାଇଛି। ଡ୍ରାଇଭର ଜଣକ ଗାଡ଼ି ଚଳାଇବା ସମୟରେ ଶୋଇପଡ଼ିବା ଯୋଗୁଁ ଏହି ଦୁର୍ଘଟଣା ଘଟିଥାଇପାରେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି।

## ଆମେରିକା ବନ୍ୟାରେ ଭାରତୀୟ ସଫ୍ଟୱେର୍ ଇଞ୍ଜିନିୟରଙ୍କ ମୃତ୍ୟୁ

ୱାସିଂଟନ୍, ୧୭(ଏଜେନ୍ସି): ଆମେରିକାର କାନସାସ୍‌ରେ ଆକସ୍ମିକ ବନ୍ୟା ଯୋଗୁଁ ଜଣେ ୩୩ ବର୍ଷୀୟ ଭାରତୀୟ ଆଇଟି ପେସାଦାର ତଥା ଛାତ୍ରଙ୍କର ଦୁଃଖଦ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ଆନ୍ଧ୍ରପ୍ରଦେଶର ଭେଙ୍କଟେଶ ଦୋପାଲାପୁଡି। ସେ ଆମେରିକାର ଓମାହା ସହରରେ ରହୁଥିଲେ ଏବଂ ତାଙ୍କ



ପାଖରେ ଏଚ୍-ୱାନବି ଭିସା ମଧ୍ୟ ଥିଲା। ଶନିବାର ଅପରାହ୍ଣରେ ଭେଙ୍କଟେଶ କାର୍ ଚଲାଇ ହ୍ୟୁଷ୍ଟନ ଯାଉଥିବା ସମୟରେ ପ୍ରବଳ ଝଡ଼ବର୍ଷା ଯୋଗୁଁ କାନସାସ୍‌ର ଅନେକ ସ୍ଥାନରେ ଆକସ୍ମିକ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ସମୟରେ ଏକ ବ୍ରିଜ୍ ନିକଟରେ ତାଙ୍କ ଗାଡ଼ିଟି ବନ୍ୟା ଜଳର ପ୍ରଖର ସ୍ରୋତରେ ଭାସି ଯାଇଥିଲା। ପାଣିର ସ୍ରୋତ ଏତେ ପ୍ରବଳ ଥିଲା ଯେ ଉଦ୍ଧାରକାରୀ ଦଳ ତୁରନ୍ତ ତାଙ୍କ ନିକଟରେ ପହଞ୍ଚିବା ସମ୍ଭବ ହୋଇନଥିଲା। ପରଦିନ ପୁଲିସ ଡ୍ରୋନ୍ ଏବଂ ହେଲିକପ୍ଟର ସାହାଯ୍ୟରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏହି ଦୁଃଖଦ ଘଟଣାରେ ହଷ୍ଟନସ୍ଥିତ ଭାରତୀୟ ଦୂତାବାସ ଗଭୀର ଶୋକ ପ୍ରକାଶ କରିବା ସହ ଭେଙ୍କଟେଶଙ୍କ ପରିବାର ସହ ଯୋଗାଯୋଗ କରିଛି। ମୃତଦେହକୁ ଭାରତ ଫେରାଇ ଆଣିବା ପାଇଁ ସ୍ଥାନୀୟ ପ୍ରଶାସନ ସହ ମିଳିତ ଭାବେ ଆଇନଗତ ପ୍ରକ୍ରିୟା ଜାରି ରହିଛି। ଶେଷକୃତ୍ୟ ଏବଂ ସାହାଯ୍ୟ ପାଇଁ ସୋସିଆଲ ମିଡିଆରେ ଅର୍ଥ ସଂଗ୍ରହ ଅଭିଯାନ ମଧ୍ୟ ଆରମ୍ଭ କରାଯାଇଛି।

## ଡାକ୍ତରଖାନାରେ ଅମାନୁଷିକତା



**ରୋଗୀଙ୍କୁ ୩୫ ସେକେଣ୍ଡରେ ୧୦ରୁ ଅଧିକ ଗୋଇଠା**

ରାୟବରେଲି, ୧୭(ଏଜେନ୍ସି): ଉତ୍ତର ପ୍ରଦେଶର ରାୟବରେଲି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଏକ ଅତି ନିନ୍ଦନୀୟ ଓ ଅମାନୁଷିକ ଘଟଣା ସାମ୍ନାକୁ ଆସିଛି। ଡାକ୍ତରଖାନାରେ ଜଣେ ମହିଳା ସଫେଇ କର୍ମଚାରୀ ଜଣେ ଅସହାୟ ରୋଗୀଙ୍କୁ ଅତି ଅମାନୁଷିକ ଭାବେ ମାତ୍ର ୩୫ ସେକେଣ୍ଡ ଭିତରେ ୧୦ରୁ ଅଧିକ ଥର ଗୋଇଠା ମାରିବା ସହ ଗାଳିଗୁଲଜ କରୁଥିବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଛି। ଏହି ଘଟଣାକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକଙ୍କ ନିର୍ଦ୍ଦେଶ କ୍ରମେ, ଚିକିତ୍ସାଳୟ କର୍ତ୍ତୃପକ୍ଷ ସମ୍ପୃକ୍ତ ମହିଳା କର୍ମଚାରୀଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବିତ କରିଛନ୍ତି। ଡାକ୍ତରଖାନାର ମୁଖ୍ୟ ଚିକିତ୍ସା ଅଧୀକ୍ଷକଙ୍କ ସୂଚନା ଅନୁଯାୟୀ, ନିଲମ୍ବିତ କର୍ମଚାରୀଙ୍କ ନାମ ପିଙ୍କି ଏବଂ ସେ ସେଠାରେ ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ସରକାରୀ କର୍ମଚାରୀ ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗରେ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି। ଘଟଣାର ସଠିକ୍ ଅନୁସନ୍ଧାନ ପାଇଁ ତିନି ଜଣିଆ ଡାକ୍ତରୀ କମିଟି ଗଠନ କରାଯାଇଛି, ଯେଉଁମାନେ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ରିପୋର୍ଟ ପ୍ରଦାନ କରିବେ। ଏହି ଘଟଣା ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ଯେ, ରୋଗୀଙ୍କ ସହ କୌଣସି ପ୍ରକାରର ଦୁର୍ବ୍ୟବହାର କିମ୍ବା ଅମାନୁଷିକ ଆଚରଣକୁ ଆଦୌ ବରଦାସ୍ତ କରାଯିବ ନାହିଁ।

## ମୃତଦେହରୁ ଗାଏବ ମସ୍ତିଷ୍କ, ହୃତ୍ପିଣ୍ଡ ଓ ଫୁସଫୁସ



ନୂଆଦିଲ୍ଲୀ, ୧୭(ଏଜେନ୍ସି): ଭେନେଜୁଏଲାରେ ରହସ୍ୟଜନକ ଭାବେ ପ୍ରାଣ ହରାଇଥିବା ଜଣେ ଭାରତୀୟ ନାବିକଙ୍କ ମୃତଦେହ ସ୍ୱଦେଶ ଫେରିବା ପରେ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଉତ୍ତର ପ୍ରଦେଶର ଦେଓରିଆ ଜିଲ୍ଲାର ବାସିନ୍ଦା ୩୩ ବର୍ଷୀୟ ରାକେଶ ଚୌହାନଙ୍କ ମୃତଦେହରୁ ମସ୍ତିଷ୍କ, ହୃତ୍ପିଣ୍ଡ, ଫୁସଫୁସ, ଯକୃତ ଓ କିଡନୀ ଭଳି ସମସ୍ତ ଗୁରୁତ୍ୱପୂର୍ଣ୍ଣ ଆଭ୍ୟନ୍ତରୀଣ ଅଙ୍ଗ ଗାଏବ ଥିବା ଜଣାପଡ଼ିଛି। ଏହି ଘଟଣା ପରେ ଭାରତୀୟ ନାବିକ ସଂଘ (ଏଫଏସୟୁଆଇ) ଏବଂ ମୃତକଙ୍କ ପରିବାର ଲୋକେ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ରାକେଶ ଗତ ୨୦୨୫ ନଭେମ୍ବରରେ ଏକ ବାଣିଜ୍ୟିକ ଜାହାଜରେ କାର୍ଯ୍ୟ କରିବାକୁ ଭେନେଜୁଏଲା ଯାଇଥିଲେ। ଚଳିତ ବର୍ଷ ମେ ମାସରେ ଜାହାଜରେ ପଡ଼ିଯିବା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ସମ୍ପୃକ୍ତ କମ୍ପାନୀ ପରିବାର ଲୋକଙ୍କୁ ଜଣାଇଥିଲା। ଗତ ଜୁନ୍ ୪ ତାରିଖରେ ମୃତଦେହ ଗାଁରେ ପହଞ୍ଚିବା ପରେ, ସନ୍ଦେହ ହେବାରୁ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶରେ ଭାରତରେ ଦ୍ୱିତୀୟଥର ପାଇଁ ଶବ ବ୍ୟବଚ୍ଛେଦ କରାଯାଇଥିଲା। ଡାକ୍ତରୀ ବୋର୍ଡଙ୍କ ରିପୋର୍ଟ ଅନୁଯାୟୀ, ମୃତଦେହରେ ଗୋଟିଏ ବି ଅଙ୍ଗ ନଥିଲା ଏବଂ ଶରୀରରେ କେବଳ ବ୍ୟାପକ ସିଲେଇ ଚିହ୍ନ ରହିଥିଲା। ଶରୀରରେ କୌଣସି ଅଙ୍ଗ ନଥିବାରୁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନାହିଁ। ଭେନେଜୁଏଲା ପ୍ରଶାସନ କିମ୍ବା ସମ୍ପୃକ୍ତ କମ୍ପାନୀ ପକ୍ଷରୁ କୌଣସି ଶବ ବ୍ୟବଚ୍ଛେଦ ରିପୋର୍ଟ କିମ୍ବା ସ୍ପଷ୍ଟୀକରଣ ଦିଆଯାଇ ନଥିବାରୁ ପରିବାର ଲୋକେ ସମ୍ପୂର୍ଣ୍ଣ ଅନ୍ଧାରରେ ରହିଛନ୍ତି। ସାଧାରଣତଃ ଅନୁସନ୍ଧାନ ପାଇଁ ପ୍ରଥମ ଶବ ବ୍ୟବଚ୍ଛେଦ ସମୟରେ କିଛି ଅଙ୍ଗ ବାହାର କରାଯାଉଥିଲେ ବି, ଏଭଳି ସମସ୍ତ ଅଙ୍ଗ ଗାଏବ ହେବା ଅଙ୍ଗ ଚୋରା ଚାଲାଣର ସନ୍ଦେହ ବଢ଼ାଉଛି। ଏହି ମାମଲାରେ ଭାରତୀୟ ଦୂତାବାସ ତୁରନ୍ତ ହସ୍ତକ୍ଷେପ କରି ନ୍ୟାୟ ଓ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହୋଇଛି।

# ପାଣି ପାଇଁ ଆଣ୍ଠେଇଲାଣି ପାକିସ୍ତାନ

**■ ସିନ୍ଧୁ ନଦୀ ଜଳ ଚୁକ୍ତି ବାତିଲକୁ ନେଇ ଚିନ୍ତା**
**■ ଚୁକ୍ତି ଭାଙ୍ଗିଲେ 'ଭୁଶୁଡ଼ି ପଡ଼ିବ ବିଶ୍ୱ ବ୍ୟବସ୍ଥା'**

ଇସଲାମାବାଦ, ୧୭(ଏଜେନ୍ସି): ଭୀଷଣ ଗ୍ରୀଷ୍ମ ପ୍ରବାହ ଏବଂ ଜଳ ସଙ୍କଟ ମଧ୍ୟରେ ଗତି କରୁଥିବା ପାକିସ୍ତାନ ଏବେ ସିନ୍ଧୁ ନଦୀ ଜଳ ଚୁକ୍ତିକୁ ନେଇ ସମ୍ପୂର୍ଣ୍ଣ ଭୟଭୀତ ହୋଇପଡ଼ିଛି। ଯଦି ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ସିନ୍ଧୁ ନଦୀ ଜଳ ଚୁକ୍ତି ରଦ୍ଦ ହୁଏ, ତେବେ କାଗଜପତ୍ରରେ ଥିବା ସମଗ୍ର ବିଶ୍ୱ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ବୋଲି ପାକିସ୍ତାନ ଚେତାବନୀ ଦେଇଛି। ୨୦୨୫ ମସିହା ଅପ୍ରେଲ ମାସରେ ପହଲଗାମଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ସାଧାରଣ ନାଗରିକ ପ୍ରାଣ ହରାଇବା ପରେ ଭାରତ ଏହି ଜଳ ଚୁକ୍ତିକୁ ସ୍ଥଗିତ ରଖିଛି। ଏହା ପରେ ପାକିସ୍ତାନରେ ଜଳ ସଙ୍କଟ ଦେଖାଦେବାର ଆଶଙ୍କା ତୀବ୍ର ହୋଇଛି। ଏହି ସଙ୍କଟକୁ ନେଇ ପାକିସ୍ତାନର ରାଜଧାନୀ ଇସଲାମାବାଦଠାରେ ଏକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ପାକିସ୍ତାନର ଉପ-ପ୍ରଧାନମନ୍ତ୍ରୀ ଇଶାକ ଦାର୍ କହିଛନ୍ତି ଯେ, ଭାରତ ପକ୍ଷରୁ ସିନ୍ଧୁ ନଦୀ ଜଳ ଚୁକ୍ତିକୁ ସ୍ଥଗିତ ରଖିବା ସମ୍ପୂର୍ଣ୍ଣ ବେଆଇନ ଏବଂ ଜଳକୁ କେବେ ବି ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରାଯିବା ଉଚିତ ନୁହେଁ। ଏହା ସହ ସେ ଧମକପୂର୍ଣ୍ଣ ସ୍ୱରରେ କହିଛନ୍ତି ଯେ, ପାକିସ୍ତାନର ଜଳରାଶିକୁ ରୋକିବା କିମ୍ବା ବଦଳାଇବା ଚେଷ୍ଟାକୁ ଏକ 'ଯୁଦ୍ଧର ଆହ୍ୱାନ' ଭାବେ ଗ୍ରହଣ କରାଯିବ। ଅପରପକ୍ଷରେ, ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି)ର ମୁଖ୍ୟ ବିଲାୱାଲ ଭୁଟ୍ଟୋ ଜରଦାରୀ କହିଛନ୍ତି ଯେ ସିନ୍ଧୁ ନଦୀ ପାକିସ୍ତାନର ଜୀବନରେଖା ଏବଂ ଏହାକୁ ନେଇ କୌଣସି ବୁଝାମଣା କରାଯିବ ନାହିଁ। ପାକିସ୍ତାନର ଅନ୍ୟ ଜଣେ ମନ୍ତ୍ରୀ ମୁସାଦିକ୍ ମଲିକ କହିଛନ୍ତି, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଗଠିତ ହୋଇଥିବା କୌଣସି ବିଶ୍ୱ ନିୟମ ସୁରକ୍ଷିତ ରହିବ ନାହିଁ ଯଦି ଏହି ଚୁକ୍ତି ଭାଙ୍ଗିଯାଏ। ଏହି ସମ୍ପର୍କରେ ନୂଆଦିଲ୍ଲୀ ପକ୍ଷରୁ ତୁରନ୍ତ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନଥିଲେ ମଧ୍ୟ ମିଳିତ ଜାତିସଂଘର ଏକ କାର୍ଯ୍ୟକ୍ରମରେ ଭାରତର ସ୍ଥାୟୀ ପ୍ରତିନିଧି ହରୀଶ ପର୍ବଥାନେନୀ ସ୍ପଷ୍ଟ କରିଛନ୍ତି ଯେ, ବାରମ୍ବାର ଉତ୍ତେଜନାମୂଳକ କାର୍ଯ୍ୟ ଏବଂ ଦ୍ୱିପାକ୍ଷିକ ଆଲୋଚନା ବିଫଳ ହେବା ପରେ ଭାରତ ଏହି ପଦକ୍ଷେପ ନେବାକୁ ବାଧ୍ୟ ହୋଇଛି। ଯେପର୍ଯ୍ୟନ୍ତ ପାକିସ୍ତାନ ଆତଙ୍କବାଦ ବିରୋଧରେ ଦୃଢ଼ ଏବଂ ସ୍ଥାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିଛି, ସେପର୍ଯ୍ୟନ୍ତ ଏହି ସିନ୍ଧୁ ନଦୀ ଜଳ ଚୁକ୍ତି ସ୍ଥଗିତ ରହିବ। ବିଶ୍ୱ ବ୍ୟାଙ୍କର ମଧ୍ୟସ୍ଥତାରେ ୧୯୬୦ ମସିହାରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏହି ସିନ୍ଧୁ ନଦୀ ଜଳ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ନିୟମ ଅନୁଯାୟୀ, ପୂର୍ବ ନଦୀଗୁଡ଼ିକ (ରାବି, ସୁତଲେଜ ଓ ବ୍ୟାସ)ର ଜଳ ଭାରତ



ନିୟନ୍ତ୍ରଣ କରୁଥିବାବେଳେ ପଶ୍ଚିମ ନଦୀଗୁଡ଼ିକ (ସିନ୍ଧୁ, ଝେଲମ ଓ ଚେନାବ) ର ଜଳ ପାକିସ୍ତାନକୁ ମିଳିଥାଏ। ୧୯୬୫, ୧୯୭୧ ଏବଂ କାର୍ଗିଲ ଯୁଦ୍ଧ ସମୟରେ ମଧ୍ୟ ଏହି ଚୁକ୍ତି ବଳବତ୍ତର ରହିଥିଲା, ମାତ୍ର ୨୦୨୫ ମସିହାର ଆତଙ୍କବାଦୀ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ସମ୍ପୂର୍ଣ୍ଣ ବିଗିଡ଼ି ଯାଇଛି। ସୀମାପାର ଆତଙ୍କବାଦକୁ ପ୍ରଶ୍ରୟ ଦେଇ ଆସୁଥିବା ପାକିସ୍ତାନ ଏବେ ନିଜର ଦୁର୍ଦ୍ଦଶା ପାଇଁ ବିଶ୍ୱ ସମୁଦାୟ ଆଗରେ ଗୁହାରି କରୁଛି। ମାତ୍ର ଭାରତ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିସାରିଛି ଯେ, ଆତଙ୍କବାଦ ଏବଂ ଆଲୋଚନା ଏକାଠି ଚାଲିପାରିବ ନାହିଁ।


## ଅଶାନ୍ତ ହେଉଛି ପିଓକେ

ଇସଲାମାବାଦ, ୧୭(ଏଜେନ୍ସି): ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ର ରାୱାଲାକୋଟ୍‌ଠାରେ ପାକିସ୍ତାନ ସରକାର ବିରୋଧରେ ଗଣ-ବିଦ୍ରୋହ ତୀବ୍ର ରୂପ ଧାରଣ କରିଛି। 'ଜାମ୍ମୁ ଆଣ୍ଡ କାଶ୍ମୀର ଆୱାମୀ ଆକ୍ସନ କମିଟି' (ଜେଏଏସି) ନେତୃତ୍ୱରେ ହଜାର ହଜାର ପ୍ରତିବାଦକାରୀ ଏକାଠି ହୋଇ 'ଆମେ ପାକିସ୍ତାନର ଅଂଶ ନୋହୁଁ' ବୋଲି ଖୋଲାଖୋଲି ଘୋଷଣା କରିଛନ୍ତି। ସରକାର ବିରୋଧୀ ଆନ୍ଦୋଳନକୁ ଦବାଇବା ପାଇଁ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ପ୍ରାୟ ୬୦୦ରୁ ଅଧିକ ସଂଗଠନକାରୀଙ୍କୁ ଗିରଫ କରାଯାଇଛି। ଏପରିକି ସରକାରଙ୍କ ଦ୍ୱାରା ୧ କୋଟି ଟଙ୍କାର ପୁରସ୍କାର ଘୋଷଣା ହୋଇଥିବା ମୁଖ୍ୟ ନେତା ଶୌକତ ନୱାଜ ମୀରଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ପୂର୍ବରୁ କେବଳ ମହଙ୍ଗା ମାଡ଼, ଖାଦ୍ୟ ସଙ୍କଟ ଓ ପ୍ରଶାସନିକ ଅବହେଳାକୁ ନେଇ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ଏବେ ଏକ ବଡ଼ ରାଜନୈତିକ ବିଦ୍ରୋହର ରୂପ ନେଇଛି। ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, ଗତ ଦୁଇ ସପ୍ତାହ ମଧ୍ୟରେ ସୁରକ୍ଷାବଳ ଓ ଜନସାଧାରଣଙ୍କ ମଧ୍ୟରେ ହୋଇଥିବା ସଂଘର୍ଷରେ ପ୍ରାୟ ୨୨ ଜଣଙ୍କର ମୃତ୍ୟୁ ଘଟିଛି। ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ଅଞ୍ଚଳରେ ଇଣ୍ଟରନେଟ୍ ସେବା ବନ୍ଦ କରିଦେଇଛି। ଆସନ୍ତା ଜୁଲାଇ ୨୭ ତାରିଖରେ ଏହି ଅଞ୍ଚଳରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏଭଳି ହିଂସାତ୍ମକ ପରିସ୍ଥିତି ପାକିସ୍ତାନ ସରକାରଙ୍କ ପାଇଁ ବଡ଼ ଚିନ୍ତାର କାରଣ ପାଲଟିଛି।

## ହତ୍ୟା ପରେ କେତନଙ୍କ ଫୋନ୍ ନେଇଯାଇଥିଲେ ସିୟା

ପୁଣେ, ୧୭(ଏଜେନ୍ସି): ପୁଣେର ଜଣାଶୁଣା ଜମିବାଡ଼ି ବ୍ୟବସାୟୀ କେତନ ଅଗ୍ରୱାଲଙ୍କ ରହସ୍ୟଜନକ ହତ୍ୟା ମାମଲାରେ ପୋଲିସ ଏକ ନୂଆ ତଥ୍ୟ ସାମ୍ନାକୁ ଆଣିଛି। ପୋଲିସର ସୂଚନା ଅନୁଯାୟୀ, ହତ୍ୟାକାଣ୍ଡ ପରେ କେତନଙ୍କ ମୋବାଇଲ୍ ଫୋନ୍ କିଛି ସମୟ ପାଇଁ ତାଙ୍କ ଭାବି ପତ୍ନୀ ସିୟା ଗୋୟଲଙ୍କ ପାଖରେ ଥିଲା, ଯାହାକୁ ସେ ପରବର୍ତ୍ତୀ ସମୟରେ କେତନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ସେହି ସମୟ ମଧ୍ୟରେ ସିୟା ଫୋନ୍‌ରୁ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରମାଣ କିମ୍ବା ବାର୍ତ୍ତା କାଟି ଦେଇଛନ୍ତି କିମ୍ବା ବଦଳାଇ ଦେଇଛନ୍ତି କି ନାହିଁ, ସେ ନେଇ ପୋଲିସ ବର୍ତ୍ତମାନ ଯାଞ୍ଚ କରୁଛି। ଗତ ଜୁନ୍ ୧୮ ତାରିଖରେ ପୁଣେ ଜିଲ୍ଲାର ଐତିହାସିକ ଲୋହଗଡ଼ ଦୁର୍ଗର ଏକ ପାହାଡ଼ ଉପରୁ ଠେଲି ଦେଇ କେତନଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗରେ ୨୦ ବର୍ଷୀୟା ସିୟା ଗୋୟଲ ଏବଂ ତାଙ୍କ ପ୍ରେମିକ ଚେତନ ଚୌଧୁରୀଙ୍କୁ ପୋଲିସ ଗିରଫ କରିଛି। ଆସନ୍ତା ନଭେମ୍ବର ମାସରେ କେତନ ଏବଂ ସିୟାଙ୍କର ବିବାହ ହେବାର ଥିଲା। ବୁଧବାର ଦିନ ପୁଣେ ଗ୍ରାମୀଣ ପୋଲିସ ଅଭିଯୁକ୍ତ ଚେତନଙ୍କୁ ଘଟଣାସ୍ଥଳକୁ ନେଇ

**ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ**



ସମ୍ପୂର୍ଣ୍ଣ ହତ୍ୟାକାଣ୍ଡର ପୁନଃ ପ୍ରଦର୍ଶନ ବା ରୂପାୟନ କରିଛି। ଏହାପୂର୍ବରୁ ରବିବାର ଦିନ ସିୟାଙ୍କ ଉପସ୍ଥିତିରେ ଏକ ପୁତଳାକୁ ପାହାଡ଼ରୁ ତଳକୁ ଫିଙ୍ଗି ପୋଲିସ ଘଟଣାର ଯାଞ୍ଚ କରିଥିଲା। କେତନଙ୍କ ପିତା ବିଶାଳ ଅଗ୍ରୱାଲ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି ଯେ, କେତନ ପ୍ରାୟତଃ ସିୟା ଏବଂ ଚେତନଙ୍କ ଅତି ନିବିଡ଼ ସମ୍ପର୍କକୁ ନେଇ ଚିନ୍ତିତ ରହୁଥିଲେ।

## ଭାରତ-ପାକ୍ ସମ୍ପର୍କ ସୁଧାରିବା ପାଇଁ ମୋଦୀ ଓ ସରିଫ୍‌ଙ୍କୁ ୧୧୭ ବିଶିଷ୍ଟ ନାଗରିକଙ୍କ ଚିଠି

ନୂଆଦିଲ୍ଲୀ, ୧୭(ଏଜେନ୍ସି): ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ତିକ୍ତତା ଦୂର କରି ଶାନ୍ତି ପ୍ରତିଷ୍ଠା ଓ ଦ୍ୱିପାକ୍ଷିକ ଆଲୋଚନା ପୁନର୍ବାର ଆରମ୍ଭ କରିବା ପାଇଁ ଦୁଇ ଦେଶର ୧୧୭ ଜଣ ବିଶିଷ୍ଟ ବ୍ୟକ୍ତି ମିଳିତ ଭାବେ ଅପିଲ୍ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍‌ଙ୍କୁ ଏକ ସ୍ପଷ୍ଟ ପତ୍ର ଲେଖିଛନ୍ତି। ଏହି ପତ୍ରରେ ଭାରତର ୬୧ ଜଣ ଏବଂ ପାକିସ୍ତାନର ୫୬ ଜଣ ପ୍ରମୁଖ ରାଜନେତା, ପୂର୍ବତନ କୂଟନୀତିଜ୍ଞ ଏବଂ ବୁଦ୍ଧିଜୀବୀ ସ୍ୱାକ୍ଷର କରିଛନ୍ତି। ଏହି ନାଗରିକମାନେ ଦୁଇ ଦେଶର ସରକାରଙ୍କୁ ଦୀର୍ଘଦିନର ଶତ୍ରୁତା ଶେଷ କରି ପୂର୍ଣ୍ଣ କୂଟନୈତିକ ସମ୍ପର୍କ ସ୍ଥାପନ କରିବାକୁ ଅନୁରୋଧ କରିଛନ୍ତି। ଏହା ସହିତ ଉଭୟ ଦେଶରେ ଉଚ୍ଚାୟୁକ୍ତ ନିଯୁକ୍ତି, ସାଧାରଣ ଭିସା ସେବା ପୁନଃ ପ୍ରଚଳନ, ବାଣିଜ୍ୟିକ ବିମାନ ଚଳାଚଳ ପାଇଁ ଆକାଶମାର୍ଗ ଖୋଲିବା ଏବଂ ଅଟ୍ଟାରୀ-ୱାଘା ସୀମା ଦେଇ ବାଣିଜ୍ୟ କାରବାର ଆରମ୍ଭ କରିବାକୁ ଚିଠିରେ ପ୍ରସ୍ତାବ ଦିଆଯାଇଛି। ଏହା ସହ ଶ୍ରୀନଗର-ମୁଜାଫରାବାଦ ବସ୍ ସେବା ଏବଂ କାର୍ତ୍ତାରପୁର କରିଡର ଭଳି ସାଂସ୍କୃତିକ ତଥା ଧାର୍ମିକ ସ୍ଥଳଗୁଡ଼ିକୁ ଯାତାୟାତ ସହଜ କରିବାକୁ ସେମାନେ ନିବେଦନ କରିଛନ୍ତି। ଚିଠିରେ ଉଲ୍ଲେଖ କରାଯାଇଛି ଯେ, ଭାରତ ଏବଂ ପାକିସ୍ତାନ ମିଶି ସମଗ୍ର ବିଶ୍ୱ ଜନସଂଖ୍ୟାର ପ୍ରାୟ ପଞ୍ଚମାଂଶ। ଏହି ଦୁଇ ଦେଶର ଯୁବପିଢ଼ିଙ୍କ ଭବିଷ୍ୟତ, ପ୍ରଗତି ଏବଂ ଆଞ୍ଚଳିକ ସ୍ଥିରତା ପାଇଁ ପରସ୍ପର ମଧ୍ୟରେ ଶାନ୍ତିପୂର୍ଣ୍ଣ ଆଲୋଚନା ହିଁ ଏକମାତ୍ର ମାଧ୍ୟମ।

# ଆସାମରେ ବନ୍ୟା ପରିସ୍ଥିତି ସଂଗିନ

ଗୌହାଟୀ, ୧୭(ଏଜେନ୍ସି): ଆସାମରେ ବନ୍ୟା ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର ରୂପ ଧାରଣ କରିଛି। ଲଗାତାର ବର୍ଷା ଯୋଗୁଁ ବ୍ରହ୍ମପୁତ୍ର ସମେତ ଅନ୍ୟାନ୍ୟ ପ୍ରମୁଖ ନଦୀଗୁଡ଼ିକ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛନ୍ତି। ଏହାଦ୍ୱାରା ରାଜ୍ୟର ୬ଟି ଜିଲ୍ଲାର ପ୍ରାୟ ୪୬, ୦୦୦ରୁ ଅଧିକ ଲୋକ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଚଳିତ ବନ୍ୟା ଋତୁରେ ଧେମାଜୀ ଜିଲ୍ଲାରେ ଜଣେ ମହିଳାଙ୍କର ପ୍ରାଣହାନି ଘଟିଛି, ଯାହା ଚଳିତ ବର୍ଷର ପ୍ରଥମ

**■ ବିପଦ ସଙ୍କେତ ଉପରେ ବ୍ରହ୍ମପୁତ୍ର**
**■ ୬ଟି ଜିଲ୍ଲାର ୪୬ ହଜାର ପ୍ରଭାବିତ**

ବନ୍ୟାଜନିତ ମୃତ୍ୟୁ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଆସାମ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ରାଜ୍ୟର ଧେମାଜୀ, ନଳବାଡ଼ି, ଦିବ୍ରୁଗଡ଼, ଚିରାଙ୍ଗ, ଲଖିମପୁର ଏବଂ ବିଶ୍ୱନାଥ ଜିଲ୍ଲାର ପ୍ରାୟ ୨୨୧ଟି ଗ୍ରାମ ବନ୍ୟା ଜଳରେ ବୁଡ଼ି ରହିଛି। ଏହା ମଧ୍ୟରୁ ଧେମାଜୀ ଜିଲ୍ଲା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି, ଯେଉଁଠାରେ ପ୍ରାୟ ୪୫, ୦୦୦ରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ୟା ଯୋଗୁଁ ୩, ୮୦୯ ହେକ୍ଟରରୁ ଅଧିକ ଚାଷଜମି ପାଣିରେ ବୁଡ଼ି ରହିବା ସହ ବହୁଳ ପରିମାଣରେ ଫସଲ ନଷ୍ଟ ହୋଇଛି। ସରକାରଙ୍କ ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜୋରଦାର କରାଯାଇଛି। ବାସହୀନ ହୋଇପଡ଼ିଥିବା ଲୋକମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ଆଶ୍ରୟ ସ୍ଥଳୀ ଏବଂ ସାମଗ୍ରୀ ବର୍ଣ୍ଟନ କେନ୍ଦ୍ର ଖୋଲାଯାଇଛି। ମଣିଷଙ୍କ ସହ



ପ୍ରାୟ ୮୮, ୦୦୦ରୁ ଅଧିକ ଗୃହପାଳିତ ପଶୁ ମଧ୍ୟ ଏହି ବନ୍ୟାରେ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ଭିତ୍ତିଭୂମିର ବ୍ୟାପକ କ୍ଷତି ଘଟିଥିବା ବେଳେ ପ୍ରଶାସନ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି।


## 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ନିକଟରେ ଭଙ୍ଗାହେଲା ସରକାରୀ ଅଧିକାରୀଙ୍କ ବିଳାସପୂର୍ଣ୍ଣ ବଙ୍ଗଳା

ନର୍ମଦା, ୧୭(ଏଜେନ୍ସି): ଗୁଜରାଟର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ନିକଟସ୍ଥ ଗରୁଡ଼େଶ୍ୱର ଅଞ୍ଚଳରେ ବେଆଇନ ଭାବେ ଗଢ଼ିଉଠିଥିବା ଅତି ବିଳାସପୂର୍ଣ୍ଣ ବଙ୍ଗଳା ଏବଂ ପ୍ରାସାଦ ଉପରେ ପ୍ରଶାସନର ବୁଲଡୋଜର ଚାଲିଛି। ଗତ ୪-୫ ଦିନ ହେବ କଡ଼ା ପୋଲିସ ସୁରକ୍ଷା ମଧ୍ୟରେ ଏହି ମେଗା ଉଚ୍ଛେଦ ଅଭିଯାନ ଜାରି ରହିଛି। ବିଶେଷ କଥା ହେଉଛି, ଏହି ସବୁ ବେଆଇନ ବଙ୍ଗଳା ଗୁଜରାଟ ସରକାରଙ୍କ ବଡ଼ ବଡ଼ ପ୍ରଶାସନିକ ଅଧିକାରୀ (ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଅଫିସର)ଙ୍କର ଅଟେ। ୨୦୧୯ ମସିହାରେ ତତ୍କାଳୀନ ଜିଲ୍ଲାପାଳ ଆରଏସ ନିନାମାଙ୍କ ସମୟରେ ୧୩ ଜଣ ବରିଷ୍ଠ ଅଧିକାରୀଙ୍କୁ ଅତି ଶସ୍ତା ଦରରେ ପ୍ଲଟ୍ ଆବଣ୍ଟନ କରାଯାଇଥିଲା। ଏହି ଆବଣ୍ଟନରେ ଅନିୟମିତତା ଜଣାପଡ଼ିବା ପରେ ସରକାର ସେହି ବର୍ଷ ହିଁ ୬ଟି ପ୍ଲଟ୍ ଫେରାଇ ନେଇଥିଲେ। ବାକି ୭ଟି ପ୍ଲଟ୍ ମଧ୍ୟରୁ ୫ଟିରେ ବେଆଇନ ଭାବେ ନିର୍ମାଣ ହୋଇଥିବା ବିରାଟ ବଙ୍ଗଳାକୁ ଏବେ ଭଙ୍ଗାଯାଉଛି। ଅନ୍ୟ ୨ ଜଣ ଅଧିକାରୀ କୋର୍ଟରୁ ସ୍ଥଗିତାଦେଶ ଆଣିବାରେ ସଫଳ ହୋଇଛନ୍ତି। ନିୟମ ଅନୁଯାୟୀ, ଏହି ଅଫିସରମାନଙ୍କୁ କେବଳ ରହିବା ପାଇଁ ଛୋଟ ପାରିବାରିକ ଘର ତିଆରି କରିବାକୁ ଅନୁମତି ମିଳିଥିଲା। ମାତ୍ର ଆରଟିଆଇ ଏବଂ ତଦନ୍ତରୁ ଜଣାପଡ଼ିଛି ଯେ, ଏହି ଅଧିକାରୀମାନେ ନିଜ ପଦବୀର ଅପବ୍ୟବହାର କରି ପର୍ଯ୍ୟଟନ ଜୋନ୍‌ର ଫାଇଦା ଉଠାଇବା ପାଇଁ ୧୫ରୁ ଅଧିକ ରୁମ୍ ବିଶିଷ୍ଟ ବଡ଼ ବଡ଼ କମର୍ସିଆଲ୍ ହୋମଷ୍ଟେ ଓ ବିଳାସପୂର୍ଣ୍ଣ ରିସର୍ଟ ନିର୍ମାଣ କରିଦେଇଥିଲେ।

# କେବଳ ପ୍ରମାଣପତ୍ର ଥିଲେ ହିନ୍ଦୁ ବିବାହ ବୈଧ ନୁହେଁ

## ପରମ୍ପରା ଓ ରୀତିନୀତି ମଧ୍ୟ ଜରୁରୀ: ଗୁଜରାଟ ହାଇକୋର୍ଟ

ଅହମଦାବାଦ, ୧୭(ଏଜେନ୍ସି): କେବଳ ମ୍ୟାରେଜ୍ ସାର୍ଟିଫିକେଟ୍ (ବିବାହ ପ୍ରମାଣପତ୍ର) କିମ୍ବା ପଞ୍ଜୀକରଣ (ରେଜିଷ୍ଟ୍ରେସନ) ଆଧାରରେ ଏକ ହିନ୍ଦୁ ବିବାହକୁ ଆଇନଗତ ଭାବେ ବୈଧ କୁହାଯାଇପାରିବ ନାହିଁ ବୋଲି ଗୁଜରାଟ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। କୋର୍ଟ କହିଛନ୍ତି ଯେ, ହିନ୍ଦୁ ବିବାହ ଆଇନ (ହିନ୍ଦୁ ମ୍ୟାରେଜ ଆକ୍ଟ) ଅନୁଯାୟୀ ନିର୍ଦ୍ଧାରିତ ସମସ୍ତ ରୀତିନୀତି ଏବଂ ପରମ୍ପରା ପାଳନ କରାଯାଇଥିଲେ ହିଁ ବିବାହକୁ ସ୍ୱୀକୃତି ମିଳିବ। ଯେଉଁ ସମୁଦାୟରେ ସପ୍ତପଦୀ (ଅଗ୍ନି ଚାରିପଟେ ସାତ ଫେରା)ର ନିୟମ ରହିଛି, ସେଠାରେ ଏହି ରୀତି ସମ୍ପନ୍ନ ନହେବା ପର୍ଯ୍ୟନ୍ତ ବିବାହ ଅସମ୍ପୂର୍ଣ୍ଣ ରହିବ। ଜଷ୍ଟିସ ଇଲେଶ ଜେ. ଭୋରା ଏବଂ ଜଷ୍ଟିସ ଆରଟି ବାଚ୍ଛାନୀଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ସ୍ପଷ୍ଟ କରିଛନ୍ତି ଯେ, ମ୍ୟାରେଜ୍ ସାର୍ଟିଫିକେଟ୍ କେବଳ ପୂର୍ବରୁ ସମ୍ପନ୍ନ ହୋଇଥିବା ଏକ ବିବାହର ଦଲିଲ ପ୍ରମାଣ ମାତ୍ର। ଏହା ନିଜେ କୌଣସି ବିବାହ ସୃଷ୍ଟି କରେନାହିଁ। ବିବାହ କେବଳ 'ଗୀତ-ନାଚ' କିମ୍ବା 'ଖିଆପିଆ'ର ଉତ୍ସବ ନୁହେଁ, ଏହା ଏକ ପବିତ୍ର ସଂସ୍କାର। ବ୍ରିଟେନରେ ରହୁଥିବା ଜଣେ ପ୍ରବାସୀ ଭାରତୀୟ ଯୁବକ ଅଭିଯୋଗ କରିଥିଲେ ଯେ, ଚାକିରି କରାଇଦେବା ବାହାନାରେ ଅହମଦାବାଦର ଜଣେ ଯୁବତୀ କାଗଜପତ୍ରରେ ତାଙ୍କ ସ୍ୱାକ୍ଷର ନେଇ ଜାଲ୍ ମ୍ୟାରେଜ୍ ସାର୍ଟିଫିକେଟ୍ ପ୍ରସ୍ତୁତ



କରିଛନ୍ତି। ସେମାନଙ୍କ ମଧ୍ୟରେ କୌଣସି ବିବାହ ରୀତିନୀତି ହୋଇନଥିଲା। ପରିବାର ଅଦାଲତ (ଫ୍ୟାମିଲି କୋର୍ଟ) ପୂର୍ବରୁ ଯୁବକଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ମାତ୍ର ହାଇକୋର୍ଟରେ ଶୁଣାଣି ବେଳେ ଯୁବତୀ ଜଣକ ନିଜେ ସ୍ୱୀକାର କରିଥିଲେ ଯେ କୌଣସି ବୈଦିକ ରୀତିନୀତି ହୋଇନାହିଁ କି ସେମାନେ ସ୍ୱାମୀ-ସ୍ତ୍ରୀ ଭାବେ ରହିନାହାନ୍ତି। ଏହି ଆଧାରରେ ଗୁଜରାଟ ହାଇକୋର୍ଟ ପରିବାର ଅଦାଲତଙ୍କ ନିଷ୍ପତ୍ତିକୁ ରଦ୍ଦ କରିବା ସହ ଉକ୍ତ ବିବାହକୁ ଅବୈଧ ଘୋଷଣା କରିଛନ୍ତି।

## ସଚିବସ୍ତରୀୟ ବୈଠକ

# ପ୍ରମାଣଭିତ୍ତିକ ନୀତି ଓ କୃତ୍ରିମ ବୁଦ୍ଧିମତ୍ତା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧।୭(ସମିସ): ରାଜ୍ୟରେ ସୁଶାସନକୁ ଅଧିକ ଫଳପ୍ରଦ, ସ୍ୱଚ୍ଛ ଓ ନାଗରିକକେନ୍ଦ୍ରିକ କରିବା, ପ୍ରଯୁକ୍ତି ଓ ପ୍ରମାଣଭିତ୍ତିକ ନୀତି ନିର୍ମାଣକୁ ପ୍ରୋତ୍ସାହନ ଦେବା ଉପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗୁରୁତ୍ୱ ଦେଇଛନ୍ତି। ସଚିବ ସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀମତୀ ଗର୍ଗ ବିଭାଗୀୟ କାର୍ଯ୍ୟଦକ୍ଷତାର ସମୀକ୍ଷା କରିବା ସହ ବିଭିନ୍ନ ପ୍ରମୁଖ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ଆଦି ବିଷୟରେ ବୁଝିଛନ୍ତି। ବୈଠକରେ ବୈଜ୍ଞାନିକ ଗବେଷଣା, ତଥ୍ୟ ବିଶ୍ଳେଷଣ ଏବଂ କ୍ଷେତ୍ରସ୍ତରୀୟ ପରୀକ୍ଷଣ ମାଧ୍ୟମରେ ସରକାରୀ ଯୋଜନାର ପ୍ରଭାବକୁ ଅଧିକ ସୁଦୃଢ଼ କରିବା ସହ ସମ୍ବଳର ସଠିକ୍ ବ୍ୟବହାର ଓ ଉତ୍ତମ ନୀତି ନିର୍ମାଣ ଉପରେ ଗୁରୁତ୍ୱ ଦେଇଛନ୍ତି।

ଅର୍ଥ ବିଭାଗ ପକ୍ଷରୁ ୩୦ ଜୁନ ୨୦୨୬ ସୁଦ୍ଧା ରାଜ୍ୟର ବ୍ୟୟ ଓ ରାଜସ୍ୱ ସ୍ଥିତିର ସମୀକ୍ଷା କରାଯାଇଥିଲା। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ମୋଟ କାର୍ଯ୍ୟକ୍ରମ ବ୍ୟୟ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଥିବାବେଳେ କୃଷି,

### ଝାରସୁଗୁଡ଼ା ସହର ହେବ ସମନ୍ୱିତ ବିକାଶ ମଡେଲ

ସାମାଜିକ କ୍ଷେତ୍ର ଓ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଅଗ୍ରଗତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସମସ୍ତ ବିଭାଗକୁ ବଜେଟର ଫଳପ୍ରଦ ବ୍ୟବହାର, ପୁଞ୍ଜି ବ୍ୟୟରେ ଗତି ଆଣିବା ଓ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ପକ୍ଷରୁ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ଓଡ଼ିଆ



ଭାଷାର ଭଏସ୍ ବୋଟ୍ ସମ୍ପର୍କରେ ଉପସ୍ଥାପନା କରାଯାଇଥିଲା।

ଝାରସୁଗୁଡ଼ାକୁ ଏକ ସମନ୍ୱିତ ବିକାଶ ମଡେଲ୍ ଭାବେ ଗଢ଼ି ତୋଳିବା ପାଇଁ ୨୫ଟି ରଣନୀତିକ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ନେଇ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟ, ଶିକ୍ଷା, ଶିଳ୍ପ, ଗମନାଗମନ, ବିମାନବନ୍ଦର ସମ୍ପ୍ରସାରଣ, ଡିଜିଟାଲ୍ ସେବା ଓ ସବୁଜ ଶକ୍ତି ଭଳି କ୍ଷେତ୍ରରେ ପଦକ୍ଷେପ ଜିଲ୍ଲାର ସର୍ବାଙ୍ଗୀଣ ବିକାଶ ଏବଂ ନୂତନ ରୋଜଗାରର ଦ୍ୱାର ଖୋଲିବ। ଏ ସମ୍ପର୍କରେ ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାନ ଜନକଲ୍ୟାଣ, ନିବେଶ ଆକର୍ଷଣ ଓ ରୋଜଗାର ସୃଷ୍ଟିକୁ ପ୍ରାଥମିକତା ଦେଇ ବିକଶିତ ଝାରସୁଗୁଡା ଗଠନ ଦିଗରେ ପ୍ରଶାସନର ଦୃଢ଼ ପଦକ୍ଷେପ ନେଇ ରୋଡମ୍ୟାପ ପ୍ରସ୍ତୁତି ଉପରେ ଆଲୋଚନା କରିଥିଲେ।

## କୋଚିଂ ସେଣ୍ଟରରେ ନାବାଳିକାକୁ ଦୁଷ୍କର୍ମ

# ଅଭିଯୁକ୍ତ ଯୁବକ ଏଚ୍ଆଇଭି ପଜିଟିଭ୍

ଭୁବନେଶ୍ୱର ୧।୭ (ସମିସ): ରାଜଧାନୀର ଏକ କୋଚିଂ ସେଣ୍ଟରରେ ନାବାଳିକାକୁ ଦୁଷ୍କର୍ମ ଘଟଣାରେ ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। ଦୁଷ୍କର୍ମ ଅଭିଯୋଗରେ ଗିରଫ ହୋଇଥିବା ଅଭିଯୁକ୍ତ ଶିକ୍ଷକ ଏଚ୍ଆଇଭି ପଜିଟିଭ୍ ବୋଲି ଡାକ୍ତରୀ ପରୀକ୍ଷା ପରେ ଜଣାପଡ଼ିଛି। ଏହା ପଦାକୁ ଆସିବା ପରେ ଝାରପଡ଼ା ଜେଲ୍ କର୍ତ୍ତୃପକ୍ଷ ସତର୍କ ହୋଇଛନ୍ତି। ଅଭିଯୁକ୍ତର ଚିକିତ୍ସା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ସହ ଭୁବନେଶ୍ୱର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଓ ଡିସିପିଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି ଝାରପଡ଼ା ଜେଲ୍ କର୍ତ୍ତୃପକ୍ଷ।

### କୋର୍ଟ ଓ ପୁଲିସକୁ ଚିଠି ଲେଖିଲେ ଜେଲ୍ କର୍ତ୍ତୃପକ୍ଷ

ସୂଚନା ଅନୁସାରେ ଜଣେ ୧୭ ବର୍ଷୀୟା ନାବାଳିକା ରାଜଧାନୀର ଏକ କୋଚିଂ ସେଣ୍ଟରରେ ପଢୁଥିବା ବେଳେ ଅଭିଯୁକ୍ତ ଜଣକ ସେଠାରେ ଶିକ୍ଷକତା କରୁଥିଲେ। ପାଠ ପଢ଼ିବା ସମୟରେ ନାବାଳିକାକୁ ମିଥ୍ୟା ପ୍ରଲୋଭନ ଦେଖାଇ ପ୍ରେମ ନିବେଦନ କରିଥିଲ ଅଭିଯୁକ୍ତ। ପରବର୍ତ୍ତୀ ସମୟରେ ନାବାଳିକାକୁ ପ୍ରେମ ଜାଲରେ ଫସାଇ ବିଭିନ୍ନ ସ୍ଥାନକୁ ନେଇଥିଲେ। ସେଠାରେ ନାବାଳିକାକୁ ବଳପୂର୍ବକ ଦୁଷ୍କର୍ମ କରିଥିଲେ। ପରବର୍ତ୍ତୀ ସମୟରେ ବ୍ଲାକମେଲିଂ କରି ସମ୍ପୃକ୍ତ ନାବାଳିକା ସହ ସେ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ ଓ ମାନସିକ ନିର୍ଯାତନା ଦେଉଥିଲେ । ଅତ୍ୟାଚାର ଅସହ୍ୟ ହେବାରୁ ନାବାଳିକା ଜଣକ ମହିଳା ଥାନାରେ ଲିଖିତ ଏତଲା ଦେଇଥିଲେ। କିଛିଦିନ ପୂର୍ବେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଥିଲା ଓ ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ ପଠାଇ ଦିଆଯାଇଥିଲା। ତେବେ ପୋକ୍ସୋ ମାମଲାର ଅଭିଯୁକ୍ତ ହୋଇଥିବାରୁ ଜେଲ୍ ପକ୍ଷରୁ ଅଭିଯୁକ୍ତର ଏଚ୍ଆଇଭି ପରୀକ୍ଷା କରାଯାଇଥିଲା। ରିପୋର୍ଟ ଆସିବା ପରେ ଅଭିଯୁକ୍ତ ଜଣକ ଏଚ୍ଆଇଭି ପଜିଟିଭ୍ ସଂକ୍ରମିତ ବୋଲି ଜଣା ପଡ଼ି ଥିଲା। ଏଚ୍ଆଇଭି ପଜିଟିଭ୍ ଅଭିଯୁକ୍ତ ଜଣଙ୍କ କୋଚିଂ ସେଣ୍ଟରରେ ଚାକିରି କରୁଥିବାରୁ ଅନେକ କଥା ଆଶଙ୍କା କରାଯାଉଛି।

## 'ନିଶାମୁକ୍ତ ଓଡ଼ିଶା' ଅଭିଯାନ

# ଗଠନ ହେବ ଆଣ୍ଟି ନାର୍କୋଟିକ୍ସ ଟାସ୍କ ଫୋର୍ସ

ଭୁବନେଶ୍ୱର ୧।୭ (ସମିସ): ନିଶାମୁକ୍ତ ଓଡ଼ିଶା ଗଠନ ଦିଗରେ ଓଡ଼ିଶା ପୁଲିସ ମାଇଲଖୁଣ୍ଟ ସ୍ଥାପନ କରିଛି। ବେଆଇନ ନିଶା କାରବାର, ଗଞ୍ଜେଇ ଚାଷ, ମାଦକଦ୍ରବ୍ୟ ଚୋରାଚାଲାଣ ଓ ଆନ୍ତଃରାଜ୍ୟ ଡ୍ରଗ୍ ନେଟ୍ୱର୍କ ବିରୋଧରେ 'ଶୂନ୍ୟ ସହନଶୀଳତା' ନୀତି ଆଧାରରେ ଚାଲିଥିବା ଅଭିଯାନ ରାଜ୍ୟକୁ ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ଏହି ପରିପ୍ରେକ୍ଷୀରେ ଆଜି ଭୁବନେଶ୍ୱରସ୍ଥିତ ପୁଲିସ ଭବନରେ ଜାତୀୟ ସ୍ତରୀୟ ପ୍ରାକ୍-ବିଚାରାଧୀନ ଜବତ ମାଦକଦ୍ରବ୍ୟ ବିନଷ୍ଟୀକରଣ ସ୍ୱତନ୍ତ୍ର ଅଭିଯାନ ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି)ର ନିର୍ଦ୍ଦେଶ ଅନୁଯାୟୀ ଜୁନ୍ ୨୬ ତାରିଖରୁ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଜାତୀୟ ସ୍ତରୀୟ ପ୍ରାକ୍-ପରୀକ୍ଷା ନିଶା ନିବାରଣ ସ୍ୱତନ୍ତ୍ର ଅଭିଯାନ ସାରା ଦେଶରେ କାର୍ଯ୍ୟକାରୀ କରାଯାଉଛି। 'ନିଶାମୁକ୍ତ, ସୁରକ୍ଷିତ ଓ ସଶକ୍ତ ଓଡ଼ିଶା ଗଠନ ହେଉଛି ଓଡ଼ିଶା ପୁଲିସର ସର୍ବୋଚ୍ଚ ପ୍ରାଥମିକତା। ନିଶା କାରବାର ଓ ଚୋରାଚାଲାଣ ବିରୋଧରେ ଆଗାମୀ ଦିନରେ ଅଭିଯାନକୁ ଆହୁରି ବ୍ୟାପକ କରାଯିବ' ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କହିଥିଲେ।




- ୩ ଜିଲ୍ଲାରେ ପ୍ରତିଷ୍ଠା ହେବ ସ୍ୱତନ୍ତ୍ର ଏନଡିପିଏସ୍ କୋର୍ଟ
- ୨୧ ମାସରେ ୧୯୧୧ କୋଟିର ଗଞ୍ଜେଇ ଚାଷ ନଷ୍ଟ
- ୨୧୦୬ କୋଟିର ଗଞ୍ଜେଇ ଓ ୨୨୫ କୋଟିର ଗଞ୍ଜେଇ ତେଲ ଜବତ

ଜନସଚେତନତାକୁ ଗୁରୁତ୍ୱ ଦେଇ ରାଜ୍ୟର ସମସ୍ତ ୩୫ଟି ପୁଲିସ ଜିଲ୍ଲାର ୫୫୦ରୁ ଅଧିକ ଥାନାରେ ନିଶା ବିରୋଧୀ ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ୨୫ ହଜାରରୁ ଅଧିକ ନାଗରିକ, ୪୮୮୨ ଜଣ ଛାତ୍ରଛାତ୍ରୀ ଓ ୩୩୭ ଜଣ ଶିକ୍ଷକ ସକ୍ରିୟ ଭାବେ ସାମିଲ ହୋଇ ନିଶାମୁକ୍ତ ସମାଜ ଗଠନର ସଂକଳ୍ପ ନେଇଛନ୍ତି।

ନିଶା କାରବାର ସମ୍ପର୍କିତ ମାମଲାର ତ୍ୱରିତ ବିଚାର ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ପାଇଁ ଭୁବନେଶ୍ୱର, ଖୋର୍ଦ୍ଧା, ଅନୁଗୁଳ ଓ ସମ୍ବଲପୁରରେ ୪ଟି ସ୍ୱତନ୍ତ୍ର ଏନଡିପିଏସ୍ କୋର୍ଟ ସ୍ଥାପନ କରିବାକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି ବୋଲି ସେ କହିଥିଲେ। ସେହିପରି ଡିଜିପି କହିଛନ୍ତି ଯେ ଜଣେ ଏଡିଜି ପାହ୍ୟାର ବରିଷ୍ଠ ଅଧିକାରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଆଣ୍ଟି ନାର୍କୋଟିକ୍ସ ଟାସ୍କ ଫୋର୍ସ (ଏଏନଟିଏଫ୍) ଗଠନ କରାଯିବ। ଏହା ଅଧୀନରେ ରାଜ୍ୟର ବିଭିନ୍ନ ସ୍ଥାନରେ ୧୦ଟି ୟୁନିଟ୍ ଓ ୧୯ଟି ସ୍ୱତନ୍ତ୍ର ଇଣ୍ଟେଲିଜେନ୍ସ ୟୁନିଟ୍ କାର୍ଯ୍ୟ କରିବ। ପ୍ରତିବର୍ଷ ଅତିକମରେ ୧୦୦ ଜଣ ପ୍ରମୁଖ ଡ୍ରଗ୍ ମାଫିଆଙ୍କ ବିରୋଧରେ ଏନଡିପିଏସ୍ ଆଇନ ଅନୁଯାୟୀ କଠୋର ପଦକ୍ଷେପ ଗ୍ରହଣ କରିଯିବା ସେ ସୂଚନା ଦେଇଥିଲେ।

ଉଲ୍ଲେଖଯୋଗ୍ୟ ଯେ, ଜୁଲାଇ ୨୦୨୪ରୁ ମାର୍ଚ୍ଚ ୨୦୨୬ ଅର୍ଥାତ୍ ୨୧ ମାସ ମଧ୍ୟରେ ରାଜ୍ୟବ୍ୟାପୀ ଅଭିଯାନରେ ୬୩ ହଜାର ୭୨୦ ଏକରରୁ ଅଧିକ ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧୯୧୧ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଉଛି। ସେହି ସମୟ ମଧ୍ୟରେ ୨୪୪୫ଟି ଏନଡିପିଏସ୍ ମାମଲା ରୁଜୁ କରାଯାଇ ୪୨୧ ଟନ୍ ଗଞ୍ଜେଇ ଜବତ କରାଯାଇ ୩୫୦୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨,୧୦୬ କୋଟି ଟଙ୍କା ହେବ। ରାଜ୍ୟର ଖୋର୍ଦ୍ଧା, ଅନୁଗୋଳ, ବାଲେଶ୍ୱର, ଗଞ୍ଜାମ, ବଲାଙ୍ଗିର, କୋରାପୁଟ ଓ ସୁନ୍ଦରଗଡ଼ ସ୍ଥିତ ୭ଟି ଅନୁମୋଦିତ ଇନ୍ସିନେରେଟର କେନ୍ଦ୍ରରେ ପ୍ରାୟ ୮୦ ଟନ୍ ଗଞ୍ଜେଇ, ୧୧.୪ କିଲୋଗ୍ରାମ ବ୍ରାଉନସୁଗର ଓ ୩୬୩୮ ବୋତଲ କଫ୍ ସିରପ ନଷ୍ଟ କରିବାର ଲକ୍ଷ୍ୟ ରଖାଯାଇଛି। ଅଭିଯାନ ଆରମ୍ଭ ହେବା ପରଠାରୁ ୩୬ ଟନ୍ ଗଞ୍ଜେଇ ସଫଳତାର ସହ ନଷ୍ଟ କରାଯାଇଥିବା ବେଳେ ଅବଶିଷ୍ଟ ଜବତ ମାଦକଦ୍ରବ୍ୟକୁ ଆଇନଗତ ପ୍ରକ୍ରିୟାରେ ପର୍ଯ୍ୟାୟକ୍ରମେ ଧ୍ୱଂସ କରାଯିବ। କାର୍ଯ୍ୟକ୍ରମରେ କ୍ରାଇମବ୍ରାଞ୍ଚ ଡିଜି ବିନୟ ତୋଷ ମିଶ୍ର, କ୍ରାଇମବ୍ରାଞ୍ଚ ଆଇଜି ସାର୍ଥକ ଷଡ଼ଙ୍ଗୀ, ଏସ୍‌ଟିଏଫ୍ ଡିଆଇଜି କନ୍‌ୱର ବିଶାଳ ସିଂଙ୍କ ସମେତ ପୁଲିସ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜେଲ୍ ଗଲେ କୋଟିପତି ଅଫିସ୍ ଅଧୀକ୍ଷକ ଓ ଷ୍ଟିୱାର୍ଡ

ସମ୍ବଲପୁର, ୧।୭ (ସମିସ) : ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମଙ୍ଗଳବାର ବୁର୍ଲାସ୍ଥିତ ଭିମ୍ସାରର ଏଷ୍ଟାବ୍ଲିସ୍‌ମେଣ୍ଟ ଅଧିକାରୀ ତଥା ଅଫିସ୍ ସୁପରିଣ୍ଟେଣ୍ଡେଣ୍ଟ ଧନୁର୍ଦ୍ଧର ବିଶ୍ୱାଳଙ୍କ ୪ଟି ସ୍ଥାନରେ ଏବଂ ଭିମ୍ସାରର ଷ୍ଟିୱାର୍ଡ



ଅଶ୍ୱିନୀ ମେହେରଙ୍କ ୫ଟି ସ୍ଥାନରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ଉ କରାଯାଇଥିଲା। ତଦନ୍ତ ଜାରି ରହିଥିବାବେଳେ ଏପର୍ଯ୍ୟନ୍ତ ଶ୍ରୀ ବିଶ୍ୱାଳଙ୍କ ଜ୍ଞାତ ଆୟର ୨୩୪% ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ମିଳିଥିବାବେଳେ ଶ୍ରୀ ମେହେରଙ୍କ ଜ୍ଞାତ ଆୟର ୧୦୪% ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଥିବା ଭିଜିଲାନ୍ସ ଏସ୍‌ପି ପ୍ରଦ୍ୟୁମ୍ନ ଦ୍ୱିବେଦୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଉଭୟଙ୍କୁ ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ସେ କହିଛନ୍ତି। ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତରେ ଜାମିନ ନାମଞ୍ଜୁର ହେବାପରେ ସେମାନଙ୍କୁ ଜେଲକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଆୟ ବହିର୍ଭୂତ ସମ୍ପତ୍ତି ମାମଲାରେ ମଙ୍ଗଳବାର ଭିମ୍ସାରର ଏଷ୍ଟାବ୍ଲିସ୍‌ମେଣ୍ଟ ଅଧିକାରୀ ତଥା ଅଫିସ୍ ସୁପରିଣ୍ଟେଣ୍ଡାଣ୍ଟ ଧନୁର୍ଦ୍ଧର ବିଶ୍ୱାଳଙ୍କ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିବାବେଳେ ଆୟଠାରୁ ୨୩୪% ଅଧିକ ସମ୍ପତ୍ତି ଠାବ କରାଯାଇଛି। ସମ୍ବଲପୁର ଭିଜିଲାନ୍ସରେ ଏକ ମାମଲା ରୁଜୁ କରି ଶ୍ରୀ ବିଶ୍ୱାଳଙ୍କୁ ଗିରଫ କରାଯାଇଛି। ଘର ତଲାସୀ ସମୟରେ, ଶ୍ରୀ ବିଶ୍ୱାଳ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନାମରେ କୋଟି କୋଟି



ଟଙ୍କାର ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ତନ୍ମଧ୍ୟରେ, ସମ୍ବଲପୁରର ଧନକଉଡ଼ାରେ ଅବସ୍ଥିତ ପ୍ରାୟ ୧୭୦୦ ବର୍ଗଫୁଟ କ୍ଷେତ୍ରଫଳ ସହିତ ଆବାସିକ ଦୁଇ ମହଲା କୋଠା, ସମ୍ବଲପୁରର ଗୁଡେସିଙ୍ଗାରେ ଅବସ୍ଥିତ ଗୋଟିଏ କୋଠା, ସମ୍ବଲପୁର ସହର ଉପକଣ୍ଠରେ ୩୨ଟି ମୂଲ୍ୟବାନ ପ୍ଲଟ୍ ଠାବ କରାଯାଇଛି। ଏହାସହ ନଗଦ ୧୯,୮୦,୨୯୦ ଟଙ୍କା, ସୁନା ଅଳଙ୍କାର ୮୩.୦୫ ଗ୍ରାମ ଏବଂ ଜମା ୪୮,୦୯,୩୯୫ ଟଙ୍କା ମିଳିଛି। ତାହାସହ ୨ଟି ମହିନ୍ଦ୍ରା ହାଇୱା ଟ୍ରକ୍, ୨ଟି ମହିନ୍ଦ୍ରା ଟ୍ରାକ୍ଟର, ଗୋଟିଏ ଟ୍ରଲର, ଗୋଟିଏ ଚାରି ଚକିଆ ଗାଡ଼ି (ରେନଲ୍ଟ କାଇଗର) ଏବଂ ୪ଟି ଦୁଇ ଚକିଆ ଗାଡ଼ି ରହିଛି। ପ୍ରାୟ ୧୩.୨୦ ଲକ୍ଷ ଟଙ୍କା ମୂଲ୍ୟର ସୁନା ଏବଂ ଘରୋଇ ସାମଗ୍ରୀ ରହିଛି। ସମ୍ପୂର୍ଣ୍ଣ ଯାଞ୍ଚ, ଇନଭେଣ୍ଟରୀ ଏବଂ ଅଧିକ ତଦନ୍ତ ପରେ, ଶ୍ରୀ ବିଶ୍ୱାଳଙ୍କ ଆୟ, ବ୍ୟୟ ଏବଂ ସମ୍ପତ୍ତି ଗଣନା କରାଯାଇଥିଲା। ଯାହା ତାଙ୍କ ଜ୍ଞାତ ଆୟ ଉତ୍ସଠାରୁ ୨୩୪% ଅଧିକ ରହିଛି। ଏହି ମାମଲାର ଅଧିକ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

ସେହିପରି ଭିମ୍ସାରର ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଷ୍ଟିୱାର୍ଡ ଅଶ୍ୱିନୀ ମେହେର ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ସମ୍ବଲପୁରର ଭିଜିଲାନ୍ସ କୋର୍ଟ ସ୍ୱତନ୍ତ୍ର ବିଚାରପତିଙ୍କ ନିକଟରେ ତାଙ୍କୁ ଉପସ୍ଥାପନ କରାଯାଇଥିଲା। ଶ୍ରୀ ମେହେର ତାଙ୍କ ଜ୍ଞାତ ଆୟର ୧୦୪% ପରିମାଣର ଅନୁପାତିକ ସମ୍ପତ୍ତିକୁ ନେଇ କୌଣସି ସନ୍ତୋଷଜନକ ଭାବରେ ହିସାବ ଦେଇପାରିଲେ ନାହିଁ। ଏହି ସମ୍ପର୍କରେ, ସମ୍ବଲପୁର ଭିଜିଲାନ୍ସ କେସ୍ ନଂ. ୮

### ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ଠାବ

/୨୦୨୬ ରୁଜୁ କରିଛି। ଘର ତଲାସ ସମୟରେ, ଶ୍ରୀ ମେହେର ଏବଂ ତାଙ୍କ ପରିବାରର ସଦସ୍ୟଙ୍କ ନାମରେ କୋଟି କୋଟି ଟଙ୍କାର ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ତନ୍ମଧ୍ୟରେ, ସମ୍ବଲପୁରର ସୌରଭ ବିହାର, ବୁର୍ଲାରେ ପ୍ରାୟ ୮୧୪୫ ବର୍ଗଫୁଟ କ୍ଷେତ୍ରଫଳ ସହିତ ଗୋଟିଏ ଚାରିମହଲା କୋଠା (ନିର୍ମାଣାଧୀନ), ବୁର୍ଲା ସହର କେନ୍ଦ୍ରୀୟ ବିଦ୍ୟାଳୟ-୨ ନିକଟରେ ଗୋଟିଏ କୋଠା, ବରଗଡ଼ ଜିଲ୍ଲା ଗୋବିନ୍ଦପାଲିରେ ଅନ୍ୟ ଏକ କୋଠା, ସମ୍ବଲପୁରର ବୁର୍ଲା ସହରରେ ଗୋଟିଏ ଷ୍ଟୋର ରୁମ୍, ବୁର୍ଲା ସହରରେ ୬ଟି, ସମ୍ବଲପୁରରେ ୨ଟି ଏବଂ ବରଗଡ଼ ସହରରେ ୨ଟି ସମେତ ମୋଟ ୧୦ଟି ମୂଲ୍ୟବାନ ପ୍ଲଟ୍ ଠାବ କରାଯାଇଛି। ଏହାସହ ସୁନା ଅଳଙ୍କାର ୮୩ ଗ୍ରାମ, ୨ଟି ଦୁଇ ଚକିଆ ଯାନ ମିଳିଛି। ପ୍ରାୟ ୧୬.୫୬ ଲକ୍ଷ ଟଙ୍କା ମୂଲ୍ୟର ସୁନା ଏବଂ ଘରୋଇ ସାମଗ୍ରୀ ରହିଛି। ସମ୍ପୂର୍ଣ୍ଣ ଯାଞ୍ଚ, ଇନଭେଣ୍ଟରୀ ଏବଂ ଅଧିକ ତଦନ୍ତ ପରେ, ଷ୍ଟିୱାର୍ଡ ଶ୍ରୀ ମେହେରଙ୍କ ଆୟ, ବ୍ୟୟ ଏବଂ ସମ୍ପତ୍ତି ଗଣନା କରାଯାଇଥିଲା। ତାଙ୍କ ପାଖରେ ଜ୍ଞାତ ଆୟ ଉତ୍ସଠାରୁ ୧୦୪% ଅଧିକ ସମ୍ପତ୍ତି ରହିଥିବା ଜଣାପଡ଼ିଛି। ଏହି ମାମଲାରେ ଭିଜିଲାନ୍ସ ଅଧିକ ତଦନ୍ତ ଜାରି ରଖିଛି।

# ୫ରେ ପ୍ରକାଶ ପାଇବ ଚିଠା ଭୋଟର ତାଲିକା

## ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ



ଭୁବନେଶ୍ୱର,୧।୭(ସମିସ): ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍‌ଏସ୍ ଗୋପାଲନ ଆଜି ରାଜ୍ୟର ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏହି ବୈଠକରେ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ (ଏସ୍‌ଆଇଆର)ର ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କାର୍ଯ୍ୟର ସଫଳ ସମାପ୍ତି, ଡିଜିଟାଇଜେସନର ପ୍ରଗତି ଏବଂ ଚିଠା ଭୋଟର ତାଲିକା ପ୍ରକାଶନ ପାଇଁ ପ୍ରସ୍ତୁତିର ସମୀକ୍ଷା କରାଯାଇଛି। କୌଣସି ବି ଯୋଗ୍ୟ ଭୋଟର ଯେପରି ବାଦ୍ ନପଡ଼ନ୍ତି ଏବଂ ଭୋଟର ତାଲିକା ଯେପରି ସଠିକ୍, ସମାବେଶୀ ଓ ତ୍ରୁଟିଶୂନ୍ୟ ରହେ, ତାହା ନିଶ୍ଚିତ କରିବାରେ ସାହାଯ୍ୟ କରିବା ପାଇଁ ଚିଠା ଭୋଟର ତାଲିକାର ଯାଞ୍ଚ ଏବଂ ଦାବି ଓ ଆପତ୍ତି ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକୁ ଅନୁରୋଧ କରିଛନ୍ତି।

ଚିଠା ଭୋଟର ତାଲିକା ପ୍ରକାଶ ପାଇଲା ପରେ କୌଣସି ପ୍ରକାରର ଆପତ୍ତି କିମ୍ବା ଅଭିଯୋଗ ଥିଲେ, ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ମଧ୍ୟରେ ଆପତ୍ତି ଦାଖଲ କରାଯାଇପାରିବ। ୫ ଜୁଲାଇ ପରେ ଯଦି ଚିଠା ଭୋଟର ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ଫର୍ମ-୬ ମାଧ୍ୟମରେ ନୂତନ ନାମ ଯୋଡ଼ାଯାଇପାରିବ। ଫର୍ମ-୭ ଦେଇ ଭୋଟର ତାଲିକାରୁ ନାମ ବାଦ୍ ଓ ଫର୍ମ-୮ ମାଧ୍ୟମରେ ଯେକୌଣସି ପ୍ରକାରର ସଂଶୋଧନ କରାଯାଇପାରିବ। ଏହି ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମେତ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଡେପୁଟି ସିଇଓ ଡଃ ଲକ୍ଷ୍ମୀପ୍ରସାଦ ସାହୁ, ଅନାମିକା ସିଂଙ୍କ ସମେତ ରାଜନୈତିକ ଦଳ ବିଜୁ ଜନତା ଦଳ ପକ୍ଷରୁ ଦେବୀ ପ୍ରସାଦ ମିଶ୍ର ଓ ବିଜୟ କୁମାର ନାୟକ, ବହୁଜନ ସମାଜ ପାର୍ଟି ପକ୍ଷରୁ ମଧୁସୂଦନ ଯାଦବ, ସିପିଆଇ(ଏମ୍) ପକ୍ଷରୁ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ପ୍ରକାଶ ମିଶ୍ର, ଆମ୍ ଆଦମୀ ପାର୍ଟି ପକ୍ଷରୁ ସନ୍ଦିପ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସୁଲେଇପାଟ ଲୁହାପଥର ଖଣି ଲିଜ୍ ଅବଧି ବୃଦ୍ଧି ଆବେଦନ ଖାରଜ

ବାରିପଦା,୧।୭(ସମିସ): ମୟୂରଭଞ୍ଜ ଜିଲ୍ଲା ବାଦାମପାହାଡ଼ ତହସିଲ୍ ଅନ୍ତର୍ଗତ ସୁଲେଇପାଟ୍ ଲୁହାପଥର ଖଣିର ଲିଜ୍ ଅବଧି ବୃଦ୍ଧି ଆବେଦନକୁ ଓଡ଼ିଶା ହାଇକୋର୍ଟ ଖାରଜ କରିଦେଇଛନ୍ତି। ଖଣି ପଟ୍ଟାଧାରୀ ବିରାଟ ଚନ୍ଦ୍ର ଡଗରାଙ୍କ ଦ୍ୱାରା ଦାୟର ହୋଇଥିବା ରିଟ୍ ପିଟିସନର ଚୂଡ଼ାନ୍ତ ଶୁଣାଣି କରି ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଏବଂ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ଏହି ଖଣି ଲିଜ୍ ୧୯୭୫ ଅକ୍ଟୋବର ୨୫ରୁ ୩୦ ବର୍ଷ ପାଇଁ ବଜରଙ୍ଗଲାଲ ପାଡ଼ିଆଙ୍କ ନାମରେ ହୋଇଥିଲା। ପରବର୍ତ୍ତୀ ସମୟରେ ୧୯୮୪ ଅକ୍ଟୋବର ୧୦ ତାରିଖରେ ବିରାଟ ଚନ୍ଦ୍ର ଡଗରାଙ୍କ ନାମକୁ ହସ୍ତାନ୍ତର କରାଯାଇଥିଲା। ୨୦୧୫ରେ ଏମ୍‌ଏମ୍‌ଡିଆର୍ ଆକ୍ଟ ସଂଶୋଧନ ପରେ ସମସ୍ତ ପୁରୁଣା ଲିଜ୍ ଅବଧିକୁ ୫୦ ବର୍ଷକୁ ବୃଦ୍ଧି କରାଯାଇଥିଲା। ଯଦ୍ୱାରା ରାଜ୍ୟ ସରକାର ଏକ ପରିପୂରକ ଚୁକ୍ତିନାମା ବା ସପ୍ଲିମେଣ୍ଟାରୀ ଲିଜ୍ ଡିଡ୍ ଜରିଆରେ ଏହି ଅବଧିକୁ ୨୦୨୫ ଅକ୍ଟୋବର ୨୪ ତାରିଖ ପର୍ଯ୍ୟନ୍ତ ବଢ଼ାଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ରଖାଯାଇଥିଲା ଯେ, ଖଣି ଲିଜ୍ ଚୁକ୍ତିନାମାର ପଞ୍ଜୀକରଣ ୧୯୭୬ ମେ' ୨୪ରେ ହୋଇଥିବାରୁ, ୫୦ ବର୍ଷର ଅବଧିକୁ ୨୦୨୬ ମେ' ୨୩ ପର୍ଯ୍ୟନ୍ତ ଗଣନା କରାଯାଉ। ସରକାରୀ ବିଭାଗର ଅପାରଗତା ଓ ବିଭିନ୍ନ ବିବାଦ କାରଣରୁ ସେ ଦୀର୍ଘ ଦିନ ଧରି ଖଣି କାର୍ଯ୍ୟ କରିପାରି ନ ଥିଲେ। ତେଣୁ ସେହି ନଷ୍ଟ ହୋଇଥିବା ସମୟ ବାବଦକୁ ଆଉ ଅତିରିକ୍ତ ୨୦ ମାସର ସମୟ ଅର୍ଥାତ୍ ୨୦୨୭ ଜୁନ୍ ୨୪ ପର୍ଯ୍ୟନ୍ତ ତାଙ୍କୁ ଅନୁମତି ପ୍ରଦାନ କରାଯାଉ। ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଏହି ଦାବିକୁ ଦୃଢ଼ ବିରୋଧ କରିଥିଲେ। ସେ ଦର୍ଶାଇଥିଲେ ଯେ ଆବେଦନକାରୀ ନିଜେ ୨୦୧୯ ମସିହାରେ ସମ୍ପୂର୍ଣ୍ଣ ସଜାଗ ରହି "ସପ୍ଲିମେଣ୍ଟାରୀ ଲିଜ୍ ଡିଡ୍' ସ୍ୱାକ୍ଷର କରିଥିଲେ। ଯେଉଁଥିରେ ଲିଜ୍ ଅବଧିର ଶେଷ ତାରିଖ ୨୦୨୫ ଅକ୍ଟୋବର ୨୪ ବୋଲି ସ୍ପଷ୍ଟ ଉଲ୍ଲେଖ ରହିଛି ଏବଂ ସେ ଏହାକୁ ଗ୍ରହଣ କରିସାରିଛନ୍ତି। ସପ୍ଲିମେଣ୍ଟାରୀ ଚୁକ୍ତିନାମାରେ ଧାର୍ଯ୍ୟ ହୋଇଥିବା ତାରିଖକୁ ବଦଳାଯାଇ ପାରିବନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ଶାଶ୍ୱତ ଦାସ ଓ ଦେବାଶିଷ ତ୍ରିପାଠୀ ଏବଂ ଏଏସ୍‌ସି ଐଶ୍ୱର୍ଯ୍ୟା ଦାଶ ମାମଲା ପରିଚାଳନା କରୁଥିଲେ।

## ଏକ୍ସପ୍ରେସ ଟ୍ରେନ୍ ରହଣି ଦାବିରେ ନର୍ଲା ରୋଡ୍‌ରେ ଆନ୍ଦୋଳନ

# ୨ ଘଣ୍ଟା ଅଟକି ରହିଲା ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ୍

ଭବାନୀପାଟଣା,୧।୭(ସମିସ): ନର୍ଲାରୋଡ୍ ରେଳ ଷ୍ଟେସନରେ ସ୍ୱାଭିମାନ ମଞ୍ଚ ନର୍ଲା ନେତୃତ୍ୱରେ ବୁଧବାର ରେଳରୋକ ଆନ୍ଦୋଳନ ହୋଇଥିଲା। ଏହାର ବରିଷ୍ଠ କର୍ମକର୍ତ୍ତା ଦୁର୍ଯ୍ୟୋଧନ କୁମାର, ପ୍ରଦୀପ ନାଏକ, ଦୀପୁ ପାତ୍ର, ଚୂଳମଣି ଗୌଡ଼ିଆ, କୁମୁଦ ନାଏକ, ହେମେସ୍ ଜୈନ, ନିକୁଞ୍ଜ ଦତ୍ତା, ନନ୍ଦକିଶୋର ଜେନା, ମୀନ କେତନ ବିଶ୍ୱାଳ ପ୍ରମୁଖଙ୍କ ନେତୃତ୍ୱରେ

### ଡିସିଏମ୍‌ଙ୍କ ପ୍ରତିଶ୍ରୁତି ପରେ ଓହରିଲେ ଆନ୍ଦୋଳନକାରୀ

ଆନ୍ଦୋଳନକାରୀ ରେଳ ଧାରଣାରେ ବସି ସମ୍ବଲପୁର-ରାୟଗଡା ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ୍‌କୁ ୨ ଘଣ୍ଟା ଧରି ଅଟକ ରଖିଥିଲେ। ନର୍ଲା ସରପଞ୍ଚ ସଂଘ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ଶହଶହ ଯୁବକ ଏବଂ ସେବାକାରୀ କିନ୍ନର ସଂଘ ସାମିଲ ହୋଇଥିଲେ। ସକାଳ ୮.୩୦ରୁ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା। ପ୍ରଥମେ ଆର୍‌ପିଏଫ୍ ଓ ସ୍ଥାନୀୟ ପୁଲିସ ରେଳଷ୍ଟେସନର ମୁଖ୍ୟ ଦ୍ୱାରରେ ଆନ୍ଦୋଳନକାରୀଙ୍କୁ ଅଟକାଇ ଥିଲେ। ତେବେ ଅନେକ ଯୁବ ନେତା ଓ ମହିଳା ସଦସ୍ୟା



ବାଡ଼ଡେଇଁ ଧସେଇ ପଶି ରେଳ ଧାରଣା ଉପରକୁ ଚାଲି ଆସିଥିଲେ। ଏହାପରେ ଶତାଧିକ ସଂଖ୍ୟାରେ ଲୋକେ ଆସି ଧାରଣା ଉପରେ ବସି ସମ୍ବଲପୁର-ରାୟଗଡ଼ା ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ୍‌କୁ ଅଟକ ରଖିବାରେ ସଫଳ ହୋଇଥିଲେ। ଆନ୍ଦୋଳନ ଚାଲିଥିବା ଜାଣି ସମତା ସୁପର ଫାଷ୍ଟ ଏକ୍ସପ୍ରେସ ଟ୍ରେନ କାଣ୍ଡେଲରୋଡ ଷ୍ଟେସନରେ ରହିଯାଇଥିଲା। ଏଠାରେ ଆର୍‌ପିଏଫ୍, ସ୍ଥାନୀୟ ପୁଲିସ ଶୃଙ୍ଖଳା ବ୍ୟବସ୍ଥା ବୁଝୁଥିବାବେଳେ ରେଳ ବିଭାଗ ଚିଫ୍ କମର୍ସିଆଲ ଅଫିସର ଶୁଭ୍ରାଂଶୁ ପରିଡ଼ା, କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ ମାଝୀ, ଆରପିଏଫ ଏଏସସିଏମ୍ କିସ୍‌କୁ, ନର୍ଲା ଆଇଆଇସି, ମ.ରାମପୁର ଆଇଆଇସି, ଅତିରିକ୍ତ ତହସିଲଦାର ମନୋରଞ୍ଜନ ନାୟକ ପ୍ରମୁଖ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ହେଲେ ଦାବି କରାଯାଇଥିବା ଟ୍ରେନ୍ ଗୁଡ଼ିକର ରହଣୀ ପ୍ରତିଶ୍ରୁତି ନ ଦେଲେ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଆନ୍ଦୋଳକାରୀମାନେ ଜିଦ୍‌ରେ ଅଟଳ ରହିଥିଲେ। ପରେ ସମ୍ବଲପୁର ଡିଭିଜନର ଡିସିଏମ୍ ଅଙ୍କିତ ମିଶ୍ର ଆସି ଦାବି କରାଯାଇଥିବା ଟ୍ରେନ୍ ଗୁଡ଼ିକ ରହଣୀକୁ ନିଶ୍ଚିତ ଘୋଷଣା କରିବାରୁ ଲୋକେ ଆନ୍ଦୋଳନରୁ ଓହରିଥିଲେ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ କୋଭିଡ୍ ପୂର୍ବରୁ ଏହି ଷ୍ଟେସନରେ ରହୁଥିବା ସମସ୍ତ ଟ୍ରେନର ରହଣିକୁ ପୁନଃ କାର୍ଯ୍ୟକାରୀ କରାଯାଉ, ରହଣୀ ପାଇଁ ଦାବି ରହିଥିବା ଟ୍ରେନ ଗୁଡ଼ିକ ୧୨୮୦୭/୧୨୮୦୮ ସମତା ଏକ୍ସପ୍ରେସ, ୧୨୮୭୧/୧୨୮୭୨ ଇସ୍ପାତ ଏକ୍ସପ୍ରେସ, ୧୭୪୮୧/୧୭୪୮୨ ବିଲାସପୁର-ତିରୁପତି ଏକ୍ସପ୍ରେସ, ୧୮୧୮୯/୧୮୧୯୦ ଟାଟାନଗର-ଏର୍ଣ୍ଣାକୁଲମ ଏକ୍ସପ୍ରେସ, ୧୮୪୦୭/୧୮୪୦୮ ପୁରୀ-କୋରାପୁଟ ଏକ୍ସପ୍ରେସ, ଟାଟା-ଯଶବନ୍ତପୁର ଏକ୍ସପ୍ରେସ, ୨୦୮୦୯/୨୦୮୧୦ ନାଗାବଳୀ ଏକ୍ସପ୍ରେସ, ଏହାସହ ଲୋକଙ୍କ ପାଇଁ ଅତ୍ୟନ୍ତ ଜରୁରୀ ହୋପଡ଼ିଥିବା ଜାତୀୟ ରାଜପଥ-୨୬ ନର୍ଲାର ରେଳଫାଟକ ନିକଟରେ ରେଳ ଓଭରବ୍ରିଜ୍ ନିର୍ମାଣ କରାଯାଉ, ସମସ୍ତ ପ୍ଲାଟଫର୍ମରେ ଲିଫ୍ଟ ସ୍ଥାପନ। ଯାତ୍ରୀ ସୁବିଧାର ଉନ୍ନତି ଏବଂ ସମସ୍ତ ଅନୁମୋଦିତ କାର୍ଯ୍ୟ ପାଇଁ ଲିଖିତ ସମୟସୀମା ଘୋଷଣା କରାଯାଉ ବୋଲି ଏକ ଦାବିପତ୍ର ସ୍ୱାଭିମାନ ମଞ୍ଚ ଡିସିଏମ୍‌ଙ୍କୁ ପ୍ରଦାନ କରିଥିଲା।

# ଜାତୀୟ ଡାକ୍ତର ଦିବସରେ ସେବା ବନ୍ଦ; ରୋଗୀ ହନ୍ତସନ୍ତ



ବାଲେଶ୍ୱର,୧୭ (ସମିସ)

ଆଜି ହେଉଛି ଜାତୀୟ ଡାକ୍ତର ଦିବସ। କିନ୍ତୁ ଏହି ବିଶେଷ ଦିନରେ ରାଜ୍ୟରେ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର ପାଲଟିବା ପରେ ଆଜିଠାରୁ ସମୂହ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଡାକ୍ତର। ମେଡିକାଲରେ ଡାକ୍ତରୀ କାର୍ଯ୍ୟ ବନ୍ଦ ରହିବା ସହ ଡାକ୍ତରମାନେ ଜରୁରୀକାଳୀନ ସେବାରୁ ମଧ୍ୟ ବିରତ ରହିଛନ୍ତି ବୋଲି ଓମସା ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଫଳରେ ହସ୍ପିଟାଲ ଗୁଡ଼ିକରେ ଚିକିତ୍ସା ନପାଇ ରୋଗୀମାନେ ଚରମ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ଗତ ଜାନୁଆରୀ ୯ ତାରିଖରେ ଓମସା ପକ୍ଷରୁ ରାଜ୍ୟ ସରକାରଙ୍କୁ ୧୦ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ, ସ୍ୱତନ୍ତ୍ର ସଚିବ ଓ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଯାଇଥିଲା। ପ୍ରଶାସନ ପକ୍ଷରୁ ୩ ମାସ ମଧ୍ୟରେ ସମସ୍ତ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ମିଳିଥିଲେ ସୁଦ୍ଧା, ଆନ୍ଦୋଳନକୁ ୬ ମାସ ବିତିଯାଇଥିଲେ ବି ସରକାର କୌଣସି ଠୋସ ନିଷ୍ପତ୍ତି ନେଇନାହାନ୍ତି। ଯାହାକୁ ନେଇ ଆଜି ଡାକ୍ତରମାନେ ଗଣ-ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଡାକ୍ତରମାନଙ୍କ ପକ୍ଷରୁ କରାଯାଇଥିବା ଦାବିଗୁଡ଼ିକ ମଧ୍ୟରେ ବିଶେଷ କରି କେନ୍ଦ୍ରୀୟ ହାରରେ ଡିଏସିପି ପ୍ରଦାନ, ଦନ୍ତ ଚିକିତ୍ସକଙ୍କ କ୍ୟାଡ଼ର ପୁନର୍ବିନ୍ୟାସ, କେବିକେ ଅଞ୍ଚଳରେ ୫ ବର୍ଷ କାର୍ଯ୍ୟକାଳ ଶେଷ ପରେ ଉପକୂଳ ଜିଲ୍ଲାକୁ ବଦଳି, ବିଶେଷଜ୍ଞ ଓ ଡିପ୍ଲୋମାଧାରୀ ଡାକ୍ତରଙ୍କ ପ୍ରୋତ୍ସାହନ ରାଶି ବୃଦ୍ଧି, ପୋଷ୍ଟମୋର୍ଟମ ପ୍ରୋତ୍ସାହନ ରାଶି ବୃଦ୍ଧି ଏବଂ ଅଗ୍ରାଧିକାର ଭିତ୍ତିରେ ଖାଲି ପଦବୀ ପୂରଣ, ଡାକ୍ତରମାନଙ୍କୁ ସୁରକ୍ଷା ପ୍ରଦାନ, ବାସଗୃହ ନିର୍ମାଣ ଏବଂ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ ବୀମା, କ୍ୟାପିଟାଲ ହସ୍ପିଟାଲର ସ୍ଥିତି ବଜାୟ ରଖିବା ଆଦି ଦାବି ରହିଛି। ଆଜି ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ସାରା ରାଜ୍ୟରେ ସ୍ୱାସ୍ଥ୍ୟ ସେବା ଗମ୍ଭୀର ଭାବେ ପ୍ରଭାବିତ ହୋଇଥିବା ବେଳେ ଏ ନେଇ ଓମସା ରାଜ୍ୟ ସାଧାରଣ ସମ୍ପାଦକ ଡାକ୍ତର ସଂଜିବ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଡା. ଗିରିଜା ଦାସ, ଡା. ସରୋଜ ରାଜ, ଡା. ବସନ୍ତ ଉପାଧ୍ୟାୟ, ଡା. ଦିଲୀପ ପାତ୍ର, ଡା. ଗିରିଜା ମୋହନତା, ଡା. ଗୁରୁଦାସ ମହାପାତ୍ର, ଡା. ସରୋଜିନୀ ପ୍ରଧାନ, ଡା. ଜ୍ଞାନ ବେହେରା, ଡା. ସୁଜିତ୍ ମହାପାତ୍ର, ଡା. ଅରୁ ଗିରି, ଡା. ଧିରେଶ ସାରଙ୍ଗୀଙ୍କ ସହ ଅନ୍ୟ ଡାକ୍ତରମାନେ ଉପସ୍ଥିତ ଥିଲେ।

## ନୀଳଗିରି ମେଡିକାଲରେ ରୋଗୀସେବା ବାଧାପ୍ରାପ୍ତ



ନୀଳଗିରି,୧୭ (ସମିସ): ଓଡ଼ିଶା ମେଡ଼ିକାଲ୍ ସର୍ଭିସେସ ଆସୋସିଏସନ ଆହ୍ୱାନ କମିଟି ନିର୍ଦ୍ଦେଶରେ ଓଡିଶାର ସମସ୍ତ କାର୍ଯ୍ୟରତ ଡାକ୍ତର ସମୂହ ଆନ୍ଦୋଳନ କରିଛନ୍ତି। ଏହି କ୍ରମରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଅନୁରୂପ ଭାବେ ଏହାର ଦୃଶ୍ୟ ପରିଲକ୍ଷିତ ହୋଇଥିଲା। ଏଠାରେ ସମସ୍ତ କାର୍ଯ୍ୟରତ ଡାକ୍ତର ମାନେ ଏକ ପୋଷ୍ଟର ଲଗାଇ ରୋଗୀ ସେବାକୁ ବନ୍ଦ କରିଛନ୍ତି। ଯାହା ଫଳରେ ମେଡିକାଲକୁ ଆସିଥିବା ରୋଗୀ ସେବା ପାଇବାରେ ବଞ୍ଚିତ ହୋଇ ଫେରି ଯାଉଥିବା ଦେଖିବାକୁ ମିଳିଛି। ଏମିତିକି ନିୟମିତ ଡ୍ରେସିଂ କରିବା ପାଇଁ ଆସୁଥିବା ରୋଗୀ ମଧ୍ୟ ସେବା ପାଇବାରୁ ବଞ୍ଚିତ ହୋଇଥିଲେ। ତେବେ ନୀଳଗିରି ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ଅନେକ ଦୂର ଦୁରନ୍ତରୁ ରୋଗୀ ନୀଳଗିରି ମେଡ଼ିକାଲ୍ ଉପରେ ଭରଷା ରଖି ଆସି ନିରାଶ ହୋଇ ଫେରି ଯାଉଥିବା ରୁ ରୋଗୀମାନେ କ୍ଷୋଭ ପ୍ରକାଶ କରିଛନ୍ତି।

## ୨୬ ଗ୍ରାମ୍ ବ୍ରାଉନସୁଗର ଜବତ, ୨ ଗିରଫ



ବାଲେଶ୍ୱର ସଦର/ରାଜଘାଟ, ୧୭ (ସମିସ): ବସ୍ତା ପୁଲିସକୁ ନିଶା କାରବାର ବିରୋଧୀ ଅଭିଯାନରେ ପୁଣି ଥରେ ବଡ଼ ସଫଳତା ମିଳିଛି। ଅମର୍ଦାରୋଡ ଫାଣ୍ଡି ଅଧିକାରୀ ବିଜୟ କୁମାର ବାରିକଙ୍କ ନେତୃତ୍ୱରେ ଚାଲିଥିବା ସ୍ୱତନ୍ତ୍ର ଚଢ଼ଉ ବେଳେ ବସ୍ତା ଥାନା ଅନ୍ତର୍ଗତ ନଳବାହାର ନିକଟରେ ଦୁଇ ଜଣ ନିଶା କାରବାରୀଙ୍କୁ କାବୁ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଜଳେଶ୍ୱରରୁ କେନ୍ଦ୍ରାପଡ଼ା ଅଭିମୁଖେ ବ୍ରାଉନସୁଗାର ନେଇ ଯାଉଥିବା ବେଳେ ଗୁପ୍ତ ସୂଚନା ଆଧାରରେ ନଳବାହାର ଠାରେ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ସେମାନଙ୍କ ନିକଟରୁ ୨୬ ଗ୍ରାମ ବ୍ରାଉନସୁଗାର, ଯାହାର ଆନୁମାନିକ ମୂଲ୍ୟ ୨ଲକ୍ଷ ୬୦ ହଜାର ହେବ ବୋଲି ଜଣା ଯାଇଛି,ନଗଦ ୬ ହଜାର ଟଙ୍କା ଓ ଦୁଇଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଘଟଣାରେ କେନ୍ଦ୍ରାପଡ଼ା ଅଞ୍ଚଳର ଜୟପ୍ରକାଶ ମହାପାତ୍ର(୨୪) ଓ କମଳାକାନ୍ତ ବେହେରା(୨୬) ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ବ୍ରାଉନସୁଗାର କେଉଁଠାରୁ ଆଣାଯାଇଥିଲା ଏବଂ କେଉଁଠାକୁ ଚାଲାଣ ହେବାକୁ ଥିଲା, ସେନେଇ ପୁଲିସ ତଦନ୍ତ ଜାରି ରଖିଛି। ଏହି ଚଢ଼ାଉ ପଛରେ ଆଉ କିଛି ନିଶା କାରବାରୀଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ନିଶା କାରବାରକୁ ରୋକିବା ପାଇଁ ବସ୍ତା ପୋଲିସ ପକ୍ଷରୁ ଲଗାତାର ସ୍ୱତନ୍ତ୍ର ଅଭିଯାନ ଚାଲିଥିବା ବେଳେ ଏହି ସଫଳତାକୁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଭାବେ ଦେଖାଯାଉଛି। ସମ୍ପୂର୍ଣ୍ଣ ଘଟଣାରେ ଏନ୍‌ଡିପିଏସ୍ ଆଇନ ଅନୁଯାୟୀ ୩୫୦/୨୬ ମୂଳେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି।

# ମୋବାଇଲ୍ ଓ ଇଣ୍ଟରନେଟ୍ ଭତ୍ତା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଲାବ୍ ଟେକ୍ନିସିଆନ୍

ବାଲେଶ୍ୱର,୧୭ (ସମିସ): ରାଜ୍ୟର ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଲାବ ଟେକ୍ନିସିଆନ୍‌ମାନଙ୍କୁ ସରକାରଙ୍କ ପକ୍ଷରୁ ମୋବାଇଲ୍ ସେଟ୍ ସହିତ ଇଣ୍ଟରନେଟ୍ ଭତ୍ତା ପ୍ରଦାନ କରିବାକୁ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଲାବ ଟେକ୍ନିସିଆନ୍ ସାନୁ କୁମାର ଶାସମଲ ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖିଛନ୍ତି। ଲାବ ଟେକ୍ନିସିଆନ୍‌ମାନେ କେବଳ ଲାବ ପରୀକ୍ଷାରେ ସୀମିତ ନରହି ବିଭାଗୀୟ ଅଫିସିଆଲ୍ ହ୍ୱାଟସ୍‌ଆପ୍ ଗ୍ରୁପରେ ଦୈନିକ ରିପୋର୍ଟିଂ, ସମନ୍ୱିତ ରୋଗ ନିରୀକ୍ଷଣ କାର୍ଯ୍ୟକ୍ରମ, ସିକଲ୍ ସେଲ୍ ଆନିମିଆ କାର୍ଯ୍ୟକ୍ରମ, ଯକ୍ଷ୍ମା ପୋର୍ଟାଲରେ ତଥ୍ୟ ଅପଲୋଡ୍ ଭଳି ବିଭିନ୍ନ ସରକାରୀ କାର୍ଯ୍ୟ ପାଇଁ ପ୍ରତିଦିନ ନିଜସ୍ୱ ମୋବାଇଲ୍ ଓ ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି। ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାବ ଟେକ୍ନିସିଆନ୍ ମାନେ ଚୁକ୍ତିଭିତ୍ତିକ ଓ ଆଉଟସୋର୍ସିଂରେ ସ୍ୱଳ୍ପ ବେତନରେ କାର୍ଯ୍ୟ କରୁଥିବାରୁ ବ୍ୟକ୍ତିଗତ ମୋବାଇଲ୍ ଓ ଇଣ୍ଟରନେଟ୍ ଖର୍ଚ୍ଚ ବହନ କରିବା ସେମାନଙ୍କ ପାଇଁ ଆର୍ଥିକ ବୋଝ ସୃଷ୍ଟି କରୁଛି। ସରକାରୀ କାର୍ଯ୍ୟ ସମ୍ପାଦନରେ ମୋବାଇଲ୍ ସେଟ୍ ସହିତ ଇଣ୍ଟରନେଟ୍ ଭତ୍ତା ପ୍ରଦାନ କରାଗଲେ କାର୍ଯ୍ୟ ଅଧିକ ସ୍ୱଚ୍ଛ, ଦ୍ରୁତ ଓ ଫଳପ୍ରଦ ହେବା



ସହ କର୍ମଚାରୀମାନଙ୍କ ଉପରେ ପଡୁଥିବା ଆର୍ଥିକ ବୋଝ ମଧ୍ୟ ହ୍ରାସ ପାଇବ ବୋଲି ଶ୍ରୀ ଶାସମଲ ଚିଠିରେ ଉଲେଖ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ବିଷୟଟିକୁ ସହାନୁଭୂତିର ସହ ବିଚାର କରି ସମ୍ପୃକ୍ତ ବିଭାଗକୁ ଆବଶ୍ୟକୀୟ ନିର୍ଦ୍ଦେଶ ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି। ଏପରି ପଦକ୍ଷେପ ଲାବ ଟେକ୍ନିସିଆନ୍‌ମାନଙ୍କ ମନୋବଳ ବୃଦ୍ଧି କରିବା ସହ ରାଜ୍ୟର ସ୍ୱାସ୍ଥ୍ୟ ସେବାକୁ ଆହୁରି ଦକ୍ଷ ଓ ଗୁଣାରକ କରିବ ବୋଲି ଚିଠିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଚିଠିକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଜିମେଲ୍, ଟୁଇଟର ତଥା ପୋଷ୍ଟାଲ ମାଧ୍ୟମରେ ପଠାଇଥିବା କହିଛନ୍ତି ଲାବ୍ ଟେକ୍ନିସିଆନ ଶ୍ରୀ ଶାସମଲ।

# କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଅଧ୍ୟକ୍ଷାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କାଳିପଦା, ୧୭ (ସମିସ): ବାଲିଆପାଳ ବ୍ଲକ ଜଗାଇସ୍ଥିତ ପୁରାତନ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟରେ ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରଧାପକ ଜଗଦୀଶ ବିଶ୍ୱାଳଙ୍କ ସଭାପତିତ୍ୱରେ ଅଧ୍ୟକ୍ଷା ଡ. ମାନସୀ ସାହୁଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଓଡ଼ିଆ ବିଭାଗ ମୁଖ୍ୟ ଡ଼ଃ ଦୟାନିଧି ସାହୁ ଅତିଥିଙ୍କୁ ମଞ୍ଚକୁ ଆହ୍ୱାନ କରିଥିବା ବେଳେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଭାତ କୁମାର ଜେନା ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ପ୍ରଧାପକ ରବୀନ୍ଦ୍ର ନାଥ ବିଶ୍ୱାଳ ଯୋଗଦେଇ ବିଦାୟୀ ଅଧ୍ୟକ୍ଷାଙ୍କ ୧୪ ମାସର କାର୍ଯ୍ୟକାଳକୁ ପ୍ରଶଂସା କରିଥିଲେ। ଆମନ୍ତ୍ରିତ ଅତିଥି ଭାବେ ପୂର୍ବତନ ଇତିହାସ ବିଭାଗ ମୁଖ୍ୟ ପ୍ରଭାଂଶୁ କୁମାର ସି, ପୂର୍ବତନ ଇଂରାଜୀ



ବିଭାଗର ଅଧ୍ୟାପକ ଶଙ୍କର୍ଷଣ ପାଣିଗ୍ରାହୀ, ଅଧ୍ୟାପକ ବିଜୟ କୁମାର ଜେନା, ସରୋଜ କୁମାର ତ୍ରିପାଠୀ ପ୍ରମୁଖ ବିଦାୟୀ ଅଧ୍ୟକ୍ଷାଙ୍କ ନିର୍ମଳ ବ୍ୟକ୍ତିତ୍ୱ ସମ୍ପର୍କରେ କହିଥିଲେ। ଶିକ୍ଷା ବିଭାଗ ମୁଖ୍ୟ ପ୍ରଧାପକ ପ୍ରହ୍ଲାଦ ବତ୍ସଳ ବେହେରା, ସଂସ୍କୃତ ବିଭାଗ ଅଧ୍ୟାପକ ଡ଼ଃ ବାମଦେବ ଆଚାର୍ଯ୍ୟ, ରବିରଞ୍ଜନ ପାଣିଗ୍ରାହୀ, ରାଜନୀତି ବିଜ୍ଞାନ ଅଧ୍ୟାପକ ବିଦ୍ୟାଧର କୁହ୍ଲାରୀ, ଇଂରାଜୀ ବିଭାଗ ମୁଖ୍ୟ ସନ୍ତୋଷ କୁମାର ମହାନା, ଅଧ୍ୟାପକ ରାଧାକାନ୍ତ ମହାନ୍ତି, ବିକାଶ ରଞ୍ଜନ ପ୍ରଧାନ, ସୁଶାନ୍ତ ରାଜ, ଅଧ୍ୟାପିକା ଶାନ୍ତିଲତା ଦାସ, ସୁପ୍ରସିନୀ ବେହେରା, ସସ୍ମିତା ସିଂ,ଅଧ୍ୟାପକ ଆଶିଷ କୁମାର ଓଝା, ଅଧ୍ୟାପକ ଅଭିଳାଷ ବେହେରା, ଅଧ୍ୟାପିକା ମନସ୍ୱିନୀ ଆଚାର୍ଯ୍ୟ, ଅନ୍ତକର୍ମୀ ଶାନ୍ତନୁ ସାମଲ, ମୁଖ୍ୟ କିରାଣି ପ୍ରକାଶ ସାହୁ, ଅଣଶିକ୍ଷକ କର୍ମଚାରୀ କାହ୍ନୁ ଚରଣ ଆଦକ, ଅମୂଲ୍ୟ ମଣ୍ଡଳ, ଶାରଦା ପ୍ରଧାନ, ପ୍ରମିଳା ଗିରି ପ୍ରମୁଖ ବିଦାୟୀ ଅଧ୍ୟାକ୍ଷାଙ୍କ ବିବିଧ ଗୁଣ ବଖାଣି ଭାବ ବିହ୍?ଳ ହୋଇଉଠିଥିଲେ। ପୁରାତନ ଛାତ୍ର ତଥା ଆଲୁମିନି ସଭାପତି କ୍ଷିତୀଶ ଚନ୍ଦ୍ର ରାଉତ, ସମ୍ପାଦକ ପ୍ରଭାକର ପଡ଼ିଆରୀ, ଅଧ୍ୟକ୍ଷାଙ୍କ ଗୁଣଗାନ କରିବାରେ ଶତମୁଖର ହୋଇଯାଇଥିଲେ। ଅଧ୍ୟାପକ ବିଦ୍ୟାଧର କୁହ୍ଲାରୀ ଅତିଥିଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ଭିବିଜିରାମଜିକୁ ବିରୋଧ କରି ରାଷ୍ଟ୍ରପତିଙ୍କୁ ଦାବିପତ୍ର

ନୀଳଗିରି, ୧୭ (ସମିସ): ଓଡ଼ିଶା ରାଜ୍ୟରେ ବିଜେପି ସରକାର ଆସିବା ପରେ ଶ୍ରମିକ, କୃଷକ ଓ ଗରିବ ଲୋକଙ୍କ ଉପରେ ଆକ୍ରମଣ କରୁଛି। ପୂର୍ବରୁ ମନରେଗା ଯୋଜନା କାର୍ଯ୍ୟକାରୀ ହୋଇଥିଲା। ଏହାଦ୍ୱାରା ସାଧାରଣ ଗରିବ, କୃଷକ, ଶ୍ରମିକ ମାନେ କାମର ଗ୍ୟାରେଣ୍ଟି ପାଉଥିଲେ। ବର୍ତ୍ତମାନ ମନରେଗା ଯୋଜନାକୁ ବଦଳାଇ ଭିବିଜିରାମଜି ଯୋଜନା କାର୍ଯ୍ୟକାରୀ କରୁଛି। ଫଳରେ ଶ୍ରମିକ କୃଷକ ମାନେ କାମ ର ଗ୍ୟାରେଣ୍ଟି ପାଇବା ପରିବର୍ତ୍ତେ କର୍ମସଂସ୍ଥାନ ହରାଇବେ। ଏହାକୁ ବିରୋଦ୍ଧ କରି ସିଆଇଟିୟୁ କୃଷକ ସଭା, କ୍ଷେତ ମଜଦୁର ୟୁନିଅନ ନୀଳଗିରି ଶାଖା ତରଫରୁ ସିଟୁ ବାଲେଶ୍ୱର ଜିଲ୍ଲା କମିଟି ସମ୍ପାଦକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ନୀଳଗିରି ଉପଜିଲ୍ଲାପାଳଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯିବା ସହିତ ପ୍ରତିବାଦ



ସଭା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଉମାକାନ୍ତ ଷଡଙ୍ଗୀ, ହେମେନ୍ଦ୍ର ସେଠୀ, ଅମରେନ୍ଦ୍ର ନାୟକ, ନାରାୟଣ ଧମୁଡ଼ିଆଙ୍କ ସମେତ ବହୁ ସାଥୀ ଉପସ୍ଥିତ ଥିଲେ।

## ଗୁହାଳ ଘରେ ନିଆଁ ଲାଗି ଗାଈ ଜୀବନ୍ତ ଦଗ୍ଧ

ରାଜଘାଟ, ୧୭ (ସମିସ): ବସ୍ତା ବ୍ଲକ ସନ୍ତୋଷପୁର ପଞ୍ଚାୟତ ଅନ୍ତର୍ଗତ ଲୋକନାଥପୁର ଗାଁରେ ଏକ ଗୁହାଳ ଘରେ ଅଗ୍ନିକାଣ୍ଡ ହୋଇ ଗୋଟିଏ ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଛି। ଅନ୍ୟ ଏକ ଗାଈ ଗୁରୁତର ଆହତ ହୋଇଛି। ରାତି ପ୍ରାୟ ୮:୩୦ ସମୟରେ ଚାଷୀ ଟୁନା ଦାସଙ୍କ ଘର ପଛପଟେ ଥିବା ଛପର ଗୁହାଳରେ ହଠାତ୍ ନିଆଁ ଲାଗିଯାଇଥିଲା। ଗୁହାଳ ଭିତରେ ନଡା ଓ ଶୁଖିଲା ଘାସ ଥିବାରୁ ନିଆଁ ମୁହୂର୍ତ୍ତ ମଧ୍ୟରେ ବ୍ୟାପିଯାଇଥିଲା। ଗୁହାଳ ଭିତରେ ବନ୍ଧା ହୋଇଥିବା ଗୋଟିଏ ଗାଈ ଘଟଣାସ୍ଥଳରେ ହିଁ ଜୀବନ୍ତ ଦଗ୍ଧ ହୋଇଯାଇଥିଲା। ଅନ୍ୟ ଏକ ଗାଈ ନିଆଁରେ ପ୍ରାୟ ୫୦ପ୍ରତିଶତ ପୋଡି ଗୁରୁତର ହୋଇଛି। ଗୁହାଳ ସହ ପ୍ରାୟ ୨୦ ହଜାର ଟଙ୍କାର ଦାନା ଓ ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି। ନିଆଁ ଦେଖି ପଡୋଶୀ ଲୋକେ ପାଣି ଓ ବାଲି ଦେଇ ନିଆଁକୁ ଆୟତ୍ତ କରିଥିଲେ। ସେମାନେ ଜୀବନ ବାଜି ଲଗାଇ ଗୁରୁତର ଗାଈଟିକୁ ବାହାର କରିଥିଲେ। ଗୁରୁତର ଗାଈଟିର ଚିକିତ୍ସା ପାଇଁ ପଶୁ ଚିକିତ୍ସକ ଆସି ଚିକିତ୍ସା କରିଛନ୍ତି। ଟୁନା କହିଛନ୍ତି, ରାତିରେ ମଶା ଘଉଡାଇବା ପାଇଁ ଗୁହାଳରେ ଧୂଆଁ ଦିଆଯାଇଥିଲା। ହୁଏତ ସେଇଥିରୁ ହିଁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଖବରପାଇ ଗୁଡିଖାଳ ରାଜସ୍ୱ ନିରୀକ୍ଷକ ଓ ପଶୁ ଚିକିତ୍ସା ଅଧିକାରୀ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଛନ୍ତି। ଟୁନା ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ନିଶାମୁକ୍ତ ଓଡ଼ିଶା ଅଭିଯାନ




ନୀଳଗିରି, ୧୭ (ସମିସ): ରାଜ୍ୟ ସରକାର ସମଗ୍ର ରାଜ୍ୟରେ ନିଶା ମୁକ୍ତ କରିବାପାଇଁ "ନିଶାମୁକ୍ତ ଓଡ଼ିଶା ଅଭିଯାନ' କାର୍ଯ୍ୟକ୍ରମ ଓଡ଼ିଶା ପୁଲିସ ପକ୍ଷରୁ ସମସ୍ତ ଥାନାରେ ଆୟୋଜନ କରାଯାଉଛି। ଏହି କ୍ରମରେ ନିଶାମୁକ୍ତ ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ ନୀଳଗିରି ଥାନାର ଏସ୍.ଡି.ପି.ଓ ତଥା ବାଲେଶ୍ୱର ଆଡିସନାଲ ଏସ୍.ପି ପ୍ରମୋଦ କୁମାର ମଲ୍ଲିକ ଏବଂ ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ଅଧ୍ୟକ୍ଷତାରେ ନୀଳଗିରି ଥାନା ସଭାଗୃହ ଠାରେ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୀଳଗିରି ଥାନାର କାର୍ଯ୍ୟରତ ସମସ୍ତ ଅଧିକାରୀ ଏବଂ ସ୍ଥାନୀୟ ବାସିନ୍ଦା ପ୍ରମୁଖ ଉପସ୍ଥିତ ରହି ନିଶା ମୁକ୍ତ ଓଡ଼ିଶା ଗଠନରେ ନିଜକୁ ସମର୍ପିତ ମନଭାବ ରଖି ଶପଥ ନେଇଥିଲେ। ପରେ ଏସ୍.ଡି.ପି.ଓ ପ୍ରମୋଦ ମଲ୍ଲିକ ଆଗାମୀ ଦିନରେ ନିଶାମୁକ୍ତ ଓଡ଼ିଶା ଗଠନ ଦିଗରେ ଉପସ୍ଥିତ ଲୋକଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ।

# ଗଡ଼ପୋଖରୀ ଉପ୍ରା ବିଦ୍ୟାଳୟରେ ଶିକ୍ଷୟିତ୍ରୀଙ୍କୁ ସେବାନିବୃତ୍ତ ସମ୍ବର୍ଦ୍ଧନା

ଖଇରା, ୧୭ (ସମିସ): ଖଇରା ବ୍ଲକ ଅଧୀନ ଗଡପୋଖରୀ ଉପ୍ରା ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ବେହେରାଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଦିନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ପୂର୍ବତନ ପ୍ରଧାନଶିକ୍ଷକ ପରେଶ ପ୍ରସାଦ ଦକ୍ଷିଣରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପ୍ରାକ୍ତନ ବିଇଓ ସୁଦର୍ଶନ ରାଉତ ମୁଖ୍ୟଅତିଥି ଓ ଅଲୋସ୍ତାର ବ୍ଲକ ସଭାପତି ପ୍ରଫୁଲ୍ଲ କୁମାର ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଅବସର ନେଉଥିବା ଶିକ୍ଷୟତ୍ରୀ ସଂଧାରାଣୀ ନିଜ ସନ୍ତାନ ସମ ଛାତ୍ରୀଛାତ୍ରଙ୍କୁ ସ୍ନେହ ଓ ଶିକ୍ଷା ଦେଉଥିବା ନେଇ ପ୍ରକାଶ କରିଥିଲେ। ସହ ଗୋଷ୍ଠୀଶିକ୍ଷାଧିକାରୀ ଲକ୍ଷ୍ମୀଧର ସିଂ, ସ୍ଥାନୀୟ ସରପଞ୍ଚ ଟିକିରାଣୀ ସେଠୀ, ସିଆରସିସି ଦାମୋଦର ମହାନ୍ତି, ରଘୁନାଥ ଦଳେଇ, ଶତ୍ରୁଘ୍ନ ଦାସ, ତପନ କୁମାର ବେହେରା, ପୂର୍ବତନ ଓଷ୍ଟା ସଭାପତି ଭରତ ଚନ୍ଦ୍ର ଦାସ, ଶିକ୍ଷକ ନେତା ସୁଶାନ୍ତ କୁମାର ମହାପାତ୍ର, ଉଦୟ କୁମାର ପାତ୍ର, ଜଗନ୍ନାଥ ମହାପାତ୍ର, ପ୍ରଦୀପ



କୁମାର ମହାନ୍ତି, ସନ୍ତୋଷ କୁମାର ଦକ୍ଷିଣରାୟ, ଲମ୍ବୋଦର ଦାସ ଓ ଶଙ୍କର୍ଷଣ ଜେନା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦାୟୀ ଶିକ୍ଷୟତ୍ରୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପରେ ପ୍ରଧାନଶିକ୍ଷକ ଅରୁଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ, ଶିକ୍ଷକ, ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସତର୍କ ସଂକେତ ଉପରେ ଜଳକା ନଦୀର ଜଳସ୍ତର

ବାଲେଶ୍ୱର ସଦର,୧୭ (ସମିସ) : ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀର ଜଳସ୍ତର ବୁଧବାର ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି। ମଥାନୀଠାରେ ନଦୀର ସତର୍କ ସଙ୍କେତ ୬ ମିଟର ଓ ବିପଦ ସଙ୍କେତ ୬.୫ ମିଟର ରହିଛି। ଆଜି ସକାଳ ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୬.୦୧ ମିଟରରେ ପ୍ରବାହିତ ହେଉଥିଲା ବେଳେ ସନ୍ଧ୍ୟା ସୁଦ୍ଧା ଏହା ସତର୍କ ସଙ୍କେତ ତଳେ ୫.୯୬ ମିଟରରେ ପ୍ରବାହିତ ହେଉଛି। ଯାହାକୁ ନେଇ ଜଳକାରେ ପୁଣି ବନ୍ୟା ଆଶଙ୍କା ଦେଖାଦେଇଥିଲା। ଯାହା ଫଳରେ ବସ୍ତା ଓ ସଦର



ବ୍ଲକର କିଛି ଚାଷଜମି ଜଳାର୍ଣ୍ଣବ ହୋଇଥିବା ବେଳେ ଭୟଭୀତ ଅବସ୍ଥାରେ ରହିଛନ୍ତି ନଦୀ କୁଳିଆ ବାସିନ୍ଦା। ଗତ ଦୁଇଦିନ ଧରି ବାଲେଶ୍ୱର ସମେତ ପଡୋଶୀ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ହୋଇଛି। ଫଳରେ ବସ୍ତା ଦେଇ ପ୍ରବାହିତ ହେଉଥିବା ଜଳକା ନଦୀ ଅବବାହିକା ସମେତ ନଦୀର ଉପର ମୁଣ୍ଡ ରାସଗୋବିନ୍ଦପୁର, ମୋରଡା, ଶୁଳିଆପଦା, ଚିତ୍ରଡା ଅଞ୍ଚଳରେ ପ୍ରବଳ ବର୍ଷା କାରଣରୁ ବୃଦ୍ଧି ପାଇଥିଲା ନଦୀର ଜଳସ୍ତର। ତଳିଆ ଅଞ୍ଚଳ ଜଳାର୍ଣ୍ଣବ ହୋଇଛି।

## ଆନ୍ଦୋଳନରେ ଡାକ୍ତର, ରୋଗୀସେବା ବାଧାପ୍ରାପ୍ତ



ବସ୍ତା ବ୍ଲକ, ୧୭ (ସମିସ): ଡାକ୍ତର ଦିବସରେ ଆନ୍ଦୋଳନରେ ଡାକ୍ତର ଥିବାରୁ ବାଲେଶ୍ୱର ଜିଲ୍ଲା ବସ୍ତା ହସ୍ପିଟାଲରେ ରୋଗୀ ସେବା ବାଧାପ୍ରାପ୍ତ ହୋଇଥିବା ଦେଖିବାକୁ ମିଳିଛି। ବସ୍ତା ହସ୍ପିଟାଲ ୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ହୋଇଥିବା ବେଳେ ଏହି ହସ୍ପିଟାଲ ଉପରେ ୪ ବ୍ଲକର ଲୋକେ ନିର୍ଭର କରନ୍ତି। ଆନ୍ଦୋଳନ ଯୋଗୁଁ ଓ ପିଡିରେ କଣ୍ଟ୍ରାକ୍ଚୁଆଲ ଓ ଆୟୁଷ ଡାକ୍ତର ରୋଗୀଙ୍କୁ ଦେଖିଥିବା ବେଳେ ସ୍ପେଶଲିଷ୍ଟ ଡାକ୍ତରଙ୍କ ଅନୁପସ୍ଥିତ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇଛି। ବୁଧବାର ଓପିଡିରେ ୩୭୩ ଜଣ ରୋଗୀ ପଞ୍ଜିକୃତ ହୋଇ ଚିକିତ୍ସା ପାଇଁ ଆସିଥିବା ଜଣା ପଡିଛି। ଯଦି ଡାକ୍ତରଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ନ ହୁଏ ତାହାଲେ ତାହାଲେ ପରିସ୍ଥିତ ଉଦବେଗ୍‌ଜନକ ହେବ ବୋଲି କୁହାଯାଉଛି।

# ମୁଖ୍ୟରାସ୍ତା ପାଖରୁ ମଦ ଦୋକାନ ସ୍ଥାନାନ୍ତର ଦାବିରେ ଅନଶନ

କାଳିପଦା, ୧୭ (ସମିସ)

ବାଲିଆପାଳ ବସ୍ତା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତା ବଡ଼ ସିମୁଳିଆ ମୌଜାରୁ ମଦ ଦୋକାନ ସ୍ଥାନାନ୍ତର ପାଇଁ ଆଜି ମଧୁପୁରା ଗ୍ରାମ ପଞ୍ଚାୟତ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ଅନଶନରେ ବସିଛନ୍ତି। ପୂର୍ବରୁ ଏହି ଠାରେ ସରକାରୀ ମଦ ଦୋକାନ ଥିଲା। ଚଳିତ ବର୍ଷ ମଦ ଦୋକାନ ମାଲିକଙ୍କୁ ଦୋକାନ ଲାଇସେନ୍ସ ମିଳି ନ ଥିବା ବେଳେ ସେହି ମାଲିକ ଲାଇସେନ୍ସ ପାଇ ଥିବା ଲୋକଙ୍କୁ ସେହିଠାରେ ଦୋକାନ କରିବା ପାଇଁ ସୁଯୋଗ ଦେଉଛନ୍ତି। ସେଠାରୁ ମଦ ଦୋକାନ ସ୍ଥାନାନ୍ତର ପାଇଁ ପୂର୍ବରୁ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ବାରମ୍ବାର ଅନଶନ ଆନ୍ଦୋଳନ କରି ଆସିଛନ୍ତି।




ତେବେ ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ କରି ନ ଥିବା ପ୍ରକାଶ। ଏଠାରେ ମଦ ଦୋକାନ ଯୋଗୁଁ ଦୈନନ୍ଦିନ ରାସ୍ତାରେ ଛୋଟ ମୋଟ ଦୁର୍ଘଟଣା ଘଟୁଛି। ରାସ୍ତାର ପୂର୍ବ ପଟରେ ପ୍ରାଥମିକ ବିଦ୍ୟାଳୟ ଓ ଶିବ ମନ୍ଦିର ରହିଛି। ପଶ୍ଚିମ ପଟରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି। ଜନ ଗହଳିପୂର୍ଣ୍ଣ ସ୍ଥାନ ହୋଇ ଥିବା ବେଳେ ମହିଳା, ପିଲାମାନେ ମଦ ଦୋକାନ ଆଗ ରାସ୍ତା ପାରି ଯିବାକୁ ପ୍ରମାଦ ଗଣୁଛନ୍ତି। ରୋଗୀ ମାନେ ରାତିରେ ଏହି ରାସ୍ତା ପାରି ଯିବାକୁ ଭୟ ପାଉଛନ୍ତି। ଆଜି ଏହି ଅନଶନରେ ସ୍ୱୟଂ ସହାୟିକା ଗୋଷ୍ଠୀର ଶାନ୍ତିଲତା ଦାସ, ଦୀପ୍ତିରାଣୀ ଜେନା, ଅଞ୍ଜୁଲତା ରାଉଳ, ମିତାରାଣୀ ଜେନା, ମନୁରମା ପ୍ରାମାଣିକ, ଅନ୍ନପୂର୍ଣ୍ଣା ମହାରଣା, ସୁମତି ସାମନ୍ତରାୟ, ଶୁଚିସ୍ମିତା ଜେନା, ମିତାରାଣୀ ଚଣ୍ଡ, କଲ୍ୟାଣୀ ଜେନା ପ୍ରମୁଖ ୫୦ରୁ ଅଧିକ ମହିଳା ସାମିଲ ହୋଇଥିଲେ। ଖବର ପାଇ ବାଲିଆପାଳ ଥାନାଧିକାରୀ ସାଲଖାନ ମୁର୍ମୁ ଅନଶନ ରତ ମହିଳା ମାନଙ୍କୁ ବୁଝାସୁଝା କଲାପରେ ଅନଶନ କୁ ମହିଳା ମାନେ ପ୍ରତ୍ୟାହାର କରି ନେଇଥିଲେ।

## ବ୍ରାଉନସୁଗର ଜବତ୍ ଘଟଣା: ମହିଳା ଅଭିଯୁକ୍ତ ଖଲାସ୍

ହାଟଡ଼ିହି, ୧୭(ସମିସ): ବ୍ରାଉନସୁଗର ଜବତ ଘଟଣାରେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ୪ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣ ଜେଲ୍ ହାଜତକୁ ଯାଇଛନ୍ତି; କିନ୍ତୁ ମହିଳା ଅଭିଯୁକ୍ତ ଜଣଙ୍କ ଜେଲ୍ ହାଜତ୍ ଦଣ୍ଡରୁ ବାଦ୍ ପଡ଼ିଛନ୍ତି। କାହିଁକି ଏବଂ କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଛି ତାହା ଏଯାଏଁ ସ୍ପଷ୍ଟ ହୋଇପାରିନି। ଅପରପକ୍ଷେ, ରାତିରେ ମହିଳାଙ୍କୁ ଅଟକ ରଖାଯାଇ ପାରିବନି ବୋଲି ନିୟମ ଆଧାରରେ ମହିଳା ଜଣଙ୍କୁ ଛାଡ଼ି ଦିଆଯାଇଥିବା କୁହାଯାଉଛି। ନନ୍ଦିପଦା ଥାନାଞ୍ଚଳରୁ ପୁଲିସ୍ ଗତ ଶନିବାର ୧୧.୪୪ ଗ୍ରାମ ବ୍ରାଉନସୁଗର ଜବତ କରି ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରିଥିଲା। ସେହି ଅଭିଯୁକ୍ତମାନଙ୍କୁ କେନ୍ଦୁଝର ଏଡ଼ିଜେ କୋର୍ଟକୁ ଚାଲାଣ କରାଯାଇଥିଲା। ଗିରଫ ମଧ୍ୟରେ ଜଣେ ମହିଳା ଥିଲେ। ଗିରଫ ବ୍ୟକ୍ତିମାନେ ନନ୍ଦିପଦା ଥାନା ହାଟଡିହି ଗ୍ରାମର ଭାଗିରଥୀ ପଣ୍ଡା(୩୦), ଜଳକଙ୍କଣ ଗ୍ରାମର ଜଗନ୍ନାଥ ମଲ୍ଲିକ(୨୫), ଆନନ୍ଦପୁର ଥାନା ଫକୀରପୁର ଗ୍ରାମର ଦୀପ୍ତିରଞ୍ଜନ ଜେନା(୨୭) ଏବଂ ବାଲେଶ୍ୱର ଜିଲ୍ଲା ଖଇରା ଥାନା କୁପାରୀ ଗ୍ରାମର ନିନିଲତା ମୁଖୀ(୬୭) ଅଟନ୍ତି। ଆନନ୍ଦପୁର ଉପଖଣ୍ଡରେ ଧଳାଜହର କାରବାର ବିସ୍ତାର କରୁଥିବା ବେଳେ ମହିଳା ଜଣକ ଜେଲ୍ ହାଜତ୍ ଦଣ୍ଡରୁ ବାଦ୍ ପଡ଼ିବା ଘଟଣା ଏବେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସାଜିଛି।

## ଉନ୍ନତ ମତ୍ସ୍ୟଚାଷ ସମ୍ପର୍କିତ ତାଲିମ କର୍ମଶାଳା

ଆନନ୍ଦପୁର, ୧୭(ସମିସ): ଆନନ୍ଦପୁର ପଞ୍ଚାୟତସମିତି କାର୍ଯ୍ୟାଳୟରେ ମତ୍ସ୍ୟ ବିଭାଗ ପକ୍ଷରୁ ଉନ୍ନତ ମତ୍ସ୍ୟଚାଷ ପ୍ରଣାଳୀ ସମ୍ବନ୍ଧୀୟ ଏକଦିବସୀୟ ତାଲିମ ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ସହକାରୀ ମତ୍ସ୍ୟ ଅଧିକାରୀ ଦେବପ୍ରସାଦ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ଅସୀମା ମିଶ୍ର, ସରପଞ୍ଚ, ଶାଳବଣି ସୁଭାଷିନୀ ମିଶ୍ର, ସମ୍ମାନିତ ଅତିଥି ଭାବେ ସହକାରୀ ମତ୍ସ୍ୟ ଅଧିକାରୀ, ହାଟଡିହି ବ୍ଲକ ଶୁଭମ୍ କୁମାର ପ୍ରଧାନ, ଘଷିପୁରା ବ୍ଲକ ଅଧିକାରୀ ପାବନୀ ପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଅତିଥି ବିସ୍ତୃତ ଆଲୋଚନା କରିଥିଲେ। ବିଶେଷକରି ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଅନ୍ତର୍ଗତ ନୂତନ ପୋଖରୀ ଖନନ, ପୁରୁଣା ପୋଖରୀର ପୁନରୁଦ୍ଧାର ଓ ମାଛଚାଷ ପାଇଁ ସହାୟତା, ଯାଆଁଳ ଚାଷ ପାଇଁ ଆର୍ଥିକ ସହାୟତା, ଜୈବପୁଞ୍ଜି ପଦ୍ଧତିରେ ମାଛଚାଷ, ଶ୍ୱେତ ପୋଖରୀ ପାଇଁ ଇନପୁଟ ସହାୟତା ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ଗ୍ରାମପଞ୍ଚାୟତ ପୋଖରୀରେ ମତ୍ସ୍ୟଚାଷ ପ୍ରୋତ୍ସାହନ ସମ୍ବନ୍ଧୀୟ ବିଭିନ୍ନ ଯୋଜନା ବିଷୟରେ ଚାଷୀମାନଙ୍କୁ ଅବଗତ କରାଯାଇଥିଲା। ଏହାସହ ପୋଖରୀର ବୈଜ୍ଞାନିକ ପ୍ରସ୍ତୁତି, ଉନ୍ନତମାନର ପୋନା ଚୟନ, ସନ୍ତୁଳିତ ମାଛ ଖାଦ୍ୟ ବ୍ୟବସ୍ଥାପନା, ଜଳର ଗୁଣବତ୍ତା ସଂରକ୍ଷଣ, ମାଛର ରୋଗ ଚିହ୍ନଟ ଓ ପ୍ରତିକାର, ଏବଂ ଆଧୁନିକ ମତ୍ସ୍ୟଚାଷ ପରିଚାଳନା ସମ୍ପର୍କରେ ବିଶେଷଜ୍ଞମାନେ ବିସ୍ତୃତ ଆଲୋଚନା କରିଥିଲେ।

## ଜନଗଣନା ହ୍ୟାଣ୍ଡବୁକ୍ ପ୍ରସ୍ତୁତି ନେଇ ପ୍ରଶିକ୍ଷଣ କର୍ମଶାଳା

କେନ୍ଦୁଝର, ୧୭(ସମିସ): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଦରବାର୍ ହଲ୍‌ଠାରେ ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ୍ (ଡି ସିଏଚବି) ପ୍ରସ୍ତୁତି ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମଦରଧର ମହାଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଉପଖଣ୍ଡ ଅନ୍ତର୍ଗତ ସମସ୍ତ ତହସିଲର ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ ଏବଂ ଅମିନମାନେ ଅଂଶଗ୍ରହଣ କରିଥିଲେ। ଏହି ହ୍ୟାଣ୍ଡବୁକ୍ ହେଉଛି ଜିଲ୍ଲାର ଏକ ପ୍ରାମାଣିକ ସୂଚନା ଭଣ୍ଡାର। ଏହି ପୁସ୍ତିକାରେ ଗୋଟିଏ ଜିଲ୍ଲାର ପ୍ରତି ଗ୍ରାମ ଓ ସହରାଞ୍ଚଳର ଜନସଂଖ୍ୟା, ସାକ୍ଷରତା ହାର, ଭିତ୍ତିଭୂମି, ସ୍ୱାସ୍ଥ୍ୟ ଓ ଶିକ୍ଷା ସୁବିଧା ସମ୍ବନ୍ଧୀୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସ୍ଥାନ ପାଇଥାଏ, ଯାହା ସରକାରୀ ଯୋଜନା ପ୍ରସ୍ତୁତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରେ। ଏହା ଜିଲ୍ଲାସ୍ତରୀୟ ଯୋଜନା ପ୍ରଣୟନ, ପ୍ରଶାସନିକ କାର୍ଯ୍ୟକଳାପ ଏବଂ ବିଭିନ୍ନ ବିକାଶମୂଳକ ପଦକ୍ଷେପ ପାଇଁ ଏକ ମୁଖ୍ୟ ସନ୍ଦର୍ଭ ପୁସ୍ତିକା ଭାବେ କାର୍ଯ୍ୟ କରେ। ଏହାର ସଠିକ ପ୍ରସ୍ତୁତି ଦ୍ୱାରା ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଜନସାଂଖ୍ୟିକ ଏବଂ ଭିତ୍ତିଭୂମି ସମ୍ବନ୍ଧୀୟ ତଥ୍ୟ ସୁସ୍ପଷ୍ଟ ଭାବେ ଉପଲବ୍ଧ ହୋଇପାରିବ, ଯାହା ଭବିଷ୍ୟତର ବିକାଶ କାର୍ଯ୍ୟରେ ସହାୟକ ହେବ। କାର୍ଯ୍ୟକ୍ରମରେ ତଥ୍ୟ ସଂଗ୍ରହ, ସଠିକତା ଯାଞ୍ଚ ଏବଂ ରିପୋର୍ଟ ପ୍ରସ୍ତୁତିର ସୂକ୍ଷ୍ମ କୌଶଳ ସମ୍ପର୍କରେ କର୍ମଚାରୀମାନଙ୍କୁ ବିସ୍ତୃତ ଭାବେ ଅବଗତ କରାଯାଇଥିଲା।

ଡାକ୍ତର ଦିବସରେ ଠପ୍ ଓପିଡି ସେବା

# ୧୦ ଦଫା ଦାବିରେ ଜିଲ୍ଲା ବ୍ୟାପୀ ଅନିର୍ଦ୍ଦିଷ୍ଟ କାର୍ଯ୍ୟବନ୍ଦ





କେନ୍ଦୁଝର/ଚମ୍ପୁଆ/ଆନନ୍ଦପୁର, ୧୭(ସମିସ)

ଗୋଟିଏ ପଟେ ଡାକ୍ତରମାନେ ଆନ୍ଦୋଳନରେ ବସିଥିବା ବେଳେ, ଅନ୍ୟପଟେ ରୋଗୀସେବା ବ୍ୟାହତ ହୋଇଛି। ୧୦ ଦଫା ଦାବି ନେଇ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଲେ ଜିଲ୍ଲାର ସମସ୍ତ ସ୍ଥାୟୀ ଡାକ୍ତର। ଆଜିଠାରୁ ରାଜ୍ୟର ସମସ୍ତ ସ୍ଥାୟୀ ଡାକ୍ତର ଧାରଣାରେ ବସିଥିବା ବେଳେ କେନ୍ଦୁଝର ଜିଲ୍ଲାର ୨୦ଟି ସ୍ୱାସ୍ଥ୍ୟ ସେବାକେନ୍ଦ୍ର ପକ୍ଷରୁ ୪ଟି ସ୍ୱାସ୍ଥ୍ୟକେନ୍ଦ୍ର ସୁରୁଖରେ ଚାଲିଥିବା ବେଳେ ୧୬ଟି କେନ୍ଦ୍ରରେ ଧାରଣାରେ ବସିଛନ୍ତି ସମସ୍ତ ସ୍ଥାୟୀ ଡାକ୍ତର। ଏହାକୁ ନେଇ ବିଭିନ୍ନ ସ୍ଥାନରେ ରୋଗୀସେବା ବ୍ୟାହତ ହୋଇଛି। ତେବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ତଥା ଜିଲ୍ଲା ବାହାରୁ ଏଠାକୁ ରୋଗୀ ଚିକିତ୍ସିତ ହେବାକୁ ଆସିଥାନ୍ତି। ଚିକିତ୍ସା ପାଇଁ ଡାକ୍ତର ନଥିବା ତାଙ୍କ ରୋଗକୁ ଦ୍ୱିଗୁଣିତ କରିଛି। ଅନ୍ୟପଟେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପାଖାପାଖି ୫୦ ଜଣ ଡାକ୍ତର ଦୈନିକ ଚିକିତ୍ସା କରୁଥିବା ବେଳେ, ଏବେ ମାତ୍ର ୮ ଜଣ ଡିଏମଏଫ ଏବଂ ଅସ୍ଥାୟୀ ଡାକ୍ତର କାର୍ଯ୍ୟ କରୁଛନ୍ତି। ଏଥିମଧ୍ୟରୁ ଅର୍ଥୋପେଡ଼ିକ୍, ମେଡିସିନ୍ ଓ ଆଖି ବିଭାଗରେ ଜଣେ ବି ଡାକ୍ତର ନଥିବାରୁ ରୋଗୀମାନଙ୍କୁ ଫେରାଇ ଦିଆଯାଉଛି।

ଡାକ୍ତର ଦିବସରେ ହିଁ ଆଜି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଓଡ଼ିଶା ଡାକ୍ତର ସଂଘର ଆହ୍ୱାନକ୍ରମେ ୧୦ ଦଫା ଦାବି ପୂରଣ ଦାବିରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଅନିର୍ଦ୍ଦିଷ୍ଟ କାର୍ଯ୍ୟବନ୍ଦ ଯୋଗୁଁ ଉପଖଣ୍ଡ ଚିକିତ୍ସାଳୟର ବହିର୍ବିଭାଗ (ଓପିଡି) ସେବା ପ୍ରାୟ ଠପ୍ ହୋଇଯାଇଥିଲା। ଏହାର ପ୍ରଭାବରେ ସକାଳୁ ହିଁ ହସ୍ପିଟାଲ ପରିସରରେ ରୋଗୀଙ୍କ ଭିଡ଼ ଜମିଥିଲା। ଦୂରଦୂରାନ୍ତରୁ ଚିକିତ୍ସା ପାଇଁ ଆସିଥିବା ରୋଗୀମାନେ ଦୀର୍ଘ ସମୟ ଧରି ଲାଇନରେ ଅପେକ୍ଷା କରିବା ସହ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସ୍ୱାସ୍ଥ୍ୟସେବାକୁ ସମ୍ଭବପର୍ଯ୍ୟନ୍ତ ସ୍ୱାଭାବିକ ରଖିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୭ ଜଣ ଆୟୁଷ ଡାକ୍ତରଙ୍କୁ ଡେପୁଟେସନରେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିଲା। ତେବେ ରୋଗୀଙ୍କ ସଂଖ୍ୟା ଅଧିକ ଥିବାରୁ ବ୍ୟବସ୍ଥା ପର୍ଯ୍ୟାପ୍ତ ହୋଇପାରି ନଥିଲା। ଫଳରେ ଅନେକ ରୋଗୀ ଚିକିତ୍ସା ନପାଇ ନିରାଶ ହୋଇ ଫେରିଥିବା ବେଳେ କିଛି ରୋଗୀ ବେସରକାରୀ ଚିକିତ୍ସାଳୟ ମୁହାଁ ହୋଇଥିଲେ। ପ୍ରତିଶ୍ରୁତି ମିଳିଥିଲେ ମଧ ଦାବିଗୁଡ଼ିକ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ନହେବାରୁ ଏହି ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହୋଇଥିବା ସଂଘ କହିଛି। ଚମ୍ପୁଆ ଡାକ୍ତର ସଂଘର ସଦସ୍ୟ ଡଃ ଧର୍ମପଦ ଦାସ ମହାପାତ୍ର କହିଛନ୍ତି, ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ସରକାର ଯଦି ଶୀଘ୍ର ଆଲୋଚନା କରି ସମାଧାନର ପଦକ୍ଷେପ ନନିଅନ୍ତି, ତେବେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସଂଘ ଚେତାବନୀ ଦେଇଛି। ଏହି କାର୍ଯ୍ୟବନ୍ଦ ଆନ୍ଦୋଳନରେ ଡଃ ଯୋଗେନ୍ଦ୍ରନାଥ ଆଢ଼୍ୟ, ଡଃ ସୁଜିତ କୁମାର ଲେଙ୍କା, ଡଃ ଧର୍ମପଦ ଦାସ ମହାପାତ୍ର, ସୁକରାମ ମୁର୍ମୁ, ଡଃ ଜ୍ୟୋତିରଞ୍ଜନ ମଲ୍ଲିକ, ଡଃ ଚିରଞ୍ଜୀବୀ ଚୌଧୁରୀ, ଡଃ ସିରକା ଓ ଡଃ ଜେନା ପ୍ରମୁଖ ସାମିଲ ହୋଇଥିଲେ।

**ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା ପାଇଁ ରୋଗୀଙ୍କ ଲମ୍ବା ଅପେକ୍ଷା**

ସେହିପରି ଓମସା ଆନନ୍ଦପୁର ଶାଖା ପକ୍ଷରୁ ସମସ୍ତ ଡାକ୍ତର ଧାରଣାରେ ବସିଥିଲେ। ସରକାରଙ୍କ ଖାମଖିଆଲି ନୀତିର ପ୍ରତିବାଦ କରି ଦାବିପୂରଣ ନେଇ ଜିଦରେ ଅଟଳ ବୋଲି ପ୍ରକାଶ କରିଛନ୍ତି। ଆଜି ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ପରିସରରେ ସମସ୍ତ ଡାକ୍ତର ନିଜର ସ୍ୱରକୁ ଶାଣିତ କରିଥିଲେ। ରାଜ୍ୟ ସରକାର ଯଥାଶୀଘ୍ର ଡାକ୍ତରଙ୍କ ୧୦ ଦଫା ଦାବି ଉପରେ ବିଚାର ବିମର୍ଶ କରି କାର୍ଯ୍ୟ ବନ୍ଦ ଆନ୍ଦୋଳନ ପ୍ରତ୍ୟାହାର ଦିଗରେ ଉଚିତ ପଦକ୍ଷେପ ନନେଲେ ରୋଗୀଙ୍କ ଜୀବନ ହାନି ଆଶଙ୍କାକୁ ଏଡ଼ାଯାଇ ନପାରେ।

## ସରକାରୀ ମଦ ଦୋକାନ ସ୍ଥାନାନ୍ତର ଦାବିରେ ଅଭିନବ ପ୍ରତିବାଦ

ତୁରୁମୁଙ୍ଗା, ୧୭(ସମିସ): କେନ୍ଦୁଝର ଜିଲ୍ଲାରେ ସରକାରୀ ମଦ ଦୋକାନକୁ ନେଇ ଦେଖିବାକୁ ମିଳିଛି ଏକ ଅଭିନବ ପ୍ରତିବାଦ। ମଦ ଦୋକାନ ସ୍ଥାନାନ୍ତର ଦାବିରେ ଶତାଧିକ ମହିଳା ମଦ ଦୋକାନ ସମ୍ମୁଖରେ ଟ୍ରାକ୍ଟରରେ ହଳ କରି ଧାନ ବୁଣି ପ୍ରତିବାଦ ଜଣାଇଛନ୍ତି। ପାଟଣା ବ୍ଲକର ଗୋଡିପୋଖରୀ ମୌଜାର ରେଙ୍ଗାଲବେଡା ସରକାରୀ ମଦ ଦୋକାନ ସମ୍ମୁଖରେ ବୁଧବାର ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ମହିଳାମାନଙ୍କ ଅଭିଯୋଗ ଅନୁଯାୟୀ, ଗୋଡିପୋଖରୀ ମୌଜାର ବାଉଁଶୁଳି ନିକଟରେ ଥିବା ରେଙ୍ଗାଲବେଡା ସରକାରୀ ମଦ ଦୋକାନର ଲାଇସେନ୍ସ ଅବଧି ଶେଷ ହେବା ପରେ ପୁନର୍ବାର ସେହି ସ୍ଥାନରେ ଦୋକାନ ଖୋଲିବା ପାଇଁ ପ୍ରସ୍ତୁତି ଚାଲିଥିବା ଅଭିଯୋଗ ହୋଇଛି। ଏହାକୁ ବିରୋଧ କରି ଗୋଡିପୋଖରୀ, ଯମୁନାପଶି, ବାଉଁଶୁଳି ସମେତ ଆଖପାଖ ଗ୍ରାମର ଶତାଧିକ ମହିଳା ଏକାଠି ହୋଇ ଅଭିନବ ଢଙ୍ଗରେ ପ୍ରତିବାଦ କରିଥିଲେ। ମହିଳାମାନେ ମଦ ଦୋକାନ ସମ୍ମୁଖରେ



ଟ୍ରାକ୍ଟରରେ ହଳ କରି ଜମିରେ ଧାନ ବୁଣିଥିଲେ। ମଦ ଦୋକାନକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସେମାନେ ଦାବି କରି ଅଭିନବ ପ୍ରତିବାଦ କରିବା ସହ ଗାଁରେ ମଦ ଦୋକାନ ନୁହଁ ଚାଷ କରିବୁ ବୋଲି କହିଛନ୍ତି।

## ବିଜେପି ଗୋଷ୍ଠୀ ବିବାଦ: ଉନ୍ନୟନ କାର୍ଯ୍ୟରେ ବାଧା ନେଇ ପ୍ରତିବାଦ



ଆନନ୍ଦପୁର, ୧୭(ସମିସ): ବିଜେପିର ଦୁଇ ଗୋଷ୍ଠୀ ଆନନ୍ଦପୁର ବ୍ଲକ ପ୍ରଶାସନକୁ କରାୟତ୍ତ କରିବା ପାଇଁ କସରତ କରିବା ଘଟଣା ଧୀରେ ଧୀରେ ଉଗ୍ର ହେଉଥିବା ପରିଲକ୍ଷିତ ହୋଇଛି। କେନ୍ଦୁଝର ସାଂସଦ ପ୍ରତିନିଧି ଟୁକୁନା ମହାନ୍ତଙ୍କୁ ଅନ୍ୟ ଏକ ଗୋଷ୍ଠୀ ବିରୋଧ କରି ଆସୁଛନ୍ତି। ଆଜି ବିଜେପିର ବିଭିନ୍ନ ମଣ୍ଡଳ ଓ ପଞ୍ଚାୟତ ସଂଗଠନ ଦାୟିତ୍ୱରେ ଥିବା କେତେକ କାର୍ଯ୍ୟକର୍ତ୍ତା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବ୍ଲକ ପ୍ରଶାସନ ଓ ବିଡ଼ିଓଙ୍କୁ ଅଯଥା ବିବାଦକୁ ଟଣାଯିବା ଘଟଣାର ପ୍ରତିବାଦ କରିଛନ୍ତି। ବ୍ଲକ ପ୍ରଶାସନକୁ ଏହି ବିବାଦ ଭିତରକୁ ଅଯଥା ଟାଣିବା ଯୋଗୁଁ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ବିଡିଓଙ୍କ ଉପରେ ଉଠୁଥିବା ଅଭିଯୋଗକୁ ସାଂସଦ ପ୍ରତିନିଧି ଶ୍ରୀ ମହାନ୍ତ ଦୃଢ଼ ଭାବେ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ ଏହା ଦୁଇ ଗୋଷ୍ଠୀ ମଧ୍ୟରେ ବ୍ୟକ୍ତିଗତ ବିବାଦ ଏବଂ ଏହି ଘଟଣା ସହ ବିଡିଓଙ୍କ କୌଣସି ସମ୍ପୃକ୍ତି ନାହିଁ। ତଥ୍ୟ ନଜାଣି କେତେକ ବ୍ୟକ୍ତି ଉଦ୍ଦେଶ୍ୟମୂଳକ ଭାବେ ବିଡିଓଙ୍କୁ ବିବାଦରେ ଟାଣୁଛନ୍ତି, ଯାହା ଅତ୍ୟନ୍ତ ଦୁଃଖଦ। ବିଡିଓ ସର୍ବଦା ନିରପେକ୍ଷ ଭାବେ ସରକାରୀ କାର୍ଯ୍ୟ ସମ୍ପାଦନ କରୁଛନ୍ତି ଏବଂ ଜନସାଧାରଣଙ୍କ ସମସ୍ୟାର ସମାଧାନ ପାଇଁ ପ୍ରାଥମିକତାର ସହ କାମ କରୁଛନ୍ତି।

## ଚମ୍ପୁଆ ଶିଶୁ ମନ୍ଦିର ଆଚାର୍ଯ୍ୟଙ୍କୁ ବିଦାୟ ସମ୍ବର୍ଦ୍ଧନା

ଚମ୍ପୁଆ, ୧୭(ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ସଂସ୍କୃତ ଆଚାର୍ଯ୍ୟ କପିଳେନ୍ଦ୍ର ସାମନ୍ତରାଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଶିକ୍ଷା ବିକାଶ ସମିତି ଉତ୍ତର ସମ୍ଭାଗ ସମ୍ପାଦକ ଗଙ୍ଗାଧର କର, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ, ସମ୍ପାଦକ ଭୋଳାନାଥ ମିଶ୍ର, ଯୁଗ୍ମ ସମ୍ପାଦକ ଅରୁଣ କୁମାର ନାଏକ ଆଚାର୍ଯ୍ୟ କପିଳେନ୍ଦ୍ର ସାମନ୍ତରାଙ୍କ ଶିଶୁ ମନ୍ଦିରରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ଓ ଅଭୁଲା ଅନୁଭୂତି ବିଷୟରେ ବର୍ଣ୍ଣନା କରି ତାଙ୍କର ଅବସର ପରବର୍ତ୍ତୀ ସୁଖ ଓ ନିରାମୟ ଜୀବନ କାମନା କରିଥିଲେ। ପ୍ରଧାନଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନ ଆଭିମୁଖ୍ୟ କଥନ କରିବା ସହ ଗୁରୁଜୀଙ୍କ ସୁଖୀ ଓ ନିରାମୟ ଜୀବନ କାମନା କରିଥିଲେ। ଆଚାର୍ଯ୍ୟ ଭାସ୍କରଚନ୍ଦ୍ର ମହାକୁଡ଼ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଚାଳନା ସମିତିର କର୍ମକର୍ତ୍ତା, ଆଚାର୍ଯ୍ୟ ଆଚାର୍ଯ୍ୟା ଓ ସେବକ ସେବିକାମାନଙ୍କ ଦ୍ୱାରା ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଆଚାର୍ଯ୍ୟ ଉମେଶଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଓରିଆ ଗ୍ରାମରେ ନୂତନ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଉଦ୍‌ଘାଟିତ




ତେଲକୋଇ, ୧୭(ସମିସ): ତେଲକୋଇ ବ୍ଲକ ଓରିଆ ଗ୍ରାମରେ ଆଜି ଆର୍‌ବିଏନ୍ ନାମକ ଏକ ନୂତନ ଇଂରାଜୀ ମଧ୍ୟମ ବିଦ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ ଆୟୋଜିତ ହେବା ସହିତ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆର୍‌ବିଏନ ମଧ ଇଂରାଜୀ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଚାରିଗଡ଼ ମହାବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ନିରଞ୍ଜନ ମହାନ୍ତଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିବା ବେଳେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାବିତ୍ ଦେବାନନ୍ଦ ସାହୁ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ମହାନ୍ତ, ଉପାଧ୍ୟକ୍ଷ ଦୀପ୍ତିମୟୀ ସାହୁ ଉପସ୍ଥିତ ଥିଲେ। ଉକ୍ତ ବିଦ୍ୟାଳୟରେ ନର୍ସରୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରାଯିବା ବ୍ୟବସ୍ଥା ରହିଛି।

## ପାଞ୍ଚ ବେଆଇନ୍ ବାଲି ବୋଝେଇ ହାଇୱା ଜବତ

ହାଟଡ଼ିହୀ, ୧୭(ସମିସ): ଅପରେସନ୍ ବୈତରଣୀର କିଛିଦିନ ଅନ୍ତରରେ ପ୍ରତିଦିନ କିଛି କିଛି ବାଲି ବୋଝେଇ ହାଇୱା ବାଲି ପରିବହନ କରୁଥିଲା ବେଳେ ଆଜି ଆନନ୍ଦପୁର ଏସଡ଼ିପିଓ କମଲ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏକ ବଡ଼ଧରଣର ଚଢ଼ଉ ହୋଇଥିଲା। ବାଲି ପରିବହନ ବେଆଇନ୍ ବୋଲି ଜଣାପଡ଼ିବାରୁ ସୋସୋ ଥାନାଞ୍ଚଳରୁ ୨ଟି ଏବଂ ନନ୍ଦିପଦା ଥାନାଞ୍ଚଳରୁ ୩ଟି ହାଇୱା ଜବତ କରି ପୃଥକ ଭାବେ ମାମଲା ରୁଜୁ ହୋଇଛି। ଜବତ ହାଇୱା ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସଡ଼ିପିଓ ଶ୍ରୀ ପଣ୍ଡା କହିଛନ୍ତି। ତେବେ, ପୁଲିସ୍ ପକ୍ଷରୁ ରୀତିମତ ବେଆଇନ୍ ବାଲି ପରିବହନ ଗାଡ଼ି ଜବତ ହେଉଥିଲା ବେଳେ ମାଇନିଂ ଅଧିକାରୀମାନେ ପଦକ୍ଷେପ ନେବାରେ କାହିଁକି କୁଣ୍ଠାବୋଧ ହେଉଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

## ଆନନ୍ଦପୁରରେ ନୂତନ ଅଧୀକ୍ଷଣ ଯନ୍ତ୍ରୀ

ଆନନ୍ଦପୁର, ୧୭(ସମିସ): ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଜନରେ ହିମାଂଶୁ ଭୂଷଣ ସେଠୀ ନୂତନ ଅଦୀକ୍ଷଣ ଯନ୍ତ୍ରୀ ଭାବେ ଯୋଗଦେଇଥିବା ଜଣାଯାଇଛି। ଶ୍ରୀ ସେଠୀ କେନ୍ଦୁଝର ଜିଲ୍ଲା ବାଂଶପାଳ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ଥାଇ ଆନନ୍ଦପୁର ବିଭାଜନର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଜି କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିବା



ପରେ ବିଭାଗୀୟ ଅଧିକାରୀ ଓ ସମସ୍ତ କର୍ମଚାରୀ ତାଙ୍କୁ ସ୍ୱାଗତ କରିଥିଲେ। ପରେ ଆନନ୍ଦପୁର ଠିକାଦାର ସଂଘ ପକ୍ଷରୁ ଗଦାଧର ନାୟକ ଗଗନ ଭୂୟାଁ ବାବୁଲି ପଟ୍ଟନାୟକ ପ୍ରତାପ ରାମ ସହଦେବ ସାହୁ ପପୁ ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ।

## ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

କେନ୍ଦୁଝର, ୧୭(ସମିସ): କେନ୍ଦୁଝର ମାଇନିଂରୋଡ଼ସ୍ଥିତ ମନୋଜ ମଞ୍ଜରୀ ଶିଶୁ ଭବନ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ସୁରମା ସାହୁଙ୍କୁ ବିଦ୍ୟାଳୟ ତରଫରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ତପନ ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ଡକ୍ଟର ଅନିଲ ଦାସ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିରେ ସଭାପତି ସତ୍ୟନାରାୟଣ ମିଶ୍ର, ଅତିରିକ୍ତ ସଦର ବ୍ଲକ ଶିକ୍ଷାଧିକାରୀ ମାନସ ରଞ୍ଜନ ମିଶ୍ର, ସମାଜସେବୀ ଭରତଚନ୍ଦ୍ର ପାତ୍ର, ସଦର ବ୍ଲକର ଅବସରପ୍ରାପ୍ତ ଅତିରିକ୍ତ ଶିକ୍ଷାଧିକାରୀ ପଦ୍ମିନୀ ସୁର, ଶିରଷପାଳ ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନୀଳମଣି ପଣ୍ଡା ପ୍ରମୁଖ ଅତିଥି ବିଦାୟୀ ଶିକ୍ଷୟିତ୍ରୀ ସୁରମା ସାହୁଙ୍କ ସମ୍ପର୍କରେ ମତ ପୋଷଣ କରି ତାଙ୍କର ନିରାମୟ ଓ ଦୀର୍ଘାୟୁ କାମନା କରିଥିଲେ। ପ୍ରଧାନ ଶିକ୍ଷକ ତପନ ପଣ୍ଡା ସଭା ପରିଚାଳନା କରିଥିଲେ। ପୁରାତନ ଛାତ୍ରଛାତ୍ରୀ ସାମ୍ବାଦିକ ପବିତ୍ର ବେହେରା, ତାରାରାମ ଓ ସୁଚରିତା ରାଉତଙ୍କ ସମେତ ବିଦ୍ୟାଳୟର ଶିକ୍ଷୟତ୍ରୀ ସଂଯୁକ୍ତା ନାଥ, ଗୋପବନ୍ଧୁ ପାତ୍ର, କର୍ମଚାରୀ ନବକିଶୋର ଗିରି, ରଘୁନାଥ ମହାକୁଡ଼, ଚୈତନ୍ୟ ଆରୁକ, କହ୍ନେଇ ଚରଣ ମହାନ୍ତ ଓ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ବନାନୀ ଗୋସ୍ୱାମୀ ଧନ୍ୟବାଦ ଦେଇଥିଲେ।

## ମୃତକଙ୍କ ପରିଚୟ ମିଳିଲା

ତେଲକୋଇ, ୧୭(ସମିସ): ତେଲକୋଇ ଥାନା ତାଳପଦା ପଞ୍ଚାୟତ ବଡ଼ଖମଣ ଛକ ନିକଟସ୍ଥ ସାତହଳିଆ ଜଙ୍ଗଲରୁ ଗତ ମଙ୍ଗଳବାର ଉଦ୍ଧାର ହୋଇଥିବା ଗଳିତ ମୃତଦେହର ପରିଚୟ ମିଳିଥିବା ପୁଲିସ ପକ୍ଷରୁ କୁହାଯାଇଛି। ମୃତକ ହେଲେ ତେଲକୋଇ ଥାନା ସାଙ୍କେଇ ଗ୍ରାମର ସ୍ୱର୍ଗତ ରଥିଆ ଜୁଆଙ୍ଗଙ୍କ ପୁଅ ଲିପୁନ (୧୭)। ତେବେ ଲିପୁନ ତାମିଲନାଡୁକୁ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ କହି ଆଜକୁ ୫ ଦିନ ପୂର୍ବରୁ ଘରୁ ଆସିଥିବା ବେଳେ ସ୍ଥାନୀୟ ଜଣେ ସମ୍ପର୍କୀୟଙ୍କ ସହିତ ଯିବା ପାଇଁ ତାଳପଦା ପୋଙ୍ଗା ଅଞ୍ଚଳକୁ ଆସିଥିଲେ। ଉକ୍ତ ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ହାତୀ ଆକ୍ରମଣରେ ଶିକାର ହୋଇଥିବା କୁହାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

# ପୁଲିସର ଥାନାୱାରୀ ନିଶାମୁକ୍ତି ଅଭିଯାନ

ଆନନ୍ଦପୁର, ୧୭(ସମିସ)



ନିଶାମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟରେ ରାଜ୍ୟ ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା ବ୍ୟାପକ ସଚେତନତା ଅଭିଯାନ ଆଜି ଆନନ୍ଦପୁର ଉପଖଣ୍ଡର ସମସ୍ତ ଥାନା ପକ୍ଷରୁ ଆରମ୍ଭ ହୋଇଛି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ପୁଲିସ ଏସଡିପିଓ କମଳ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଘସିପୁରା, ଆନନ୍ଦପୁର, ନନ୍ଦିପଦା, ସୋସୋ ଓ ରାମଚନ୍ଦ୍ରପୁର ଥାନାରେ ଏହି ସଚେତନତା କାର୍ଯ୍ୟକ୍ରମ ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିଲା। ଭର୍ଚୁଆଲ୍ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିଶା ସେବନର କୁପ୍ରଭାବ, ବେଆଇନ ନିଶା କାରବାର ରୋକିବାରେ ପୁଲିସର ଭୂମିକା ଓ ସାଧାରଣ ଜନତାଙ୍କ ସହଯୋଗର ଗୁରୁତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଭିନ୍ନ ଥାନାର ଅଧିକାରୀ, 'ଆମ ପୁଲିସ'ର ସଦସ୍ୟ ଓ ପୁଲିସ କର୍ମଚାରୀମାନେ ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ସାମୂହିକ ସଂକଳ୍ପ ନେଇଥିଲେ। ନିଶା ବିରୋଧୀ ଅଭିଯାନକୁ ଅଧିକ ସଫଳ କରିବା ପାଇଁ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ସକ୍ରିୟ ସହଯୋଗ ଆବଶ୍ୟକ ବୋଲି ପୁଲିସ ପକ୍ଷରୁ ଆହ୍ୱାନ କରାଯାଇଥିଲା।

**ଘଟଗାଁ:** ଘଟଗାଁ ଥାନା ପରିସରରେ 'ନିଶା ମୁକ୍ତ ଓଡ଼ିଶା' ଅଭିଯାନ ଅନ୍ତର୍ଗତ ଏକ ସଚେତନତା କାର୍ଯ୍ୟକ୍ରମରେ ପୁଲିସ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି, ସାମାଜିକ କର୍ମୀ ଓ ବହୁସଂଖ୍ୟକ ସ୍ଥାନୀୟ ବାସିନ୍ଦା ଯୋଗ ଦେଇଥିଲେ। ସମସ୍ତେ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ ଗ୍ରହଣ କରିଥିଲେ। ଘଟଗାଁ ଥାନା ଦାୟିତ୍ୱରେ ଥିବା ଆଇଆଇସି ମାନସ କୁମାର ମହାକୁଡ଼, ପୁଲିସ ସବଇନ୍ସପେକ୍ଟର ପ୍ରଶାନ୍ତ ବେବେରା, ଏଏସଆଇ ବ୍ୟାସଦେବ ମିର୍ଧା, ପ୍ରେସ କ୍ଲବ ସଭାପତି ପ୍ରଦୀପ ସା, ବରିଷ୍ଠ ସାମ୍ବାଦିକ ଆନନ୍ଦଚନ୍ଦ୍ର ସିଂହ, ସଞ୍ଜୟ ମିଶ୍ର, ପ୍ରଫୁଲ ରାଉତ, ରାଜେନ୍ଦ୍ର ପଟ୍ଟନାୟକ, ପ୍ରଫୁଲ ସାହୁ, ନାରାୟଣ ପଲେଇ, ମାନସ ପେରେଇ, ଭୀମସେନ ବଳ, ଛବିନ୍ଦ୍ର ଜେନା, ଭବାନୀଶଙ୍କର ମହାନ୍ତ, ଦେବାଶିଷ ଭଞ୍ଜ, ବରିଷ୍ଠ ନାଗରିକ ଜଗବନ୍ଧୁ ସା, ସମାଜସେବୀ ଉତ୍ତମ ପ୍ରଧାନ, ଉଠାଦୋକାନୀ ସଂଘ ସମ୍ପାଦକ ଭରତଚନ୍ଦ୍ର ପଲେଇ ଉପସ୍ଥିତ ଥିଲେ। ପୁଲିସ କର୍ମଚାରୀ କୃଷ୍ଣଚନ୍ଦ୍ର ସେଠୀ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

**ତୁରୁମୁଙ୍ଗା:** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ପୁଲିସ ପକ୍ଷରୁ ବୁଧବାର ତୁରୁମୁଙ୍ଗା ପଞ୍ଚାୟତ ସଭାଗୃହରେ ମଦ ବିରୋଧୀ ଅଭିଯାନକୁ ନେଇ ଏକ ସଚେତନତା ସଭା ଥାନାଧିକାରୀ ସବିତା ନାଏକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ତୁରୁମୁଙ୍ଗା ସରପଞ୍ଚ ସୁଲେଖା ନାଏକ, ଥାନା ଏସଆଇ କିଶୋରଚନ୍ଦ୍ର ପାତ୍ର ଏଏସଆଇ ବିରେନ୍ଦ୍ର କିଶୋର ବେହେରା, ସୁଜାତା ମହାନ୍ତ ପ୍ରମୁଖ ଯୋଗ ଦେଇ ମଦମୁକ୍ତ ସମାଜ ଗଠନ ପାଇଁ ଶପଥ ନେଇଥିଲେ। ସଚେତନତା ଅଭିଯାନରେ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ନଦୀରେ ବୁଡ଼ି ନାବାଳକର ମୃତ୍ୟୁ

ଚମ୍ପୁଆ, ୧୭(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଅଞ୍ଚଳରେ ନଦୀରେ ବୁଡ଼ି ଜଣେ ୧୨ ବର୍ଷୀୟ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଚମ୍ପୁଆ ମୌଲାନାଗୁଡ଼ା ଅଞ୍ଚଳର ସରୱର ଆଲାମଙ୍କ ୧୨ ବର୍ଷର ପୁଅ ଆୟାନ ସରୱର। ଆୟାନ ଘରୁ ଦ୍ୱିପ୍ରହର ସମୟରେ ବାହାରିବା ପରେ ଦୀର୍ଘ ସମୟ ଧରି ଘରକୁ ଫେରି ନଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସହିତ ଗାଧୋଇବାକୁ ଯାଇଥିବା ସନ୍ଦେହ କରି ନଦୀକୂଳରେ ଖୋଜାଖୋଜି କରିଥିଲେ। ଏହି ସମୟରେ ନଦୀ କୂଳରେ ତାଙ୍କର ପୋଷାକ ପଡ଼ିଥିବା ଦେଖି ସନ୍ଦେହ ବଢ଼ିଥିଲା। ପରେ ଆୟାନଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଚମ୍ପୁଆ ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାରେ ୟୁଡି କେସ୍ ନଂ. ପ ୧୮/୨୦୨୬ ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଛି। ଏହି ଅକାଳ ମୃତ୍ୟୁକୁ ନେଇ ମୌଲାନାଗୁଡ଼ା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଆନନ୍ଦପୁର ମହାବିଦ୍ୟାଳୟର ୬୩ତମ ପ୍ରତଷ୍ଠା ଦିବସ

ଆନନ୍ଦପୁର, ୧୭(ସମିସ): ଆନନ୍ଦପୁର ମହାବିଦ୍ୟାଳୟର ୬୩ତମ ପ୍ରତିଷ୍ଠା ଦିବସ ଅଧ୍ୟକ୍ଷ ଡ଼ଃ ନିମାଇଁ ଚରଣ ରାଉତଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ନୀଳମାଧବ ସୁନା ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଧାୟକ ମାୟାଧର ଜେନା, ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ପୌରପାଳିକାର




ପୂର୍ବତନ ପୌରାଧ୍ୟକ୍ଷ ରାମଚନ୍ଦ୍ର ସାହୁ, ସାଂସଦ ପ୍ରତିନିଧି ରିରକ୍ଷକର ସାହୁ, ପୁରାତନ ଛାତ୍ର ସଂସଦର ସଭାପତି ରାମଚନ୍ଦ୍ରସୁର, ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଗୋପବନ୍ଧୁ ପଣ୍ଡା, ରମାକାନ୍ତ ନାୟକ, ଡ. ନାରାୟଣ ମିଶ୍ର ଉପସ୍ଥିତ ଥିଲେ। ସଭାରେ ସଂଯୋଜନା ଅଧ୍ୟାପକ ରଘୁଦୀପ୍ତି ନାୟକ କରିଥିବା ବେଳେ ଅତିଥି ପରିଚୟ ପ୍ରାଧ୍ୟାପକ ଦୁର୍ଗାଶଙ୍କର ପରିଡ଼ା ପ୍ରଦାନ କରିଥିଲେ। ଅଧ୍ୟାପକ କାହ୍ନୁଚରଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଲେଫ୍ଟନାଣ୍ଟ ରଘୁଦୀପ୍ତି ନାୟକ, ଡ. ମିତାଶ୍ରୀ ବେହେରା, ଡ. ଦେବାଶିଷ ମିଶ୍ରଙ୍କୁ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫୁଲ୍ଲ ପଣ୍ଡା ତଥା ଛାତ୍ରଛାତ୍ରୀ, ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

# ସମ୍ପାଦକୀୟ



ଇତିହାସର ପୁନରାବୃତ୍ତି ହୁଏ, ପ୍ରଥମେ ଏକ ଦୁଃଖଦ ଘଟଣା ଭାବେ ଏବଂ ଦ୍ୱିତୀୟରେ ଏକ ପ୍ରହସନ ଭାବେ।

-କାର୍ଲ ମାର୍କସ୍

ସକାଳ
THE SAKALA

## ଡିଜିଟାଲ ଇଣ୍ଡିଆର କଷଣ

ଆଧାର ଏକ କାର୍ଡ ନା ନମ୍ବର? ଏହା ଇଚ୍ଛାଧୀନ ନା ବାଧ୍ୟତାମୂଳକ? ଏହି ପ୍ରଶ୍ନ ଓ ପ୍ରସଙ୍ଗ ଏକାଧିକ ଥର ନ୍ୟାୟପାଳିକାର କାଠଗଡ଼ାକୁ ଯାଇଛି। ସର୍ବୋଚ୍ଚ ନ୍ୟାୟାଳୟ ଏକାଧିକ ଥର 'ଆଧାର'କୁ ବାଧ୍ୟତାମୂଳକ କରାଯାଇପାରିବ ନାହିଁ ବୋଲି ରାୟ ଦେଇଛନ୍ତି। ଶେଷଥର ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ୨୦୧୮ ସେପ୍ଟେମ୍ବର ମାସରେ 'ଜଷ୍ଟିସ୍ କେ ଏସ୍ ପୁଟ୍ଟାସ୍ୱାମୀ ବନାମ ଭାରତ ସରକାର' ମାମଲାରେ ସ୍ପଷ୍ଟ କରିଥିଲେ ଯେ ବିଭିନ୍ନ ଜନକଲ୍ୟାଣମୂଳକ ସରକାରୀ ଯୋଜନାର ହିତାଧିକାର ପାଇଁ 'ଆଧାର' ସଂଯୋଗ ଆବଶ୍ୟକ; କିନ୍ତୁ 'ଆଧାର' ସଂଯୋଗର ଅନୁପସ୍ଥିତି ଆଳରେ କୌଣସି ହିତାଧିକାରୀଙ୍କୁ ଯୋଜନାର ଲାଭ ପାଇବାରୁ ବଞ୍ଚିତ କରାଯାଇପାରିବ ନାହିଁ। ବିଡ଼ମ୍ବନା ହେଉଛି ଓଡ଼ିଶାରେ ଗତଦୁଇବର୍ଷ ମଧ୍ୟରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଉପରୋକ୍ତ ରାୟର ସର୍ବାଧିକ ଉଲ୍ଲଙ୍ଘନ ହେବା ସହିତ ଗରିବ ହିତାଧିକାରୀଙ୍କୁ ଇ-କେୱାଇସି ଆଳରେ ନ୍ୟାଯ୍ୟ ଅଧିକାରରୁ ମାସ ମାସ ଧରି ବଞ୍ଚିତ କରାଯାଇଛି।

ଗତବର୍ଷ ରାସନ୍ ବା ପଡ଼ିକାର୍ଡଧାରୀଙ୍କ ପାଇଁ ଇ-କେୱାଇସି ନବୀକରଣ ବାଧ୍ୟତାମୂଳକ କରାଯିବା ପରେ ଓଡ଼ିଶାର ଲକ୍ଷ ଲକ୍ଷ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ହୋଇଥିଲେ। ସେମାନଙ୍କ ଭିତରେ ଅଯୋଗ୍ୟ ହିତାଧିକାରୀ ବା ଜାଲ୍ ପଡ଼ିକାର୍ଡ ଧାରୀ ନଥିଲେ ବୋଲି କୁହାଯାଇପାରିବ ନାହିଁ। ତେଣୁ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାର ପ୍ରକ୍ରିୟାକୁ ସ୍ୱଚ୍ଛ ଓ ଲକ୍ଷ୍ୟଭିତ୍ତିକ କରିବା ପାଇଁ ବୈଧ ପରିଚୟ ଓ ଚିହ୍ନଟକୁ ମଧ୍ୟ କେହି ମନା କରୁନାହାନ୍ତି। କିନ୍ତୁ କିଛି ପ୍ରତିଶତ ଜାଲ୍ ହିତାଧିକାରୀଙ୍କ ପାଇଁ ଲକ୍ଷ ଲକ୍ଷ ଗରିବ ହିତାଧିକାରୀ ମାସ ମାସ ଧରି ରାସନ ଓ ଖାଦ୍ୟ ସୁରକ୍ଷା ଅଧିକାରରୁ ବଞ୍ଚିତ କରାଯିବ କେଉଁ ନ୍ୟାୟରେ? ଚଳିତ ବର୍ଷ ମଧ୍ୟ ସେଭଳି ବିଡ଼ମ୍ବନାର ପୁନରାବୃତ୍ତି ଘଟିଛି। ମାସ ମାସ ଧରି ବାର୍ଦ୍ଧକ୍ୟ ଭତ୍ତା ଦିଆଯାଇ ନ ଥିବା ବେଳେ ଏବେ ଆଧାର ଲିଙ୍କ ବାହାନା ଖୋଜାଯାଉଛି। ସରକାର ନିର୍ଦ୍ଦେଶ ଦେଇଛନ୍ତି ଯେ ଆଧାର ଲିଙ୍କ ନଥିଲେ ଆଉ ବାର୍ଦ୍ଧକ୍ୟ ଭତ୍ତା ମିଳିବ ନାହିଁ। ଯେଉଁମାନେ ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି ସେମାନଙ୍କ ମଧ୍ୟରୁ ୯୬ ପ୍ରତିଶତ ନିରକ୍ଷର ଓ ଅଳ୍ପଶିକ୍ଷିତ। ଡିଜିଟାଲ୍ ସ୍ୱାକ୍ଷରତା, ଆଧାର ଲିଙ୍କ୍, ଇକେୱାଇସି ଭଳି ଜଟିଳ ବ୍ୟବସ୍ଥାକୁ ସେମାନେ ନା ବୁଝିପାରିବେ ନା ସେମାନଙ୍କୁ କେହି ବୁଝାଇପାରିବେ। ଏହି ବାସ୍ତବତାକୁ ଯେ ସରକାର କିମ୍ବା ବିଭାଗୀୟ ବାବୁମାନେ ହୃଦୟଙ୍ଗମ କରି ନ ଥିବେ ତାହା ମଧ୍ୟ ବିଶ୍ୱାସଯୋଗ୍ୟ ନୁହେଁ। ତଥାପି ହିତାଧିକାରୀଙ୍କୁ ବୈଷୟିକତା ତ୍ରୁଟି ଆଳରେ ଅଧିକାରରୁ ବଞ୍ଚିତ କରିବା ସାମ୍ବିଧାନିକ ଅଧିକାରର ଉଲ୍ଲଙ୍ଘନ ନୁହେଁ କି? ଆଜି ଆମ ଦେଶ ଡିଜିଟାଲ୍ ଇଣ୍ଡିଆର ସଫଳତାର ଦଶନ୍ଧି ପୂର୍ତ୍ତି ମହୋତ୍ସବ ପାଳନ କରୁଥିବା ବେଳେ ଡିଜିଟାଲ୍ ପାହାରର କଷଣ କେତେ ଯୁକ୍ତିଯୁକ୍ତ ତାହା ମଧ୍ୟ ବିଚାର୍ଯ୍ୟ।

ଏଭଳି ବିଡ଼ମ୍ବନା ଓ ବ୍ୟତିକ୍ରମର ମୂଳାଧାର ହେଉଛି ଡିଜିଟାଲ୍ ଇଣ୍ଡିଆର ସୂଚନା ପ୍ରଯୁକ୍ତି ବିଦ୍ୟାର ଜଟିଳ ପ୍ରକ୍ରିୟା। ଜନଜୀବନକୁ ସାବଲୀଳ, ସହଜ ଓ ସରଳ କରିବା ସହିତ ମାନବ ସଭ୍ୟତାକୁ ଉନ୍ନତ କରିବା ଲାଗି ବିଜ୍ଞାନ ସର୍ବଦା ଅଭିପ୍ରେତ। କିନ୍ତୁ ବିଜ୍ଞାନ ଯଦି ସୁଖ ବଦଳରେ ଦୁଃଖ ଦିଏ, ଜୀବନକୁ ସହଜ କରିବା ବଦଳରେ ଯଦି ଯନ୍ତ୍ରଣାସିକ୍ତ କରିଦିଏ ତେବେ ତାହା ବିଜ୍ଞାନର ଅଭିଶାପ ବୋଲି କହିବାକୁ ହେବ। ମହତ୍ ଉଦ୍ଦେଶ୍ୟରେ ଚଳିତ ଶତାବ୍ଦୀର ପ୍ରାରମ୍ଭରୁ ଭାରତରେ ଆରମ୍ଭ ହୋଇଥିବା ଡିଜିଟାଲ୍ ବିପ୍ଳବ ଏବେ ଡିଜିଟାଲ୍ ଭାରତର ରୂପ ନେଇ ସେଭଳି ଅଭିଶପ୍ତ ଘଟଣାମାନଙ୍କୁ ଜନ୍ମ ଦେଇଚାଲିଛି। ଆମ ଭିତରୁ ପ୍ରାୟ ଅଧିକାଂଶ ଭୁକ୍ତଭୋଗୀଙ୍କ ଅନୁଭବ ଓ ଅନୁଭୂତି ଏହା ଯେ - ଡିଜିଟାଲ୍ ବିପ୍ଳବ କାମକୁ ଆରାମଦାୟକ ଓ ସତ୍ୱର କରିଦେଇଛି। କିନ୍ତୁ ଏହାର ପାଦେ ପାଦେ ବିପଦ ରହିଛି। ସାକ୍ଷରତା ଓ ସଚେତନତା ବିନା ଡିଜିଟାଲ୍ ଦୁନିଆ ଅପରାଧର ଏକ ମାୟାନଗରୀ ଭାବେ ପ୍ରମାଣିତ ହୋଇଛି। ଏପରିକି ଉଚ୍ଚଶିକ୍ଷିତ ବୈଷୟିକ ଜ୍ଞାନସମ୍ପନ୍ନ ବ୍ୟକ୍ତିବିଶେଷ ମଧ୍ୟ ଡିଜିଟାଲ୍ ଦୁନିଆର ମାୟାଜାଲରେ ପଡ଼ି ଯନ୍ତ୍ରଣା ଭୋଗୁଛନ୍ତି।

ଡିଜିଟାଲ୍ ଦୁନିଆକୁ ଏଡ଼ାଇ ଯିବା ଆଜିର ସମୟରେ ଅସମ୍ଭବ। ବ୍ୟବସ୍ଥା ଓ ପ୍ରକ୍ରିୟାକୁ ଡିଜିଟାଲାଇଜେସନ୍ କରିବାରେ କେହି ଆପତ୍ତି କରୁନାହାନ୍ତି। କିନ୍ତୁ ସମ୍ପୂର୍ଣ୍ଣ ପ୍ରସ୍ତୁତି ବିନା ଏହାର ପ୍ରୟୋଗ କିଭଳି ବିପତ୍ତି ଓ ବିଭ୍ରାଟମାନ ସୃଷ୍ଟି କରିପାରେ ତାହା ବାହାନଗା ମର୍ମନ୍ତୁଦ ରେଳ ଦୁର୍ଘଟଣା ସମେତ ଓଡ଼ିଶାରେ ରାସନ୍ ଓ ଭତ୍ତା ବଣ୍ଟନ ବ୍ୟତିକ୍ରମକୁ ଉଦାହରଣ ରୂପେ ନିଆଯାଇପାରେ। ଗତ ପାଞ୍ଚବର୍ଷ ଭିତରେ ଯେଉଁ କେତେକ ରେଳ ଦୁର୍ଘଟଣା ଘଟିଛି ସେଥିମଧ୍ୟରୁ ପ୍ରାୟ ୯୯ ପ୍ରତିଶତ ପଛରେ ଡିଜିଟାଲ୍ ବ୍ୟବସ୍ଥାକୁ ଦାୟୀ କରାଯାଇପାରେ। ଡିଜିଟାଲ୍ ସିଗନାଲ୍ ବା ଭିଡ଼ ନିୟନ୍ତ୍ରଣକୁ ଅତ୍ୟାଧୁନିକ ଜ୍ଞାନକୌଶଳ ବଳରେ ସୁସଂଯତ ଓ ତ୍ରୁଟିଶୂନ୍ୟ କରିବା ପାଇଁ ଡିଜିଟାଲ ଜ୍ଞାନକୌଶଳର ଭରପୂର ପ୍ରୟୋଗ କରାଯାଇଥିବା ବେଳେ ତାହାର ସାମନ୍ୟ ତମ ଅପ୍ରସ୍ତୁତି ଯୋଗୁଁ ଯେଉଁ ଦୁର୍ଘଟଣାମାନ ଘଟୁଛି ସେଥିମଧ୍ୟରୁ ୨୦୨୩ର ବାହାନଗା ରେଳଦୁର୍ଘଟଣା ଇତିହାସରେ ଅପାସୋରା ହୋଇ ରହିଯିବ।

ଡିଜିଟାଲ୍ ଇଣ୍ଡିଆର ଆଉ ଏକ ନକାରାତ୍ମକ ଦିଗ ଏବେ ସାମ୍ନାକୁ ଆସିଛି। ପଶ୍ଚିମବଙ୍ଗରେ ଏସ୍ଆଇଆର ପ୍ରକ୍ରିୟାରେ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ବ୍ୟକ୍ତି ଓ ପରିବାର ବିଭିନ୍ନ ଜନକଲ୍ୟାଣକାରୀ ସରକାରୀ ଯୋଜନାରୁ ବଞ୍ଚିତ ହେବେ ବୋଲି ପଶ୍ଚିମବଙ୍ଗର ନବନିର୍ବାଚିତ ସରକାର ଘୋଷଣା କରିଛନ୍ତି। ଭୋଟର ତାଲିକାରୁ ବାଦ୍ ପଡ଼ିଥିବା କାରଣରୁ ପାସ୍‌ପୋର୍ଟ ମଧ୍ୟ ନବୀକରଣ ହୋଇପାରୁ ନ ଥିବା ଜଣାପଡ଼ିଛି। ଏହା କହିବା ବାହୁଲ୍ୟ ଯେ ଏସ୍ଆଇଆରରେ 'ତାର୍କିକ ବିସଙ୍ଗତି' (ଲଜିକାଲ୍ ଡିସ୍କ୍ରିପାନ୍ସି) ଭଳି ଯେଉଁ ଅସ୍ତ୍ରଟିକୁ ଉପଯୋଗ କରାଗଲା ସେଥିରେ ଅନ୍ୟାୟଭାବେ ଅନେକ ଯୋଗ୍ୟ ଭୋଟର ତାଲିକାରୁ ବାଦ୍ ପଡ଼ିଲେ। ଆଲ୍‌ଗୋରିଦିମ୍ (ଡିଜିଟାଲ) ଦ୍ୱାରା ନିୟନ୍ତ୍ରିତ ଏହି ପ୍ରକ୍ରିୟାରେ ବାଦ୍ ପଡ଼ିଥିବା ଭାରତୀୟମାନେ ଏବେ ସେମାନଙ୍କ ନାଗରିକତ୍ୱ ହରାଇବା ପରି ସ୍ଥିତି ସୃଷ୍ଟି ହୋଇଛି ଏବଂ ସର୍ବୋଚ୍ଚ ନ୍ୟାୟାଳୟରେ ମାମଲା ବୋଝ ବଢ଼ିଚାଲିଛି। ସ୍ୱୟଂକ୍ଷମ ପୂର୍ଣ୍ଣପ୍ରସ୍ତୁତିର ଅନୁପସ୍ଥିତିରେ 'ଡିଜିଟାଲ୍ ଇଣ୍ଡିଆ'ରେ ଯେଉଁଭଳି ଭାବେ ସାଇବର ଅପରାଧ, ଡିଜିଟାଲ୍ ଆରେଷ୍ଟ, ହ୍ୟାକିଂ ଅପରାଧମାନ ବଢ଼ିଚାଲିଛି ତାହା ମଧ୍ୟ କାହାକୁ ଅଛପା ନାହିଁ। ବିଦ୍ୟାଳୟମାନଙ୍କରେ 'ଆଧାର' ଓ 'ଅପାର' ସଂଯୋଗର ବାଧ୍ୟବାଧକତା ଜନ୍ମ ଦେଇଥିବା ଜଟିଳତା, ସମସ୍ୟା ଓ ଯନ୍ତ୍ରଣା ଅଭିଭାବକଙ୍କ ଛଡ଼ା ଆଉ କେହି ହୃଦୟଙ୍ଗମ କରିପାରିବେ ନାହିଁ।

ତେଣୁ ଶ୍ରୁତିମଧୁର ଡିଜିଟାଲ୍ ଇଣ୍ଡିଆକୁ ତିକ୍ତ-ଅନୁଭବମୁକ୍ତ କରିବାକୁ ହେଲେ ନୀତିନିର୍ଦ୍ଧାରଣ ସ୍ତରରେ ଆହୁରି ପରିପକ୍ୱତା ଆବଶ୍ୟକ। ପ୍ରଚାରସର୍ବସ୍ୱ ମାନସିକତାକୁ ତ୍ୟାଗ କରି ପ୍ରଭାବସର୍ବସ୍ୱ ନୀତି ନିର୍ଦ୍ଧାରଣ ନ ହେବା ଯାଏଁ ଡିଜିଟାଲ ଇଣ୍ଡିଆର ଏଭଳି ଅଦେଖା ଓ ଅକୁହା କଷଣ ଓ ଉଦାହରଣମାନ ବଢ଼ିଚାଲିଥିବ।

## ନିର୍ବାଚନ ପୂର୍ବରୁ ଓ ପରେ

ଅକ୍ଷୟ କୁମାର ମିଶ୍ର

ଜନସାଧାରଣ ସବୁବେଳେ ଆଶା କରନ୍ତି ତାଙ୍କର ଯିଏ ନେତା ହେବେ ସେ ଜଣେ ଭଲ ସେବକ ହୁଅନ୍ତୁ। ତାଙ୍କର ଭାବମୂର୍ତ୍ତି ନିର୍ମଳ ହେଉ। ସେ ନିଃସ୍ୱାର୍ଥପର, ନିରାଡ଼ମ୍ବର, ନିଷ୍କଳଙ୍କ ଓ ନିରପେକ୍ଷ ହୁଅନ୍ତୁ। ଦୟା, କ୍ଷମା, ଉଦାରତା, ସହନଶୀଳତା ଆଦି ମାନବୀୟ ଗୁଣର ସେ ଅଧିକାରୀ ହୁଅନ୍ତୁ। ସର୍ବୋପରି ଜଣେ ଜ୍ଞାନୀ ମଣିଷ ହୁଅନ୍ତୁ। ଲୋକଙ୍କର ଏହି ଭାବନାକୁ ଆମ ଦେଶର ତଥାକଥିତ ନେତାମାନେ ବେଶ୍ ଭଲଭାବରେ ଜାଣିଛନ୍ତି। ସେଇଥିପାଇଁ ବୋଧହୁଏ ନିର୍ବାଚନ ପୂର୍ବରୁ ସେମାନଙ୍କର ଗୋଟିଏ ରୂପ ନିର୍ବାଚନ ପରେ ଆଉ ଏକ ରୂପ।

ନିର୍ବାଚନ ପୂର୍ବରୁ ସବୁ ନେତା ଭଦ୍ର, ସରଳ, ମିଷ୍ଟଭାଷୀ। ଏମିତି ଆଚରଣ ପ୍ରଦର୍ଶନ କରନ୍ତି ସତେଯେମିତି ସାମାନ୍ୟତମ ଲୋଭ ବା ମୋହର ବଶବର୍ତ୍ତୀ ନୁହନ୍ତି ସେମାନେ। ସାଧାରଣ ବେଶଭୂଷା, ସରଳ ଜୀବନଯାପନ ଲୋକଙ୍କୁ ଆକୃଷ୍ଟ କଲା ଭଳି। ଆହାରେ ଭଲ-ମନ୍ଦ ନାହିଁ। ଜାତି-ଅଜାତି ଆଉ ସ୍ଥାନ-କାଳ-ପାତ୍ରର ବାଛବିଚାର ନାହିଁ। ଯେଉଁଠି ଯେମିତି ମିଳେ ତାହା ଆଗ୍ରହର ସହିତ ଖାଇ ନିଅନ୍ତି। କାହା ପିଣ୍ଡାର ଛିଣ୍ଡା ମଶିଣାରେ, ମନ୍ଦିର ଅଗଣାରେ, ମେଳଣ ପଡ଼ିଆରେ, ଘାସ ଉପରେ ବସି ଲୋକଙ୍କ ଅନ୍ତରଙ୍ଗ ହେବାକୁ ଉଦ୍ୟମ କରନ୍ତି। କାହାର ବିପଦ ଆପଦରେ ଅଯାଚିତ ଭାବେ ଆସି ପହଞ୍ଚି ଯାଆନ୍ତି। ବେଳେ ବେଳେ ଶବ ଶୋଭାଯାତ୍ରାରେ କୋକେଇରେ କାନ୍ଧ ଦେଇ ମଶାଣି ପର୍ଯ୍ୟନ୍ତ ଯାଆନ୍ତି। ବଦମାସ, ଚୋର, ଡକାୟତ ବି ସାଧୁ ପାଲଟି ଯାଆନ୍ତି ନିର୍ବାଚନ ସମୟରେ। ଦାନୀ ହରିଶ୍ଚନ୍ଦ୍ର ଭଳି ଦାନ ଦକ୍ଷିଣା ଦେବାରେ ମଧ୍ୟ କାର୍ପଣ୍ୟ ପ୍ରକାଶ କରନ୍ତି ନାହିଁ। ଲୋକେ କୁହା ବୁଲା କରନ୍ତି 'ମଣିଷ ଭଳି ମଣିଷଟିଏ। ନେତା ହେବ ତ ଏମିତି।'

ଲୋକଙ୍କର କଳନା ଭୁଲ ପ୍ରମାଣିତ ହୁଏ ନିର୍ବାଚନ ପରେ। ସମସ୍ତ ପ୍ରଶଂସା ତିରସ୍କାରର ରୂପ ନିଏ। ବାରମ୍ବାର ନିଜକୁ ପ୍ରଶ୍ନ ପଚାରିବାକୁ ଇଚ୍ଛା ହୁଏ, ଏତେ ଶୀଘ୍ର ସେମାନେ ବଦଳି ଯାଉଛନ୍ତି କେମିତି? ନିର୍ବାଚନ ଜିଣିବାର ମାସେ ଦୁଇ ମାସ ଭିତରେ ସବୁକିଛି ବଦଳି ଯାଉଛି। ପଖାଳ ଖାଇବା ତ ଦୂରର କଥା ଦେଖା ଦର୍ଶନ ମିଳୁ ନାହିଁ। କୌଣସି ଜରୁରୀ କାମରେ ସାକ୍ଷାତ କରିବାକୁ ଗଲେ ସହଜେ ସମ୍ଭବ ହେଉ ନାହିଁ। 'ସାର୍ ଶୋଇଛନ୍ତି', 'ସାର୍ ଆଜି ଦେଖା ହୋଇ ପାରିବେ ନାହିଁ', 'ବହୁ ନାମୀଦାମୀ ଲୋକଙ୍କ ପାଇଁ ସମୟ ସ୍ଥିର ହୋଇଛି', 'କେଉଁଠୁ ଆସିଛ, କାମ କ'ଣ...?' ଏମିତି କେତେ ଶୁଣେଇ ଦେବ ଦରୱାନ୍। ଅତି କାକୁସ୍ଥ ହେଲେ ଉତ୍ତର ଆସିବ, 'ଠିକ୍ ଅଛି ଗୋଟିଏ କାଗଜରେ ନାମ ଠିକଣା ଲେଖିଦିଅ। ପ୍ରାଇଭେଟ୍ ଆସିଷ୍ଟାଣ୍ଟଙ୍କୁ ଦେବି।' ଅଳ୍ପ କେତୋଟି ଦିନ ଭିତରେ ରାଜଧାନୀରେ ଦାମୀ ବଙ୍ଗଳା ତିଆରି ହେଉଛି। ଘରର ଯେତେ ସଦସ୍ୟ ସମସ୍ତଙ୍କ ପାଇଁ ନିଜ ପସନ୍ଦର ଗାଡ଼ି କିଣା ହେଉଛି। ପୁଅ ଝିଅମାନେ ଆଉ ସରକାରୀ ଶିକ୍ଷାନୁଷ୍ଠାନରେ ପଢୁ ନାହାନ୍ତି। ଏମିତିକି ଏକଦା ଦେଶଭକ୍ତିର ଡିଣ୍ଡିମ ପିଟୁଥିବା ବାବୁ ତାଙ୍କ ପୁଅଝିଅଙ୍କୁ ବିଦେଶରେ ପାଠ ପଢ଼ାଉଛନ୍ତି। ଅଳ୍ପ କେତେଜଣଙ୍କୁ ଛାଡ଼ିଦେଲେ ନିର୍ବାଚନ ପରେ ନବେ ପ୍ରତିଶତ ନେତାଙ୍କ ନିକଟରେ ନୀତି, ଆଦର୍ଶ କେବଳ ମୁଖନିଃସୃତ ବାଣୀ। ଅସଲରେ ଦୁର୍ନୀତିର ପାହାଡ଼ ଆରୋହଣ କରିବାରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି ନେତାଙ୍କ ଭିତରେ।

ଗଣତନ୍ତ୍ରର ପୃଷ୍ଠଭୂମିରେ ଛିଡ଼ା ହୋଇ ଆମେ ଯଦି ନିରୀକ୍ଷଣ କରିବା ତେବେ ଅତି ସହଜରେ ଜାଣି ପାରିବା କେବଳ ଜନପ୍ରତିନିଧିଙ୍କଠାରେ ପରିବର୍ତ୍ତନ ଘଟୁନାହିଁ। ରାଜନୈତିକ ଦଳଗୁଡ଼ିକ ମଧ୍ୟ ଅନେକମାତ୍ରାରେ ନିଜର ନୀତି ଓ କାର୍ଯ୍ୟଧାରାରେ ପରିବର୍ତ୍ତନ ଘଟାଉଛନ୍ତି। ନିର୍ବାଚନ ପୂର୍ବରୁ ଯେଉଁ କଥା ସବୁ କୁହନ୍ତି ନିର୍ବାଚନ ପରେ ସେସବୁ କାମରେ ପ୍ରତିଫଳିତ ହୁଏ ନାହିଁ। ସବୁଠାରୁ ବଡ଼ କଥା ହେଉଛି କ୍ଷମତାରେ ରହିବା ଏବଂ କ୍ଷମତାକୁ ନିରଙ୍କୁଶ ଉପଭୋଗ କରିବା ନିମନ୍ତେ ଯୋଜନା ପ୍ରସ୍ତୁତ କରୁଛନ୍ତି। ଯେନତେନ ପ୍ରକାରେ ଦଳର ଶକ୍ତି ବୃଦ୍ଧି କରିବା ପାଇଁ ବିଭିନ୍ନ ଅସାଧୁ ପନ୍ଥା ଅବଲମ୍ବନ କରୁଛନ୍ତି।

ଆଲୋଚନାକୁ ଆଣିଲେ ଅନେକ ଘଟଣା ଆସିବ। ତେବେ ଅଳ୍ପ କେତୋଟି ଘଟଣା ସମ୍ପର୍କରେ ଆଲୋଚନା କରିବା। ଏଇ କିଛିବର୍ଷ ହେଲା ଆମେ ଦେଖୁଛୁ ନିର୍ବାଚନ ପରେ ସରକାରୀ ଦଳ କେମିତି ଅନ୍ୟ ଦଳରୁ ନିର୍ବାଚିତ ପ୍ରତିନିଧିମାନଙ୍କୁ ନିଜ ପକ୍ଷକୁ ନେବା ପାଇଁ ଲାଗି ପଡ଼ୁଛନ୍ତି। ବିଶେଷକରି ରାଜ୍ୟସଭା ସାଂସଦଙ୍କ ଉପରେ ଲୋଲୁପ ଦୃଷ୍ଟି ପକାଇଛନ୍ତି। ଆମ ରାଜ୍ୟର ତିନି ଜଣ ବିଜେଡି ଦଳର ସାଂସଦ ପଦବୀରୁ ଇସ୍ତଫା ଦେଇ ସରକାରୀ ଦଳରେ ସାମିଲ ହେବା ଏବଂ ସଙ୍ଗେ ସଙ୍ଗେ ଦଳୀୟ ଟିକଟ ଦେଇ ପୁନର୍ବାର ସେମାନଙ୍କୁ ରାଜ୍ୟସଭାକୁ ନେଇଯିବାରେ ନୈତିକତାକୁ କେମିତି ସମ୍ପୂର୍ଣ୍ଣ ବିସର୍ଜନ ଦିଆଗଲା ତାହା ସଭିଏଁ ଦେଖିଲେ। ଏମିତି ଏକ ଇସ୍ତଫା ନାଟକ ହେଲା କେବଳ ମାତ୍ର ଦଳବଦଳ ଆଇନରୁ ରକ୍ଷା ପାଇବା ପାଇଁ। 'ଆପ୍' ଦଳର ସାତ ଜଣ ରାଜ୍ୟସଭା ସାଂସଦ କେମିତି ପନ୍ଥ ପରିବର୍ତ୍ତନ କଲେ ତାହା ସଭିଏଁ ଦେଖିଛନ୍ତି। ଏବେ ଦୃଷ୍ଟି ପଡ଼ିଛି ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ଉପରେ। ଏହି ଦଳର ସଂକେତରେ ଭୋଟ୍ ନେଇ ନିର୍ବାଚିତ ହୋଇଥିବା ସାଂସଦମାନଙ୍କ ଉପରେ। ୨୮ ଜଣ ସାଂସଦଙ୍କ ମଧ୍ୟରୁ ୨୦ ଜଣ ସାଂସଦ ଏନ୍‌ଡିଏକୁ ସମର୍ଥନ ଦେବାକୁ ଘୋଷଣା କରିବା ପୂର୍ବରୁ ସେହି ରାଜ୍ୟର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଯିଏ ସେମାନଙ୍କର ଘୋର ବିରୋଧୀ ଥିଲେ ତାଙ୍କ ସହିତ ଗୋପନ ବୈଠକ କରିବା ଦଳର ଭିତିରି ଉଦ୍ଦେଶ୍ୟକୁ ପଦାରେ ପକାଇ ଦେଇଛି। ନିର୍ବାଚନ ପୂର୍ବରୁ ଦଳ ଏମାନଙ୍କ ବିରୁଦ୍ଧରେ ପ୍ରଚାର କରୁଥିଲା, ଏମାନଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ ଆଣୁଥିଲା। ମାତ୍ର ନିର୍ବାଚନ ପରେ ନିଜ ଦଳକୁ କୋଳେଇ ନେଉଛି ସବୁକୁ ଭୁଲି। ରାଜ୍ୟସଭା ନିର୍ବାଚନ ସମୟରେ ସରକାରୀ ଦଳମାନେ କେଉଁ ଆଭିମୁଖ୍ୟ ନେଉଛନ୍ତି ତାହା ବିଭିନ୍ନ ରାଜ୍ୟର ଦାଣ୍ଡରେ ପଡ଼ି ଗଡ଼ୁଛି। ଓଡ଼ିଶାରେ ବୋଧହୁଏ ଏହା ସବୁ ସୀମା ଟପି ଯାଇଛି।

ନିର୍ବାଚନ ପରେ ଆଉ ଏକ ଘଟଣା ହେଉଛି ଦଳ ଭାଙ୍ଗିବା। ମହାରାଷ୍ଟ୍ରରେ ଶିବସେନା ଏବଂ ଏନ୍.ସି.ପି. କେମିତି ଏବଂ କେଉଁଥି ପାଇଁ ଭାଙ୍ଗିଲା କାହାକୁ ଅଛପା ନାହିଁ। ଏବେ ପଶ୍ଚିମବଙ୍ଗରେ ସେହି ସମାନ ନାଟକର ପୁନରାବୃତ୍ତି। ପନ୍ଦର ବର୍ଷ ଶାସନ କଲା ପରେ ତୃଣମୂଳ କଂଗ୍ରେସ ନିର୍ବାଚନରେ ପରାଜିତ ହେଲା ଏବଂ ଅଶୀ ବିଧାୟକଙ୍କୁ ନେଇ ବିରୋଧୀ ଦଳ ଆସନରେ ବସିଲା। ମାତ୍ର ମାସେ ଯାଇନି ଅଶୀରୁ ଷାଠିଏ ବିଧାୟକ ମିଶି ନୂତନ ତୃଣମୂଳ କଂଗ୍ରେସ ଗଠନ କଲେ। ନିର୍ବାଚନ ପୂର୍ବରୁ ଯେଉଁମାନେ ଅତ୍ୟନ୍ତ କୁତ୍ସିତ ଭାଷାରେ କଟୁ ସମାଲୋଚନା କରୁଥିଲେ ନିର୍ବାଚନ ପରେ ସେମନେ ପ୍ରଶଂସାରେ ଶତମୁଖ। ପରମ ଶତ୍ରୁ ପରମ ମିତ୍ର ପାଲଟି ଯାଉଛି। ନିର୍ବାଚନ ପୂର୍ବରୁ ଦଳ ଡେଇଁବା ଆମ ଦେଶରେ ରାଜନୈତିକ ସଂସ୍କୃତି ପାଲଟି ଯାଇଛି। ଦେଶର ଜନଗଣ ମଧ୍ୟ ଏହାକୁ ଗ୍ରହଣ କରିନେଇଛନ୍ତି। ନିର୍ବାଚନ ପରେ ସାଧାରଣ ଲୋକେ କିଛି ସୁବିଧା ସୁଯୋଗ ପାଇବା ଆଶାରେ କ୍ଷମତାସୀନ ଦଳକୁ ଯାଆନ୍ତି। କିନ୍ତୁ ଗୋଟିଏ ଦଳରୁ ଜିଣି ଅନ୍ୟ ଦଳକୁ ଯିବା ଭୟରେ ନା ଭକ୍ତିରେ ତାହା ହିଁ ବିଚାର୍ଯ୍ୟ। ଯାହା ଦେଖାଯାଉଛି ଅଧିକାଂଶ କ୍ଷେତ୍ରରେ ଭୟ ଗ୍ରାସ କରୁଛି ଏହି ନେତାମାନଙ୍କୁ। ସଭିଏଁ ଅନୁଭବ କଲେଣି ଶାସକ ଶ୍ରେଣୀରେ ରହିଲେ ସବୁପ୍ରକାର ଅପକର୍ମକୁ ଲୁଚାଇ ହେବ। ଅଧିକନ୍ତୁ ଉଦ୍‌ବୃତ୍ତ କ୍ଷମତାର ଉପଭୋଗ କରିହେବ ଯଦି ମନ୍ତ୍ରୀ ପଦଟିଏ ମିଳିଗଲା। ମାତ୍ର ଏହି କ୍ଷେତ୍ରରେ ରାଜନୈତିକ ଦଳମାନଙ୍କୁ ଅଧିକ ଦାୟୀ କରାଯାଇ ପାରେ। ଦଳର ଦୁର୍ନୀତି ସହିତ ସାଲିସ ଏବଂ ଆଦର୍ଶଗତ ବିଚ୍ୟୁତି ଯୋଗୁଁ ଏଭଳି ଘଟଣା ଘଟୁଛି ଯାହା ଗଣତନ୍ତ୍ରର ପକ୍ଷ ଛେଦନ କରୁଛି।

ବ୍ୟକ୍ତି ଓ ଦଳମାନଙ୍କର ଏଭଳି ଅବାଞ୍ଛିତ ପରିବର୍ତ୍ତନ ଗଣ କିମ୍ବା ଗଣତନ୍ତ୍ର କାହା ପାଇଁ ଶୁଭଙ୍କର ନୁହେଁ। ଏହା ଅନ୍ୟାୟ, ଅନୀତି ଓ ଦୁର୍ନୀତିକୁ ପ୍ରୋତ୍ସାହନ ଯୋଗାଏ। ବ୍ୟକ୍ତିବାଦର ଉତ୍ଥାନ ଘଟାଏ। ସୁବିଧାବାଦ ରାଜନୀତିକୁ ଲାଳନ ପାଳନ କରି ବଡ଼ କରାଏ। ଏହାକୁ ରୋକାଯାଇ ପାରିବ ଯଦି ଜନଗଣ ସଚେତନ ହେବେ। ଯେଉଁଦିନ ଜନଗଣ ନିର୍ଭୀକତାର ସହିତ ପ୍ରଶ୍ନ ପଚାରିବେ ଏବଂ ଏ ପ୍ରକାର ଅସାଧୁ, ଅନୈତିକ କାର୍ଯ୍ୟଗୁଡ଼ିକୁ ସାହସର ସହିତ ବିରୋଧ କରିବେ ସେହିଦିନ ପ୍ରକୃତ ଗଣତନ୍ତ୍ରର ପ୍ରତିଷ୍ଠା ସମ୍ଭବ ହେବ। ନହେଲେ ଆମେ କେବଳ ନିଜକୁ ଦୋଷ ଦେଇ ଚାଲିଥିବା ଏବଂ କହି ଚାଲିଥିବା 'ଯିଏ ଲଙ୍କାକୁ ଗଲା ସିଏ ରାବଣ ହେଲା।'

ମୋ: ୯୯୩୮ ୭୬୩୨୩୭

## କେବେ ପୂରଣ ହେବ ଭାରତର ବିଶ୍ୱକପ୍ ସ୍ୱପ୍ନ?

ବରୁଣ କୁମାର ମହାପାତ୍ର

ବିଶ୍ୱର ସବୁଠାରୁ ଲୋକପ୍ରିୟ ଖେଳ ଫୁଟବଲ୍। ତେଣୁ 'ଫିଫା ବିଶ୍ୱକପ୍'ରେ ଖେଳିବା ପ୍ରତ୍ୟେକ ଦେଶର ସ୍ୱପ୍ନ ହୋଇଥାଏ। ତେବେ ଫୁଟବଲର ଏହି ମହାକୁମ୍ଭରେ ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତର ଅନୁପସ୍ଥିତି ଦେଶବାସୀଙ୍କ ପାଇଁ ନିରାଶାର କାରଣ ହୋଇଆସିଛି। ବିଶ୍ୱକପ୍ ଯୋଗ୍ୟତା ଅର୍ଜନ କରିବାରେ ଭାରତର ଏପରି ବାରମ୍ବାର ବିଫଳତା ବିଶେଷଜ୍ଞମାନଙ୍କୁ ବିସ୍ମିତ କରିଛି। ଆମ ଦେଶରେ ଫୁଟବଲ୍ ପ୍ରତିଭାଙ୍କ ଅଭାବ ନାହିଁ। ଅଥଚ ଭାରତ ବିଶ୍ୱକପ ପାଇଁ ଯୋଗ୍ୟତା ହାସଲ କରିବାରେ ସଂଘର୍ଷ କରୁଛି। ଦିଲ୍ଲୀ ଠାରୁ ବି ଛୋଟ କ୍ୟୁରାସାଓ ଓ କେପ୍ ଭର୍ଡେ ଭଳି ଦେଶ ଚଳିତ ବିଶ୍ୱକପ୍‌ରେ ଖେଳୁଥିବା ବେଳେ ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ର କାହିଁକି ଯୋଗ୍ୟତା ଅର୍ଜନ କରିପାରୁ ନାହିଁ? କୋଉଠି ରହୁଛି ଅଭାବ? କେବେ ପୂରଣ ହେବ ଭାରତର ବିଶ୍ୱକପ୍ ସ୍ୱପ୍ନ?

ଏକଦା ଏସିଆରେ ଭାରତୀୟ ଫୁଟବଲର ଏକ ସ୍ୱତନ୍ତ୍ର ପରିଚୟ ଥିଲା। ଭାରତ ୧୯୬୨ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣପଦକ ଜିତିଥିଲା। ଏପରିକି ୧୯୫୦ 'ଫିଫା' ବିଶ୍ୱକପ୍ ପାଇଁ ଭାରତ ଯୋଗ୍ୟତା ଅର୍ଜନ କରିଥିଲା। କିନ୍ତୁ ଆର୍ଥିକ ପ୍ରତିବନ୍ଧକ ଓ ଅନ୍ତର୍ଜାତୀୟ ଯାତ୍ରା ସମ୍ପର୍କରେ ସଚେତନତାର ଅଭାବ ଯୋଗୁଁ ଦଳ ବିଶ୍ୱକପରୁ ଓହରି ଯାଇଥିଲା। ସମୟକ୍ରମେ ଅନ୍ୟ ଦେଶଗୁଡ଼ିକ ଦ୍ରୁତ ଅଗ୍ରଗତି କରିଥିବା ବେଳେ ଭାରତ ପଛରେ ପଡ଼ିଯାଇଥିଲା। ଆଜି ଜାପାନ, ଦକ୍ଷିଣ କୋରିଆ, ଅଷ୍ଟ୍ରେଲିଆ, ସାଉଦି ଆରବ, କତାର ଭଳି ଦେଶ ବିଶ୍ୱକପ୍‌ରେ ନିୟମିତ ଖେଳୁଛନ୍ତି। କିନ୍ତୁ ଭାରତ ଯୋଗ୍ୟତା ପର୍ଯ୍ୟାୟ ପର୍ଯ୍ୟନ୍ତପହଞ୍ଚି ପାରୁନାହିଁ।

ଭାରତୀୟ ଫୁଟବଲର ଏହି ଅନ୍ତହୀନ ଦୁର୍ଦ୍ଦଶାର ପ୍ରମୁଖ କାରଣ ହେଉଛି ତୃଣମୂଳ ସ୍ତରରେ ଫୁଟବଲର ଦୁର୍ବଳ ଭିତ୍ତି। ଫୁଟବଲ୍‌ରେ ସଫଳତା ସାଉଁଟିଥିବା ଦେଶଗୁଡ଼ିକରେ ୫-୬ ବର୍ଷ ବୟସରୁ ହିଁ ପିଲାମାନଙ୍କୁ ବୈଜ୍ଞାନିକ ଢଙ୍ଗରେ ପ୍ରଶିକ୍ଷଣ ଦିଆଯାଏ। ସ୍କୁଲ, କ୍ଲବ ଓ ସ୍ଥାନୀୟ ଲିଗ୍ ମଧ୍ୟରେ ସୁଦୃଢ଼ ସମନ୍ୱୟ ରହିଥାଏ। ଭାରତରେ ଏପରି ସୁବ୍ୟବସ୍ଥିତ ଏକାଡେମୀ ଓ ଦକ୍ଷ ପ୍ରଶିକ୍ଷକଙ୍କ ସଂଖ୍ୟା କେବଳ କିଛି ରାଜ୍ୟ ଓ ସହରରେ ସୀମିତ। ଫଳରେ ପ୍ରତିଭାର ଅଭାବ ନ ଥିଲେ ମଧ୍ୟ ଅନେକ ଖେଳାଳି ସଠିକ୍ ମାର୍ଗଦର୍ଶନ ପାଉ ନାହାନ୍ତି। ଦ୍ୱିତୀୟ ବଡ଼ ସମସ୍ୟା ହେଉଛି ଭିତ୍ତିଭୂମିର ଅଭାବ। ଉନ୍ନତମାନର ଫୁଟବଲ ପଡ଼ିଆ, ପ୍ରଶିକ୍ଷଣ କେନ୍ଦ୍ର, କ୍ରୀଡ଼ା ବିଜ୍ଞାନ, ଫିଟନେସ୍ ବ୍ୟବସ୍ଥା, ଫିଜିଓଥେରାପି ଓ ଆଧୁନିକ କୋଚିଂ ସୁବିଧା ଏପର୍ଯ୍ୟନ୍ତ ସମଗ୍ର ଦେଶରେ ଉପଲବ୍ଧ ନୁହେଁ। ଆଜିର ଫୁଟବଲ କେବଳ ଦକ୍ଷତାର ଖେଳ ନୁହେଁ; ବରଂ ଏହା ବୈଜ୍ଞାନିକ ଢଙ୍ଗରେ ପ୍ରସ୍ତୁତି, ଶାରୀରିକ କ୍ଷମତା ଓ ମାନସିକ ଦୃଢ଼ତାର ଏକ ପରୀକ୍ଷା। ଏହିସବୁ ମାନଦଣ୍ଡରେ ଆମର ଖେଳାଳି ଅନ୍ୟ ଦେଶମାନଙ୍କଠାରୁ ପଛରେ ପଡ଼ିଯାଇଛନ୍ତି।

ଆମ ଦେଶରେ କ୍ରିକେଟ୍ ଖେଳର ଲୋକପ୍ରିୟତା ମଧ୍ୟ ଫୁଟବଲର ବିକାଶରେ କିଛିମାତ୍ରାରେ ଅନ୍ତରାୟ ସୃଷ୍ଟି କରୁଛି। ଆଇପିଏଲ୍ ଯୁଗରେ ପ୍ରତିଭାଶାଳୀ ଯୁବକମାନେ ଅଧିକ ରୋଜଗାର, ଖ୍ୟାତି ପାଇଁ କ୍ରିକେଟକୁ ପସନ୍ଦ କରୁଛନ୍ତି। ଫୁଟବଲରେ ଏପର୍ଯ୍ୟନ୍ତ ସେହିସ୍ତରର ଆର୍ଥିକ ସୁରକ୍ଷା ଓ ପେଶାଦାର ସୁଯୋଗ ସୃଷ୍ଟି ହୋଇପାରିନାହିଁ। ଆଇପିଏଲ୍ ଢାଞ୍ଚାରେ ୨୦୧୪ରେ ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍ଏଲ୍) ଆରମ୍ଭ ହେବା ପରେ ଭାରତୀୟ ଫୁଟବଲ୍ ପାଇଁ ଆଶା ସଞ୍ଚାର ହୋଇଥିଲା। ହେଲେ ଭାରତୀୟ ଫୁଟବଲ୍ ସଂଘ (ଏଆଇଏଫ୍ଏଫ୍)ର ଅଣପେଶାଦାର ମନୋବୃତ୍ତି ଯୋଗୁଁ ଏହି ଲିଗ୍ ପାଇଁ ଏବେ ପ୍ରାୟୋଜକ ଖୋଜିବା କଷ୍ଟକର ହୋଇପଡ଼ିଛି।

ବିଶ୍ୱର ଏକ ଅଗ୍ରଣୀ ଫୁଟବଲ୍ ଦେଶ ହେବାକୁ ହେଲେ ଭାରତକୁ କେବଳ ଏସିଆର ଶ୍ରେଷ୍ଠ ଦଳଗୁଡ଼ିକ ବିପକ୍ଷରେ ନିୟମିତ ଭାବେ ଖେଳିବାକୁ ପଡ଼ିବନି, ବରଂ ସେମାନଙ୍କର ବୈଷୟିକ ମାନଦଣ୍ଡ ଏବଂ ଗତି ସହିତ ତାଳ ଦେଇ ଆଗକୁ ବଢ଼ିବାକୁ ହେବ। ବିଶ୍ୱର ଶ୍ରେଷ୍ଠ ତଥା ତୀବ୍ର ପ୍ରତିଯୋଗିତାମୂଳକ ଲିଗ୍ ଭାବେ ବିବେଚିତ ୟୁରୋପୀୟ ଓ ଦକ୍ଷିଣ ଆମେରିକୀୟ ଫୁଟବଲ୍ ଲିଗ୍‌ରେ ଆମ ଖେଳାଳିମାନଙ୍କର ଖେଳିବାର ଅଭିଜ୍ଞତା ସୀମିତ। ଏହାଛଡ଼ା ଭାରତୀୟ ଫୁଟବଲ ପ୍ରଶାସନରେ ସ୍ୱଚ୍ଛତା, ସ୍ପଷ୍ଟ ରୋଡମ୍ୟାପ୍‌ର ଅଭାବ ଓ ବାରମ୍ବାର ନୀତି ପରିବର୍ତ୍ତନ ମଧ୍ୟ ଏହି ଖେଳର ବିକାଶରେ ବାଧକ ସାଜିଛି। କୌଣସି ଦେଶ ବର୍ଷେ କିମ୍ବା ଦୁଇ ବର୍ଷରେ ବିଶ୍ୱକପ୍ ଦଳ ପ୍ରସ୍ତୁତ କରି ନ ଥାଏ। ଏଥିପାଇଁ ୧୦ରୁ ୧୫ ବର୍ଷର ନିରନ୍ତର ଯୋଜନା, ଧୈର୍ଯ୍ୟ ଓ ସୁସଂଗଠିତ କାର୍ଯ୍ୟକ୍ରମ ଆବଶ୍ୟକ। ଫୁଟବଲ୍ ପ୍ରଶାସନ ପେଶାଦାର ଏବଂ ଦୂରଦୃଷ୍ଟିସମ୍ପନ୍ନ ନହେବା ଯାଏଁ ବିଶ୍ୱକପ୍ ଖେଳିବା ଲକ୍ଷ୍ୟ ଅଧୁରା ରହିବ।

ପ୍ରଥମେ ସ୍କୁଲସ୍ତରରୁ ଫୁଟବଲକୁ ଏକ ସଂଗଠିତ ଆନ୍ଦୋଳନରେ ପରିଣତ କରିବାକୁ ପଡ଼ିବ। ପ୍ରତ୍ୟେକ ଜିଲ୍ଲାରେ ଫୁଟବଲ ଏକାଡେମୀ, ନିୟମିତ ଯୁବ ଲିଗ୍ ଓ ପ୍ରତିଭା ଚିହ୍ନଟ ବ୍ୟବସ୍ଥା ଗଢ଼ି ଉଠିବା ଦରକାର। ଅଭିଜ୍ଞ ଦେଶୀ ଓ ବିଦେଶୀ ପ୍ରଶିକ୍ଷକଙ୍କ ସହାୟତାରେ ଯୁବ ଖେଳାଳିଙ୍କୁ ବୈଜ୍ଞାନିକ ପ୍ରଶିକ୍ଷଣ ଦେବା ଆବଶ୍ୟକ। ଜାତୀୟ ଲିଗ୍‌କୁ ଅଧିକ ପ୍ରତିଯୋଗିତାମୂଳକ କରିବା ସହ ଯୁବ ଭାରତୀୟ ଖେଳାଳିଙ୍କୁ ନିୟମିତ ସୁଯୋଗ ଦେବା ଦରକାର। ଏହାଛଡ଼ା ଶକ୍ତିଶାଳୀ ଦଳମାନଙ୍କ ସହ ନିୟମିତ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବା ଦ୍ୱାରା ଆମ ଖେଳାଳିଙ୍କ ଦକ୍ଷତା ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ସେମାନେ ଅନ୍ତର୍ଜାତୀୟ ସ୍ତରରେ ଅଭିଜ୍ଞତା ହାସଲ କରିବେ। ଭାରତୀୟ ଫୁଟବଲ ସଂଘକୁ ଏପରି ପ୍ରତିଯୋଗିତାମୂଳକ ମ୍ୟାଚ୍ ସଂଖ୍ୟା ବୃଦ୍ଧି କରିବା ଆବଶ୍ୟକ।


ସରକାର, ଫୁଟବଲ ସଂଘ, କର୍ପୋରେଟ୍ ସଂସ୍ଥା, ଶିକ୍ଷାନୁଷ୍ଠାନ ଏବଂ ସମାଜର ସମସ୍ତ ଅଂଶୀଦାର ଏକାଠି କାମ କଲେ ଭାରତୀୟ ଫୁଟବଲରେ ନୂଆ ଅଧ୍ୟାୟ ଆରମ୍ଭ ହୋଇପାରିବ। କେବଳ ସ୍ୱଳ୍ପକାଳୀନ ସଫଳତା ନୁହେଁ, ବରଂ ଦୀର୍ଘମିଆଦୀ ଲକ୍ଷ୍ୟକୁ ଆଖିଆଗରେ ରଖି ଏଥିରେ ନିବେଶ କରିବାକୁ ହେବ। ବିଶ୍ୱକପ୍‌ରେ ଭାରତ ଖେଳିବା କଷ୍ଟକର ହୋଇଥିଲେ ମଧ୍ୟ ଅସମ୍ଭବ ନୁହେଁ। ଆବଶ୍ୟକ କେବଳ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ, ସ୍ୱଚ୍ଛ ପ୍ରଶାସନ, ନିରନ୍ତର ପରିଶ୍ରମ ଓ ଦୀର୍ଘମିଆଦୀ ଯୋଜନା। ଏହା ହୋଇପାରିଲେ 'ଫିଫା' ବିଶ୍ୱକପ୍ ମଞ୍ଚରେ ତ୍ରିରଙ୍ଗା ଉଡ଼ିବ ଏବଂ ଭାରତୀୟ ଫୁଟବଲପ୍ରେମୀଙ୍କ ସ୍ୱପ୍ନ ସାକାର ହେବ।

ବ୍ରହ୍ମପୁର, ମୋ:୭୦୦୮୦୭୮୩୯୬

## ଶ୍ରୀମନ୍ଦିରରେ ରାଧାଦାମୋଦର ବେଶ

ବ୍ରଜକିଶୋର ଦାଶ

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ



ଅଳଙ୍କାର ପ୍ରିୟ ହରି। ଏହି ଆପ୍ତବାକ୍ୟ ଅନୁସାରେ ଶ୍ରୀଜଗନ୍ନାଥ ଅଳଙ୍କାର ପ୍ରିୟ ଦେବତା। ଶ୍ରୀଜଗନ୍ନାଥଙ୍କ ବେଶ ପରିପାଟିରୁ ଜଣାଯାଏ, ମହାପ୍ରଭୁ ଚାରିପ୍ରକାର ଅଳଙ୍କାର ଯଥା ବସ୍ତ୍ର ଅଳଙ୍କାର, ପୁଷ୍ପ ଅଳଙ୍କାର, ସୁବର୍ଣ୍ଣ ଅଳଙ୍କାର ଓ ସୋଲ, ଜରି ଜମ୍ଭୁରା ନିର୍ମିତ ଅଳଙ୍କାରରେ ଭୂଷିତ ହୋଇଥା'ନ୍ତି। ଭାରତର କୌଣସି ଦେବମନ୍ଦିରରେ ଠାକୁରମାନଙ୍କୁ ଏଭଳି ଆକର୍ଷଣୀୟ ବହୁବିଧ ସାମଗ୍ରୀ ତଥା ଅଳଙ୍କାରରେ ମଣ୍ଡିତ କରିବାର ଦେଖାଯାଏ ନାହିଁ।

ପୁରାଣ ବର୍ଣ୍ଣିତ ବିଭିନ୍ନ ଲୀଳାକୁ ଆଧାର କରି ବର୍ଷସାରା ଶ୍ରୀମନ୍ଦିରରେ ଅନେକ ବେଶ ଅନୁଷ୍ଠିତ ହେଉଛି। ବାରମାସରେ ବିଷ୍ଣୁଙ୍କୁ ବାରଟି ନାମରେ ନାମିତ କରାଯାଇଛି। କାର୍ତ୍ତିକ ମାସରେ ବିଷ୍ଣୁଙ୍କର ନାମ ଦାମୋଦର। ଏହିମାସରେ ଶ୍ରୀମନ୍ଦିରରେ ରାଧାଦାମୋଦର ବେଶ ଅନୁଷ୍ଠିତ ହେଉଥିବା କଥା ସମସ୍ତେ ଜାଣନ୍ତି। କିନ୍ତୁ ପ୍ରକୃତପକ୍ଷେ ରାଧାଦାମୋଦର ବେଶ ଶ୍ରୀମନ୍ଦିରରେ ଆଶ୍ୱିନ ଶୁକ୍ଳପକ୍ଷ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳପକ୍ଷ ଦଶମୀ ପର୍ଯ୍ୟନ୍ତ ଏକମାସ ହୋଇଥାଏ। କେତେକ ଆଲୋଚକଙ୍କ ମତରେ ରାଇଦାମୋଦର ପୂଜାର କଥାବସ୍ତୁକୁ ନେଇ ରାଧାଦାମୋଦର ବେଶ ହେଉଥିବାର କୁହାଯାଏ। ରାଧା ଓ କୃଷ୍ଣଙ୍କୁ ନେଇ ବିଭିନ୍ନ ଗ୍ରନ୍ଥରେ ଏ ପୂଜା ସମ୍ବନ୍ଧରେ ଉଲ୍ଲେଖ ଥିବା ଜଣାଯାଏ। ଏପରିକି କେହିକେହି ରାଧାଦାମୋଦର ବେଶ ଶ୍ରୀଚୈତନ୍ୟଙ୍କ ପ୍ରେରଣାରେ ପ୍ରତାପରୁଦ୍ରଦେବଙ୍କ ସମୟରେ ଆରମ୍ଭ ହୋଇଥିବାର କହୁଥିଲା ବେଳେ ଅନ୍ୟ କେହି ଜୟଦେବ ଓ ନିମ୍ବାର୍କ ରାଧାକୃଷ୍ଣ ଯୁଗଳ ମୂର୍ତ୍ତିର ଉପାସକ ଥିବାରୁ ଏବଂ ସେ ନିମ୍ବାର୍କ ସଂପ୍ରଦାୟର ମଠରେ ରହୁଥିବାରୁ ତାଙ୍କ ସମୟରୁ ଏହାର ପ୍ରାରମ୍ଭ ହୋଇ ଥାଇପାରେ କେହି କହିଥା'ନ୍ତି। ଏହା ଗବେଷଣାସାପେକ୍ଷ।

ଶ୍ରୀମନ୍ଦିରରେ ଅନୁଷ୍ଠିତ ରାଧାଦାମୋଦର ବେଶ ଏହିପରି। ଅବକାଶ ନୀତି ବଢ଼ିବା ପରେ ସବୁଦିନ ପରି ଶ୍ରୀବିଗ୍ରହଙ୍କୁ ବାରଲାଗି ପାଟ ପରିଧାନ କରାଯାଇଥାଏ। ରବିବାର ନାଲିରଙ୍ଗ, ସୋମବାର ଧଳାଛିଟ ମିଶା ଶୁକ୍ଳରଙ୍ଗ, ମଙ୍ଗଳବାର ପାଞ୍ଚରଙ୍ଗ ମିଶା ବାରପାଟିଆ, ବୁଧବାର ନୀଳରଙ୍ଗ, ଗୁରୁବାର ହଳଦିଆ ରଙ୍ଗ, ଶୁକ୍ରବାର ଶୁକ୍ଳରଙ୍ଗ ଓ ଶନିବାର କଳାରଙ୍ଗର ପାଟ ଠାକୁରମାନେ ପରିଧାନ କରିଥା'ନ୍ତି। ରାଧାଦାମୋଦର ବେଶରେ ମା'ସୁଭଦ୍ରା ବାରଲାଗି ପାଟ ଉପରେ ପ୍ରତିଦିନ ନାଲି ଲେହେଙ୍ଗା ପରିଧାନ କରିଥା'ନ୍ତି। ସେହିପରି ଶ୍ରୀସୁଦର୍ଶନ ଏକାରଙ୍ଗର ନାଲି କୁଞ୍ଚ ପ୍ରତିଦିନ ଲାଗି ହୁଅନ୍ତି। ରାଧାଦାମୋଦର ବେଶରେ ବସ୍ତ୍ରର ଏ ପ୍ରକାର ବ୍ୟତିକ୍ରମ ପରିଲକ୍ଷିତ ହୋଇଥାଏ। ଦୁଇଠାକୁର ଏ ବେଶରେ କାନ୍ଧପଇଟି ଲାଗି ହୁଅନ୍ତି। ଶ୍ରୀଜୀଉଙ୍କର ସ୍କନ୍ଧଦେଶରେ ଲାଗି ହେଉଥିବା ଏହା ଏକ ବାଇଶିହାତିଆ ଚାଦର, ଉତ୍ତରୀୟ ବା କାନ୍ଧବସ୍ତ୍ର ଅଟେ। ଏହି କାନ୍ଧପଇଟି ବାର ଅନୁସାରେ ନିଶ୍ଚିତ ନ ହୋଇ ବାରଲାଗି ପାଟର ରଙ୍ଗର ଦେଖି ନାଲି, ନୀଳ କିମ୍ବା ହଳଦିଆ ରଙ୍ଗର ହୋଇଥାଏ। ରାଧାଦାମୋଦର ବେଶରେ ଲାଗି ହେଉଥିବା ସମସ୍ତ ବସ୍ତ୍ର ଚାଙ୍ଗଡ଼ା ମେକାପ ଯୋଗାଉଥିବା ବେଳେ ମା'ସୁଭଦ୍ରାଙ୍କ ନାଲି ଲେହେଙ୍ଗା, ଶ୍ରୀସୁଦର୍ଶନଙ୍କ କୁଞ୍ଚ ଓ ଦୁଇଠାକୁରଙ୍କ କାନ୍ଧପଇଟି ସୁବର୍ଣ୍ଣ ଅଳଙ୍କାର ସହିତ ଭଣ୍ଡାରମେକାପ ସେବକ ଯୋଗାଇଥା'ନ୍ତି।

ଏ ବେଶରେ ତିଳକ ବ୍ୟତୀତ ଛଅ ମୂର୍ତ୍ତି ସୁବର୍ଣ୍ଣ ଅଳଙ୍କାର ଯଥା, ଘାଗଡ଼ା ମାଳି, ଚନ୍ଦ୍ରସୂର୍ଯ୍ୟ ଓ ଓଡ଼ିଆଣି, ଚନ୍ଦ୍ରିକା ନଳୀଭୁଜ ଓ କୁଣ୍ଡଳ ଲାଗି ହୁଅନ୍ତି। ତିନିବିଗ୍ରହଙ୍କ ଶ୍ରୀଅଙ୍ଗରେ ସୁବର୍ଣ୍ଣ ଘାଗଡ଼ା ମାଳି, କପାଳରେ ସୂର୍ଯ୍ୟଚନ୍ଦ୍ର (ସୁନାର ଧାରେ ଜହ୍ନ ଉପରେ ସୂର୍ଯ୍ୟଭଳି ଏକ ମସ୍ତକ ଆଭୁଷଣ), ଓଡ଼ିଆଣି (ଠାକୁରଙ୍କ କଟି ଦେଶରେ ଏକ ପ୍ରକାର ଅଳଙ୍କାର ଯାହାକୁ କମରପଟି ବୋଲି କୁହାଯାଏ, ଅଣ୍ଟାଲୁଗାକୁ ଧରି ରଖିବା ପାଇଁ ଏକ ଅଳଙ୍କାର) ଏବଂ ଦୁଇ ଠାକୁରଙ୍କୁ ଚନ୍ଦ୍ରିକା ଲାଗି କରାଯାଏ। ପ୍ରତିଦିନ ଅନୁଷ୍ଠିତ ହେଉଥିବା ବଡ଼ସିଂହାର ବେଶରେ ଶ୍ରୀବିଗ୍ରହଙ୍କୁ ତୁଳସୀ ଘେରା ଗଭା ଉପରେ ଦୟଣାମାଳୀ ସେବକ ପ୍ରସ୍ତୁତ କରି ଦେଇଥିବା ତିନି ପୁଷ୍ପ ଚନ୍ଦ୍ରିକା ଲାଗି ହେଉଥିଲେ ହେଁ ରାଧାଦାମୋଦର ବେଶରେ ମା'ସୁଭଦ୍ରାଙ୍କୁ ସୁବର୍ଣ୍ଣ ଚନ୍ଦ୍ରିକା ଲାଗି ହୋଇ ନ ଥାଏ। ଏପରିକି ଏ ମାସକ ମଧ୍ୟରେ ପଡୁଥିବା ଶନିବାର ଦିନମାନଙ୍କରେ କୌଣସି ବିଗ୍ରହ ସୁବର୍ଣ୍ଣ ଚନ୍ଦ୍ରିକା ଲାଗି ହୋଇ ନ ଥା'ନ୍ତି। ଏତଦ୍‌ବ୍ୟତୀତ ଦୁଇଠାକୁର କର୍ଣ୍ଣରେ କୁଣ୍ଡଳ ପରିଧାନ କରିଥିଲା ବେଳେ ମା'ସୁଭଦ୍ରାଙ୍କ ମସ୍ତକରେ ତଡ଼ଗି ଲାଗିହୁଏ। ପ୍ରତ୍ୟେକ ସୁନାବେଶରେ ଦୁଇଠାକୁରଙ୍କୁ ଶ୍ରୀଭୁଜ ଲାଗି ହେଉଥିବା ବେଳେ ରାଧାଦାମୋଦର ବେଶରେ ଦୁଇଠାକୁରଙ୍କୁ ନଳିଭୁଜ ଲାଗି ହୋଇଯାଏ। ଶ୍ରୀଭୁଜ ମହାପ୍ରଭୁଙ୍କର ସୁବର୍ଣ୍ଣ ନିର୍ମିତ ହସ୍ତଯୁଗଳ, ଯେଉଁଥିରେ ଶ୍ରୀଜଗନ୍ନାଥ ରୌପ୍ୟ ଶଙ୍ଖ ଓ ସୁବର୍ଣ୍ଣ ଚକ୍ର ଧରିଥିଲା ବେଳେ ଶ୍ରୀବଳଭଦ୍ର ହଳ ଓ ମୂଷଳ ଧାରଣ କରିଥା'ନ୍ତି। ନଳିଭୁଜ ଶ୍ରୀଜୀଉଙ୍କର ହସ୍ତର ଅଗ୍ରଭାଗକୁ ଆବୃତ କଲା ଭଳି ଏକ ସୁବର୍ଣ୍ଣ ଆଭୁଷଣ ମାତ୍ର। ଏହି ନଳିଭୁଜର ବହିର୍ଭାଗରେ ଶ୍ରୀଜଗନ୍ନାଥଙ୍କ ନିମନ୍ତେ ଶଙ୍ଖଚକ୍ର ଓ ଶ୍ରୀବଳଭଦ୍ରଙ୍କ ନଳିଭୁଜରେ ହଳମୂଷଳ ଚିହ୍ନ ରହିଥାଏ।

ରାଧାଦାମୋଦର ବେଶରେ କମ୍ ପରିମାଣରେ ପୁଷ୍ପ ଅଳଙ୍କାର ଲାଗି ହୋଇଥାଏ। କେବଳ ଝୁମ୍ପା (ଶ୍ରୀମୁଖର ତିଳକ ତଳୁ ନାସାଗ୍ର ପର୍ଯ୍ୟନ୍ତ ଲମ୍ବିଥିବା ଏକ ପୁଷ୍ପ ଅଳଙ୍କାର), ଗୁଣା (ନାକଫୁଲ ପରି ଏକ ପୁଷ୍ପ ଭୂଷା, ଅଧରମାଳା (ଗଳାରେ ଶୋଭା ପାଉଥିବା ଏକ ପୁଷ୍ପ ମାଲ୍ୟ ଯାହା ଅଧର ପର୍ଯ୍ୟନ୍ତ ଲମ୍ବିଥାଏ) ଲାଗି ହୋଇଥାଏ। ଜରି, ଜମ୍ଭୁରା ବା ସୋଲ ନିର୍ମିତ କୌଣସି ବେଶ ଉପକରଣ ଲାଗି ହୋଇ ନ ଥାଏ। କେବଳ ବାଉଁଶ ପାତିଆରେ ନିର୍ମିତ ଏକ ଟୋପର ବାରଲାଗି ପାଟ ରଙ୍ଗର ଲୁଗାରେ ଆବୃତ କରାଯାଇ ଦୁଇଠାକୁରଙ୍କର ଶ୍ରୀମସ୍ତକରେ ରଖାଯାଇ ତା'ଉପରେ ସୁବର୍ଣ୍ଣ ଚନ୍ଦ୍ରିକା ଲାଗି କରାଯାଇଥାଏ। ଅବକାଶ ନୀତିପରେ ଅନୁଷ୍ଠିତ ହେଉଥିବା ଏହି ବେଶ ସକାଳଧୂପ ପର୍ଯ୍ୟନ୍ତ ରହି ଭୋଗମଣ୍ଡପ ପୂଜା ପୂର୍ବରୁ ଓଲାଗି ହୋଇଥାଏ।

କାର୍ତ୍ତିକମାସରେ ଭଗବାନ ମତ୍ସ୍ୟ ଅବତାର ଧାରଣ କରି ଶଙ୍ଖାସୁରକୁ ବଧ କରିଥିଲେ। ବିଷ୍ଣୁ କାର୍ତ୍ତିକ ମାସରେ ଜଳରେ ନିବାସ କରୁଥିବାରୁ ପୁଣ୍ୟଲାଭ ନିମନ୍ତେ ତୀର୍ଥ ପୁଷ୍କରିଣୀରେ ପ୍ରାତଃ ସ୍ନାନ ପରେ ଶ୍ରୀକ୍ଷେତ୍ରବାସୀ ତଥା କାର୍ତ୍ତିକ ବ୍ରତଧାରୀ ଓ ହବିଷ୍ୟାଳୀମାନେ ଶ୍ରୀମନ୍ଦିରକୁ ଆସି ରାଧାଦାମୋଦର ବେଶ ଦର୍ଶନ ପୂର୍ବକ ନିଜକୁ କୃତାର୍ଥ ମଣିଥା'ନ୍ତି।

ମୋ: ୯୪୩୭ ୬୩୩୯୨୨



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ତାମିଲନାଡୁ ଗ୍ୟାସ୍ ଲିକ୍ ଘଟଣା: ଆଉ ଜଣେ ଯୁବତୀଙ୍କ ମୃତ୍ୟୁ

## ଦଲାଲ ମୁଣ୍ଡରେ ଦୋଷଦେଇ ଖସିଯିବେକି ସରକାରୀ ଅଧିକାରୀ ?

କେନ୍ଦୁଝର,୧।୭(ସମିସ): ତାମିଲନାଡୁର ତିରୁଭଲ୍ଲୁର ଜିଲ୍ଲା ପେରିୟାପାଲ୍ଲୀଆମ ନିକଟରେ ଥିବା ସେଣ୍ଟ ପିଟର୍ସ ପର୍ଲ ସି-ଫୁଡ ଏକ୍ସପୋର୍ଟ କମ୍ପାନୀରେ ଏମୋନିଆ ଗ୍ୟାସ ଲିକ ଘଟଣାରେ ଆଉ ଜଣେ ଓଡ଼ିଆ ଯୁବତୀଙ୍କ ମୃତ୍ୟୁ ହୋଇଛି। ମୃତ ଯୁବତୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଖରବା ଗ୍ରାମର ଭୀମ ଜୁଆଙ୍ଗଙ୍କ ଝିଅ ଅଞ୍ଜନା ଜୁଆଙ୍ଗ ବୋଲି ଜଣାପଡିଛି। ବୁଧବାର ବେଳକୁ ମୃତ୍ୟୁସଂଖ୍ୟା ୧୪ରେ ପହଞ୍ଚିଛି। ସମସ୍ତେ ପ୍ରାୟ ଜୁଆଙ୍ଗ ଜନଜାତି ବର୍ଗର ଅଟନ୍ତି। ଜିଲ୍ଲାରେ ଜନଜାତି ଜୁଆଙ୍ଗ ସଂଖ୍ୟା ଖୁବ କମ ହୋଇଥିବାବେଳେ ଅକାଳରେ ଏମାନଙ୍କ ମୃତ୍ୟୁ ହୋଇଛି। ସରକାରୀ କଳର ଅବ୍ୟବସ୍ଥା କାରଣରୁ ହୋଇଥିବାରୁ ଚିନ୍ତାର କାରଣ ସାଜିଛି। ଏଠାରୁ ଦଲାଲ ମାଧ୍ୟମରେ ତାମିଲନାଡୁ ଯାଇ ବିପଦସଂକୁଳ ଅବସ୍ଥାରେ ଜୁଆଙ୍ଗମାନେ କିପରି କାମ କରୁଛନ୍ତି ଏହି ଦୁର୍ଘଟଣା ଏକ ନମୁନା ମାତ୍ର। ଏହା ପ୍ରଶାସନର ଢିଲାପଣିଆ ଏବଂ ଦଲାଲଙ୍କ ସହିତ ଶ୍ରମ ବିଭାଗ କର୍ମଚାରୀଙ୍କ ଭିତିରି ସମ୍ପର୍କକୁ ଦର୍ଶାଉଛି। ତେଲକୋଇ, ବାଂଶପାଳ, ହରିଚନ୍ଦନପୁର ସମେତ ବିଭିନ୍ନ ବ୍ଲକରେ ଅତିରିକ୍ତ ଶ୍ରମ ଅଧିକାରୀ ଦାୟିତ୍ୱରେ ରହିଛନ୍ତି. କିନ୍ତୁ ତାଙ୍କର ପରିସୀମା ଭିତରେ ଛୋଟ ଛୋଟ ଝିଅମାନେ ବେଆଇନ ଭାବେ ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି କିପରି ଏବଂ ବ୍ଲକ ଶ୍ରମ ଅଧିକାରୀମାନେ କିଛି ଜାଣି ପାରୁନାହାନ୍ତି କିପରି ତାକୁ ନେଇ ପ୍ରଶ୍ନ ହେଉଛି। ଶ୍ରମ ବିଭାଗର ବ୍ଲକସ୍ତରୀୟ ଅଧିକାରୀମାନେ ଦଲାଲମାନଙ୍କ ନାମରେ ଥାନାରେ ମାମଲା ରୁଜୁ କରି ନିଜ ଦାୟିତ୍ୱରୁ ଖସିଯିବାକୁ ଅଭିଯୋଗ ହେଉଛି।

## ଦଲାଲ ଶ୍ରୀକାନ୍ତ ଜୁଆଙ୍ଗ ନାଁରେ ଏକାଧିକ ଥାନାରେ ମାମଲା ରୁଜୁ

ତେଲକୋଇ: ତାମିଲନାଡୁ ଗ୍ୟାସ ଦୁର୍ଘଟଣାରେ କେନ୍ଦୁଝର ଜିଲ୍ଲାର ୧୪ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ଜିଲ୍ଲା ଶ୍ରମ ବିଭାଗ ସଂପୃକ୍ତ ଥିବା ଦଲାଲ ତଥା ଶିଶୁ ଶ୍ରମିକ ଚାଲାଣକାରୀ ଶ୍ରୀକାନ୍ତ ଜୁଆଙ୍ଗ ନାମରେ ବିଭିନ୍ନ ଥାନାରେ ଲିଖିତ ଅଭିଯୋଗ କରିଛି। ଅଭିଯୋଗ ଆଧାରରେ ଜିଲ୍ଲାର ତେଲକୋଇ, ପଣ୍ଡାପଡ଼ା, ହରିଚନ୍ଦନପୁର, ଦୈତାରି, ସଦର ଥାନା, କାଞ୍ଜିପାଣି, ନୟାକୋଟ ଆଦି ଥାନାରେ ମାମଲା ରୁଜୁ ହୋଇଛି। ତେଲକୋଇ ଥାନା ତାଳପଦା ପଞ୍ଚାୟତ ରଙ୍ଗମାଟିଆ ଗ୍ରାମର ଶ୍ରୀକାନ୍ତ ଜୁଆଙ୍ଗ ଜିଲ୍ଲାର ବିଭିନ୍ନ ସ୍ଥାନରୁ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ତାମିଲନାଡୁସ୍ଥିତ ଏକ ଚିଙ୍ଗୁଡ଼ି ପ୍ରକ୍ରିୟାକରଣ ଫ୍ୟାକ୍ଟ୍ରିକୁ କାର୍ଯ୍ୟ କରିବାକୁ ଚାଲାଣ କରୁଥିଲା। ଗତ ୨୧ ତାରିଖ ଉକ୍ତ ଫ୍ୟାକ୍ଟ୍ରିରେ ଆମୋନିଆ ଗ୍ୟାସ ଲିକେଜ୍ ହେବାରୁ ଜିଲ୍ଲାର ୧୪ ଜଣ ଜୁଆଙ୍ଗ ଜନଜାତି ଶ୍ରମିକ ଜୀବନ ଯାଇଛି। ଯାହାକୁ ନେଇ ଶ୍ରମ ବିଭାଗ ଆଇନଗତ ପଦକ୍ଷେପ ନେଇଥିବା ଜଣାପଡ଼ିଛି।

## ବାଣପୁର ଭିଡ଼ହିଂସା

## ନିଜ ନିର୍ବାଚନମଣ୍ଡଳୀରେ ଆଇନ ରକ୍ଷାରେ ଫେଲ୍ ଆଇନମନ୍ତ୍ରୀ: ଓଜେସି

ଭୁବନେଶ୍ୱର,୧।୭(ସମିସ): ଆଇନମନ୍ତ୍ରୀଙ୍କ ନିଜ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଣପୁର ଠାରେ ଘଟିଥିବା ଭିଡ଼ ହିଂସାର ବର୍ବରତା ଓ ପୁଲିସର ନିଷ୍କ୍ରିୟତା ବିରୋଧରେ ବର୍ଷିଛି ଓଜେସି। ବୁଧବାର ପାର୍ଟି କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀଙ୍କ ନିରବତା ଏବଂ ଆଇନଶୃଙ୍ଖଳା ପରିସ୍ଥିତିର ଅଧୋଗତିକୁ ନେଇ ପାର୍ଟିର ମିଡିଆ ସେଲ୍ ଅଧ୍ୟକ୍ଷ ପ୍ରଶାନ୍ତ ଶତପଥୀ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

ସେ କହିଛନ୍ତି ଯେ ଗତ ୨୮ ଜୁନ୍ ଅପରାହ୍ନ ୪ଟା ସମୟରେ ତୋଫାନ ନାୟକ ନାମକ ୩୨ ବର୍ଷୀୟ ଦଳିତ ଯୁବକ ନିଜ ଗାଁ ଭୀମପୁର ଠାରୁ ପାଖରେ ଥିବା ଖଣତ ଗାଁକୁ ବୁଲିଯାଇଥିବାବେଳେ ଚୋର ସନ୍ଦେହରେ କିଛି ଅସାମାଜିକ ତତ୍ତ୍ୱ ଖୁଣ୍ଟରେ ବାନ୍ଧି ନିସ୍ତୁକ ପିଟିଲେ। ଗଛରୁ ନଡ଼ିଆ ତୋଳି ପରିବାର ନିର୍ବାହ କରୁଥିବା ଜଣେ ଗରିବ ଦଳିତ ପିଲାକୁ ପିଟି ପିଟି ମାରି ଦିଆଗଲା। ଘଟଣା ସମ୍ପର୍କରେ ପୁଲିସକୁ ଖବର ଦେବାପରେ ଦୁଇ ଘଣ୍ଟା ବିଳମ୍ବରେ ପୁଲିସ ଆସି ତୋଫାନଙ୍କୁ ଭିଡ଼ ହିଂସାରୁ ଉଦ୍ଧାର କରି ଥାନାକୁ ନେଲେ। ଥାନାରେ ସନ୍ଧ୍ୟା ୬ଟାରୁ ରାତି ୯ଟାଯାଏଁ ତାଙ୍କୁ ରଖାଗଲା। କିନ୍ତୁ ଗୁରୁତର ଭାବେ ଆହତ ହୋଇଥିଲେ ମଧ୍ୟ ତାଙ୍କୁ ଡାକ୍ତରଖାନାକୁ ନିଆଗଲା ନାହିଁ। କେଉଁ ଅଦୃଶ୍ୟ ଚାପରେ ପୁଲିସ ଭିଡ଼ ହିଂସାର ଶିକାର ଗୁରୁତର ଯୁବକଙ୍କୁ ଡାକ୍ତରଖାନାକୁ ନନେଇ ୩ ଘଣ୍ଟା ଥାନାରେ ରଖିବା ପରେ ତାଙ୍କ ବାପା ଭିକାରୀ ନାୟକଙ୍କ ପାଖରୁ ଟିପଚିହ୍ନ ମରା ଅଣ୍ଡରଟେକିଂ ରଖି ତାଙ୍କ ପରିବାରକୁ ହସ୍ତାନ୍ତର କରିଦେଲେ ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅନ୍ୟପଟେ ଏହି ଘଟଣାକୁ ୨ ଦିନ ବିତି ଯାଇଥିଲେ ମଧ୍ୟ ଦୃବୃର୍ତ୍ତଙ୍କ ବିରୋଧରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିଲା। ଅତି ଅମାନବୀୟ ଘଟଣାକ୍ରମେ ପୁଅର ଶବକୁ ଭୁବନେଶ୍ୱରରେ ଛାଡ଼ି ବାପା ଭିକାରି ନାୟକ ୧୦୦ କିମି ଦୂର ବାଣପୁର ଯାଇ ଥାନାରେ ଜଣେଇଲା ପରେ ଏତଲା ପଞ୍ଜୀକରଣ କରାଯାଇଥିଲା। ତୋଫାନଙ୍କୁ ଭିଡ଼ ହିଂସାରୁ ଉଦ୍ଧାର କରିବା ସମୟରେ ଦୃବୃର୍ତ୍ତଙ୍କୁ କାହା ଚାପରେ ପୁଲିସ ଗିରଫ କଲାନାହିଁ ବୋଲି ଶ୍ରୀ ଶତପଥୀ ପ୍ରଶ୍ନ କରିଛନ୍ତି। ଏହା ସହିତ ଏହି ଘଟଣାରେ ଦୋଷୀଙ୍କ ବରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସାଙ୍ଗକୁ ଥାନାରେ ନିର୍ଯାତନା ଅଭିଯୋଗ ଉପରେ ତଦନ୍ତ ପାଇଁ ପାର୍ଟି ଦାବି କରିଛି। କର୍ତ୍ତବ୍ୟରେ ଅବହେଳା କରିଥିବା ପୁଲିସ ଅଧିକାରୀଙ୍କୁ ନିଲମ୍ବନ ସାଙ୍ଗକୁ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବା ସହ ନିଜ ନିର୍ବାଚନମଣ୍ଡଳୀରେ ଆଇନଶୃଙ୍ଖଳା ରକ୍ଷା କରିବାରେ ବ୍ୟର୍ଥ ଆଇନମନ୍ତ୍ରୀ ତାଙ୍କ ବିଭାଗରୁ ଇସ୍ତଫା ଦିଅନ୍ତୁ ବୋଲି ପାର୍ଟି ଦାବି କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଶୁଭେନ୍ଦୁ ମଲ୍ଲିକ ଏବଂ ସୋମନାଥ ରାଉତ ଉପସ୍ଥିତ ଥିଲେ।




## ଓଡ଼ିଆ ଚଳଚ୍ଚିତ୍ର 'ଆଫା' କରମୁକ୍ତ

ଭୁବନେଶ୍ୱର,୧।୭(ସମିସ): ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରୀତିରାଜ ଶତପଥୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ନୈନା ଦାଶ ତିୱାରୀଙ୍କ ଦ୍ୱାରା ପ୍ରଯୋଜିତ ଓଡିଆ ଚଳଚ୍ଚିତ୍ର 'ଆଫା'କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରମୁକ୍ତ ଘୋଷଣା କରିଛନ୍ତି। ଏହି ଚଳଚ୍ଚିତ୍ରଟି ଅଙ୍ଗଦାନର ବିଷୟବସ୍ତୁ ଉପରେ ଆଧାରିତ। ମାନବିକତାକୁ ପ୍ରେରଣା ଦେବା ଏବଂ ଯୁବସମାଜ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦିଗରେ ଏହି ଚଳଚ୍ଚିତ୍ରର କାହାଣୀ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏଥିରେ ଦୀର୍ଘଦିନ ଧରି ଗୁରୁତର ରୋଗରେ ପୀଡ଼ିତ ଏକ ୧୬ ବର୍ଷର ଝିଅ ନିଜ ଅଙ୍ଗ ଦାନ କରିବା ପାଇଁ ଆଗେଇ ଆସିଛି। ଜୀବନର ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଏହି ଅସୀମ ସାହସର ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ଚଳଚ୍ଚିତ୍ରଟି ଏକ ସାମାଜିକ ଆଦର୍ଶ ସୃଷ୍ଟି କରିବାରେ ସଫଳ ହେବ ବୋଲି ଆଶା କରାଯାଉଛି।




### ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ

**ଇ-ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ନଂ.: SnT_RTM_PSSA_25_01_R ତାରିଖ: ୧୯.୦୬.୨୦୨୬

1) କାର୍ଯ୍ୟର ନାମ: ପଶ୍ଚିମ ରେଳବାଇର ରତଲାମ ମଣ୍ଡଳର ସିଗ୍ନାଲ ଓ ଟେଲିକମ୍ (S&T) ବିଭାଗର ବିଭିନ୍ନ ପ୍ରକଳ୍ପ ପାଇଁ ପ୍ରୋଜେକ୍ଟ ସୁପରଭିଜନ ସର୍ଭିସେସ୍ ଏଜେନ୍ସି (PSSA) ନିଯୁକ୍ତି। 2) ଟେଣ୍ଡରର ଆନୁମାନିକ ମୂଲ୍ୟ : ଟ.9,06,75,098/- 3) ବିଡ୍ ସୁରକ୍ଷା / ଅମାନତ ଜମା : ଟ.18,13,500/- 4) ଟେଣ୍ଡର ଦସ୍ତାବେଜର ମୂଲ୍ୟ : ନିଃଶୁଳ୍କ (NIL) 5) ପ୍ରି-ବିଡ୍ ସମ୍ମିଳନୀ : 06.07.2026, ସମୟ 12:00 ଘଣ୍ଟା (IST) 6) ବିଡ୍ ଦାଖଲର ଶେଷ ତାରିଖ ଓ ସମୟ : 27.07.2026 ଦିନ 15:00 ଘଣ୍ଟା। 7) ଟେକ୍ନିକାଲ ବିଡ୍ ଖୋଲିବାର ତାରିଖ ଓ ସମୟ : 27.07.2026 ଦିନ 15:30 ଘଟିକା। 8) କମର୍ସିଆଲ ବିଡ୍ ଖୋଲିବାର ତାରିଖ : ଟେକ୍ନିକାଲ ବିଡ୍ ମୂଲ୍ୟାଙ୍କନ ପରେ ପୃଥକ ଭାବେ ସୂଚନା ଦିଆଯିବ। 9) ପ୍ରସ୍ତାବର ବୈଧତା : ଟେଣ୍ଡର ଖୋଲିବା ତାରିଖ ଠାରୁ 120 ଦିନ। 10) କାର୍ଯ୍ୟ ସମାପ୍ତି ଅବଧି : ୨୪ ମାସ। 11) ଟେଣ୍ଡରିଂ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ ଓ ବିଡ୍ ଖୋଲିବା ସ୍ଥାନ : ଉପମୁଖ୍ୟ ସିଗ୍ନାଲ ଓ ଟେଲିକମ୍ ଇଞ୍ଜିନିୟର (ଓର୍କ୍ସ), ରତଲାମ, DRM କାର୍ଯ୍ୟାଳୟ, ରତଲାମ, ମଧ୍ୟପ୍ରଦେଶ। 12) ଇ-ଟେଣ୍ଡର ପୋର୍ଟାଲ : www.ireps.gov.in ଇ-ଟେଣ୍ଡର ପୋର୍ଟାଲରେ ଟେଣ୍ଡର ଦେଖିପାରିବେ ଏବଂ ପ୍ରସ୍ତାବ କେବଳ ସେହି ଇ-ଟେଣ୍ଡର ପୋର୍ଟାଲ ମାଧ୍ୟମରେ ଦାଖଲ କରିବାକୁ ହେବ। CRY/06/120

Like us on: facebook.com/WesternRly

### ଓଡିଶା ଆଦର୍ଶ ବିଦ୍ୟାଳୟ, ଅଇଁଲାଚୁଆଁ, କଣ୍ଢମାଳ, ବୌଦ୍ଧ

**ବିଜ୍ଞାପନ**

**ଓଡିଶା ଆଦର୍ଶ ବିଦ୍ୟାଳୟ, ଅଇଁଲାଚୁଆଁ ଛାତ୍ରାବାସର ଅସ୍ଥାୟୀ ନିଯୁକ୍ତି ନିମନ୍ତେ ବିଜ୍ଞାପନ**

ଓଡିଶା ସରକାରଙ୍କ ଅଧୀନରେ ପରିଚାଳିତ ବୌଦ୍ଧ ଜିଲ୍ଲାର ଓଡିଶା ଆଦର୍ଶ ବିଦ୍ୟାଳୟ, (Non-KGBV) Warden, Head Cook, Assistant-Cook, Chowkidar cum Sweeper ପଦବୀ ପାଇଁ ଅସ୍ଥାୟୀ ନିୟୋଜନ ନିମନ୍ତେ ଯୋଗ୍ୟ ପ୍ରାର୍ଥୀଙ୍କ ଠାରୁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଉକ୍ତ ପଦବୀ ପାଇଁ ଆବେଦନ କରୁଥିବା ପ୍ରାର୍ଥୀମାନେ ପୁରୁଷ ହେବା ଆବଶ୍ୟକ । ସମସ୍ତ ପଦବୀ ସମ୍ପୂର୍ଣ୍ଣ ଭାବରେ ଅସ୍ଥାୟୀ ଅଟେ । ଆବେଦନ ଫର୍ମରେ ଆବଶ୍ୟକ ପ୍ରମାଣପତ୍ର ସଂଲଗ୍ନ କରି ତା.୦୩.୦୭.୨୦୨୬ ରୁ ତା.୧୭.୦୭.୨୦୨୬ ମଧ୍ୟରେ ଓଡିଶା ଆଦର୍ଶ ବିଦ୍ୟାଳୟ, ଅଇଁଲାଚୁଆଁ ଠିକଣାରେ ରେଜିଷ୍ଟ୍ରି ପୋଷ୍ଟ / ସ୍ପିଡ୍ ପୋଷ୍ଟ / ସିଧାସଳଖ ବିଦ୍ୟାଳୟ କାର୍ଯ୍ୟାଳୟରେ, କେବଳ କାର୍ଯ୍ୟଦିବସରେ ସକାଳ ୧୦.୦୦ ରୁ ସଂଧ୍ୟା ୪.୦୦ ମଧ୍ୟରେ ଆବେଦନ କରିବା ଆବଶ୍ୟକ । ବିଜ୍ଞାପନର ସମ୍ପୂର୍ଣ୍ଣ ବିବରଣୀ ଏବଂ ଆବେଦନ https://boudh.odisha.gov.in ଏବଂ https://oav.edu.in/OAVAIN ରେ ଉପଲବ୍ଧ ଅଟେ ।

ସ୍ୱା/ ଅଧ୍ୟକ୍ଷ

ଓଡିଶା ଆଦର୍ଶ ବିଦ୍ୟାଳୟ, ଅଇଁଲାଚୁଆଁ

### ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ

### ନିୟନ୍ତ୍ରିତ ବଜାର କମିଟି, କୋରାପୁଟ , ଜିଲ୍ଲା : କୋରାପୁଟ

ନିର୍ବାଚନ ନୋଟିସ ସଂଖ୍ୟା : ୧୨୨୧ /୨୦୨୬ ତା: ୦୧/୦୭/୨୦୨୬

୧୯୫୬ ମସିହା ଓଡିଶା କୃଷିଜାତ ଦ୍ରବ୍ୟ ବିପଣନ ଆଇନର ଧାରା ୬ ଓ ୧୯୫୮ ମସିହା ଓଡିଶା କୃଷିଜାତ ଦ୍ରବ୍ୟ ବିପଣନ ନିୟମ ୩ ରୁ ୨୪ ଅନୁସାରେ ଏବଂ କୋରାପୁଟ ଜିଲ୍ଲାପାଳଙ୍କ ଆଦେଶନାମାନୁସାରେ ଆମ୍ଭଠାରେ ନ୍ୟସ୍ତ ହୋଇଥିବା କ୍ଷମତା ଅନୁଯାୟୀ ଆମ୍ଭେ ଶ୍ରୀ ଚନ୍ଦ୍ର ସେଠିଆ, ଓ.ସି.ଏସ (୨), ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, କୋରାପୁଟ ତଥା ନିର୍ବାଚନ ଅଧିକାରୀ, ନିୟନ୍ତ୍ରିତ ବଜାର କମିଟି, କୋରାପୁଟ ଏତଦ୍ୱାରା ଘୋଷଣା କରୁଅଛୁ ଯେ, ଉକ୍ତ କମିଟିର ସଦସ୍ୟ ନିର୍ବାଚନ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଆସନ୍ତା ତା ୨୩.୦୮.୨୦୨୬ ରିଖ (ରବିବାର) ଦିନ ଅନୁଷ୍ଠିତ ହେବ । ଅତଏବ କୋରାପୁଟ ରାଜସ୍ୱ ଉପଖଣ୍ଡର କୃଷକ ସଂଗଠନ, ବ୍ୟବସାୟୀ ଗୋଷ୍ଠି ଏବଂ ସ୍ୱାୟତ୍ତ ଶାସନ ସଂସ୍ଥା ସମୂହ ଉକ୍ତ ନିର୍ବାଚନରେ ଅଂଶ ଗ୍ରହଣ କରିବାକୁ ସେମାନଙ୍କର ଅବଗତି ନିମିତ୍ତ ଜଣାଇ ଦିଆଯାଉଅଛି ।

**ନିର୍ବାଚନରେ ପୂରଣ ହେବାକୁ ଥିବା ସ୍ଥାନର ସଂଖ୍ୟା :**

| କ୍ରମିକ ସଂଖ୍ୟା | ନିର୍ବାଚନ ମଣ୍ଡଳୀର ନାମ | ସ୍ଥାନ ସଂଖ୍ୟା |
|---|---|---|
| ୧. | କୃଷକ ନିର୍ବାଚନ ମଣ୍ଡଳୀ | ୮ (ଆଠ) |
| ୨. | ବ୍ୟବସାୟୀ ନିର୍ବାଚନ ମଣ୍ଡଳୀ | ୪ (ଚାରି) |
| ୩. | ସ୍ୱାୟତ୍ତ ଶାସନ ସଂସ୍ଥା | |
| କ. | ପୌରପାଳିକା | ୧ (ଏକ) |
| ଖ. | ଗ୍ରାମ ପଞ୍ଚାୟତ | ୧ (ଏକ) |
| | ସର୍ବମୋଟ | ୧୪ (ଚଉଦ) |

**ନିର୍ବାଚନ କାର୍ଯ୍ୟସୂଚୀ**

| କ୍ରମିକ ସଂଖ୍ୟା | ବିଷୟ / କାର୍ଯ୍ୟ | ତାରିଖ | ସମୟ | ନିର୍ଦ୍ଧାରିତ ସ୍ଥାନ |
|---|---|---|---|---|
| ୧. | ପ୍ରାଥମିକ ଭୋଟର ତାଲିକା ପ୍ରକାଶନ (ନୋଟିସ ବୋର୍ଡରେ) | ୨୦.୦୭.୨୦୨୬ ରୁ ୨୬.୦୭.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ଅପରାହ୍ନ ୫.୦୦ ଘଣ୍ଟା ପର୍ଯ୍ୟନ୍ତ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୨. | ପ୍ରାଥମିକ ଭୋଟର ତାଲିକା ଅଭିଯୋଗ ଦାଖଲ | ୨୭.୦୭.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୩. | ପ୍ରାଥମିକ ଭୋଟର ତାଲିକା ଅଭିଯୋଗର ବିଚାର | ୨୮.୦୭.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୪. | ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ (ନୋଟିସ ବୋର୍ଡରେ) | ୨୯.୦୭.୨୦୨୬ | ଅପରାହ୍ନ ୦୩.୦୦ ଘଣ୍ଟା ସମୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୫. | ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ | ୩୦.୦୭.୨୦୨୬, ୩୧.୦୭.୨୦୨୬, ୦୧.୦୮.୨୦୨୬ | ପୂର୍ବାହ୍ନ ୧୦.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୬. | ପ୍ରାର୍ଥୀ ମନୋନୟନ ପତ୍ରର ତାଲିକା ପ୍ରକାଶନ (ନୋଟିସ ବୋର୍ଡରେ) | ୦୧.୦୮.୨୦୨୬ | ଅପରାହ୍ନ ୦୫.୦୦ ଘଣ୍ଟା ସମୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୭. | ପ୍ରତିଦ୍ୱନ୍ଦି ପ୍ରାର୍ଥୀଙ୍କ ଦ୍ୱାରା ମନୋନୟନ ପତ୍ର ତନଖି | ୦୩.୦୮.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୮. | ମନୋନୟନ ପତ୍ର ବିରୁଦ୍ଧରେ ଅଭିଯୋଗ ପତ୍ର ଦାଖଲ | ୦୪.୦୮.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୯. | ମନୋନୟନ ପତ୍ର ବିରୁଦ୍ଧରେ ଅଭିଯୋଗର ଶୁଣାଣି ଓ ଯାଞ୍ଚ | ୦୫.୦୮.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୧୦. | ବିଧି ସମ୍ମତ ମନୋନୟନ ପତ୍ରର ତାଲିକା ପ୍ରକାଶନ (ନୋଟିସ ବୋର୍ଡରେ) | ୦୬.୦୮.୨୦୨୬ | ଅପରାହ୍ନ ୦୩.୦୦ ଘଣ୍ଟା ସମୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୧୧. | ମନୋନୟନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ | ୦୭.୦୮.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୧୨. | ଚୂଡାନ୍ତ ମନୋନୟନ ପତ୍ରର ତାଲିକା ସଙ୍କେତ ସହ ପ୍ରକାଶନ (ନୋଟିସ ବୋର୍ଡରେ) | ୦୮.୦୮.୨୦୨୬ | ଅପରାହ୍ନ ୦୪.୦୦ ଘଣ୍ଟା ସମୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୧୩. | ଆବଶ୍ୟକ ସ୍ଥଳେ ଭୋଟ ଗ୍ରହଣ | ୨୩.୦୮.୨୦୨୬ | ପୂର୍ବାହ୍ନ ୦୭.୦୦ ଘଣ୍ଟା ଠାରୁ ଅପରାହ୍ନ ୩.୦୦ ଘଣ୍ଟା ପର୍ଯ୍ୟନ୍ତ | ପରେ ଜଣାଇ ଦିଆଯିବ |
| ୧୪. | ଭୋଟ ଗଣତି ଓ ଫଳାଫଳ ପ୍ରକାଶନ | ୨୩.୦୮.୨୦୨୬ | ଭୋଟ ଗ୍ରହଣ ଶେଷ ହେବା ପରେ | ପରେ ଜଣାଇ ଦିଆଯିବ |

- ଇଚ୍ଛୁକ ପ୍ରାର୍ଥୀ ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, କୋରାପୁଟଙ୍କ ଠାରେ ଟ. ୫.୦୦ (ପାଞ୍ଚ ଟଙ୍କା) ମାତ୍ର ଦାଖଲ କରି ମନୋନୟନ ପତ୍ର ପାଇ ପାରିବେ ।

ନିର୍ବାଚନ ଅଧିକାରୀ

ନିୟନ୍ତ୍ରିତ ବଜାର କମିଟି, କୋରାପୁଟ ତଥା

ସହକାରୀ ନିବନ୍ଧକ,ସମବାୟସମିତି ସମୂହ, କୋରାପୁଟ

### ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ

**ଇ-ଟେଣ୍ଡର ବିଜ୍ଞପ୍ତି**

1) ଇ-ଟେଣ୍ଡର ନଂ.: RTM-2026-27-63, 2) କାର୍ଯ୍ୟର ନାମ: GDA–NAD ସେକ୍ସନର ମେଘନଗର ଏବଂ ଦାହୋଦ ଷ୍ଟେସନରେ ସାମଗ୍ରୀ ଶେଡ୍‌ର ଆବରଣ (କଭର୍ ଶେଡ୍) ନିର୍ମାଣ ଏବଂ ପୃଷ୍ଠଭାଗର ଉନ୍ନତିକରଣ କାର୍ଯ୍ୟ। 3) ଆନୁମାନିକ ପରିମାଣ : ବିସ୍ତୃତ ଟେଣ୍ଡର ସୂଚନାନୁସାରେ। 4) ଟେଣ୍ଡରର ଆନୁମାନିକ ମୂଲ୍ୟ : ଟ.22,36,87,576.70 5) ଅମାନତ ରାଶି : ଟ.44,73,800.00, 6) କାର୍ଯ୍ୟ ସମାପ୍ତି ଅବଧି : 24 ମାସ। 7) ୱେବସାଇଟ୍‌ରେ ଅପଲୋଡ୍ ତାରିଖ : 26.06.2026, 8) ଟେଣ୍ଡର ଖୋଲିବାର ତାରିଖ : 20.07.2026। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ। CRY/06/121

Like us on: facebook.com/WesternRly

### AFFIDAVIT

I, Hemanta Kumar Mohanty, aged about 52 years, S/o- Durga Charan Mohanty, resident of At- GA Plot No.54, Rev. Plot No.384, Flat No. S-4, Sourya Complex, Surya Nagar, Near OUAT, Khandagiri, Bhubaneswar, Dist- Khordha, PIN-751003, Odisha declared by this affidavit No. 1332, dtd-01/07/2026 that now onwards I shall be known as **HEMANT KUMAR MOHANTY** for all future purposes.

### COLLECTORATE: MALKANGIRI 24001/262/2627

### OBSERVATION HOME AND SPECIAL HOME (BOY'S), MALKANGIRI

Letter No.: 166/OH&SH/MKG/26, Date: 01.07.2026

**ADVERTISEMENT**

Applications are invited from interested and eligible candidates to fill the vacancies at **Observation Home (OH) & Special Home (SH), Malkangiri**. The process of engagement shall be laid down in **Resolution No. 10102/WCD-CW-MISC-0023/2020 dated 15.09.2020** issued by the **Women & Child Development Department, Government of Odisha, Bhubaneswar**. All the posts are **purely temporary, time-bound and co-terminus with the scheme**. The period of engagement will initially be for **11 months** and may be extended further based on the candidate's performance appraisal report each year.

Eligible candidates may submit their applications along with all required documents and testimonials addressed to the: **Superintendent Observation Home and Special Home Goudaguda, Malkangiri.** The application should reach **latest by 30.07.2026 before 5.00 PM** through **Speed Post / Registered Post only**. Separate applications in sealed cover must be submitted for each post, clearly superscribing the **name of the post applied for** on the top of the envelope. Applications received after the due date and time, or submitted by hand or through any other mode, shall not be entertained and will be rejected. The authority reserves the right to cancel the advertisement for any post or all posts without assigning any reason. The details of vacancies, eligibility criteria, application form and other terms & conditions are available on the District website: www.malkangiri.odisha.gov.in

OIPR-24001/24382/1/26-27/0005

Collector & District Magistrate, Malkangiri

### AFFIDAVIT

By virtue of an affidavit sworn before the Notary Public, Bhubaneswar, dtd 01.07.2026, I, Rudranarayan Rout, Address At/P.O- Badalo, P.S- Motanga, Dist- Dhenkanal, PIN- 759020 declare that I have changed my name from Rudra Rout to Rudranarayan Rout. Henceforth, I shall be known as **Rudranarayan Rout** for all purposes.

**Rudranarayan Rout**

### LOST

I, **Ranjan Mohapatra** do here by declare that, the original ROR/Patta, Khatian No-703/2336, Plot No-297/2147/3603, Mouza-Patrapada has been misplaced somewhere and a complaint has been lodged at Lingaraj Police Station, Bhubaneswar, vide No.019 **Dt.23.06.26.** If found by anybody, Please **Contact-8260024523**. I also declare that I have not mortgaged this with any bank or Individual/ financial institutions.

### AFFIDAVIT

By virtue of an affidavit sworn before Executive Magistrate, Soro on dt. 25.6.2026 I, Pradeep Kumar Jena, S/o- Babaji Jena, At-/Po- Kesharipur, Ps- Soro, Dist.- Balasore-756045, declare that I have changed my name from Pradeep Nayak to Pradeep Kumar Jena. Henceforth, I shall be known as **Pradeep Kumar Jena** for all purposes.

### AFFIDAVIT

By virtue of an affidavit sworn before Executive Magistrate, Bhubaneswar, **I, Dhaneswar Samal,** S/o.: Late Banambar Samal, Resident of Plot No.: 1047, Talasahi, Patia, PO: Patia, PS: Chandrasekharpur, Bhubaneswar-751024, Dist.: Khurdha, Odisha declare by this Affidavit No.: 18184, Dt: 24.06.2026. I have changed my name from Dhanaswar Samal to **Dhaneswar Samal**. Henceforth, I shall be known as **Dhaneswar Samal** for all purposes.

### ପୌରପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି 13001/1031/2627

### OFFICE OF THE MUNICIPAL COUNCIL, PARALAKHEMUNDI, GAJAPATI

Phone No.: **06815-222052,** e-Mail: parala.mply@gmail.com

Letter No.: 2442, Date: 01.07.2026

**QUOTATION CALL NOTICE**

Sealed quotations are invited from agencies having relevant certificate with valid GST No. and past experience for the work **"Beautification / road painting of Palace Street road"** on the occasion of **Ratha Yatra 2026**. The tender paper will be available on payment of **Rs. 2,000/- (Rupees Two Thousand only)** (which is **non-refundable**) in the shape of Demand Draft in any Nationalized Bank payable at Paralakhemundi in favour of **Executive Officer, Paralakhemundi Municipality** or by payment of cash. The prescribed bid documents & related terms and conditions can be downloaded from www.gajapati.odisha.gov.in or purchased from the office from **02.07.2026**. The quotations should reach this office **on or before 08.07.2026 by 5.00 PM** through **Speed Post / Registered Post only** and will be opened on **09.07.2026 at 11.00 AM** in the presence of the agency or their authorized representative, if any.

Quotation incomplete in any respect or received after the due date & time will be summarily rejected. The undersigned reserves the right to accept or reject any or all quotations without assigning any reason thereof.

**Executive Officer**
**Paralakhemundi Municipality**

OIPR-13001/13145/1/26-27/0004

### Office of CSO-cum-District Manager Odisha State Civil Supplies Corporation Ltd.

7001/53/2627

District: Malkangiri
Phone No. 9438200051

TENDER No.: 2233 Dated: 29.06.2026

**Cost of Tender Document is Rs. 1000/- inclusive of GST for Cluster Malkangiri District (through online mode).**

Online tenders are invited from eligible bidders for selection and appointment of **Transport Contractors** for transportation of **Paddy from Paddy Purchase Centers (PPCs) / Mandis to Rice Mill points (within or outside the district)** for the **KMS: 2025-26**.

| | | |
|---|---|---|
| 1 | Availability of tender documents | From Date **01.07.2026** www.tendersodisha.gov.in & www.oscsc.in & www.foododisha.in |
| 2 | Date, time and venue for pre-bid conference | **On dt 04.07.2026, At- Collectorate, Malkangiri** |
| 3 | Last date and time for **online** submission of complete Tender Documents with enclosures | Through e-Procurement Portal: **www.tendersodisha.gov.in** **Upto 5.00 PM on dt. 21.07.2026** |
| 4 | Date, time and venue for opening of Technical Bid by the Tender Committee | **On dt 22.07.2026 At 11.00 AM at Collectorate, Malkangiri** |
| 5 | Date, time and venue of submission of original documents in support of scanned copies uploaded in the portal for verification | **On dt 22.07.2026 At 11.30 AM at Collectorate, Malkangiri** |
| 6 | Date, time and venue of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Validity Period | Tender are to remain open for acceptance for **180 days** from the date of issue of tender. |
| 8 | Language of the tender | The tender should be prepared by the bidder in **English language only**. |
| 9 | Helpdesk Telephone Number | **CSO-cum-DM's Contact Number: 9438200051** |

**N.B.**

1. If the Office happens to be closed on the date of opening of tenders, tenders will be opened on the next working day in the same time.
2. District Level Tender Committee (DLTC) reserves the right to cancel any/all of the tenders at any time without assigning any reason thereof.
3. Further details can be obtained in the website **www.tendersodisha.gov.in**.
4. The bidder must deposit Tender Document Fee and EMD at the time of submission of tender through online payment gateway service.
5. Any amendment/cancellation/re-tender/corrigendum please refer to the website **www.tendersodisha.gov.in** & **www.foododisha.in**.

**OIPR-7001/7035/1/26-27/0005**

**CSO-cum-District Manager**
**OSCSC Ltd., Malkangiri**

### OFFICE OF THE SUPERINTENDING ENGINEER, KHORDHA (R&B) DIVISION, KHORDHA

34001/419/2627

**INVITATION FOR BIDS (IFB)**

**E-mail:** pwdoff_khd@yahoo.com

Tender Call Notice

Bid Identification No. S.E.-KHD-(R&B)-08/2026-27

Letter No. 3362 dtd. 29/06/2026

The Superintending Engineer, Khordha (R&B) Division, Khordha on behalf of the Governor of Odisha invites Percentage Rate bids in **Single Cover System** from valid **MV/HT** or **Empanelled Fire licensed agency of Class D or above** authorized by Odisha Fire & Emergency Service having **MoU with associate electrical contractor (MV/HT or Above)** having valid license from ELBO. The Court Affidavit should have specific mention of the name, address of the two parties, license number, date of validity and issuing authority, and the name of the work for which the agreement is signed, for conformity with DTCN registered with the State Governments and Contractors of equivalent Grade/Class registered with Central Government/MES/Railways for execution of the E.I. Work. The bidder not registered under the State Government has to register under the State PWD & ELBO in the appropriate class of eligibility before signing of the agreement.

1. **Nature of Work:** Electrical Works
2. **No. of Work:** 09 Nos.
3. **Tender Cost:**
   - Sl. No. 01 to 07 & 09 – **Rs. 6,000.00 (Online)**
   - Sl. No. 08 – **Rs. 4,000.00 (Online)**
4. **Class of Contractor:**
   - **Sl. No. 01 to 08:** Empanelled Fire licensed agency of Class D or above authorized by Odisha Fire & Emergency Service having MoU with associate electrical contractor (MV/HT or Above) having valid license from ELBO. The Court Affidavit should have specific mention of the name, address of the two parties, license number, date of validity and issuing authority, and the name of the work for which the agreement is signed.
   - **Sl. No. 09:** MV/HT
5. **Availability of Bid Documents on the Website:** From **04.07.2026 at 10.30 A.M.** to **13.07.2026 at 5.00 P.M.**
6. **Date of Opening of Bids: 14.07.2026 at 11.00 A.M.**
7. **Bidders have to participate in ONLINE bidding only.** Further details can be seen on the website: https://tenderodisha.gov.in. Any information regarding **Addendum / Corrigendum / Cancellation of tender** can be available in the said website.

**Superintending Engineer**
**Khordha (R&B) Division, Khordha**

OIPR-34001/34095/1/26-27/0008

### Office of CSO-cum-District Manager Odisha State Civil Supplies Corporation Ltd.

7001/52/2627

District: Malkangiri
Phone No. 9438200051

TENDER No.: 2232 Dated: 29.06.2026

**Cost of Tender Document is Rs. 11800/- inclusive of GST**

Online Tenders are invited from eligible bidders for selection and appointment of **Level-I Transport Contractors** for transportation of Wheat from Food Storage Depot (FSD), FCI to Rice Receiving Centres (RRC).

| | | |
|---|---|---|
| 1 | Availability of tender documents | From Date **01.07.2026** www.tendersodisha.gov.in & www.oscsc.in & www.foododisha.in |
| 2 | Date, time and venue for pre-bid conference | **On dt 04.07.2026, At- Collectorate, Malkangiri** |
| 3 | Last date and time for **online** submission of complete Tender Documents with enclosures | Through e-Procurement Portal: **www.tendersodisha.gov.in** **Upto 5.00 PM on dt. 21.07.2026** |
| 4 | Date, time and venue for opening of Technical Bid by the Tender Committee | **On dt 22.07.2026 At 11.00 AMat Collectorate, Malkangiri** |
| 5 | Date, time and venue of submission of original documents in support of scanned copies uploaded in the portal for verification | **On dt 22.07.2026 At 11.30 AMat Collectorate, Malkangiri** |
| 6 | Date, time and venue of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Validity Period | Tender are to remain open for acceptance for **180 days** from the date of issue of tender. |
| 8 | Language of the tender | The tender should be prepared by the bidder in **English language only**. |
| 9 | Helpdesk Telephone Number | **CSO-cum-DM's Contact Number: 9438200051** |

**N.B.**

1. If the Office happens to be closed on the date of opening of tenders, tenders will be opened on the next working day in the same time.
2. District Level Tender Committee (DLTC) reserves the right to cancel any/all of the tenders at any time without assigning any reason thereof.
3. Further details can be obtained in the website **www.tendersodisha.gov.in**.
4. The bidder must deposit Tender Document Fee and EMD at the time of submission of tender through online payment gateway service.
5. Any amendment/cancellation/re-tender/corrigendum please refer to the website **www.tendersodisha.gov.in** & **www.foododisha.in**.

**OIPR-7001/7035/1/26-27/0004**

**CSO-cum-District Manager**
**OSCSC Ltd., Malkangiri**

# ଅଖଣ୍ଡ ମୟୂରଭଞ୍ଜ ସୁରକ୍ଷା ପାଇଁ ଆଇନଜୀବୀଙ୍କ ହୁଙ୍କାର

କରଞ୍ଜିଆ,୧୭ (ସମିସ):




ରାଜ୍ୟରେ କିଛି ଜିଲ୍ଲାର ପ୍ରଶାସନିକ ପୁନର୍ଗଠନ ଓ ବିଭାଜନକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ଓଡ଼ିଶାର ସର୍ବବୃହତ୍ ଜିଲ୍ଲା ମୟୂରଭଞ୍ଜକୁ ଅଖଣ୍ଡ ରଖିବା ଦାବି କ୍ରମଶଃ ଅଧିକ ଶକ୍ତିଶାଳୀ ହେବାରେ ଲାଗିଛି। ଜିଲ୍ଲାର ବିଭିନ୍ନ ସାମାଜିକ ସଂଗଠନ, ବୁଦ୍ଧିଜୀବୀ, ଛାତ୍ର ସଂଗଠନ ଓ ସଚେତନ ନାଗରିକଙ୍କ ପରେ ବର୍ତ୍ତମାନ ଆଇନଜୀବୀ ମହଲ ମଧ୍ୟ ଅଖଣ୍ଡ ମୟୂରଭଞ୍ଜ ସପକ୍ଷରେ ଏକଜୁଟ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ଅପରାହ୍ଣ ୩ଟାରେ ବାର୍ ଆସୋସିଏସନ୍ ସଭାଗୃହରେ ଜିଲ୍ଲା ଓକିଲ ସଂଘ ପକ୍ଷରୁ ଏକ ବୃହତ୍ ବୈଠକ ଅନୁଷ୍ଠିତ ହୋଇଥିଲା। ମୟୂରଭଞ୍ଜର ଅଖଣ୍ଡତା ସୁରକ୍ଷା, ଜିଲ୍ଲା ବିଭାଜନକୁ ନେଇ ଉଠୁଥିବା ଚର୍ଚ୍ଚା ଏବଂ ଆଗାମୀ କାର୍ଯ୍ୟପନ୍ଥା ଉପରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ବରିଷ୍ଠ ଆଇନଜୀବୀ ବିଶ୍ୱଜିତ ଚୌଧୁରୀ, ବାଞ୍ଛାନିଧି ପୃଷ୍ଟି, ଦିବ୍ୟ ପ୍ରସାଦ ସାହୁ, କୁମାର ଦେବାଶିଷ ବେହେରାଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ରହି ନିଜ ମତାମତ ଉପସ୍ଥାପନ କରିଥିଲେ।

ବକ୍ତାମାନେ କହିଥିଲେ ଯେ ମୟୂରଭଞ୍ଜ କେବଳ ଏକ ପ୍ରଶାସନିକ ଜିଲ୍ଲା ନୁହେଁ; ଏହା ଓଡ଼ିଶାର ଐତିହ୍ୟ, ଆଦିବାସୀ ସଂସ୍କୃତି, ପରମ୍ପରା, ଭୌଗୋଳିକ ବୈଶିଷ୍ଟ୍ୟ ଓ ସାମାଜିକ ଏକତାର ଏକ ଅନନ୍ୟ ପ୍ରତୀକ। ତେଣୁ ଏହାର ଅଖଣ୍ଡତାକୁ କ୍ଷୁଣ୍ଣ କରିବା ଭଳି ଯେକୌଣସି ପଦକ୍ଷେପକୁ ସମଗ୍ର ଜିଲ୍ଲାବାସୀ ଦୃଢ଼ତାର ସହ ବିରୋଧ କରିବେ। ବୈଠକରେ କିଛି ବକ୍ତା ମତ ରଖିଥିଲେ ଯେ, ମୟୂରଭଞ୍ଜକୁ ବିଭାଜନ କରିବାର କୌଣସି ପ୍ରୟାସକୁ ସଫଳ ହେବାକୁ ଦିଆଯିବ ନାହିଁ। ପାଞ୍ଚପିଢ଼ ଅଞ୍ଚଳକୁ ରାଇରଙ୍ଗପୁର ସହ ଯୋଡ଼ାଯିବା ନେଇ ଚାଲିଥିବା ଚର୍ଚ୍ଚା ପ୍ରତି ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଭଳି ପଦକ୍ଷେପ ସ୍ଥାନୀୟ ଜନସାଧାରଣଙ୍କ ଭାବାବେଗ ଓ ଜିଲ୍ଲାର ଐତିହାସିକ ପରିଚୟ ଉପରେ ପ୍ରଭାବ ପକାଇବ ବୋଲି ବକ୍ତାମାନେ ମତ ରଖିଥିଲେ। ଆଇନଜୀବୀମାନେ ମତ ଦେଇଥିଲେ ଯେ, ଜନମତକୁ ଅବହେଳା କରି କୌଣସି ପ୍ରଶାସନିକ ନିଷ୍ପତ୍ତି ଗ୍ରହଣ କରାଗଲେ ତାହା ଗଣତନ୍ତ୍ରର ମୂଳ ଆଦର୍ଶ ବିରୋଧୀ ହେବ। ତେଣୁ ଅଖଣ୍ଡ ମୟୂରଭଞ୍ଜର ସ୍ୱାର୍ଥ ରକ୍ଷା ପାଇଁ ସମସ୍ତ ଶ୍ରେଣୀର ଲୋକଙ୍କୁ ଏକାଠି ହେବାକୁ ସେମାନେ ଆହ୍ୱାନ ଜଣାଇଥିଲେ। ବୈଠକ ଶେଷରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା ଯେ, ଅଖଣ୍ଡ ମୟୂରଭଞ୍ଜ ଦାବିରେ ଚାଲିଥିବା ଆନ୍ଦୋଳନକୁ ଆଗାମୀ ଦିନରେ ଆହୁରି ବ୍ୟାପକ, ସଂଗଠିତ ଓ ଦୃଢ଼ କରାଯିବ। ଆବଶ୍ୟକ ପଡ଼ିଲେ ଗଣଆନ୍ଦୋଳନ, ସଚେତନତା ଅଭିଯାନ ଏବଂ ଆଇନଗତ ଲଢ଼େଇ ମାଧ୍ୟମରେ ଅଖଣ୍ଡ ମୟୂରଭଞ୍ଜର ସ୍ୱାର୍ଥ ରକ୍ଷା କରାଯିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଅଖଣ୍ଡ ମୟୂରଭଞ୍ଜ କେବଳ ଏକ ପ୍ରଶାସନିକ ଦାବି ନୁହେଁ, ବରଂ ଜିଲ୍ଲାର ଅସ୍ମିତା, ଐତିହ୍ୟ, ସଂସ୍କୃତି ଓ ସ୍ୱାଭିମାନର ପ୍ରତୀକ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ।

- ବାର୍ ଆସୋସିଏସନର ବୃହତ୍ ବୈଠକରେ ଜିଲ୍ଲା ବିଭାଜନକୁ ତୀବ୍ର ବିରୋଧ
- ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ ସଂକଳ୍ପ

## ବିଶୋଇରେ ସିଧୁ-କାହ୍ନୁ ସାନ୍ତାଳ ବିଦ୍ରୋହ ଦିବସ



ବିଶୋଇ,୧୭ (ସମିସ): ବିଶୋଇସ୍ଥ ପଣ୍ଡିତ ରଘୁନାଥ ମୁର୍ମୁ ପାଠାଗାରଠାରେ ୧୭୧ତମ ସିଧୁ-କାହ୍ନୁ ସାନ୍ତାଳ ବିଦ୍ରୋହ ଦିବସ ପାଳିତ ହୋଇଯାଇଛି। ପାର୍ଗାନା ବାବା ଦୁର୍ଗା ମୁର୍ମୁଙ୍କ ଅଧ୍ୟକ୍ଷତାରେ ସିଧୁ-କାହ୍ନୁ ସାନ୍ତାଳ ବିଦ୍ରୋହ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ସାଂସଦ ରାମଚନ୍ଦ୍ର ହାଁସଦା, ମୁଖ୍ୟବକ୍ତା ଭାବେ ସମାଜସେବୀ ସ୍ୱରାଜ ହାଁସଦା, ସମ୍ମାନିତ ଅତିଥି ଭାବେ ଡୁଙ୍ଗୁଖ୍ୟାମୀ ମୁର୍ମୁ, ସାଓତା ମାଝୀବାବା ସାଲଖା ହେମ୍ବ୍ରମ, ପ୍ରଶାନ୍ତ ବେଶ୍ରା, ମାଝିବାବା ଚୁନକା ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ରହି ବୀର ସିଧୁ-କାହ୍ନୁଙ୍କ ସଂଗ୍ରାମୀ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମୀ ବୀର ସିଧୁ ମୁର୍ମୁ, କାହ୍ନୁ ମୁର୍ମୁ, ଚାନ୍ଦ ମୁର୍ମୁ, ଭାଇରା ମୁର୍ମୁ, ଫୁଲ ମୁର୍ମୁ ଓ ଝାନ ମୁର୍ମୁଙ୍କ ଅବଦାନ ତଥା ସାହୁକାର-ମହାଜନ, ଇଂରେଜଙ୍କ ଅତ୍ୟାଚାର, ନିରୀହ ଆଦିବାସୀ ମୂଳବାସୀଙ୍କ ଉପରେ ଦମନଲୀଳା ଚଳାଇବାରୁ ୧୮୫୫ ଜୁନ୍ ୩୦ରେ ସିଧୁ-କାହ୍ନୁଙ୍କ ନେତୃତ୍ୱରେ ବ୍ରିଟିଶ ହଟାଓ ଅଭିଯାନ ଚାଲିଥିବାରୁ ଏହି ସାନ୍ତାଳ ବିଦ୍ରୋହ ବିହାର ରାଜ୍ୟ ଭଗନାଡିହିଠାରୁ ଆରମ୍ଭ କରିଥିଲେ। ସେହି ଆନ୍ଦୋଳନରେ ହଜାର ହଜାର ସାନ୍ତାଳ ସମ୍ପ୍ରଦାୟର ବୀର ସଂଗ୍ରାମୀ ସହିଦ ହୋଇଥିଲେ। ସାନ୍ତାଳ ସଂଗ୍ରାମୀ ବିଦ୍ରୋହରୁ ହାରି ନ ଯିବାରୁ ଫଳସ୍ୱରୂପ ୧୮୫୫ ଡିସେମ୍ବର ୨୨ରେ ବ୍ରିଟିଶ ସରକାର "ସାନ୍ତାଳ ପାର୍ଗାନା ଦିଶମ" ସାନ୍ତାଳ ଆଦିବାସୀଙ୍କ ନିମନ୍ତେ ଉତ୍ସର୍ଗ କରିଥିଲେ। ସେହିଦିନଠାରୁ ସାନ୍ତାଳ ପାର୍ଗାନାର ଆଦିବାସୀ ସାନ୍ତାଳଙ୍କ ପାଇଁ ସାନ୍ତାଳୀ ପାର୍ଗାନା ଟେନ୍ସି ଆକ୍ଟ-୧୮୫୫ ଅନୁଯାୟୀ ଶାସନ ହୋଇଆସୁଛି ବୋଲି ଅତିଥିମାନେ କହିଥିଲେ। ଏହି ଉତ୍ସବରେ ୩୧ଟି କୋନର ସମସ୍ତ ଗ୍ରାମର ମୁଖ୍ୟ ମାଝୀ ବାବା, ନାୟକେ ବାବା, ସାଓତା ମାଝୀବାବା, ପିଢ ପାର୍ଗାନା ବାବା ଓ ମଣେଳଙ୍କ ଦ୍ୱାରା ସାନ୍ତାଳ ଆଦିବାସୀଙ୍କ ମୌଳିକ ଦାବି ସମାଧାନ ନିମନ୍ତେ ୩ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଶୋଇ ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ବିଶୋଇ ବ୍ଲକର ସମସ୍ତ ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟଠାରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପର୍ଯ୍ୟନ୍ତ ମାତୃଭାଷା ସାନ୍ତାଳୀ ଅଲଚିକି ଲିପି ମାଧ୍ୟମରେ ଶିକ୍ଷା ପ୍ରଚଳନ ସହିତ ଚଳିତ ଶିକ୍ଷାବର୍ଷଠାରୁ ପ୍ରସ୍ତୁତି ଓ ପାଠ୍ୟ ଖସଡ଼ାରେ ପ୍ରଚଳନ, ଆଦିବାସୀଙ୍କ ପାରମ୍ପରିକ ପୂଜାସ୍ଥଳୀ ଜାହେରଗାଡ, ଗୋଷାଡ଼ଥାନ, ମାଗ ବଙ୍ଗା -ଗୋଟ ବଙ୍ଗା ସ୍ଥାନ, ଶ୍ମଶାନ ଓ ମୁକାମ ପ୍ରଭୃତି ସ୍ଥାନକୁ ଚିହ୍ନଟ କରି ମାନ୍ୟତା ପ୍ରଦାନ, ଆଦିବାସୀ ପରମ୍ପରାକୁ ଉଜ୍ଜୀବିତ କରିଆସୁଥିବା ପାରମ୍ପରିକ ଗ୍ରାମ ମୁଖ୍ୟଙ୍କୁ ମାସିକ ସ୍ୱତନ୍ତ୍ର ପାରିଶ୍ରମିକ, ଭତ୍ତା ଲାଗୁ କରିବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି।

## ଭାରତୀୟ ଡାକ ବିଭାଗ ତରଫରୁ ମାସ୍କଟ୍ ଡିଜାଇନ ପ୍ରତିଯୋଗିତା

ବାରିପଦା,୧୭ (ସମିସ): ୧୭୦ବର୍ଷଧରିଭାରତୀୟଡାକବିଭାଗଦେଶରଯୋଗାଯୋଗକ୍ଷେତ୍ର ସହିତ ଗ୍ରାମୀଣ ଜୀବନର ଆର୍ଥିକ ମେରୁଦଣ୍ଡ ଭାବେ କାର୍ଯ୍ୟ କରିଆସୁଛି। ଏହି ଡାକ ବିଭାଗକୁ ଏକ ସଶକ୍ତ ଓ ଆଧୁନିକ ପରିଚୟ ପ୍ରଦାନ କରିବା ଉଦ୍ଦେଶ୍ୟରେ ଭାରତୀୟ ଡାକ ବିଭାଗ ପକ୍ଷରୁ ଏକ ମାସ୍କଟ୍ ଡିଜାଇନ ପ୍ରତିଯୋଗିତା ଆୟୋଜନ କରାଯାଇଛି। ପ୍ରତିଯୋଗିତାଟି ଆସନ୍ତା ୧୫ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୧୫ ପର୍ଯ୍ୟନ୍ତ ଚାଲିବ। ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଏବଂ ସହଭାଗିତାକୁ ପ୍ରୋତ୍ସାହିତ କରି ଡାକ ବିଭାଗର ଲକ୍ଷ୍ୟ ଓ ଭାବନାକୁ ସୃଜନଶୀଳ ଭାବେ ଉପସ୍ଥାପନ କରିବା ପାଇଁ ଏହି ମାସ୍କଟ ଡିଜାଇନ ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଏହି ପ୍ରତିଯୋଗିତା ମାଇଁଗୋଭଡବ୍ଲୁଡବ୍ଲୁଡବ୍ଲୁ.ମାଇଁଗୋଭ.ଇନ୍ ମାଧ୍ୟମରେ ଅନୁଷ୍ଠିତ ହେବ ଏବଂ ଦେଶର ସମସ୍ତ ଇଚ୍ଛୁକ ନାଗରିକ ଏଥିରେ ଅଂଶଗ୍ରହଣ କରିପାରିବେ। ପ୍ରତ୍ୟେକ ଡିଜାଇନ ୧୦ ଏମ୍‌ବି ମଧ୍ୟରେ ଜେପିଜି, ପିଏନ୍‌ଜି କିମ୍ବା ପିଡିଏଫ ଫର୍ମାଟରେ ହେବା ଆବଶ୍ୟକ। ଏହାକୁ ମାଇଁଗୋଭ ପୋର୍ଟାଲ ମାଧ୍ୟମରେ ଦାଖଲ କରାଯାଇପାରିବ। ଆବଶ୍ୟକ ହେଲେ ପ୍ରତିଯୋଗୀଙ୍କୁ ଡିଜାଇନର ମୂଳ ସିଡିଆର୍ କିମ୍ବା ଅନ୍ୟାନ୍ୟ ଏଡିଟେବଲ ଭେକ୍ଟର ସୋର୍ସ(ଇଭିଏସ) ଫାଇଲ ମଧ୍ୟ ଦାଖଲ କରିବାକୁ ପଡ଼ିପାରେ। ମନୋନୀତ ମାସ୍କଟ୍ ଡିଜାଇନକୁ ଭାରତୀୟ ଡାକ ବିଭାଗର ବ୍ରାଣ୍ଡ ଆମ୍ବାସାଡର ଭାବେ ବିବେଚନା କରାଯିବ। ଏଥିସହ କୃତୀ ପ୍ରତିଯୋଗୀମାନଙ୍କୁ ୧୦ ହଜାର ଟଙ୍କାରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ। ବିଶେଷକରି ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଚିତ୍ରକଳା ତଥା କଳା ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ଏହି ପ୍ରତିଯୋଗିତାରେ ସକ୍ରିୟ ଓ ଉତ୍ସାହର ସହିତ ଅଂଶଗ୍ରହଣ କରିବା ପାଇଁ ଡାକ ବିଭାଗ ପକ୍ଷରୁ ଆହ୍ୱାନ କରାଯାଇଛି। ଏହି ପ୍ରତିଯୋଗିତା ସମ୍ପର୍କିତ ବିସ୍ତୃତ ନିୟମାବଳୀ ଓ ଆବେଦନ ପ୍ରକ୍ରିୟା ମାଇଁଗୋଭ ପୋର୍ଟାଲରେ ଉପଲବ୍ଧ ଅଛି ବୋଲି ମୟୂରଭଞ୍ଜ ଡାକ ମଣ୍ଡଳର ଅଧୀକ୍ଷକ ସୂଚନା ପ୍ରଦାନ କରିଛନ୍ତି।

## ରରୁଆଁ ପୁଲିସର ନିଶାମୁକ୍ତ ଓଡ଼ିଶା ଅଭିଯାନ

ଶୁକୃଲି,୧୭ (ସମିସ): ବୁଧବାର ରରୁଆଁ ଥାନା ପରିସରରେ ଥାନା ଅଧିକାରୀ ଅନାଦି ଚରଣ ପଟ୍ଟାୟତଙ୍କ ସଭାପତିତ୍ୱରେ ରରୁଆଁ ଶୁକୃଲି ବ୍ଲକ୍‌ର ବରିଷ୍ଠ ନାଗରିକ ଥାନାର ସମସ୍ତ କର୍ମଚାରୀ ବୃନ୍ଦ ତଥା ଉପସ୍ଥିତ ଜନସାଧାରଣଙ୍କୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା।



ସର୍ବପ୍ରଥମେ ଓଡ଼ିଶାକୁ କିପରି ନିଶାମୁକ୍ତ ରଖାଯିବ ସେଥିପାଇଁ ଏକ ସାମୂହିକ ଶପଥ ନିଆଯାଇଥିଲା। ନିଶା କିପରି ସମାଜକୁ ନଷ୍ଟ କରୁଛି ଓ ଯୁବ ସମାଜ ନଷ୍ଟ ହେଉଛନ୍ତି ଏବଂ ଏହାର କୁପରିଣାମ ଆମକୁ ଭୋଗିବାକୁ ପଡୁଛି ସେ ବିଷୟରେ ଆଲୋଚନା ହୋଇଥିଲା। ଏହା କିପରି ବନ୍ଦ ହେବ ଜବତ ନିଶା ଦ୍ରବ୍ୟ କିପରି ନଷ୍ଟ କରାଯିବ ତାହା ଆଲୋଚନା ହୋଇଥିଲା। ସର୍ବଶେଷରେ ଶୁକୃଲି ବରିଷ୍ଠ ନାଗରିକ ସଂଘର ଉପସଭାପତି ପ୍ରସନ୍ନ କୁମାର ପଣ୍ଡା ପୁଲିସର ଏଭଳି ମହନୀୟ କାର୍ଯ୍ୟକୁ ପ୍ରଶଂସା କରିଥିଲେ।

## ମହୁଲିଆଶୂଳିରେ ବନ ମହୋତ୍ସବ ପାଳିତ



ଶୁକୃଲି,୧୭ (ସମିସ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନାଞ୍ଚଳ ମହୁଲିଆଶୂଳିଠାରେ ବନାଞ୍ଚଳ ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସାଧାରଣ ସଭାର ଆୟୋଜନ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବରେ ଗାଲୁସାହି ଗ୍ରାମପଞ୍ଚାୟତର ସରପଞ୍ଚ ଉଷାରାଣୀ ନାଏକ, ମୁଖ୍ୟ ଅତିଥି ଭାବରେ ପ୍ରଶାନ୍ତ କୁମାର ସ୍ୱାଇଁ ବନାଞ୍ଚଳ ଅଧିକାରୀ କରଞ୍ଜିଆ, ସିଙ୍ଗଡ଼ା ସେକ୍ସନର ନୂଆ କରି ଯୋଗ ଦେଇଥିବା ବନପାଳ ଚନ୍ଦ୍ର ମୋହନ ମହାନ୍ତ, ପୂର୍ବତନ ବନପାଳ ଦୀପ୍ତିମୟୀ ସେଠୀ, ସାମ୍ବାଦିକ ସନ୍ତୋଷ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଆଜିର ଦିନରେ ଗଛ ଏବଂ ଜଙ୍ଗଲର ମୂଲ୍ୟବୋଧ, ଗଛ ନ ହେଲେ ଆମର କ'ଣ ଅସୁବିଧା ହେବ ଗ୍ରାମବାସୀଙ୍କୁ ଅବଗତ କରିଥିବା ଦେଖିବାକୁ ମିଳିଥିଲା। ସଭା ପରେ ଗ୍ରାମର ଦେହୁରୀ ପୂଜା କରି ଗଛ ଲଗାଇବା ଆରମ୍ଭ କରିଥିଲେ। ମହୁଲିଆଶୂଳିଠାରେ ୧୫ ହଜାର ଗଛ ଲଗାଇବାର ଧାର୍ଯ୍ୟ କରିଛି ବନ ବିଭାଗ।

## ବାଛି ବାଛି ଚୋରା ମଦ ବେପାରୀଙ୍କ ଘରେ ଚଢ଼ଉ

ମୋରଡ଼ା,୧୭ (ସମିସ): ଗତ ରବିବାର ଚୋରା ଦେଶୀ ଓ ବିଦେଶୀ ମଦ କାରବାରରେ ଜଡ଼ିତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ମୋରଡ଼ା ପୁଲିସ। ତେବେ ସେମାନଙ୍କ ନିକଟରୁ ଦେଶୀ ଓ ବିଦେଶୀ ମଦ ଏବଂ ଗୋଟାଏ ଫ୍ରିଜ୍‌କୁ ଜବତ କରିଛି। କିନ୍ତୁ ପୁଲିସ ପକ୍ଷରୁ ହେଉଥିବା ଅବକାରୀ ଚଢ଼ଉକୁ ନେଇ କିଛି ଚୋରା ମଦ ବ୍ୟବସାୟୀଙ୍କୁ ଅହେତୁକ ଅନୁକମ୍ପା ଏବଂ ଅନ୍ୟ କିଛି ବ୍ୟବସାୟୀ ଯିଏ ସରକାରୀ ସ୍ୱୀକୃତିପ୍ରାପ୍ତ ମଦ ଦୋକାନରୁ ମଦ ଆଣି ପରିବାର ପ୍ରତିପୋଷଣ କରୁଛି ସେମାନଙ୍କୁ ଗିରଫ କରାଯାଉଥିବାର ଅଭିଯୋଗ ହେଉଛି। ଚୋରା ଦେଶୀ ଓ ବିଦେଶୀ ମଦ ବିକ୍ରିକୁ ନେଇ ମୋରଡ଼ା ଥାନାର ବିବାଦୀୟ ଥାନା ଅଧିକାରୀ ସୁମିତ ସରେନ ରବିବାର ଘୋଳମୁହାଁ ପଞ୍ଚାୟତର ଗଣ୍ଡଗୁହାଳୀ ଗ୍ରାମରେ ଚଢ଼ଉ କରି ସୁରେନ୍ଦ୍ର ଚପେୟାର(୪୧)ଙ୍କଠାରୁ ୨୩ଲିଟର ଦେଶୀ ଓ ୩ଲିଟର ୪୦୦ମି.ଗ୍ରା. ବିଦେଶୀ ମଦ ଜବତ କରିଥିବା ବେଳେ ସେହି ଗ୍ରାମରେ ଚୋରାରେ ମଦ ବିକ୍ରି କରୁଥିବା ଅନ୍ୟ ଦୁଇ ବ୍ୟବସାୟୀଙ୍କ ଘରେ ପାଦ ମଧ୍ୟ ପକାଇ ନ ଥିଲେ। ଠିକ୍ ସେହିପରି ଭୋଳଘାଟି ଗ୍ରାମର ଲେପା ବାସ୍କେ(୩୫)ଙ୍କଠାରୁ ୨୨ଲି ଦେଶୀ ଓ ୧୧ଲି. ୭୦୦ ମି.ଗ୍ରା. ବିଦେଶୀ ମଦ ସମେତ ଏକ ଫ୍ରିଜ୍‌କୁ ଜବତ କରାଯାଇଥିବା ବେଳେ ତାଙ୍କ ଘରଠାରୁ ଅଳ୍ପ କିଛି ଦୂରରେ ଖୁଲମ୍‌ଖୁଲା ଜନୈକ ବ୍ୟକ୍ତି ମଦ ବିକ୍ରି କରୁଥିବାର ଜାଣି ମଧ୍ୟ ପୁଲିସ ଉଦ୍ଦେଶ୍ୟମୂଳକ ଭାବେ କେବଳ ଲେପା ଘରେ ଚଢ଼ଉ କରିଥିବାର ଆଲୋଚନା ହେଉଛି। ମୋରଡ଼ା ଥାନାରେ ଏନେଇ ଦୁଇଟି ମାମଲା ରୁଜୁ କରାଯାଇ ଦୁଇ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ବିଭିନ୍ନ ସ୍ଥାନରେ ଅହେତୁକ ମଦ ବିକ୍ରି ହେଉଥିଲେ ମଧ୍ୟ ଚଢ଼ାଉ ନ କରି ଚୁପ୍ ବସିଛି।

- ଗୋଟିଏ ଗ୍ରାମରେ ୩ ଜଣ ବିକୁଛନ୍ତି କିନ୍ତୁ ଜଣକୁ ବାନ୍ଧୁଛି ପୁଲିସ
- ଅନ୍ୟମାନଙ୍କ ସହ ପୁଲିସର କି ସମ୍ପର୍କ ଅଛି?

# ସନତ ବାଗାନ ସିରିଜ୍ କ୍ଲବ୍ ପକ୍ଷରୁ ହୁଲ୍ ଦିବସ




ରାଇରଙ୍ଗପୁର,୧୭ (ସମିସ): ମୟୂରଭଞ୍ଜ ଜିଲ୍ଲା ତିରିଂ ବ୍ଲକ୍ ଅନ୍ତର୍ଗତ ଲୁପୁଙ୍ଗ ଗ୍ରାମପଞ୍ଚାୟତ ଲୁପୁଙ୍ଗଠାରେ ସନତ ବାଗାନ ସିରିଜ କ୍ଲବ୍ ପକ୍ଷରୁ ପ୍ରଥମ ବାର୍ଷିକ ସିଦୋ-କାହ୍ନୁ ସାନ୍ତାଳୀ ହୁଲ୍ (କ୍ରାନ୍ତି) ଦିବସ ପାଳିତ ହୋଇଯାଇଛି। ସନତ ବାଗାନ ସିରିଜ କ୍ଲବ୍ (ଏସ୍‌ବିଏସ୍) ପରିସରରେ ଆୟୋଜିତ ୧୭୧ତମ ସିଦୋ-କାହ୍ନୁ ସାନ୍ତାଳୀ ହୁଲ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତିରିଂ ବ୍ଲକ୍ ଅଧ୍ୟକ୍ଷ ପରମେଶ୍ୱର ସାମାଡ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଲୁପୁଙ୍ଗ ସରପଞ୍ଚ ଦିଗି ହେମ୍ବ୍ରମ, ସମିତିସଭ୍ୟ ଦୁର୍ଗୀ ହେମ୍ବ୍ରମ, ନାଏବ ସରପଞ୍ଚ ଗୋପାଳ ଟୁଡୁ, ମାଝୀବାବା ସୁଶିଲ କୁମାର ଟୁଡୁ, ମାଘୁଆ ପିଢ଼ ପାରଗାନା ରାମଚନ୍ଦ୍ର ହେମ୍ବ୍ରମ ଏବଂ ଅବସରପ୍ରାପ୍ତ ନୌସେନା ଅଧିକାରୀ ରାଉତୁ ଟୁଡୁ ପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ ଗ୍ରାମବାସୀ ଏବଂ ଲୁପୁଙ୍ଗ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ବୀରସହିଦ ସିଦୋ-କାହ୍ନୁଙ୍କ ଫଟୋଚିତ୍ରରେ ଗ୍ରାମ ନାଏକେ ପୂଜକଙ୍କ ଦ୍ୱାରା ସାନ୍ତାଳୀ ରୀତିନୀତିରେ ପୂଜାପାଠ କରାଯିବା ସହିତ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ପ୍ରଣାମ ଜଣାଇଥିଲେ। ଏହାପରେ ମୁଖ୍ୟ ଅତିଥି ଶ୍ରୀ ସାମାଡ କ୍ରାନ୍ତୀକାରୀ ସିଦୋ-କାହ୍ନୁ ଏବଂ ଭଗିନୀ ଫୁଲୋ-ଝାନୋ କିପରି ଇଂରେଜମାନଙ୍କ ଅତ୍ୟାଚାର ବିରୋଧରେ ଯୁଦ୍ଧ କରି ଇଂରେଜମାନଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଇଥିଲେ। ଆଜିର ପିଢ଼ିକୁ ତାଙ୍କର ଅଦମ୍ୟ ସାହସ ଓ ବଳିଦାନକୁ ମନେ ପକାଇ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଅତିଥିଗଣ ମଧ୍ୟ କ୍ରାନ୍ତୀକାରୀ ସିଦୋ-କାହ୍ନୁ ଏବଂ ବୀର ପୁରୁଷ ଓ ବୀରଙ୍ଗନାମାନଙ୍କ ସ୍ମୃତିଚାରଣ କରିଥିଲେ। ସନତ ବାଗାନ ସିରିଜ କ୍ଲବ୍‌ର ସଭାପତି ସୁନ୍ଦର ଟୁଡୁଙ୍କ ସଭପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ଲେମ୍ବୋ ମାର୍ଣ୍ଡି, ସାଧାରଣ ସମ୍ପାଦକ ନନାରାମ ମାର୍ଣ୍ଡି ଏବଂ ସହ ସମ୍ପାଦକ ବୁଧୁରାୟ ମାର୍ଣ୍ଡି ପ୍ରମୁଖଙ୍କ ସହ କ୍ଲବ୍‌ର ସଦସ୍ୟ କୁବେର ମାର୍ଣ୍ଡି, ଆନିପା ହେମ୍ବ୍ରମ, କୁଶାଲ ମାର୍ଣ୍ଡି ଓ ନାରାନ ମାର୍ଣ୍ଡି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଏମ୍‌ସିଏମ୍‌ରେ ୩ ବର୍ଷିଆ ଏଲ୍‌ଏଲ୍‌ବି ପାଠ୍ୟକ୍ରମ ଖୋଲିବାକୁ ଉଚ୍ଚଶିକ୍ଷା ବିଭାଗର ଅନୁମତି

ବାରିପଦା,୧୭ (ସମିସ): ମୟୂରଭଞ୍ଜ ଜିଲ୍ଲାର ଅଗ୍ରଣୀ ଉଚ୍ଚଶିକ୍ଷା ଅନୁଷ୍ଠାନ ବାରିପଦାର ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଏମ୍‌ସିଏମ୍) ପାଇଁ ଏକ ବଡ଼ ସଫଳତା ଆସିଛି। ରାଜ୍ୟ ସରକାର ୨୦୨୬-୨୭ ଶିକ୍ଷାବର୍ଷରୁ ଅନୁଷ୍ଠାନରେ ୩ ବର୍ଷିଆ ଏଲ୍‌ଏଲ୍‌ବି ପାଠ୍ୟକ୍ରମ ଆରମ୍ଭ କରିବା ନିମନ୍ତେ ଅନୁମତି ପ୍ରଦାନ କରିଛନ୍ତି। ଦୀର୍ଘ ୨୭ ବର୍ଷ ଧରି ଉଚ୍ଚଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଆସୁଥିବା ଏମ୍‌ସିଏମ୍ ବର୍ତ୍ତମାନ +୩ ସ୍ତରରେ ୨୧ଟି ଅନର୍ସ ବିଷୟ ଏବଂ ସ୍ନାତକୋତ୍ତର ସ୍ତରରେ ୧୧ଟି ବିଷୟରେ ଶିକ୍ଷାଦାନ କରୁଛି। ଏହା ସହିତ ଅନୁଷ୍ଠାନଟି ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଅଧୀନରେ ୫ ବର୍ଷିଆ ସମନ୍ୱିତ ବିଏ ଏଲ୍‌ଏଲ୍‌ବି (ଅନର୍ସ) ପାଠ୍ୟକ୍ରମ ମଧ୍ୟ ସଫଳତାର ସହ ପରିଚାଳନା କରୁଛି। ନୂତନ ୩ ବର୍ଷିଆ ଏଲ୍‌ଏଲ୍‌ବି ପାଠ୍ୟକ୍ରମ ଆରମ୍ଭ ହେବା ଫଳରେ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର ସମେତ ଉତ୍ତର ଓଡ଼ିଶାର ହଜାର ହଜାର ଛାତ୍ରଛାତ୍ରୀ ଉପକୃତ ହେବେ। ବିଶେଷକରି ଆଦିବାସୀ ଅଧ୍ୟୁଷିତ ଏବଂ ଆର୍ଥିକ ଭାବେ ପଛୁଆ ଅଞ୍ଚଳର ଛାତ୍ରଛାତ୍ରୀମାନେ ଅଳ୍ପ ବ୍ୟୟରେ ଆଇନ ଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଇବେ। ଏଥିପାଇଁ ସେମାନଙ୍କୁ ଭୁବନେଶ୍ୱର କିମ୍ବା ଅନ୍ୟ ବଡ଼ ସହରକୁ ଯିବାର ଆବଶ୍ୟକତା ରହିବ ନାହିଁ। ସରକାରଙ୍କ ଏହି ପଦକ୍ଷେପକୁ ପରିଚାଳନା ସମିତି ସଭାପତି ତଥା ପୂର୍ବତନ ବିଧାୟକ କିଶୋର ଦାଶ, ସମ୍ପାଦକ ପ୍ରଦୀପ କୁମାର ନାୟକ, ମହାବିଦ୍ୟାଳୟର ଆଇନ ବିଭାଗ ଡିନ୍ ଡ. ପ୍ରଫୁଲ୍ଲ କୁମାର ବେହେରା ସ୍ୱାଗତ କରିବା ସହ ଏଥିପାଇଁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପୂର୍ବତନ ରାଜ୍ୟସଭା ସଦସ୍ୟ ମମତା ମହାନ୍ତ, ବାରିପଦା ବିଧାୟକ ପ୍ରକାଶ ଚନ୍ଦ୍ର ସୋରେନ ଓ ଉଚ୍ଚଶିକ୍ଷା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହା ଉତ୍ତର ଓଡ଼ିଶାରେ ଆଇନ ଶିକ୍ଷାର ବିକାଶକୁ ନୂତନ ଗତି ପ୍ରଦାନ କରିବ ଏବଂ ଗ୍ରାମାଞ୍ଚଳର ମେଧାବୀ ଯୁବପିଢ଼ିଙ୍କୁ ଆଇନ କ୍ଷେତ୍ରରେ କ୍ୟାରିୟର ଗଢ଼ିବା ପାଇଁ ଏକ ସୁଦୃଢ଼ ମଞ୍ଚ ଯୋଗାଇବ। ସ୍ଥାନୀୟ ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ଅଭିଭାବକମାନେ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଥିବାବେଳେ ଏହା ମୟୂରଭଞ୍ଜ ଜିଲ୍ଲାର ଉଚ୍ଚଶିକ୍ଷା ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ ବୋଲି ମତ ପ୍ରକାଶ କରିଛନ୍ତି।

## କୃଷକ ଏକତା ପଦଯାତ୍ରା ନେଇ ପ୍ରସ୍ତୁତି ବୈଠକ



ବେତନଟୀ/ବୈଶିଙ୍ଗା,୧୭ (ସମିସ): ନବନିର୍ମାଣ କୃଷକ ସଂଗଠନ ତରଫରୁ ବେତନଟୀ ବ୍ଲକ୍ ନଡ଼ପୁର ଓ ନୂଆଗାଁ ପଞ୍ଚାୟତରେ କୃଷକ ଏକତା ପଦଯାତ୍ରା ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସରକାର ଦେଇଥିବା ପ୍ରତିଶ୍ରୁତି ମଧ୍ୟରୁ ନିଶାମୁକ୍ତ ଓଡ଼ିଶା ଗଠନ, ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି, ବେକାରୀ ସମସ୍ୟା, ବିଜୁଳି ଛାଡ଼, ଶୀତଳ ଭଣ୍ଡାର, ଜଳସେଚନ, ଧାନ ମଣ୍ଡିରେ କଟ୍‌ନୀଛଟ୍‌ନୀ ବନ୍ଦ, ସାର କଳାବଜାରୀ ବନ୍ଦ ବା ଦୁର୍ନୀତିମୁକ୍ତ ଓଡ଼ିଶା ଗଠନ କାର୍ଯ୍ୟରେ ଅସଫଳ ହୋଇଛନ୍ତି ସରକାର। ତେଣୁ କୃଷକ ଏକତା ପଦଯାତ୍ରା ମାଧ୍ୟମରେ ସରକାର ଦେଇଥିବା ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରେଇବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଭାରୀ ଚିନୁ ଦାଶ ବୈଠକରେ ଆଲୋଚନା କରିଥିଲେ। ଛାତ୍ର ନେତୃତ୍ୱ ଏମ୍‌ଡି ମନୱର ଅଲ୍ଲି ସଭାରେ ଯୋଗଦେଇ କହିଥିଲେ, ରାଜ୍ୟର ସରକାର କେବଳ ପୁଞ୍ଜିପତି କମ୍ପାନୀମାନଙ୍କ ପାଇଁ କାର୍ଯ୍ୟରତ। ଜଙ୍ଗଲ, ଜଳ ଜମି ଓ ଖଣି ଲୁଟ୍‌କୁ ଅଟକାଇବା ପାଇଁ ମଧୁବନ ପଡ଼ିଆରେ ସମସ୍ତ ଯୁବକ କୃଷକ ବୁଦ୍ଧିଜୀବୀମାନଙ୍କୁ ଆସନ୍ତା ୬ ତାରିଖ ପୂର୍ବାହ୍ଣ ୧୦ଟା ସମୟରେ ଏକତ୍ରିତ ହେବାକୁ ଆହ୍ୱାନ ଦେଇଥିଲେ। ବ୍ଲକ୍ ସଭାପତି ପ୍ରଶାନ୍ତ କରଣ, ଶ୍ରବଣ ଛାଟିଆ, ହରିଶ୍ଚନ୍ଦ୍ର ଦାସ, ଜୟନ୍ତ ମହାନ୍ତି, ହରିଶ୍ଚନ୍ଦ୍ର ସାହୁ, ଗୌରାଙ୍ଗ ସାହୁ, ବିମଳ କରଣ, ସୁନିଲ ପାତ୍ର, ସନ୍ତୋଷ କବାଟ, ପ୍ରଣବ ନନ୍ଦି, ସରୋଜ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## ବନ ମହୋତ୍ସବ ପାଳନ ଓ ଚାରା ବଣ୍ଟନ କେନ୍ଦ୍ର ଶୁଭାରମ୍ଭ

ଠାକୁରମୁଣ୍ଡା,୧୭ (ସମିସ): କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ପକ୍ଷରୁ ଠାକୁରମୁଣ୍ଡାରେ ବୁଧବାର ଚାରା ବଣ୍ଟନ କେନ୍ଦ୍ରର ଶୁଭାରମ୍ଭ ହେବା ସହିତ ୭୭ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ଠାକୁରମୁଣ୍ଡା ରେଞ୍ଜ ପକ୍ଷରୁ ବନ୍ୟପ୍ରାଣୀ ବିଭାଗ କାର୍ଯ୍ୟାଳୟ ପରିସରରେ ଚାରା ବଣ୍ଟନ କେନ୍ଦ୍ରକୁ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ଡିଏଫ୍‌ଓ ଅଜୟ କୁମାର ସାହୁ ଫିତା କାଟି ଶୁଭାରମ୍ଭ କରିଥିଲେ। ପରେ ସେଠାରେ ଉପସ୍ଥିତ ଲୋକମାନଙ୍କୁ ବିଭିନ୍ନ ପ୍ରକାର ଚାରା ବଣ୍ଟନ କରିଥିଲେ। ପରେ ଠାକୁରମୁଣ୍ଡା ଗ୍ରାମର ବନ୍ଧସାହିଠାରେ ଆୟୋଜିତ ବନ ମହୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଡିଏଫ୍‌ଓ ଶ୍ରୀ ସାହୁ, ସମ୍ମାନିତ ଅତିଥି ଭାବରେ କେନ୍ଦୁଝର ଲୋକସଭା ସାଂସଦଙ୍କ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ, ବ୍ଲକ୍ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା, ବନ୍ୟପ୍ରାଣୀ ଅଧିକାରିଣୀ ପ୍ରିୟଦର୍ଶିନୀ ସାହୁ, ଠାକୁରମୁଣ୍ଡା ସରପଞ୍ଚ ସୁଜିତ ଲୁଗୁନ, ସମାଜସେବୀ ସାୟଦ ହୁସେନ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସମାଜସେବୀ ପଦ୍ମଲୋଚନ ନନ୍ଦ ପରିଚାଳନା କରିଥିଲେ। ଶେଷରେ ଜ୍ୟୋତ୍ସ୍ନା ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।



# ରାଇରଙ୍ଗପୁର ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ତରଫରୁ ପରିବର୍ଦ୍ଧିତ ବୈଠକ

ରାଇରଙ୍ଗପୁର,୧୭ (ସମିସ):




ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ରାଇରଙ୍ଗପୁର ସହରସ୍ଥ ସ୍ଥାନୀୟ ପିସିଏମ୍ କଲ୍ୟାଣ ମଣ୍ଡପଠାରେ ରାଇରଙ୍ଗପୁର ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ତରଫରୁ ପରିବର୍ଦ୍ଧିତ ବୈଠକ କମିଟି ସଭାପତି ତଥା ରାଇରଙ୍ଗପୁର ଓକିଲ ସଂଘ ସଭାପତି ଅକ୍ଷୟ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ରାମଚନ୍ଦ୍ର ହାଁସଦା, ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ପ୍ରହଲ୍ଲାଦ ପୂର୍ତ୍ତୀ, ସାଇବା ସୁଶୀଲ କୁମାର ହାଁସଦା, ଉପଦେଷ୍ଟା ମଣ୍ଡଳୀ ରସାନନ୍ଦ ଲେଙ୍କା, ମନୋରଞ୍ଜନ ମହାନ୍ତି, ସୁଦୂର ଜର୍ମାନ ଦେଶର ଡାକ୍ତର ଶିବାଶିଷ ଗିରି, ରାଇରଙ୍ଗପୁର ମ୍ୟୁନିସିପାଲିଟି ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ମନୋଜ ଦାସ ଓ ସହିଦ ନନ୍ଦୁରାମ ସୋରେନ ମେମୋରିଆଲ ଟ୍ରଷ୍ଟ ମୁଖ୍ୟ ମନୋରଞ୍ଜନ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରାରମ୍ଭରେ ରାଇରଙ୍ଗପୁର ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ସଭାପତି ତଥା ରାଇରଙ୍ଗପୁର ଓକିଲ ସଂଘ ସଭାପତି ଅକ୍ଷୟ ମହାନ୍ତି ସ୍ୱାଗତ ଭାଷଣ ଦେବା ପରେ ପୂର୍ବତନ ସାଂସଦ, ପୂର୍ବତନ ବିଧାୟକଗଣ, ରାଇରଙ୍ଗପୁର ମ୍ୟୁନିସିପାଲିଟି ଅଧ୍ୟକ୍ଷ, ଉପଦେଷ୍ଟା ମଣ୍ଡଳୀ ତଥା ଜର୍ମାନୀ ଡାକ୍ତର ରାଇରଙ୍ଗପୁର ଜିଲ୍ଲା ଗଠନ ନିମନ୍ତେ ସୁଚିନ୍ତିତ ବକ୍ତବ୍ୟ ଦେବା ସହ ଏହାକୁ କିପରି ଭାବେ ବ୍ୟାପକ କରାଯାଇପାରିବ, ଯେପରି ପ୍ରତି ବ୍ଲକ୍, ପଞ୍ଚାୟତସ୍ତରରେ ଲୋକେ ଏହାକୁ ହୃଦୟଙ୍ଗମ କରିପାରିବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପୂର୍ଣ୍ଣ ସହଯୋଗ କ୍ରମେ ଏଠାରେ ରାଇରଙ୍ଗପୁର ପୁଲିସ ଜିଲ୍ଲା କାର୍ଯ୍ୟାଳୟ ଉଦ୍‌ଘାଟିତ ହେବା ଜିଲ୍ଲା ପୁଲିସ ଅଧୀକ୍ଷକ ନିଯୁକ୍ତ ହୋଇସାରିଲେଣି। ନିକଟରେ ଜିଲ୍ଲାପାଳ କେମିତି ଯଥାଶୀଘ୍ର ନିଯୁକ୍ତ ହେବେ ତାହା ରାଜ୍ୟ ସରକାରଙ୍କଠାରେ ଦାବି ଉପସ୍ଥାପନ କରାଯିବ ବୋଲି ଆଲୋଚିତ ହୋଇଥିଲା। ରାଇରଙ୍ଗପୁର ଜିଲ୍ଲା ହେବା ପାଇଁ ଏଠାରେ ଆବଶ୍ୟକୀୟ ଭିତ୍ତିଭୂମି ରହିଛି। ରାଇରଙ୍ଗପୁର ଜିଲ୍ଲା ହେଲେ ସ୍ଥାନୀୟ ଲୋକମାନଙ୍କୁ କୌଣସି କାର୍ଯ୍ୟରେ ଖର୍ଚ୍ଚାନ୍ତ ହୋଇ ମୟୂରଭଞ୍ଜ ଜିଲ୍ଲା ମୁଖ୍ୟାଳୟ ବାରିପଦା ଯିବାକୁ ପଡ଼ିବ ନାହିଁ। ଜିଲ୍ଲା ହେଲେ ଜିଲ୍ଲା ନ୍ୟାୟାଳୟ, ଜିଲ୍ଲା ଡାକ୍ତରଖାନା, ଜିଲ୍ଲା ଅଫିସ ଦପ୍ତର ତଥା ସ୍କୁଲ କଲେଜର ଉନ୍ନତମାନର ଗଢ଼ି ଉଠିଲେ ରାଇରଙ୍ଗପୁର ସହରର ବିକାଶ ସାଧିତ ହୋଇପାରିବ। ଏହି ଅବସରରେ ବରିଷ୍ଠ ନେତା ଇସାନ ମିଶ୍ର, ସୁନୀଲ ମାଝୀ, ସୁବାସ ମଣ୍ଡଳ, ଭାରତୀୟ ମଜଦୁର ସଂଘ ସଭାପତି ନିଗମାନନ୍ଦ ପଟ୍ଟନାୟକ, ନାରୀ ନେତ୍ରୀ ତନୁଜା ମହାନ୍ତ, ୨୦ ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ପରେଶ ଚନ୍ଦ୍ର ମୁଣ୍ଡା ତଥା ଅନ୍ୟମାନେ ରାଇରଙ୍ଗପୁର ଜିଲ୍ଲା ଗଠନ ନିମନ୍ତେ ସେମାନଙ୍କର ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ମନୋଜ ଦାସ ସଭା ପରିଚାଳନା କରିଥିଲାବେଳେ ସହିଦ ନନ୍ଦୁରାମ ସୋରେନ ମେମୋରିଆଲ ଟ୍ରଷ୍ଟ ମୁଖ୍ୟ ମନୋରଞ୍ଜନ ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ବୈଠକରେ ବାମନଘାଟୀ ଉପଖଣ୍ଡର ସମସ୍ତ ବ୍ଲକ୍‌ର ସଭାପତି, ସରପଞ୍ଚ, ପଞ୍ଚାୟତ ସମିତି ମେମ୍ବର, ଜିଲ୍ଲା ପରିଷଦ ସଦସ୍ୟସଦସ୍ୟା, ବୁଦ୍ଧିଜୀବୀ, ରାଇରଙ୍ଗପୁର ଜିଲ୍ଲା ଗଠନ ପ୍ରେମୀ ତଥା ସମସ୍ତ ଗଣମାଧ୍ୟମର ପ୍ରତିନିଧିଗଣ ଯୋଗଦେଇଥିଲେ।

## ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ସେବା ବାଧାପ୍ରାପ୍ତ

# ଓମ୍‌ସାର କାର୍ଯ୍ୟବନ୍ଦ ଆନ୍ଦୋଳନ

ବାରିପଦା, ୧୭(ସମିସ): ରାଜ୍ୟ ସମେତ ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ସେବା ଗୁରୁତର ଭାବେ ବିପର୍ଯ୍ୟସ୍ତ ହୋଇଛି। ଓଡ଼ିଶା ମେଡିକାଲ ସର୍ଭିସେସ ଆସୋସିଏସନ (ଓମ୍‌ସା) ଆକ୍ସନ କମିଟିର ଆହ୍ୱାନ କ୍ରମେ ବୁଧବାରଠାରୁ ସମସ୍ତ ସରକାରୀ ଚିକିତ୍ସାଳୟରେ ଡାକ୍ତରମାନେ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଚଳିତ ଆନ୍ଦୋଳନରେ ସାଧାରଣ ଚିକିତ୍ସା ସହିତ ଜରୁରୀକାଳୀନ ସେବାକୁ ମଧ୍ୟ ସମ୍ପୂର୍ଣ୍ଣ ଭାବେ ବନ୍ଦ ରଖାଯାଇଛି, ଯାହା ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି।



ସଂଘ ପକ୍ଷରୁ ଜାରି କରାଯାଇଥିବା ସୂଚନା ଅନୁଯାୟୀ, ଡାକ୍ତରମାନଙ୍କର ଦୀର୍ଘଦିନର ନ୍ୟାୟସଙ୍ଗତ ଏବଂ ବୈଧ ଦାବିଗୁଡ଼ିକ ପ୍ରତି ସରକାର ଓ ପ୍ରଶାସନ ଲଗାତାର ଭାବେ ଅବହେଳା ପ୍ରଦର୍ଶନ କରିଆସୁଛନ୍ତି। ବାରମ୍ବାର ଅନୁରୋଧ ସତ୍ତ୍ୱେ କୌଣସି ସକାରାତ୍ମକ ପଦକ୍ଷେପ ନିଆ ନ ଯିବାରୁ ବାଧ ହୋଇ ସଂଘ ଏହି ଚରମ ନିଷ୍ପତ୍ତି ଗ୍ରହଣ କରିଛି। ଏକ ଉତ୍ତମ କାର୍ଯ୍ୟ ପରିବେଶ, କର୍ମଚାରୀଙ୍କ ସମ୍ମାନ ଏବଂ ରୋଗୀଙ୍କ ସୁରକ୍ଷିତ ସ୍ୱାସ୍ଥ୍ୟ ସେବା ପାଇଁ ଏହି ସଂଗ୍ରାମ ଜାରି ରହିବ ବୋଲି ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଆନ୍ଦୋଳନ ଯୋଗୁଁ ରାଜ୍ୟର ସମସ୍ତ ସରକାରୀ ଚିକିତ୍ସା ପ୍ରତିଷ୍ଠାନରେ କୌଣସି ସେବା ଉପଲବ୍ଧ ହେବ ନାହିଁ। ବିଶେଷ କରି ଓପିଡି ବା ବାହ୍ୟ ରୋଗୀ ବିଭାଗ, ଆଇପିଡି ବା ଆନ୍ତଃରୋଗୀ ବିଭାଗ, ନିର୍ଦ୍ଧାରିତ ଚିକିତ୍ସା ଓ ଅପରେସନ ପ୍ରକ୍ରିୟା, ନିଦାନମୂଳକ ସେବା (ଯଥା: ରକ୍ତ ପରୀକ୍ଷା, ଏକ୍ସ-ରେ ଇତ୍ୟାଦି), ଜରୁରୀକାଳୀନ ସେବା ସମ୍ପୂର୍ଣ୍ଣ ରୂପେ ବନ୍ଦ ରଖିବାକୁ ଓମ୍‌ସା ନିର୍ଦ୍ଦେଶ ଦେଇଛି। ଆନ୍ଦୋଳନ ଯୋଗୁଁ ଜନସାଧାରଣ ଓ ରୋଗୀମାନଙ୍କର ଯେଉଁ ଅସୁବିଧା ହେଉଛି, ସେଥିପାଇଁ ସଂଘ ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଛି। ଏହା ସହିତ ନିଜର ହକ୍, ନ୍ୟାୟ ଏବଂ ସ୍ୱାସ୍ଥ୍ୟ ସେବାର ସମ୍ମାନ ପାଇଁ ଚାଲିଥିବା ଏହି ଆନ୍ଦୋଳନକୁ ସମର୍ଥନ କରିବାକୁ ଓଡ଼ିଶାବାସୀଙ୍କୁ ଓମ୍‌ସା ନିବେଦନ କରିଛି। ମୟୂରଭଞ୍ଜ ଜିଲ୍ଲାର ଦୂରଦୂରାନ୍ତ ତଥା ଗ୍ରାମାଞ୍ଚଳରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରୁଥିବା ଶହଶହ ଗରିବ ରୋଗୀ ଏହି ଧର୍ମଘଟ ଯୋଗୁଁ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ଜରୁରୀକାଳୀନ ସେବା ବନ୍ଦ ରହିଥିବାରୁ ସ୍ଥିତି ଅତି ସଙ୍ଗୀନ ରୂପ ଧାରଣ କରିବା ଆଶଙ୍କା ପ୍ରକାଶ ପାଇଛି। ଏଭଳି ସ୍ଥିତିରେ ସରକାର ଓମ୍‌ସା ସହିତ ଆଲୋଚନା କରି କେବେ ଏବଂ କିଭଳି ସମାଧାନର ପନ୍ଥା ବାହାର କରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

### ଉଦଳା ଡାକ୍ତରଖାନାରେ ଡାକ୍ତରଙ୍କ ଆନ୍ଦୋଳନ



ଉଦଳା, ୧୭(ସମିସ): ୧୦ ଦଫା ଦାବି ନେଇ ରାଜ୍ୟବ୍ୟାପୀ ଡାକ୍ତର ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡରେ ଥିବା ସମସ୍ତ ସରକାରୀ କ୍ଷେତ୍ରରେ କାର୍ଯ୍ୟରତ ଡାକ୍ତରମାନେ ଆନ୍ଦୋଳନ କରିଛନ୍ତି। ଦେଢ଼ ବର୍ଷ ପୂର୍ବରୁ ଆନ୍ଦୋଳନ କରିଥିବା ଡାକ୍ତରମାନଙ୍କୁ ସରକାର ସେମାନଙ୍କ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତେବେ ତାହା ଆଜି ପର୍ଯ୍ୟନ୍ତ ପୂରଣ ନ ହେବାରୁ ବୁଧବାର ଓମ୍‌ସାର ନିର୍ଦ୍ଦେଶରେ ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ତେବେ କିଛି ମାତ୍ରାରେ ରୋଗୀମାନଙ୍କର ସେବାରେ ପ୍ରଭାବିତ ହେବାର ଆଶଙ୍କା ରହିଛି। ଖୁବ୍‌ଶୀଘ୍ର ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଡାକ୍ତର ସଂଘ ଚେତାବନୀ ଦେଇଛି।

## ଅସନକୁଦର ଗ୍ରାମର ସ୍କୁଲ ଓ ଘରେ ପଶିଲା ଦନ୍ତା

● ଖାଇଲା ଚାଉଳ, ଭାଙ୍ଗିଲା ପାଚେରି, କବାଟ, ଝରକା ଓ କାନ୍ଥ



ମହୁଲଡିହା, ୧୭(ସମିସ): କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ବନାଞ୍ଚଳ ହାତିଗୋଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅସନକୁଦର ଗ୍ରାମର ମାହାଲି ସାହି ସ୍କୁଲରେ ଦନ୍ତା ହାତୀ ପଶି ମଧ୍ୟାହ୍ନ ଭୋଜନ ଚାଉଳ ଖାଇଯାଇଛି। ସୂଚନା ଅନୁସାରେ, ମଙ୍ଗଳବାର ରାତି ପ୍ରାୟ ୩ଟାରେ ଏକ ଦନ୍ତା ଅସନକୁଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରୋଷେଇ ଘରେ ଗଚ୍ଛିତ ଥିବା ୨ କ୍ୱିଣ୍ଟାଲ ଚାଉଳ, ୪୦ କେଜି ଆଳୁ, ୫ କେଜି ସୋୟାବଡ଼ି, ୧୫ କେଜି ଲୁଣ ଏବଂ ପିଆଜ ରସୁଣ ଖାଇଯାଇଛି। ପିଲାଙ୍କ ମଧ୍ୟାହ୍ନ ଭୋଜନ ସାମଗ୍ରୀ ଖାଇ ଶ୍ରେଣୀ ଗୃହ ଓ ଅଫିସ୍ ରୁମ୍‌ର କବାଟ ଭାଙ୍ଗି ସମସ୍ତ ସରଞ୍ଜାମ ଖାଇବା ପରେ ୨୦ ଫୁଟ୍ ଲମ୍ବର ପାଚେରି ଭାଙ୍ଗି ଦେଇଥିବା ପ୍ରଧାନଶିକ୍ଷକ ରଇଦାସ ସୟଙ୍କ ସୂତ୍ରରୁ ଜଣାପଡ଼ିଛି। ସେହିପରି ଅସନକୁଦର ଗ୍ରାମର ଲକ୍ଷ୍ମଣ ମାହାଲିଙ୍କ ଘରର ଝରକା ଭାଙ୍ଗି ୫୦ କେଜି ଚାଉଳ ଖାଇବା, ସାହୁ ମାହାଲିଙ୍କ ଘରେ ଦାନ୍ତ ଭୁସି ଘରର କାନ୍ଥ ଭାଙ୍ଗି ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅସନକୁଦ ଗ୍ରାମଟି ଶିମିଳିପାଳ ଅଭୟାରଣ୍ୟର ପାଦଦେଶରେ ଅବସ୍ଥିତ ଥିବାରୁ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି ହାତୀ। ବନ୍ୟଜନ୍ତୁ ଖାଦ୍ୟ ଅନ୍ୱେଷଣରେ ଗ୍ରାମ୍ୟ ଜଙ୍ଗଲ ମୁହାଁ ହେବାରୁ ଘରେ ପଶି ଯାଉଛନ୍ତି। ଫଳରେ ନିକଟବର୍ତ୍ତୀ ଗାଁଗୁଡ଼ିକ ଭୟଭୀତ ଅବସ୍ଥାରେ ଅଛନ୍ତି। ଖବର ପାଇ ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା ତଦନ୍ତ ଆରମ୍ଭ କରିଛନ୍ତି।

## ବଡ଼ସାହି ଥାନା ପକ୍ଷରୁ ଆମ ପୁଲିସ ସମିତି ବୈଠକ

ବଡ଼ସାହି, ୧୭(ସମିସ): ବଡ଼ସାହି ଥାନା ପକ୍ଷରୁ ଆମ ପୁଲିସ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡ଼ସାହି ଥାନା ଅଧିକାରୀ ସୁଦାମ ଚରଣ ନନ୍ଦି ଅଧ୍ୟକ୍ଷତା କରିଛନ୍ତି। ଏଥିରେ ଏହି ଥାନା ଅଧୀନ ବିଭିନ୍ନ ଅଞ୍ଚଳରୁ ସମାଜସେବୀ, ଶିକ୍ଷାବିତ୍, ବରିଷ୍ଠ ନାଗରିକ ମଞ୍ଚର ପ୍ରତିନିଧି, ବଣିକ ସଂଘର ପ୍ରତିନିଧି ଓ ସାମ୍ବାଦିକମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବଡ଼ସାହି ପୁଲିସ ଏସ୍‌ଆଇ ଅନିତା ସ୍ୱାଇଁ ଓ ସମସ୍ତ କର୍ମଚାରୀଙ୍କ ସମେତ ଥାନା ଅଧୀନ ଆଖପାଖ ପଞ୍ଚାୟତର ଆମ ଗାଁ ପୁଲିସ ସମିତିର କର୍ମକର୍ତ୍ତାମାନେ ମଧ୍ୟ ଉପସ୍ଥିତ ଥିବାର ଦେଖାଯାଇଛି। ବୈଠକରେ ବୁଦ୍ଧିଜୀବୀ, ନିର୍ବାଚିତ ପ୍ରତିନିଧି ଓ ଶିକ୍ଷାବିତ୍‌ମାନେ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଶେଷକରି ଶିଶୁ ଶ୍ରମିକ, ବାଲ୍ୟବିବାହ, ଟ୍ରାଫିକ୍ ନିୟମ, ନିଶା ନିବାରଣ, ଜୁଆ ଖେଳ, ଆଇନଶୃଙ୍ଖଳା, କଡ଼ାକଡ଼ି ପାଟ୍ରୋଲିଂ କରିବା, ଗୁଣିଗାରେଡ଼ି, ଅଜଣା ବ୍ୟକ୍ତିଙ୍କ ଅନୁପ୍ରବେଶ ଓ ଅନ୍ଧବିଶ୍ୱାସ ଉପରେ ଆଲୋଚନା କରାଯାଇଥିଲା। ଏ ସମ୍ପର୍କରେ ଲୋକମାନଙ୍କୁ କିପରି ସଚେତନ କରାଯାଇପାରିବ ଓ ଲୋକମାନେ ମଧ୍ୟ କିପରି ପୁଲିସକୁ ସହଯୋଗର ହାତ ବଢ଼ାଇବେ ସେ ସମ୍ପର୍କରେ ସମସ୍ତେ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଶେଷରେ ଏସ୍‌ଆଇ ଅନିତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



## ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବାରିପଦା, ୧୭(ସମିସ): ମୟୂରଭଞ୍ଜ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ବାରିପଦାସ୍ଥିତ ମିଶନ ଶକ୍ତି ସଭାଗୃହରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିହାରିକା ମହାନ୍ତିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀମତୀ ମହାନ୍ତିଙ୍କ ଦୀର୍ଘ କର୍ମମୟ ଜୀବନ, ନିଷ୍ଠାପର ସେବାଭାବ ଏବଂ ପ୍ରଶାସନିକ ଦକ୍ଷତାର ଭୂୟସୀ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଶ୍ରୀମତୀ ମହାନ୍ତି ଜଣେ ମିଷ୍ଟଭାଷୀ, ସରଳ ଓ କର୍ତ୍ତବ୍ୟନିଷ୍ଠ ଅଧିକାରିଣୀ ଭାବେ ସହକର୍ମୀ ଓ ସାଧାରଣ ଜନତାଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ଅବସରୋତ୍ତର ଜୀବନ ସୁସ୍ଥ, ସୁଖମୟ ଓ ଶାନ୍ତିମୟ ହେଉ ବୋଲି ସେ କାମନା କରିଥିଲେ। ଏହି ଅବସରରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଶ୍ରୀମତୀ ମହାନ୍ତିଙ୍କ ସହ କାର୍ଯ୍ୟାନୁଭୂତି ବାଣ୍ଟିବା ସହ ତାଙ୍କର ସୁସ୍ଥ ଓ ସୁଖୀ ଅବସର ଜୀବନ କାମନା କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୁରକ୍ଷା ଅଧିକାରୀ ସସ୍ମିତା ମହାନ୍ତି ସଞ୍ଚାଳନ କରିଥିବାବେଳେ ଶେଷରେ ସମସ୍ତ କର୍ମଚାରୀଙ୍କ ପକ୍ଷରୁ ଶ୍ରୀମତୀ ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା।

## ହିଙ୍ଗୁଳା ପୀଠରେ କାର୍ ଧକ୍କାରେ ଜଣେ ମୃତ

ବଡ଼ସାହି, ୧୭(ସମିସ): ବଡ଼ସାହି ବ୍ଲକ ଅଧିନ ସୁହାଗପୁର ପଞ୍ଚାୟତ କଉଡ଼ଖଣୀ ଗ୍ରାମ ମା' ହିଙ୍ଗୁଳାଙ୍କ ପୀଠରେ କାର୍‌କୁ ପୂଜା କରି ବିଧି ଅନୁସାରେ ଦିଲ୍ଲୀପ କୁମାର ପାତ୍ର ଲେମ୍ବୁ ଚପାଉଥିବାବେଳେ କାର୍‌ଟି ନିୟନ୍ତ୍ରଣ ହରାଇ ୨ଜଣ ମହିଳା ଓ ଏକ ସ୍କୁଟିକୁ ଧକ୍କା ଦେଇ ଏକ ଶାଳ ଗଛରେ ଖୁବ୍ ଜୋର୍‌ରେ ବାଡ଼େଇ ହୋଇଥିଲା। ଫଳରେ ଦିଲ୍ଲୀପଙ୍କ ସହିତ ୨ ମହିଳା ଗୁରୁତର ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଗୁରୁତର ଥିବା ରେମୁଣା ଥାନା ଅଧୀନ ରାଉତରାପୁର ଗ୍ରାମର ଇନ୍ଦ୍ରାଣୀ ରାଉତ(୭୯)ଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିବାର ଜଣାଯାଇଛି। ମା' ହିଙ୍ଗୁଳାଙ୍କୁ ଦର୍ଶନ କରିବାକୁ ଆସି ଜୀବନ ହରାଇଥିବା ମହିଳାଙ୍କ ପାଇଁ ଗାଁରେ ଶୋକର ଛାୟା ଖେଳିଯାଇଥିବା ବେଳେ ହିଙ୍ଗୁଳା ଟ୍ରଷ୍ଟ ପକ୍ଷରୁ ମଧ୍ୟ ଶୋକ ପ୍ରକାଶ କରାଯାଇଛି।

## ବୁଢ଼ାବଳଙ୍ଗ ଓ ଚିପଟ ସେତୁର ଆଲୋକୀକରଣ ବ୍ୟବସ୍ଥା ଲୋକାର୍ପିତ



ବାରିପଦା, ୧୭(ସମିସ): ବାରିପଦା ସହରର ବିକାଶମୂଳକ କାର୍ଯ୍ୟଧାରାକୁ ଆଗକୁ ବଢ଼ାଇବା ସହ ଜନସାଧାରଣଙ୍କ ସୁବିଧା ପାଇଁ ଏକ ନୂତନ ଆଲୋକୀକରଣ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ସହରର ଚିପଟ ଅସ୍ତିଆ ଓ ପୋଡ଼ିଅସ୍ତିଆରେ ନବନିର୍ମିତ ବୁଢ଼ାବଳଙ୍ଗ ସେତୁ ଉପରେ ସ୍ଥାପିତ ଆଲୋକୀକରଣ ବ୍ୟବସ୍ଥାକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରି କହିଛନ୍ତି ଯେ, ପୂର୍ବରୁ ରାତି ହେଲେ ଅନ୍ଧାର ଯୋଗୁଁ ଉଭୟ ପୋଲ ଦେଇ ଲୋକମାନେ ଯାତାୟାତ କରିବା ସମୟରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ। ବିଶେଷ କରି ସନ୍ଧ୍ୟା ସମୟରେ ଅନ୍ଧାର ଯୋଗୁଁ ଲୋକଙ୍କୁ ଯିବାଆସିବାରେ ବହୁତ ଅସୁବିଧା ହେଉଥିଲା ଏବଂ ଏଠାରେ ଆଲୋକର ନିହାତି ଆବଶ୍ୟକତା ରହିଥିଲା। ଜନସାଧାରଣଙ୍କ ଏହି ଦୀର୍ଘଦିନର ଦାବି ଓ ସମସ୍ୟାକୁ ଦୃଷ୍ଟିରେ ରଖି ବାରିପଦା ପୌରପାଳିକା ପକ୍ଷରୁ ଅଞ୍ଚଳର ଉଭୟ ପାର୍ଶ୍ୱରେ ଲାଇଟ୍ ଲଗାଯାଇ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି। ଏହି ନୂତନ ବ୍ୟବସ୍ଥା ଦ୍ୱାରା ସ୍ଥାନୀୟ ଅଞ୍ଚଳବାସୀ ଏବଂ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ପଥଚାରୀମାନେ ବିଶେଷ ଭାବେ ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ମନ୍ତ୍ରୀଙ୍କ ସହିତ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସ୍ଥାନୀୟ କାଉନ୍‌ସିଲର ଓ ପୌରନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ ଉପସ୍ଥିତ ଥିଲେ।

## ସମାନ ନାମଧାରୀ ଧନି ବ୍ୟକ୍ତିଙ୍କ ପାଇଁ ହରଡ଼ଘଣାରେ ରମେଶ

# କଟିଗଲା ରାସନ କାର୍ଡ, ଦୁଇ ଭଉଣୀଙ୍କ ସୁଭଦ୍ରା ଆବେଦନ ଖାରଜ

ବାରିପଦା, ୧୭(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଜାମୁନାଳିଆ ଗ୍ରାମର ରମେଶ ଚନ୍ଦ୍ର ବାନ୍ଦିଆ (୩୦)ଙ୍କ ପରିବାର ପାଇଥିବା ରାସନ କାର୍ଡ ୯ ମାସ ହେଲା କଟିଯାଇଛି। ଫଳରେ ତାଙ୍କ ପରିବାର ଖାଦ୍ୟ ସୁରକ୍ଷା ଆଇନ-୨୦୧୪ ବଳେ ମିଳୁଥିବା ମାସିକ ୫ କିଲୋ ଗ୍ରାମ ଚାଉଳ ପାଇବାରୁ ବଞ୍ଚିତ ହେଉଛନ୍ତି। ତତସହିତ ତାଙ୍କ ଦୁଇ ବଡ଼ଭଉଣୀ ମଞ୍ଜୁଲତା ବାନ୍ଦିଆ ଓ ଶ୍ରୀମତୀ ବାନ୍ଦିଆ ସୁଭଦ୍ରା ଯୋଜନା ପ୍ରାପ୍ତି ନିମନ୍ତେ ଅନଲାଇନ ପୋର୍ଟାଲରେ ଆବେଦନ କରିଥିଲେ। କିନ୍ତୁ ସେମାନଙ୍କ ଆବେଦନପତ୍ର ମଧ୍ୟ ଖାରଜ ହୋଇଯାଇଛି।



ଅତିରିକ୍ତ ଜିଲ୍ଲାପାଳଙ୍କୁ ଫେରାଦ

ଅତିରିକ୍ତ ଜିଲ୍ଲାପାଳଙ୍କୁ ଦେଇଥିବା ଅଭିଯୋଗ ପତ୍ରରେ ଆବେଦନକାରୀ ରମେଶ ଚନ୍ଦ୍ର ବାନ୍ଦିଆ ଦର୍ଶାଇଛନ୍ତି ଯେ, ତାଙ୍କ ବାପା ସ୍ୱର୍ଗତ ମାଣିକରାମ ବାନ୍ଦିଆଙ୍କ ନାମରେ କୌଣସି ଘରବାଡ଼ି ବା ୪ଚକିଆ ଗାଡ଼ି ନ ଥିବା ସତ୍ତ୍ୱେ ଅନଲାଇନରେ ଘରବାଡ଼ି ଓ ଗାଡ଼ି ଥିବା ଦେଖାଉଥିବା କାରଣ ଯୋଗୁଁ ସେମାନଙ୍କର ରାସନ କାର୍ଡ କଟିଯାଇଛି। ଏଥିସକାଶେ ତାଙ୍କ ଭଉଣୀ ଦ୍ୱୟଙ୍କ ସୁଭଦ୍ରା ଯୋଜନା ଆବେଦନ ଦରଖାସ୍ତ ମଧ୍ୟ ଖାରଜ ହୋଇଯାଇଛି। ଆବେଦନକାରୀ ଆହୁରି ମଧ୍ୟ ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ଠାକୁରମୁଣ୍ଡା ଅଞ୍ଚଳର ଜଣେ ପ୍ରଭାବଶାଳୀ ଓ ଧନୀକ ଶ୍ରେଣୀର ବ୍ୟକ୍ତିଙ୍କ ନାମ ଆବେଦନକାରୀ (ରମେଶ ଚନ୍ଦ୍ର ବାନ୍ଦିଆ)ଙ୍କ ପିତାଙ୍କ ନାମ ସହିତ ସମାନ ଅଟେ। ସମ୍ପୃକ୍ତ ବ୍ୟକ୍ତି କଟକର କୌଣସି ଏକ ସ୍ଥାନରେ ଏକ ଘରବାଡି କିଣିଛନ୍ତି ଓ ଗୋଟିଏ ଚାରିଚକିଆ ଯାନ କିଣିଛନ୍ତି। ଯାହା ତାଙ୍କ ପିତା ମାଣିକରାମ ବାନ୍ଦିଆଙ୍କ ନାମରେ ପଞ୍ଜୀକରଣ ହୋଇଥିବା ଅନଲାଇନରେ ଦେଖାଉଛି। ଏହି କାରଣ ଯୋଗୁଁ ସେମାନଙ୍କର ରାସନ କାର୍ଡ କଟିଯାଇଛି ଓ ତାଙ୍କ ଦୁଇ ଭଉଣୀଙ୍କ ସୁଭଦ୍ରା ଯୋଜନା ଆବେଦନ ପତ୍ର ଖାରଜ ହୋଇଯାଇଛି। ଜିଲ୍ଲା ପ୍ରଶାସନ କୁହନ୍ତି ଆବେଦନକାରୀଙ୍କ ପରିବାର କେଉଁ କାରଣ ଯୋଗୁଁ ସରକାରୀ ଯୋଜନାରୁ ବାଦ୍ ପଡ଼ିଛନ୍ତି, ତାହାର ସରଜମିନ ତଦନ୍ତ କରାଯାଇ ରମେଶ ଚନ୍ଦ୍ର ବାନ୍ଦିଆଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରାଯିବ। ଅଭିଯୋଗର ତଦନ୍ତ ପାଇଁ ଠାକୁରମୁଣ୍ଡା ବ୍ଲକ ପ୍ରଶାସନକୁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

## ଇଣ୍ଡିଆ ବୁକ୍ ରେକର୍ଡସରେ ଅଢ଼େଇ ବର୍ଷର ଶିଶୁ

ଉଦଳା, ୧୭(ସମିସ): ଯେଉଁ ବୟସରେ ବାପାମାଆଙ୍କ କୋଳ ଓ ଘର ବାରଣ୍ଡାରେ ଦିନ ବିତିବା କଥା, ସେହି ବୟସରେ ସୃଷ୍ଟି କରିଛନ୍ତି ରେକର୍ଡ। କେବଳ ଯେ ଗୋଟିଏ କ୍ଷେତ୍ରରେ ତାହା ନୁହେଁ, ବିଭିନ୍ନ କ୍ଷେତ୍ରରେ ଦେଖାଇଛନ୍ତି ନିଜର ଦକ୍ଷତା। ମାଆବାପାଙ୍କ ବ୍ୟତୀତ ଦୁନିଆଁ କ'ଣ ଜାଣି ନ ଥିବା କୁନି ଶିଶୁଟି ଏବେ ରେକର୍ଡର ଅଧିକାରୀ। ଶବ୍ଦ ଭଲ ଭାବେ ଉଚ୍ଚାରଣ କରିବା ଶିଖିନାହାନ୍ତି, ଦୁନିଆ କ'ଣ ଜାଣି ନାହାନ୍ତି। ହେଲେ ସେହି ଅସ୍ପଷ୍ଟ ଉଚ୍ଚାରଣ ଓ କଥାରେ ସେ ରଚିଛନ୍ତି ରେକର୍ଡ। ଯେଉଁଥିପାଇଁ ଆଜି ଇଣ୍ଡିଆ ବୁକ ଅଫ୍ ରେକର୍ଡସରେ ସେ ସ୍ଥାନ ପାଇଛନ୍ତି। ସେ କୁନି ଶିଶୁ ଜଣକ ଉଦଳା ଏନଏସିର ୨ନଂ ୱାର୍ଡ ବାସିନ୍ଦା ରତ୍ନାକର ଖିଲାର ଓ ହରପ୍ରିୟା ଡାଙ୍ଗୁଆଙ୍କ ଅଢେଇ ବର୍ଷର ଝିଅ ଭାବ୍ୟାଶ୍ରୀ ଖିଲାର। ଭାବ୍ୟାଶ୍ରୀ ଶରୀରର ୨୩ଟି ଅଙ୍ଗ ଚିହ୍ନଟ, ୨୦ ପ୍ରକାର ଗାଡ଼ି, ୪୩ଟି ଜୀବଜନ୍ତୁ, ୧୩ ପନିପରିବା, ୧୨ଟି ପେଶା ଚିହ୍ନଟ, ୧୨ ପ୍ରକାର ରଙ୍ଗ, ୧୧ ପ୍ରକାର କୀଟପତଙ୍ଗ, ୯ ପ୍ରକାର ଆକାର, ୧୫ ପ୍ରକାର ଚଢେଇ, ୬ ପ୍ରକାର ଫୁଲ ସହିତ ୫ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କୁ ଚିହ୍ନଟ କରିବା ସହିତ ନାମ ମଧ୍ୟ କହିପାରନ୍ତି। କେବଳ ସେତିକି ନୁହେଁ ୪ଟି ଆଧ୍ୟାତ୍ମିକ ମନ୍ତ୍ର, ୮ ଗ୍ରହର ନାମ, ଇଂରାଜୀ ଅକ୍ଷର ୨୬ଟି ଆଦିକୁ ସେ କହିପାରିଛନ୍ତି।



ଏତେଗୁଡ଼ିଏ ବିଭାଗରେ ସେ ନିଜର ଦକ୍ଷତା ପ୍ରତିପାଦିତ କରିଥିବାରୁ ସେ ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଛନ୍ତି। ବାପା ରତ୍ନାକର ଜଣେ ବ୍ୟବସାୟୀ ହୋଇଥିବାବେଳେ ମା' ଓ ତାଙ୍କ ବଡ଼ଭାଇ ତାଙ୍କୁ ଏସବୁ ଶିଖାଇଛନ୍ତି। ଘରେ କଥା ହେବା ସମୟରେ ଝିଅ ଅନେକଗୁଡିଏ ଶବ୍ଦକୁ ସହଜରେ ମନେ ରଖିବା ଓ ପରବର୍ତ୍ତୀ ସମୟରେ ତାହାକୁ କହିପାରୁଥିବା ଦେଖିବା ପରେ ତାଙ୍କୁ ଏସବୁ ସମ୍ପର୍କରେ ଶିଖାଇବା ଆରମ୍ଭ କରିଥିଲେ ବୋଲି କହିଛନ୍ତି ଭାବ୍ୟାଶ୍ରୀଙ୍କ ମାଆ। ୪ରୁ ୫ ମାସ ଧରି ନିଜେ ଓ ତାଙ୍କ ପୁଅ ମିଶି ଝିଅ ଭାବ୍ୟାଶ୍ରୀକୁ ଶିଖାଇ ଥିବାବେଳେ ସେ ଏସବୁକୁ ଅତି ସହଜରେ ଗ୍ରହଣ କରି ଆଜି ରେକର୍ଡ କରିପାରିଛି। ଆଗାମୀ ଦିନରେ ସେ ୱାର୍ଲଡ ରେକର୍ଡ କରିବାକୁ ମାଆ ଆଶା ରଖିଛନ୍ତି।

● କରଞ୍ଜିଆରେ ଉଠା ଦୋକାନୀଙ୍କ ଦାବି

## ବର୍ଷାଋତୁ ଶେଷ ପର୍ଯ୍ୟନ୍ତ ଉଚ୍ଛେଦ ପ୍ରକ୍ରିୟା ସ୍ଥଗିତ ରଖନ୍ତୁ

କରଞ୍ଜିଆ, ୧୭(ସମିସ): କରଞ୍ଜିଆ ସହରର ମାଣିକ ଛକରୁ ଏନ୍‌ଏସି ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ଉପରେ ଏବଂ ନିକଟବର୍ତ୍ତୀ ସ୍ଥାନରେ ଦୀର୍ଘଦିନ ଧରି ବ୍ୟବସାୟ କରୁଥିବା ଉଠା ଦୋକାନୀମାନଙ୍କୁ ଦୋକାନ ହଟାଇବା ପାଇଁ ଏନ୍‌ଏସି ପକ୍ଷରୁ ମାଇକ୍ ଯୋଗେ ସୂଚନା ପ୍ରଚାର କରାଯାଇଛି। ଏହାକୁ ନେଇ ମଙ୍ଗଳବାର ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କ ନେତୃତ୍ୱରେ ଏବଂ ଏନ୍‌ଏସି ଅଧ୍ୟକ୍ଷା ପପି ପୃଷ୍ଟିଙ୍କ ଉପସ୍ଥିତିରେ ଉଠା ଦୋକାନୀମାନେ କରଞ୍ଜିଆ ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେଥିରେ ବର୍ଷାଋତୁ ଶେଷ ପର୍ଯ୍ୟନ୍ତ ଉଚ୍ଛେଦ ପ୍ରକ୍ରିୟା ସ୍ଥଗିତ ରଖିବା ସହ ପ୍ରଥମେ ସ୍ଥାୟୀ ଥଇଥାନ କିମ୍ବା ଭେଣ୍ଡିଂ ଜୋନ୍‌ର ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଦୋକାନୀମାନଙ୍କ କହିବା ଅନୁଯାୟୀ, ସେମାନେ କ୍ଷୁଦ୍ର ବ୍ୟବସାୟ କରି ପରିବାର ପ୍ରତିପୋଷଣ ସହ ପିଲାମାନଙ୍କ ଶିକ୍ଷା ଖର୍ଚ୍ଚ ବହନ କରୁଛନ୍ତି। ବର୍ତ୍ତମାନର ବେକାରୀ ସମସ୍ୟା ମଧ୍ୟରେ ଏହି ବ୍ୟବସାୟ ହିଁ ସେମାନଙ୍କର ଏକମାତ୍ର ଜୀବିକାର ମାଧ୍ୟମ। ଏଭଳି ସ୍ଥିତିରେ ବର୍ଷାଦିନରେ ଉଚ୍ଛେଦ କରାଗଲେ ସେମାନଙ୍କ ଜୀବନଜୀବିକା ଗୁରୁତର ଭାବେ ପ୍ରଭାବିତ ହେବ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ଦୋକାନୀମାନେ ଆହୁରି ଅଭିଯୋଗ କରିଛନ୍ତି ଯେ, ପୂର୍ବରୁ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଉଚ୍ଛେଦ କରାଯାଇଥିଲେ ମଧ୍ୟ ସ୍ଥାୟୀ ଥଇଥାନ କିମ୍ବା ବିକଳ୍ପ ବ୍ୟବସ୍ଥା କରାଯାଇ ନ ଥିଲା। ତତ୍କାଳୀନ ଜିଲ୍ଲାପାଳ ଭେଣ୍ଡିଂ ଜୋନ୍ ସ୍ଥାପନ ସମ୍ପର୍କରେ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଅନ୍ୟପକ୍ଷରେ, ବର୍ଷାଋତୁ ଆରମ୍ଭ ହୋଇଥିବାବେଳେ ଏନ୍‌ଏସି ପକ୍ଷରୁ ବାରମ୍ବାର ମାଇକ୍ ଯୋଗେ ଦୋକାନ ହଟାଇବାକୁ ସୂଚନା ପ୍ରଚାର କରାଯାଉଥିବାରୁ ଉଠା ଦୋକାନୀମାନଙ୍କ ମଧ୍ୟରେ ଆଶଙ୍କା ଓ ଅନିଶ୍ଚିତତାର ପରିବେଶ ସୃଷ୍ଟି ହୋଇଛି। ତେଣୁ ପ୍ରଶାସନ ପ୍ରଥମେ ଭେଣ୍ଡିଂ ଜୋନ୍ କିମ୍ବା ସ୍ଥାୟୀ ଥଇଥାନର ବ୍ୟବସ୍ଥା କରିବା ସହ ବର୍ଷାଋତୁ ଶେଷ ପର୍ଯ୍ୟନ୍ତ ଉଚ୍ଛେଦ ପ୍ରକ୍ରିୟାକୁ ସ୍ଥଗିତ ରଖିବାକୁ ଉଠା ଦୋକାନୀମାନେ ଉପଜିଲ୍ଲାପାଳଙ୍କ ନିକଟରେ ଦୃଢ଼ ଦାବି ଜଣାଇଛନ୍ତି।



## ଗ୍ୟାସ୍ ବୁକିଂ କଟକଣାର ପ୍ରଭାବ

# କାଠ ଓ ଘସିର ଚାହିଦା ବୃଦ୍ଧି, ଗୃହିଣୀ ହନ୍ତସନ୍ତ

ମୋରଡ଼ା, ୧୭(ସମିସ): ପୂର୍ବେ ଲୋକମାନେ କାଠ ଓ ଗୋବରରେ ପ୍ରସ୍ତୁତ ଘସି ବ୍ୟବହାର କରି ଘରେ ଖାଦ୍ୟ ପ୍ରସ୍ତୁତ କରୁଥିଲେ। ପରବର୍ତ୍ତୀ ସମୟରେ ରନ୍ଧନ ଗ୍ୟାସର ପ୍ରଚଳନ ବଢ଼ିବା ସହ ସହରଠାରୁ ଗାଁଗହଳି ପର୍ଯ୍ୟନ୍ତ ସମସ୍ତ ବର୍ଗର ଲୋକ ଏହାକୁ ବ୍ୟବହାର କରିବା ଆରମ୍ଭ କଲେ। ତେବେ ଗତ କିଛିମାସ ହେବ ରନ୍ଧନ ଗ୍ୟାସ ଯୋଗାଣ ପ୍ରଭାବିତ ହୋଇଥିବାବେଳେ ବର୍ତ୍ତମାନ ଗ୍ୟାସ ସଙ୍କଟ ଦେଖାଦେଇଛି। ପୂର୍ବରୁ ଗାଁଗହଳିରେ ଥିବା ଗ୍ରାମୀଣ ଗ୍ୟାସ ବିତରକ ସହଜରେ ଗ୍ରାହକଙ୍କ ନିକଟରେ ଗ୍ୟାସ ସିଲିଣ୍ଡର ପହଞ୍ଚାଇ ପାରୁଥିଲେ। ଗ୍ୟାସ ବୁକିଂ ପାଇଁ ସେପରି କୌଣସି କଟକଣା ନ ଥିଲା ଓ ଗ୍ରାହକଙ୍କ ଚାହିଦା ଅନୁଯାୟୀ ସିଲିଣ୍ଡର ଉପଲବ୍ଧ ହେଉଥିଲା। କିନ୍ତୁ ଗତକିଛି ମାସ ହେଲା ଗ୍ୟାସ ବୁକିଂ ଉପରେ କଟକଣା ଲାଗୁ କରାଯାଇଛି। ଗ୍ୟାସ ସଙ୍କଟ ଯୋଗୁଁ ଗ୍ରାମାଞ୍ଚଳର ବିଭିନ୍ନ ଛକ, ବଜାରର ଚା' ଜଳଖିଆ ଦୋକାନ ଓ ହୋଟେଲ ବ୍ୟବସାୟ କରି ପରିବାର ଚଳାଉଥିବା ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ୟାସ କଟକଣା ଯୋଗୁଁ ଅନେକ ଚା' ଓ ଜଳଖିଆ ଦୋକାନ ପୂର୍ବଭଳି କୋଇଲା ଓ କାଠ ଭଳି ପାରମ୍ପରିକ ଜାଳେଣି ଉପରେ ପୁଣିଥରେ ନିର୍ଭର କରିବା ଆରମ୍ଭ କରିଛନ୍ତି। ପୁରାତନ ପଦ୍ଧତିର କୋଇଲା ଆଞ୍ଚ ଉପରେ ପୁଣିଥରେ ବ୍ୟବସାୟୀ ଭରସା କରିବା ଆରମ୍ଭ କରିଛନ୍ତି।



### ହୋଟେଲରେ ଖାଦ୍ୟର ଦାମ ବୃଦ୍ଧି



ସେହିପରି ଗାଁଗହଳିରେ ଘରୋଇ ଗ୍ୟାସ ବ୍ୟବହାର ଉପରେ ମଧ୍ୟ କଟକଣାର ପ୍ରଭାବ ଦେଖାଦେଇଛି। ଗ୍ୟାସ ବୁକିଂ ପାଇଁ ନିର୍ଦ୍ଧାରିତ ସମୟ ସୀମା ଥିବାରୁ ସମସ୍ୟା ବଢ଼ିଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ଗ୍ୟାସ ଶେଷ ହୋଇଗଲେ ପରିସ୍ଥିତି ଜଟିଳ ହୋଇପଡୁଛି ଓ ପରବର୍ତ୍ତୀ ବୁକିଂ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। ଏଭଳି ପରିସ୍ଥିତିରେ ଅନେକ ଗୃହିଣୀ ବାଡ଼ିବଗିଚାରେ ଥିବା ଗଛର ଡାଳ, କାଠ ଓ ଗୋବର ଘସିକୁ ଜାଳେଣି ଭାବେ ବ୍ୟବହାର କରିବା ଆରମ୍ଭ କରିଛନ୍ତି। ଏତଦ୍ବ୍ୟତୀତ ଲୋଧା ସମ୍ପ୍ରଦାୟର ଲୋକମାନେ ଜଙ୍ଗଲରୁ ଆଣୁଥିବା ଶୁଖିଲା କାଠ ବୋଝକୁ କିଣିବା ପାଇଁ ଲୋକଙ୍କ ମଧ୍ୟରେ ପ୍ରତିଯୋଗିତା ହେଉଥିବା ଦେଖିବାକୁ ମିଳିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୨ ପ୍ରସ୍ତାବକୁ...

ସମ୍ପୂର୍ଣ୍ଣ ନାମଲେଖା ଫି’ ଛାଡ଼ କରାଯିବାକୁ ବ୍ୟବସ୍ଥା କରାଯାଇଛି। କ୍ୟାବିନେଟ୍ ବୈଠକ ପରେ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଚଳିତ ଶିକ୍ଷାବର୍ଷ ୨୦୨୬-୨୭ରୁ ରାଜ୍ୟରେ ଏହି ଯୋଜନା କାର୍ଯ୍ୟକାରୀ ହେବ। ଏହି ଯୋଜନାରେ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ନବମରୁ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସମେତ ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ କଲେଜ ଏବଂ ସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ନିୟମିତ ଭାବେ ସ୍ନାତକ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ। ଏହି ଯୋଜନାର ଲାଭ କେବଳ ଯୋଗ୍ୟ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନଗୁଡ଼ିକ ଦ୍ୱାରା ପରିଚାଳିତ ନିୟମିତ ପାଠ୍ୟକ୍ରମର ଛାତ୍ରଛାତ୍ରୀମାନଙ୍କୁ ହିଁ ମିଳିବ। ସେଲ୍ଫ-ଫାଇନାନ୍ସିଂ ପାଠ୍ୟକ୍ରମ କିମ୍ବା ଅନୁଷ୍ଠାନ, ବେସରକାରୀ ଅଣ-ଅନୁଦାନପ୍ରାପ୍ତ ଅନୁଷ୍ଠାନ, ପିପିପି ମୋଡ୍‌ର ଅନୁଷ୍ଠାନ ଓ ପାଠ୍ୟକ୍ରମ, ଏବଂ ବୃତ୍ତିଗତ ଓ ବୈଷୟିକ କାର୍ଯ୍ୟକ୍ରମଗୁଡ଼ିକୁ ଏହି ଯୋଜନାର ପରିସରଭୁକ୍ତ କରାଯାଇ ନାହିଁ। ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ବହୁ ବର୍ଷ ଧରି ଆମର ଯେଉଁ ଉଦ୍ୟମ ଜାରି ରହିଛି, ତାକୁ ସାକାର କରିବା ଦିଗରେ ଏହି ଯୋଜନା ଏକ ଫଳପ୍ରଦ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ କହିଛନ୍ତି ଯେ ଶିକ୍ଷାକୁ ସାମଗ୍ରିକ ଏବଂ ସ୍ଥାୟୀ ବିକାଶର ଭିତ୍ତି ଭାବେ ଗ୍ରହଣ କରି, ଓଡ଼ିଶା କ୍ୟାବିନେଟ୍ ଏହି ଯୋଜନାର କାର୍ଯ୍ୟକାରିତା ପାଇଁ ପ୍ରଥମ ଆର୍ଥିକ ବର୍ଷରେ ୮୯୫.୫୭ କୋଟି ଟଙ୍କା ଏବଂ ପାଞ୍ଚ ବର୍ଷ ଅବଧି ମଧ୍ୟରେ ୫,୪୬୭.୫୫ କୋଟି ଟଙ୍କାର ଆନୁମାନିକ ବ୍ୟୟ ଅଟକଳକୁ ମଞ୍ଜୁରୀ ଦେଇଛନ୍ତି। ଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ୱାରା ବୃହତ୍ତମ ପୁଞ୍ଜିନିବେଶ ମଧ୍ୟରୁ ଏହା ଅନ୍ୟତମ ଏବଂ ଏହାଦ୍ୱାରା ପ୍ରତିବର୍ଷ ୩୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହେବେ ଏବଂ ସେମାନଙ୍କ ପରିବାରର ଆର୍ଥିକ ବୋଝ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇବ। ଏହି ପ୍ରୟାସ ଜାତୀୟ ଶିକ୍ଷା ନୀତି ୨୦୨୦, ଓଡ଼ିଶା ଭିଜନ ୨୦୩୬ ଏବଂ ଓଡ଼ିଶା ଭିଜନ ୨୦୪୭ ର ଉଦ୍ଦେଶ୍ୟକୁ ପୂରଣ କରିବାରେ ସହାୟକ ହେବ। ‘ଜ୍ଞାନୋଦୟ- ଶିକ୍ଷାରୁ ସମୃଦ୍ଧି’ କେବଳ ଏକ ଫି’ ଛାଡ଼ କାର୍ଯ୍ୟକ୍ରମ ନୁହେଁ। ଆର୍ଥିକ ପୃଷ୍ଠଭୂମି ନିର୍ବିଶେଷରେ ଓଡ଼ିଶାର ପ୍ରତ୍ୟେକ ଶିଶୁ ଏବଂ ଯୁବକଯୁବତୀଙ୍କୁ ଶିକ୍ଷା ଗ୍ରହଣର ସମାନ ସୁଯୋଗ ମିଳିବା ନିଶ୍ଚିତ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ପ୍ରୟାସ ଶିକ୍ଷା ମାଧ୍ୟମରେ ପ୍ରତ୍ୟେକ ପରିବାରକୁ ସଶକ୍ତ କରିବ ଏବଂ ଜ୍ଞାନ, ସୁଯୋଗ ଓ ସାମଗ୍ରିକ ବିକାଶ ଉପରେ ଆଧାରିତ ଏକ “ବିକଶିତ ଓଡ଼ିଶା’ର ସଂକଳ୍ପକୁ ସାକାର କରିବା ପାଇଁ ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାର ପ୍ରମାଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ୮ ଲେନ ହେବ...

ପଦକ୍ଷେପ ଭାବେ ସୁନ୍ଦରଗଡ଼ ଜିଲ୍ଲାର ଡୁଡୁକା-ଗୋପାଳପୁର-ଟପରିଆ ଏମଡିଆର ରାସ୍ତା ସିଆରମାଲ ଓପନ୍ କାଷ୍ଟ ପ୍ରୋଜେକ୍ଟର ଖଣି ଅଂଚଳ ଦେଇ ଯାଉଥିବାରୁ ଏହି ରାସ୍ତାରେ ଯାତାୟାତକୁ ସ୍ୱାଭାବିକ ରଖିବା ନିମନ୍ତେ ଏହାର ୬.୮ କିମି ଅଂଶକୁ ଡାଇଭର୍ଟ କରାଯିବା ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ଦେଇଛନ୍ତି। ଏହି ୬.୮ କିମି ରାସ୍ତାକୁ ୬ ଲେନ୍ ବିଶିଷ୍ଟ ସିମେଣ୍ଟ କଂକ୍ରିଟ ସର୍ଭିସ ରୋଡ୍ ଭାବେ ପରିଣତ କରାଯିବ। ଏଥିପାଇଁ ଦିଲ୍ଲୀପ ବିଲଡକନ୍ ଲିମିଟେଡ ଦେଇଥିବା ୧୬୦.୨୦କୋଟି ଟଙ୍କାର ବିଡକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି।

ଓଡ଼ିଶା ଡିପ୍ ସି ଫିସିଂ ମିଶନ୍ (୨୦୨୬-୨୦୩୬)କୁ କ୍ୟାବିନେଟ ଅନୁମୋଦନ ମିଳିଛି। ଏହି ଫ୍ଲାଗସିପ୍ ପ୍ରକଳ୍ପ ପାଇଁ ୨,୨୯୫.୪୫ କୋଟି ଟଙ୍କା ବ୍ୟୟ ହେବ। ଏହା ଦ୍ୱାରା ପ୍ରତି ବର୍ଷ ଅତିରିକ୍ତ ୨ ଲକ୍ଷ ମେଟ୍ରିକ୍ ଟନ୍ ସାମୁଦ୍ରିକ ମାଛ ଉତ୍ପାଦନ ଲକ୍ଷ୍ୟ ରହିଥିବା ବେଳେ ଏହାଦ୍ୱାରା ୫୦ ହଜାରରୁ ଅଧିକ ରୋଜଗାର ସୃଷ୍ଟି ଏବଂ ସାମୁଦ୍ରିକ ରପ୍ତାନୀ ପ୍ରାୟ ୫,୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ବଢ଼ିବ ବୋଲି ଆଶା କରାଯାଉଛି। ଏହା ବ୍ଲୁ ଇକନୋମୀକୁ ପ୍ରୋତ୍ସାହିତ କରିବ ଏବଂ ଉପକୂଳବର୍ତ୍ତୀ ମତ୍ସ୍ୟଜୀବୀଙ୍କ ଜୀବିକା ଉନ୍ନତ କରିବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି।

ଅନ୍ୟ ଏକ ନିଷ୍ପତ୍ତି ଭାବେ ଓଡିଶା ରାଜ୍ୟ ଡାଟା ସେଣ୍ଟର ୨.୦କୁ ଅନୁମୋଦନ ମିଳିଛି। ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ପ୍ରସ୍ତାବ ଅନୁସାରେ ଟିୟର-୩ କମ୍ପ୍ଲାଏଣ୍ଟ ଡାଟା ସେଣ୍ଟର ସ୍ଥାପନ ପାଇଁ ୨୬୮.୪୪ କୋଟି ଟଙ୍କା ଅନୁମୋଦିତ ହୋଇଛି। ରାଜ୍ୟର ବଢୁଥିବା ଡିଜିଟାଲ୍ ଭିତ୍ତିଭୂମିର ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

ଏହି ପଦକ୍ଷେପଗୁଡ଼ିକୁ ମିଶାଇ ଉଚ୍ଚଶିକ୍ଷା ବିଭାଗର ଗୋଟିଏ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ୨ ଟି, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ଗୋଟିଏ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଗୋଟିଏ, ନିର୍ମାଣ ବିଭାଗର ଦୁଇଟି, ଜଳସମ୍ପଦ ବିଭାଗର ତିନିଟି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଗୋଟିଏ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ବିଭାଗରଗୋଟିଏ ପ୍ରସ୍ତାବ ଉପରେ କ୍ୟାବିନେଟ ମୋହର ମାରିଛି ।

## ପଶିବ ଇଡି...

ମନ୍ଦିରରୁ ସବୁଠାରୁ ଅଧିକ ପରିମାଣର ଦାନ ଅର୍ଥ ଚୋରି ହୋଇଥିଲା। ଏହି ସମଗ୍ର ଘଟଣାର ମୁଖ୍ୟ ସୂତ୍ରଧର ସାଜିଥିବା ଦୁଇ ସମ୍ପର୍କୀୟ ଭାଇ (ଶଳା-ଭିଣୋଇ) ଲବକୁଶ ମିଶ୍ର ଓ ଅନୁକଳ୍ପ ମିଶ୍ରଙ୍କ ଉପରେ ଏବେ ପୋଲିସର ତୀକ୍ଷ୍ଣ ନଜର ରହିଛି ।

ପୋଲିସର ସୂଚନା ଅନୁଯାୟୀ, ଏହି ଚୋରି ପଛରେ ଏକ ବଡ଼ ଷଡ଼ଯନ୍ତ୍ର ଥିଲା। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଲବକୁଶ ଏବଂ ଅନୁକଳ୍ପ ନାମକ ଦୁଇ ଅଭିଯୁକ୍ତ ସବୁଠାରୁ ଅଧିକ ଅର୍ଥ ଆତ୍ମସାତ କରିଛନ୍ତି। କେବଳ ସେତିକି ନୁହେଁ, ସେମାନେ ଏହି ଚୋରି ଟଙ୍କାରେ ଅଧା ଡଜନରୁ ଅଧିକ ସମ୍ପତ୍ତି ମଧ୍ୟ କିଣିଥିବା ଜଣାପଡ଼ିଛି। ବର୍ତ୍ତମାନ ଆୟକର ବିଭାଗ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ର ସହାୟତାରେ ଏହି ଆର୍ଥିକ କାରବାରର ଗଭୀର ତଦନ୍ତ କରାଯାଉଛି। ଅଭିଯୁକ୍ତ ଅବିନାଶ ଶୁକ୍ଲାଙ୍କ କୌଶଲପୁରୀସ୍ଥିତ ଏକ ଯୋଗ କେନ୍ଦ୍ରରେ ଥିବା ଆସ୍ଥାନରୁ ପୋଲିସ ବିପୁଳ ପରିମାଣର ନଗଦ ଟଙ୍କା ଜବତ କରିଛି। ସେଠାରେ ୪ଟି ବାକ୍ସ ଭିତରେ କମ୍ବଳରେ ଗୁଡ଼ାଯାଇ ଏହି ଟଙ୍କା ଲୁଚାଯାଇଥିଲା। ଗୋଟିଏ ବାକ୍ସ ଉପରେ ‘ରାମ ରାଜ୍ୟ କୋଷ’ ବୋଲି ମଧ୍ୟ ଲେଖାଯାଇଥିଲା। ଅଭିଯୁକ୍ତ ଅବିନାଶଙ୍କ ସୂଚନା ଆଧାରରେ ପ୍ରାୟ ୮୯ ଲକ୍ଷ ଟଙ୍କା ଉଦ୍ଧାର କରାଯାଇଛି ।

ମନ୍ଦିରର ଦାନ ବାକ୍ସ ଗଣତି ପାଇଁ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଏସବିଆଇ) ର କିଛି କର୍ମଚାରୀ ନିୟୋଜିତ ଥିଲେ। ମନ୍ଦିର ଟ୍ରଷ୍ଟର ପୂର୍ବତନ ମହାସଚିବ ଚମ୍ପତ ରାୟଙ୍କ ଗାଡ଼ି ଚାଳକ ଟିନ୍ନୁ ଯାଦବଙ୍କ ଘରୁ ମଧ୍ୟ ନଗଦ ଟଙ୍କା ଉଦ୍ଧାର ହୋଇଛି। ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଟଙ୍କା ଗଣତି ଗୃହର ଗୋଟିଏ ଚାବି ଟିନ୍ନୁ ଯାଦବଙ୍କ ପାଖରେ ଏବଂ ଅନ୍ୟ ଚାବିଟି ବ୍ୟାଙ୍କ କର୍ମଚାରୀଙ୍କ ପାଖରେ ରହୁଥିଲା। ବ୍ୟାଙ୍କ କର୍ମଚାରୀ ଓ ଗାଡ଼ି ଚାଳକ ପରସ୍ପର ମଧ୍ୟରେ ବୁଝାମଣା କରି ପ୍ରତିଦିନ ମୋଟା ଅଙ୍କର ଟଙ୍କା ଗାଏବ କରୁଥିଲେ। କୁମ୍ଭମେଳା ସମୟରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ର ସୁଯୋଗ ନେଇ ଏହି ବଡ଼ ଧରଣର ଚୋରି କରାଯାଇଥିଲା ।

ଅଭିଯୁକ୍ତ ଅବିନାଶ ଶୁକ୍ଲା ପୁଲିସ ଜେରା ବେଳେ ଅନେକ ଚାଞ୍ଚଲ୍ୟକର ତଥ୍ୟ ପ୍ରକାଶ କରିଛି। ସେ କୋଟି କୋଟି ଟଙ୍କା ଚୋରି କରିଥିବା ସ୍ୱୀକାର କରିବା ସହ ଚୋରିର ସମ୍ପୂର୍ଣ୍ଣ ତରିକା ବିଷୟରେ ପୁଲିସକୁ ଜଣାଇଛି। ଅବିନାଶର ବୟାନ ଅନୁଯାୟୀ, ମନ୍ଦିର ପରିସରରେ ଲାଗିଥିବା ସିସିଟିଭି କ୍ୟାମେରାଗୁଡ଼ିକର ଅବସ୍ଥିତି ବିଷୟରେ ସମସ୍ତ ଅଭିଯୁକ୍ତଙ୍କୁ ବେଶ୍ ଭଲଭାବେ ଜଣାଥିଲା। ସେମାନେ କ୍ୟାମେରା ନଜରରୁ ବଞ୍ଚିବା ପାଇଁ ଏକ ଦଳଗତ ଯୋଜନା କରିଥିଲେ, ଯେଉଁଥିରେ ଜଣେ ଟଙ୍କା ଚୋରି କରୁଥିବା ବେଳେ ଅନ୍ୟମାନେ ତାଙ୍କୁ ଚାରିପଟୁ ଘୋଡ଼ାଇ ରଖୁଥିଲେ। ଏହି ଚୋରି ଟଙ୍କାକୁ ପ୍ରଥମେ ମନ୍ଦିରର ବାଥରୁମ୍ (ଶୌଚାଳୟ) ଭିତରେ ଲୁଚାଇ ରଖାଯାଉଥିଲା ଏବଂ ପରେ ସୁଯୋଗ ଦେଖି ସେଠାରୁ ବାହାରକୁ ଚାଲାଣ କରାଯାଉଥିଲା। ଟ୍ରଷ୍ଟର ବଡ଼ ଅଧିକାରୀମାନଙ୍କ ସହ ସମ୍ପର୍କ ଥିବାରୁ କେହି ସେମାନଙ୍କୁ ସନ୍ଦେହ କରୁନଥିଲେ।

## ପିଲାଙ୍କୁ ମିଳିବ...

ନୂଆ ବହି ଯୋଗାଇ ଦିଆଯିବ। ନୂଆ ବହି ଆସିବା ପର୍ଯ୍ୟନ୍ତ ଏସ୍‌ସିଇଆର୍‌ଟି ପକ୍ଷରୁ ଓସେପା ଜରିଆରେ ଜାରି କରାଯାଇଥିବା ସଂଶୋଧିତ ତଥ୍ୟକୁ ନେଇ ପାଠପଢ଼ା ହେବ। ସଂଶୋଧିତ ପୁସ୍ତକର ସଫ୍ଟ କପିକୁ ଓସେପା ୱେବସାଇଟ୍‌ରେ ଉପଲବ୍ଧ କରାଯିବ। ସମ୍ପୂର୍ଣ୍ଣ ତ୍ରୁଟି ସଂଶୋଧନ ପରେ ସମସ୍ତଙ୍କ ଅବଗତି ପାଇଁ ବହି ଉପଲବ୍ଧ ହେବ। ମାତ୍ର କେବେ ସୁଦ୍ଧା ପିଲାଙ୍କୁ ନିର୍ଭୁଲ ପୁସ୍ତକ ଯୋଗାଇ ଦିଆଯିବ, ସେ ସମ୍ପର୍କରେ ସଚିବ କୌଣସି ସ୍ପଷ୍ଟ ଉତ୍ତର ରଖିନାହାନ୍ତି। ଖୁବଶୀଘ୍ର ପିଲାଙ୍କୁ ବହି ଯୋଗାଇ ଦିଆଯିବ ବୋଲି କହିଥିବାବେଳେ ସେହି ସମୟ କେବେ ଆସିବ ତାହା ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତବର୍ଷ ଅଗଷ୍ଟ ମାସରୁ ନୂତନ ପୁସ୍ତକ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଏଯାଏଁ ଶତପ୍ରତିଶତ ବହି ଯୋଗାଇ ପାରି ନାହାନ୍ତି। ଏପରିସ୍ଥଳେ ଚଳିତବର୍ଷ ପିଲାମାନଙ୍କୁ କିପରି ତ୍ରୁଟିଶୂନ୍ୟ ପୁସ୍ତକ ଯୋଗାଇ ଦିଆଯିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଯେତିକି କୁହାଯାଉଛି...

ସହ ସେସବୁର ସଂଶୋଧିତ ତାଲିକା ଜାରି କରାଯାଇଛି। ଏହାସତ୍ତ୍ୱେ ସଚିବ କାହିଁକି ଭୁଲ୍ ଘୋଡ଼ାଇବାକୁ ପ୍ରୟାସ କରୁଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ସାମ୍ବାଦିକ ସମ୍ମିଳନୀ ଡାକି ପୁସ୍ତକକୁ ନେଇ ଦ୍ୱନ୍ଦ୍ୱ ଦୂର କରିବା ପରିବର୍ତ୍ତେ ବିଭାଗୀୟ ସଚିବ ଘଟଣାକୁ ବେଶୀ ଗୋଳମାଳିଆ କରିଛନ୍ତି। ଯଦି ସମସ୍ତ ପିଲାଙ୍କୁ ନୂତନ ସଂଶୋଧିତ ପୁସ୍ତକ ଦିଆଯିବ, ତାହାଲେ କେବେ ସୁଦ୍ଧା ମିଳିବ? କିପରି ଭାବେ ସ୍ୱଳ୍ପ ସମୟରେ ପ୍ରାୟ ୩କୋଟି ବହି ଛପା ହେବ? ମନ୍ତ୍ରୀ ଓ ସଚିବଙ୍କ ସମେତ ଗଣଶିକ୍ଷା ବିଭାଗର ଅଧିକାରୀମାନେ ବହି ପ୍ରସଙ୍ଗରୁ ମୁକୁଳିବା ପାଇଁ ଆପ୍ରାଣ ଉଦ୍ୟମ କରୁଥିଲେ ହେଁ ବିବାଦ ତାଙ୍କ ପଛରେ ଛାଇ ଭଳି ଲାଗି ରହିଥିବା ଚର୍ଚ୍ଚା ଜୋର ଧରିଛି।

## ବିଜୟ ସରକାର...

ଏକାଠି ହୋଇ ସରକାର ବିରୋଧରେ ଭୋଟ୍ ଦେଇ ଏହାର ପତନ କରାଇଥାଆନ୍ତେ। ତେବେ ଗୋଇନ୍ଦା ବିଭାଗ ଏହି ଷଡ଼ଯନ୍ତ୍ରକୁ ପଣ୍ଡ କରିଥିଲା। ଟିଭିକେ ବିଧାୟକ ଏନ୍. ଏଲାଇୟାରାଜା ଚେନ୍ନାଇ ପୋଲିସ ନିକଟରେ ଅଭିଯୋଗ କରିବା ପରେ ସମଗ୍ର ଘଟଣା ଲୋକଲୋଚନକୁ ଆସିଥିଲା। ସେ କହିଛନ୍ତି ।।ଯେ ଏକ କନସଲଟାନ୍ସି ସଂସ୍ଥାର ଜଣେ କର୍ମଚାରୀ ବିଧାନସଭା ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବକୁ ସମର୍ଥନ କରିବା ପାଇଁ ତାଙ୍କୁ ୩୫ କୋଟି ଟଙ୍କାର ପ୍ରଲୋଭନ ଦେଇଥିଲେ ଏବଂ ପରେ ଏ ବିଷୟରେ କାହାରିକୁ ନ କହିବା ପାଇଁ ଧମକ ମଧ୍ୟ ଦେଇଥିଲେ। ଏହି ମାମଲାରେ ପୋଲିସ ବର୍ତ୍ତମାନ ସୁଦ୍ଧା ୩ ଜଣଙ୍କୁ ଗିରଫ କରିଛି, ଯାହାଙ୍କର ସମ୍ପୃକ୍ତି ବିରୋଧୀ ‘ଡିଏମକେ’ ବିଧାୟକ ସେନ୍‌ଥିଲ ବାଲାଜୀଙ୍କ ସହ ଥିବା କୁହାଯାଉଛି ।

ଏହି ଘଟଣାକୁ ନେଇ ଟିଭିକେର ଜଣେ ମନ୍ତ୍ରୀ ଡିଏମକେ ଏବଂ ଏଆଇଏଡିଏମକେ ଉପରେ କଡ଼ା ପ୍ରହାର କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଏମକେ ଷ୍ଟାଲିନ ଏବଂ ଉଦୟନିଧିଙ୍କ ନିର୍ଦ୍ଦେଶରେ ସେନ୍‌ଥିଲ ବାଲାଜୀ ଏବଂ ତାଙ୍କ ସହଯୋଗୀମାନେ ଟିଭିକେ ବିଧାୟକମାନଙ୍କୁ ୧୦ରୁ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଯାଚି ଦଳ ବଦଳାଇବାକୁ ଚେଷ୍ଟା କରୁଛନ୍ତି। ଅନ୍ୟପଟେ ଡିଏମକେ ଏହି ସମସ୍ତ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛି। ଦଳର ମୁଖପାତ୍ର କହିଛନ୍ତି ଯେ, ସରକାରୀ ଦଳ କେବଳ ମିଛ କାହାଣୀ ପ୍ରସ୍ତୁତ କରି ଜନସାଧାରଣଙ୍କ ମନରେ ଭ୍ରମ ସୃଷ୍ଟି କରୁଛି ଏବଂ ଯଦି ସରକାରଙ୍କ ପାଖରେ ପ୍ରକୃତ ପ୍ରମାଣ ଅଛି, ତେବେ ସେମାନେ ସେନ୍‌ଥିଲ ବାଲାଜୀଙ୍କୁ ଗିରଫ କରି ଦେଖାନ୍ତୁ।

## ଅକ୍ଟୋବରରେ ଶିମିଳିପାଳକୁ...

ଯେପରି ପୁନରାବୃତ୍ତି ନ ହୁଏ ସେଥିପ୍ରତି ସତର୍କତା ଅବଲମ୍ବନ କରାଯାଇଛି। କ୍ଷେତ୍ରୀୟ ଅଧିକାରୀଙ୍କ ସହ ମଧ୍ୟ ଏନେଇ ବାରମ୍ବାର ଆଲୋଚନା ଚାଲିଛି। ପର୍ଯ୍ୟାୟକ୍ରମେ ମହାବଳ ଆସିବା ପରେ ଏନ୍‌କ୍ଲୋଜରରେ ୩ ମାସ ରଖାଯାଇ ଗତିବିଧି ଉପରେ ନଜର ରଖାଯିବ। ଶିମିଳିପାଳ ଅଭୟାରଣ୍ୟରେ ଖାପଖୁଆଇବା ପରେ ଯାଇ ବାହାରକୁ ଛଡ଼ାଯିବ। କେବଳ ଶିମିଳିପାଳ ନୁହେଁ, ଡେବ୍ରିଗଡ଼ ଅଭୟାରଣ୍ୟକୁ ମଧ୍ୟ ମହାବଳ ସ୍ଥାନାନ୍ତର କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ତେବେ ବର୍ଷା ସରିବା ପରେ ପ୍ରକ୍ରିୟା ଆଗେଇବ ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

---

### ନିରଞ୍ଜନ ପଟ୍ଟନାୟକଙ୍କ ଆତ୍ମଜୀବନୀ ‘ସମୟ ସାକ୍ଷୀ’ ଲୋକାର୍ପିତ

# ଆତ୍ମଜୀବନୀରୁ ଜଣେ ବି ଯୁବକ ପ୍ରେରଣା ପାଇଲେ ରଚନା ସାର୍ଥକ ହେବ: ନିରଞ୍ଜନ

ଭୁବନେଶ୍ୱର,୧୭(ସମିସ): ବରିଷ୍ଠ ରାଜନେତା ନିରଞ୍ଜନ ପଟ୍ଟନାୟକଙ୍କ ଆତ୍ମଜୀବନୀ “ସମୟ ସାକ୍ଷୀ’ ବୁଧବାର ସନ୍ଧ୍ୟାରେ ୟୁଏଟିର କୃଷି ଶିକ୍ଷା ସଦନ ପ୍ରେକ୍ଷାଳୟରେ ଲୋକାର୍ପିତ ହୋଇଛି। ଏହି ପୁସ୍ତକଟି ଲୋକଲୋଚନକୁ ଆସିବା ପରେ ଏହାକୁ ନେଇ ଭିନ୍ନ ଭିନ୍ନ ଆଲୋଚନା ଆରମ୍ଭ ହୋଇଥିବା ବେଳେ ଅନେକ ପୁରୁଣା କଥା ମଧ୍ୟ ସାମନାକୁ ଆସିଛି। ଜଣେ ଶିଳ୍ପପତି ତଥା ରାଜନେତା ଭାବରେ ପରିଚିତ ନିରଞ୍ଜନଙ୍କ ଏହି ଆତ୍ମଜୀବନୀରେ ବିଗତ ଅର୍ଦ୍ଧଶତାବ୍ଦୀ ଓଡ଼ିଶାର ଅନେକ କାହାଣୀ ଉଲ୍ଲେଖ ରହିଛି ।




ବିଶିଷ୍ଟ ଗାନ୍ଧୀବାଦୀ ନେତ୍ରୀ କୃଷ୍ଣା ମହାନ୍ତି, କେନାଲ ମଣିଷ ରୂପେ ପରିଚିତ କେନ୍ଦୁଝରର ଦୈତାରୀ ନାୟକ, ନିଜ ସ୍ତ୍ରୀଙ୍କ ଶବକୁ କାନ୍ଧରେ ବୋହିଥିବା କଳାହାଣ୍ଡିର ଦାନ ମାଝୀ, ଆନୁଷ୍ଠାନିକ ଶିକ୍ଷାରୁ ବଞ୍ଚିତ ହୋଇ ମଧ୍ୟ ଗଳ୍ପ କବିତା ରଚନା କରିଥିବା ତଥା ତୁମୁଡିବନ୍ଧର ବ୍ଲକ ଅଧ୍ୟକ୍ଷା ବାସନ୍ତୀ ମାଝୀ, ଦୃଷ୍ଟିଶକ୍ତି ନ ଥାଇ ମଧ୍ୟ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧିନରେ ଶିକ୍ଷାଦାନ କରୁଥିବା ଘସିପୁରାର ପ୍ରଫେସର ଦୁର୍ଯ୍ୟୋଧନ ନାହାକ, ନିଜର ବାଲ୍ୟକାଳରେ ଆର୍ଥିକ ଅସ୍ୱଚ୍ଛଳତାରେ ହାରି ନ ଯାଇ ସମ୍ପ୍ରତି ଭାରତର ପ୍ରସିଦ୍ଧ କେଶ ପ୍ରତିରୋପଣକାରୀ ଡାକ୍ତର ଭାବେ ପରିଚିତ କେନ୍ଦୁଝରର ଡା. ପ୍ରଦୀପ ସେଠୀ, କରୋନା ସମୟରେ ପୁରୀରେ ରଥଯାତ୍ରା କରାଇବାକୁ ସୁପ୍ରିମକୋର୍ଟରେ ପିଟିସନ୍ ଦାଖଲ କରିଥିବା ନୟାଗଡର ତରୁଣ ଅଫତାବ୍ ହୋସେନ୍, ନିଜର ସ୍ୱଳ୍ପ ଆୟରୁ ସଞ୍ଚୟ କରି ଗ୍ରାମବାସୀଙ୍କ ପାଇଁ ସାତଟି ପାଣି ଟାଙ୍କି ବସାଇଥିବା ମନ୍ମଥ ମହାରଣା ପ୍ରମୁଖ ପୁସ୍ତକକୁ ଲୋକାର୍ପିତ କରିଥିଲେ। ଓ ଦାଶ ବେନହୁର ପୁସ୍ତକର ସମୀକ୍ଷା କରିଥିଲେ। ବରିଷ୍ଠ ସାମ୍ବାଦିକ ରାଜେଶ ମହାପାତ୍ର ପୁସ୍ତକର ଏକ ମାର୍ମିକ ଆଲୋଚନା କରିଥିଲେ।

ଏହି ପୁସ୍ତକ ଲୋକାର୍ପଣ ସଭାରେ ସଭାପତିତ୍ୱ କରିଥିଲେ ଆମ ଓଡିଶାର ଅଧ୍ୟକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ। ତାଙ୍କର ଏହି ସାଧାରଣ ଜୀବନ କଥାରୁ ଯଦି ଜଣେ ବି ଯୁବକ ପ୍ରେରଣା ପାଇବ ତାଙ୍କ ରଚନା ସାର୍ଥକ ହେବ ବୋଲି ସଭାରେ ନିରଞ୍ଜନ ପଟ୍ଟନାୟକ ନିଜର ଲେଖନୀୟ ଅଭିବ୍ୟକ୍ତିରେ ପ୍ରକାଶ କରିଥିଲେ। ଓଡିଶାର ପରିବର୍ତ୍ତନ ପାଇଁ ତାଙ୍କ ମନରେ ରହିଥିବା ଅସୁମାରୀ ଆଶାକୁ ଯୁବପିଢି ସାକାର କରିବେ ବୋଲି ତାଙ୍କର ଭରସା ରହିଛି। ଜୀବନର କିଛି ଅନୁଭୂତି ଓ ଘଟଣା ଚରିତ୍ରକୁ ନେଇ ସେ ଏହି ଆତ୍ମଜୀବନୀ ରଚନା କରିଛନ୍ତି। ଆତ୍ମଜୀବନଟି ଓଡିଶା ରାଜନୀତିରେ ଅର୍ଦ୍ଧଶତାବ୍ଦୀର ଗୁମର କଥାକୁ ଉନ୍ମୋଚିତ କରିଛି। ଏହି ପୁସ୍ତକକୁ ଜଣେ ସାଧାରଣ ଓଡିଆର କଥା ଭାବେ ଶ୍ରୀ ପଟ୍ଟନାୟକ କହିଥିଲେ। ଲୋକାର୍ପଣ ଉତ୍ସବରେ ରାଜ୍ୟର ବହୁ ଲେଖକ, କଳାକାର, ବୁଦ୍ଧିଜୀବୀ, ରାଜନେତା ଉପସ୍ଥିତ ଥିଲେ ।

---

# ପ୍ରକାଶ ପାଇଲା +୨ ଇନଷ୍ଟାଣ୍ଟ ଓ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଆଡମିଟ୍ କାର୍ଡ

ଭୁବନେଶ୍ୱର, ୧୭(ସମିସ): ଆସନ୍ତା ୩ ଓ ୪ ତାରିଖରେ ହେବାକୁ ଥିବା ଯୁକ୍ତ ୨ ଇନଷ୍ଟାଣ୍ଟ ଓ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ପାଇଁ ଆଡମିଟ୍ କାର୍ଡ ଉପଲବ୍ଧ ହୋଇଛି। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ର ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ସମସ୍ତ କଳା, ବାଣିଜ୍ୟ, ବିଜ୍ଞାନ, ଧନ୍ଦାମୂଳକ ଛାତ୍ରଛାତ୍ରୀଙ୍କ ପାଇଁ ଆଡ୍‌ମିଟ୍ କାର୍ଡ ଉପଲବ୍ଧ ହୋଇଛି। ସେହିପରି ଇନଷ୍ଟାଣ୍ଟ ପରୀକ୍ଷାର୍ଥୀଙ୍କ ପାଇଁ ସିଏନ୍‌ଆର୍ ମଧ୍ୟ ସାମସ୍ ଇ-ସ୍ପେସ୍‌ରେ ଉପଲବ୍ଧ ହୋଇଛି। ଇ-ସ୍ପେସ୍‌ରୁ ଆଡମିଟ୍ କାର୍ଡ ଡାଉନଲୋଡ୍ କରି ଯାଞ୍ଚ ଓ ସ୍ୱାକ୍ଷର ପରେ ପରୀକ୍ଷାର୍ଥୀଙ୍କୁ ବଣ୍ଟନ କରିବାକୁ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ପରିଷଦ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ପ୍ରଥମଥର ପାଇଁ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ହେଉଛି। ଯେଉଁ ଛାତ୍ରଛାତ୍ରୀମାନେ ସମସ୍ତ ପରୀକ୍ଷାରେ ପାସ୍ କରିଥିବେ, ସେମାନେ କେବଳ ଗୋଟିଏ ବିଷୟରେ ଅଧିକ ମାର୍କ ରଖିବା ପାଇଁ ଏହି ଇମ୍ପ୍ରୁଭମେଣ୍ଟ (ଉନ୍ନତି) ପରୀକ୍ଷା ଦେଇପାରିବେ। ନିଜ ଇଚ୍ଛା ମୁତାବକ କେବଳ ଗୋଟିଏ ବିଷୟରେ ହିଁ ଏହି ପରୀକ୍ଷା ଦେବାକୁ ଅନୁମତି ମିଳିବ। ସେହିପରି ଗୋଟିଏ ପରୀକ୍ଷାରେ ଫେଲ୍ ହୋଇ ଅତି କମ୍‌ରେ ୨୧୦ ମାର୍କ ରଖିଥିବା ପିଲାମାନେ ଇନଷ୍ଟାଣ୍ଟ ପରୀକ୍ଷା ଦେଇପାରିବେ।

---

# ଦାନବାକ୍ସ, ୭୭ ଲକ୍ଷ ଟଙ୍କା, ସୁନା, ରୁପା, ଡଲାର ଜବତ




ଅଯୋଧ୍ୟା ରାମ ମନ୍ଦିର ଚାନ୍ଦା ଚୋରି ମାମଲା

ଅଯୋଧ୍ୟା, ୧୭: ରାମ ମନ୍ଦିର ଚାନ୍ଦା ଚୋରି ମାମଲାରେ ଅଯୋଧ୍ୟା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ମନ୍ଦିର ଦାନ ବାକ୍ସ ସମେତ ଟଙ୍କା ଓ ସୁନା ଜବତ କରିଛି। ପୁଲିସ ପକ୍ଷରୁ ଆଜି ଏଡି ସୂଚନା ଦିଆଯାଇଛି। କୁହାଯାଇଛି ଯେ ଗିରଫ ହୋଇଥିବା ୮ ଅଭିଯୁକ୍ତଙ୍କ ଘରେ ଚଢ଼ଉ ବେଳେ ରାମ ମନ୍ଦିର ଦାନବାକ୍ସ, ନଗଦ ୭୭ ଲକ୍ଷ ଟଙ୍କା, ୧୧ ଗ୍ରାମ ସୁନା, ୩୭୫ ଗ୍ରାମ ରୁପା ଏବଂ ୧୧୨୧ ହଲାର ଜବତ କରାଯାଇଛି। ପ୍ରମୁଖ ଅଭିଯୁକ୍ତ କୁହାଯାଉଥିବା ଅଭିନାଶ ଘରୁ ୨୦.୩୯ ଲକ୍ଷ ଟଙ୍କା ଜବତ ହୋଇଥିବା ବେଳେ କାରୁନେଶ ଘରୁ ୧୮ ଲକ୍ଷ, ଅନୁକଳ୍ପ ଘରୁ ୧୭ ଲକ୍ଷ, ଲବକୁଶ ଘରୁ ୧୪.୨୫ ଲକ୍ଷ, ରମାଶଙ୍କର ଠାରୁ ୭.୩ ଲକ୍ଷ ଏବଂ ଯାଦବ ଠାରୁ ଏକ ଲକ୍ଷ ଟଙ୍କା ନଗତ ଜବତ କରାଯାଇଛି। ଏହାଛଡ଼ା ଅଭିନାଶ ଶୁକ୍ଲାର ଯୋଗା କେନ୍ଦ୍ରରୁ ଏକ ମନ୍ଦିରର ଏକ ଦାନ ବାକ୍ସ ଜବତ କରାଯାଇଛି। ଏଥିରେ ରାମରାଜ୍ୟ କୋଷ ଲେବଲ ଲାଗିବା ସହିତ ପେଟିଏମ୍‌ର କ୍ୟୁଆର୍ କୋଡ୍ ରହିଛି। ଏହାପୂର୍ବରୁ ଅଭିନାଶ ଘରୁ ୮୯ ଲକ୍ଷ ଟଙ୍କା ଜବତ ହୋଇଥିଲା।

---

### ମହାନଦୀ ଟ୍ରିବ୍ୟୁନାଲଙ୍କ ଓଡ଼ିଶା ଗସ୍ତ ବେଳେ ୨.୪୧ କୋଟି ଖର୍ଚ୍ଚ

# ସ୍ୱତନ୍ତ୍ର ଅଡିଟ୍ ଦାବି କଲା ମହାନଦୀ ବଞ୍ଚାଅ ଆନ୍ଦୋଳନ

ଭୁବନେଶ୍ୱର,୧୭(ସମିସ): ଗତ ୨୬ ଫେବୃଆରୀରୁ ୨ ମାର୍ଚ୍ଚ ପର୍ଯ୍ୟନ୍ତ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ଓଡ଼ିଶା ଗସ୍ତ ଅବସରରେ ରାଜ୍ୟ ସରକାର କରିଥିବା ୨,୪୧,୧୩,୯୫୦ ଟଙ୍କା ବ୍ୟୟର ସ୍ୱତନ୍ତ୍ର ବା ସ୍ପେଶାଲ ଅଡିଟ୍ ଓ କମ୍ପ୍ଲାଏନ୍ସ ଅଡିଟ୍ କରିବାକୁ ଦାବି କରିଛି ମହାନଦୀ ବଞ୍ଚାଅ ଆନ୍ଦୋଳନ। ଏହି ପ୍ରସଙ୍ଗରେ ସଂଗଠନ ପକ୍ଷରୁ ଭାରତର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି)ଙ୍କ ନିକଟରେ ଏକ ବିସ୍ତୃତ ଜନସ୍ୱାର୍ଥ ସମ୍ବଳିତ ଦାବିପତ୍ର ଦାଖଲ କରାଯାଇଛି। ଏହି ଦାବିପତ୍ର ସମ୍ପୂର୍ଣ୍ଣ ଭାବରେ ସୂଚନା ଅଧିକାର ଆଇନ ଅନୁଯାୟୀ ଜଳ ସମ୍ପଦ ବିଭାଗରୁ ପ୍ରାପ୍ତ ସରକାରୀ ଦସ୍ତାବିଜ ଉପରେ ଆଧାରିତ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

ଆରଟିଆଇ ଦସ୍ତାବିଜ ଅନୁସାରେ ଟ୍ରିବ୍ୟୁନାଲଙ୍କ ଗସ୍ତ ପାଇଁ ରାଜ୍ୟ ସରକାର ମୋଟ ୨,୪୧,୧୩,୯୫୦ ଟଙ୍କା ମଞ୍ଜୁର କରିଥିଲେ। ସେଥିରୁ ୧,୪୫,୫୫,୪୮୦ ଉପର ମହାନଦୀ ଅଞ୍ଚଳ ଗସ୍ତ ପାଇଁ ଏବଂ ୯୫,୫୮,୪୭୦ ତଳ ମହାନଦୀ ଅଞ୍ଚଳ ଗସ୍ତ ପାଇଁ ବ୍ୟୟ କରାଯାଇଥିବା ଉଲ୍ଲେଖ ରହିଛି। ଆରଟିଆଇ ମାଧ୍ୟମରେ ଉପର ମହାନଦୀ ଗସ୍ତର ବ୍ୟୟ ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ ମିଳିଥିବା ବେଳେ, ସେଥିରେ ଏମ.ଏମ. ଇଭେଣ୍ଟ ମ୍ୟାନେଜମେଣ୍ଟକୁ ପ୍ରାୟ ୮୪.୧୧ ଲକ୍ଷ, ମେ ଫେୟାର ହୋଟେଲ୍ସ ଆଣ୍ଡ ରିସର୍ଟସ୍‌କୁ ୫୩.୯୫ ଲକ୍ଷ ସମେତ ଅନ୍ୟାନ୍ୟ ବ୍ୟୟର ବିବରଣୀ ରହିଛି। କିନ୍ତୁ ତଳ ମହାନଦୀ ଅଞ୍ଚଳ ପାଇଁ ଦର୍ଶାଯାଇଥିବା ୯୫.୫୮ ଲକ୍ଷ ବ୍ୟୟର ସବିଶେଷ ହିସାବ ଆରଟିଆଇରେ ପ୍ରଦାନ କରାଯାଇନାହିଁ। ଏହି ପରିପ୍ରେକ୍ଷୀରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ସିଏଜିଙ୍କୁ ଅନୁରୋଧ କରିଛି ଯେ ସମଗ୍ର ବ୍ୟୟ ସାଧାରଣ ଆର୍ଥିକ ନିୟମ, ଓଡ଼ିଶା ଆର୍ଥିକ ନିୟମ ଏବଂ ପ୍ରଚଳିତ କ୍ରୟ ପ୍ରକ୍ରିୟା ଅନୁଯାୟୀ ହୋଇଛି କି ନାହିଁ, ସରକାରୀ ଅର୍ଥ ବ୍ୟବହାରରେ ସଞ୍ଚୟ, ସ୍ୱଚ୍ଛତା ଓ ଆର୍ଥିକ ଶୃଙ୍ଖଳାର ନୀତି ପାଳନ କରାଯାଇଛି କି ନାହିଁ, ବେସରକାରୀ ସଂସ୍ଥାମାନଙ୍କୁ ନିୟୋଜନରେ ନିୟମାନୁସାରେ ପ୍ରକ୍ରିୟା ଅନୁସରଣ କରାଯାଇଛି କି ନାହିଁ ସେ ସମ୍ବନ୍ଧରେ ଯାଞ୍ଚ କରାଯାଉ ଏବଂ ତଳ ମହାନଦୀ ଗସ୍ତର ବ୍ୟୟର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯାଉ। ଏହି ଅବସରରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି ଯେ ଏହି ଦାବିପତ୍ର କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ବିରୋଧରେ ଅଭିଯୋଗ ନୁହେଁ। ଏହାର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଜନସାଧାରଣଙ୍କ ଅର୍ଥର ସ୍ୱଚ୍ଛ ଓ ଜବାବଦେହିତାପୂର୍ଣ୍ଣ ଉପଯୋଗକୁ ସୁନିଶ୍ଚିତ କରିବା। ସେ କହିଛନ୍ତି ଯେ ମହାନଦୀ ବିବାଦ କୋଟି କୋଟି ଲୋକଙ୍କ ଜଳ ନିରାପତ୍ତା, କୃଷି, ଜୀବିକା ଓ ପରିବେଶ ସହ ଜଡ଼ିତ ଥିବାରୁ ଏହି ସମ୍ବନ୍ଧୀୟ ପ୍ରତ୍ୟେକ ସରକାରୀ ବ୍ୟୟ ସମ୍ବିଧାନିକ ଅଡିଟ୍ ବ୍ୟବସ୍ଥାର ନିରୀକ୍ଷଣ ଅଧୀନକୁ ଆସିବା ଉଚିତ। ଏହି ଦାବିପତ୍ରର ନକଲ ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ (ଅଡିଟ୍-୧), ଓଡ଼ିଶା, ମୁଖ୍ୟ ଶାସନ ସଚିବ, ଜଳ ସମ୍ପଦ ବିଭାଗର ପ୍ରଧାନ ସଚିବ, ଇଞ୍ଜିନିୟର-ଇନ୍-ଚିଫ୍, ଆକାଉଣ୍ଟାଣ୍ଟ ଜେନେରାଲ ଓ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର ଅଧ୍ୟକ୍ଷଙ୍କୁ ମଧ୍ୟ ପ୍ରେରଣ କରାଯାଇଛି।

---

# ବହୁ ପ୍ରତୀକ୍ଷିତ ସାନ୍ତାଳୀ ୱେବ୍‌ସାଇଟ୍ ‘ସାନ୍ତାଲ୍ ଭଏସେସ୍’ର ଶୁଭାରମ୍ଭ

ବାରିପଦା,୧୭(ସମିସ): ବହୁ ପ୍ରତୀକ୍ଷିତ ସାନ୍ତାଳୀ ଡିଜିଟାଲ ପୋର୍ଟାଲ “ସାନ୍ତାଲ୍ ଭଏସେସ୍‘ ହୁଲ୍ ଦିବସ ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଅନ୍‌ଲାଇନ୍ କାର୍ଯ୍ୟକ୍ରମ ମାଧ୍ୟମରେ ଶୁଭାରମ୍ଭ ହୋଇଛି। ସାନ୍ତାଳୀ ଭାଷା, ସାହିତ୍ୟ, ଇତିହାସ ଓ ସଂସ୍କୃତିର ଡିଜିଟାଲ ସଂରକ୍ଷଣ ଏବଂ ବିଶ୍ୱସ୍ତରରେ ପ୍ରଚାରପ୍ରସାର ଦିଗରେ ଏହାକୁ ଏକ ଐତିହାସିକ ପଦକ୍ଷେପ ବୋଲି କୁହାଯାଉଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭାରତ, ନେପାଳ ଓ ବାଂଲାଦେଶର ବିଭିନ୍ନ ସମ୍ପାଦକ, ଅବଦାନକାରୀ ଏବଂ ସାନ୍ତାଳୀ ଭାଷାର ଡିଜିଟାଲ କର୍ମୀମାନେ ଯୋଗଦେଇଥିଲେ। ଏହି ତିନୋଟି ଦେଶର ସାନ୍ତାଳୀ ସମ୍ପ୍ରଦାୟର ସମ୍ମିଳିତ ପ୍ରୟାସରେ ଏହି ପୋର୍ଟାଲ କାର୍ଯ୍ୟକ୍ଷମ କରାଯାଇଛି।

“ସାନ୍ତାଲ୍ ଭଏସେସ୍‘ ସମ୍ପୂର୍ଣ୍ଣ ଇଂରାଜୀ ଭାଷାରେ ପରିଚାଳିତ ଏକ ୱେବ୍‌ସାଇଟ୍, ଯାହାର ମୁଖ୍ୟ ଉଦ୍ଦେଶ୍ୟ ସାନ୍ତାଳୀ ଭାଷା, ସଂସ୍କୃତି, ଇତିହାସ, ସାହିତ୍ୟ, ବିଶିଷ୍ଟ ବ୍ୟକ୍ତିତ୍ୱ ଓ ସମକାଳୀନ ଘଟଣାବଳୀ ସମ୍ବନ୍ଧୀୟ ପ୍ରାମାଣିକ ତଥ୍ୟକୁ ବିଶ୍ୱ ସମୁଦାୟଙ୍କ ସମ୍ମୁଖରେ ପହଞ୍ଚାଇବା। ଏହି ଅବସରରେ ସାନ୍ତାଳୀ ଭାଷାର ଡିଜିଟାଲ କର୍ମୀ ରାମଜିତ ଟୁଡୁ କହିଥିଲେ ଯେ, ସମ୍ପ୍ରତି ଡିଜିଟାଲ ଯୁଗରେ ସାନ୍ତାଳ ସମାଜ ସମ୍ବନ୍ଧୀୟ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଇଣ୍ଟରନେଟ୍‌ରେ ଅନୁପସ୍ଥିତ ଥିବାରୁ, ସେହି ଅଭାବକୁ ପୂରଣ କରିବା ଏହି




ପୋର୍ଟାଲର ମୂଳ ଲକ୍ଷ୍ୟ। ସାନ୍ତାଳ ସମାଜ ସମ୍ବନ୍ଧୀୟ ବହୁ ମୂଲ୍ୟବାନ ତଥ୍ୟ ଏପର୍ଯ୍ୟନ୍ତ ଡିଜିଟାଲ ମାଧ୍ୟମରେ ଉପଲବ୍ଧ ନାହିଁ। ଏହି ତଥ୍ୟଗୁଡ଼ିକୁ ସଂଗ୍ରହ, ସଂରକ୍ଷଣ ଓ ବିଶ୍ୱସମ୍ମୁଖରେ ଉପସ୍ଥାପନ କରିବା ସାନ୍ତାଲ୍ ଭଏସେସ୍‌ର ପ୍ରମୁଖ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ଏହି ପୋର୍ଟାଲର ପରାମର୍ଶଦାତା ମଣ୍ଡଳୀରେ ଭାରତର ଆର୍. ଅଶ୍ୱିନୀ ବନ ମୁର୍ମୁ, ରାମଜିତ ଟୁଡୁ ଓ ଫାଗୁ ବାସ୍କେ ଥିବାବେଳେ, ବାଂଲାଦେଶରୁ ମାନିକ ସୋରେନ ପରାମର୍ଶଦାତା ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି।

ଏହାସହ ନେପାଳର ଶିବୁ ମୁର୍ମୁ ଏବଂ ବାଂଲାଦେଶର ଆଲ୍‌ବର୍ଟସ ଟୁଡୁ ସ୍ୱତନ୍ତ୍ର ପ୍ରତିନିଧି ଭାବେ ଆଞ୍ଚଳିକ ସମନ୍ୱୟ ଓ ବିଷୟବସ୍ତୁ ବିକାଶରେ ସହଯୋଗ କରିବେ। ୱେବ୍‌ସାଇଟ୍‌ର ମୁଖ୍ୟ ସମ୍ପାଦକ କାରିଆ ବାସ୍କେ ଥିବାବେଳେ, ବୋଦି ବାସ୍କି, ପ୍ରଶାନ୍ତ ହେମ୍ବ୍ରମ, ସୁଭାଷ କିସ୍କୁ, ବିଜେନ୍ଦ୍ର ହାଁସଦା ଏବଂ ଶେଖର ମୁର୍ମୁ, ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଝାଡ଼ଖଣ୍ଡରୁ ସହଯୋଗୀ ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି। ଦକ୍ଷିଣ ଏସିଆର ବିଭିନ୍ନ ଅଞ୍ଚଳର ସ୍ୱେଚ୍ଛାସେବୀମାନଙ୍କ ସହଯୋଗରେ “ସାନ୍ତାଲ୍ ଭଏସେସ୍‘ ସାନ୍ତାଳ ସମାଜର ଇତିହାସ, ଐତିହ୍ୟ, ସଫଳତା ଓ ସମକାଳୀନ ଘଟଣାବଳୀକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ସର୍ବାଧିକ ବିଶ୍ୱସନୀୟ ଇଂରାଜୀ ଡିଜିଟାଲ ପୋର୍ଟାଲ ହେବାର ଲକ୍ଷ୍ୟ ରଖିଛି।

## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ଆୟ ଓ ବ୍ୟୟ ସମାନ ରହିବ। ମାନ ସମ୍ମାନ ବୃଦ୍ଧି ପାଇବ। ଅଫିସ୍ କାର୍ଯ୍ୟ ପ୍ରଭାବିତ ହୋଇପାରେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିପାରେ। ପରିବାର ଲୋକଙ୍କ ସହ ହସଖୁସିର ସମୟ ବିତାଇବେ। ବ୍ୟବସାୟରେ ଲାଭ ମିଳିବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ଯୋଜନା ଅନୁଯାୟୀ କାମ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ନୂଆ କାର୍ଯ୍ୟ ଆରମ୍ଭ କରିବେ। ବିଦେଶ ଯାତ୍ରା ଯୋଗ ରହିଛି।

**କର୍କଟ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିବେ।

**ସିଂହ:** ଅଚାନକ ଖୁସି ଖବର ମିଳିପାରେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ।

**କନ୍ୟା:** ବ୍ୟବସାୟରୁ ଲାଭ ମିଳିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି।

**ବିଛା:** କାର୍ଯ୍ୟରେ ବାଧା ଆସିବ। ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଚକ୍ଷୁ ସମସ୍ୟା ହୋଇପାରେ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିପାରେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ।


**କୁମ୍ଭ:** ଧାର କରଜରୁ ଦୂରେଇ ରହିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ଆଶା ପୂରଣ ହେବ। କଳାକାରଙ୍କ ପାଇଁ ଅନୁକୂଳ ସମୟ। ଧନଲାଭ ଯୋଗ ଅଛି। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୩୦୬-ଆଲ୍ଲାଉଦ୍ଦିନ୍ ଖିଲ୍‌ଜି ସିୱାନା ଉପରେ ଆକ୍ରମଣ କଲେ।।
- ୧୮୯୭- ମାର୍କୋନି ରେଡିଓକୁ ପେଟେଣ୍ଟ କରାଇଲେ।
- ୧୯୪୦- ବ୍ରିଟିଶ୍ ସରକାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ଗିରଫ କଲେ।
- ୨୦୦୪- ମୁମ୍ବାଇର ଛତ୍ରପତି ଶିବାଜୀ ଟର୍ମିନସ୍‌କୁ ୟୁନେସ୍କୋ ଦ୍ୱାରା ବିଶ୍ୱ ଐତିହ୍ୟସ୍ଥଳର ମାନ୍ୟତା ମିଳିଲା।
- ୨୦୧୫- ଫିଲିପାଇନ୍ସରେ ୨୨୦ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ନୌକା ବୁଡ଼ିଯିବାରୁ ୬୨ ଲୋକଙ୍କ ପ୍ରାଣହାନି।

## ଆଜି ଆସିଥିଲେ: ସାରସ୍ୱତ ସାଧକ କାଳିନ୍ଦୀ ଚରଣ ପାଣିଗ୍ରାହୀ



କାଳିନ୍ଦୀ ଚରଣ ପାଣିଗ୍ରାହୀ ଓଡ଼ିଆ ସାହିତ୍ୟର ଜଣେ ଅଗ୍ରଗଣ୍ୟ କବି, ଔପନ୍ୟାସିକ, ଗାଳ୍ପିକ, ପ୍ରାବନ୍ଧିକ ଏବଂ ନାଟ୍ୟକାର ଥିଲେ। ସେ ଓଡ଼ିଆ ସାହିତ୍ୟର 'ସବୁଜ ଯୁଗ'ର ଅନ୍ୟତମ ପ୍ରବର୍ତ୍ତକ ଭାବେ ମଧ୍ୟ ବେଶ୍ ଜଣାଶୁଣା। ସେ ଅନ୍ନଦା ଶଙ୍କର ରାୟ, ବୈକୁଣ୍ଠନାଥ ପଟ୍ଟନାୟକ, ଶରତ ଚନ୍ଦ୍ର ମୁଖାର୍ଜୀ ଓ ହରିହର ମହାପାତ୍ରଙ୍କ ସହ ମିଶି ଓଡ଼ିଆ ସାହିତ୍ୟରେ 'ସବୁଜ ସାହିତ୍ୟ ସମିତି' ଗଠନ କରିଥିଲେ। ଏହି ସମୟର କବିତାଗୁଡ଼ିକରେ ରୋମାଣ୍ଟିକ୍ ଭାବଧାରା ଏବଂ ପ୍ରକୃତି ପ୍ରୀତି ଦେଖିବାକୁ ମିଳୁଥିଲା। କାଳିନ୍ଦୀ ଚରଣଙ୍କର କାଳଜୟୀ ସୃଷ୍ଟି ହେଉଛି 'ମାଟିର ମଣିଷ'। ଫକୀରମୋହନଙ୍କ 'ଛ ମାଣ ଆଠଗୁଣ୍ଠ' ପରେ 'ମାଟିର ମଣିଷ' ଦ୍ୱିତୀୟ ଶ୍ରେଷ୍ଠ ଉପନ୍ୟାସର ମାନ୍ୟତା ପାଇଛି। ଏହା ଓଡ଼ିଶାର ଗ୍ରାମୀଣ ସମାଜ, ପାରିବାରିକ ସଂହତି ଏବଂ ମାନବୀୟ ମୂଲ୍ୟବୋଧ ଉପରେ ଆଧାରିତ ଥିଲା। ଏହା ଉପରେ ପରବର୍ତ୍ତୀ ସମୟରେ ଏକ ସଫଳ ଓଡ଼ିଆ ଚଳଚ୍ଚିତ୍ର ମଧ୍ୟ ନିର୍ମିତ ହୋଇଥିଲା। ତାଙ୍କର ଅନ୍ୟାନ୍ୟ ଉପନ୍ୟାସଗୁଡ଼ିକ ହେଲା 'ଲୁହାର ମଣିଷ', 'ଆଜିର ମଣିଷ' ଏବଂ 'ମୁକ୍ତାଗଡ଼ର କ୍ଷୁଧା'। ନାଟ୍ୟକାର ଭାବେ ପରିଚିତ ହେଲେ ସେ 'ପଦ୍ମିନୀ', 'ପ୍ରିୟଦର୍ଶୀ', 'ସୌମ୍ୟା' ଆଦି ନାଟକ ରଚନାରେ। କାଳିନ୍ଦୀ ଚରଣ ପୁରୀ ଜିଲ୍ଲାର ବିଶ୍ୱନାଥପୁର ଗ୍ରାମରେ ୧୯୦୧ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ସ୍ୱପ୍ନେଶ୍ୱର ପାଣିଗ୍ରାହୀ ଜଣେ ଆଇନଜୀବୀ ଥିଲେ। ପୁରୀରେ ହିଁ କାଳିନ୍ଦୀଚରଣ ବାଲ୍ୟଜୀବନ ଓ ଶିକ୍ଷା ସମାପ୍ତ କରିଥିଲେ। ହାଇସ୍କୁଲ ସମାପ୍ତ କରି ସେ ରେଭେନ୍ସାରେ ନାମ ଲେଖାଇଥିଲେ। ରେଭେନ୍ସା ମହାବିଦ୍ୟାଳୟରେ ପଢ଼ିବା କାଳରେ କାଳିନ୍ଦୀ ଚରଣଙ୍କ ସାହିତ୍ୟ ପ୍ରତିଭାର ପରିଚୟ ମିଳିଲା। କଲେଜରେ ପଢ଼ିବା ସମୟରେ, ସେ 'ନନସେନ୍ସ କ୍ଲବ୍' ଗଠନ କରିଥିଲେ। ଏହି ସମୟରେ 'ସବୁଜ ଗୋଷ୍ଠୀ'ର ମୁଖପତ୍ର 'ଯୁଗବୀଣା'ରେ କାଳିନ୍ଦୀ ଚରଣଙ୍କ ଲେଖାମାନ ମଧ୍ୟ ପ୍ରକାଶ ପାଉଥିଲା। ପରବର୍ତ୍ତୀ ସମୟରେ, ବାଲେଶ୍ୱରରୁ ପ୍ରକାଶ ପାଉଥିବା ଏକ ଇଂରାଜୀ ଓ ତାଙ୍କ ନିଜ ଓଡ଼ିଆ ପତ୍ରିକାର ସେ ସମ୍ପାଦନା କରିବାକୁ ଲାଗିଲେ। କବିତାରୁ ହିଁ କାଳିନ୍ଦୀ ଚରଣଙ୍କ ସାହିତ୍ୟ ସର୍ଜନା ଆରମ୍ଭ ହୋଇଥିଲା। ଶବ୍ଦ ସଂଯୋଜନା ସହ ବିରହ ମିଳନ, ଆନନ୍ଦାଶ୍ରୁ, ପାଇବା ଓ ହଜାଇବାର ଭାରସାମ୍ୟ ପ୍ରତିଫଳିତ ହୋଇଥାଏ ତାଙ୍କ କବିତାରେ। ତାଙ୍କ ଲେଖାରେ ଓଡ଼ିଶାର ଗ୍ରାମ୍ୟ ପରିବେଶ, ଲୋକଙ୍କର ଆଚାରବିଚାର ପ୍ରମୁଖ ସ୍ଥାନ ପାଉଥିଲା। ଅନ୍ୟାୟ, ଅନୀତି ବିରୁଦ୍ଧରେ ତାଙ୍କ ସାହିତ୍ୟ ସ୍ୱର ଉତ୍ତୋଳନ କରୁଥିଲା। ସେ ଜଣେ ଦରଦୀ କବି ଓ ଜୀବନବାଦୀ ସାହିତ୍ୟିକ ଭାବରେ ପରିଚିତ। ଓଡ଼ିଆ ସାହିତ୍ୟ ଜଗତକୁ ତାଙ୍କର ଅବଦାନ ପାଇଁ ୧୯୭୧ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଫେଲୋ ସମ୍ମାନ ସହିତ ବହୁ ପୁରସ୍କାର ଓ ସମ୍ମାନର ମଧ୍ୟ ସେ ଅଧିକାରୀ ହୋଇଛନ୍ତି। ସେହିବର୍ଷ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଭୂଷଣ ସମ୍ମାନ ପ୍ରଦାନ କରାଯାଇଥିଲା। ୧୯୭୬ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡି.ଲିଟ୍ ଉପାଧି ଲାଭ କରିଛନ୍ତି। ୧୯୯୧ ମସିହା ମେ' ୧୫ ତାରିଖରେ ଏହି ମହାନ୍ ଲେଖକ ଦେହତ୍ୟାଗ କରିଥିଲେ।

## ମହିଳା ନୁହେଁ; ପୁରୁଷ ଢାଙ୍କନ୍ତି ମୁହଁ

ଏମିତି ଅନେକ ପରମ୍ପରା ରହିଛି, ଯାହା ଲୋକଙ୍କୁ ଆଶ୍ଚର୍ଯ୍ୟ କରିଥାଏ। ଏଭଳି ଏକ ଅନନ୍ୟ ଏବଂ ରହସ୍ୟମୟ ସଂସ୍କୃତି ହେଉଛି ସାହାରା ମରୁଭୂମିରେ ବାସ କରୁଥିବା 'ତୁଆରେଗ' ଜନଜାତିର। ଏହି ଜନଜାତିରେ ମହିଳାମାନଙ୍କ ବଦଳରେ ପୁରୁଷମାନେ ମୁହଁ ଘୋଡ଼ାଇ ରଖନ୍ତି ଏବଂ ବିବାହ ପରେ ସ୍ୱାମୀ ଯାଇ ସ୍ତ୍ରୀର ଘରେ ରହିଥାଏ। ଏହି ଜନଜାତି ନିଜର ଅନନ୍ୟ ପରମ୍ପରା ଏବଂ ମାତୃକୈନ୍ଦ୍ରିକ ସାମାଜିକ ବ୍ୟବସ୍ଥା ପାଇଁ ସାରା ବିଶ୍ୱରେ ଜଣାଶୁଣା। ଭାରତ ଏବଂ ଅନ୍ୟ କେତେକ ଦେଶରେ ସାଧାରଣତଃ ମହିଳାମାନେ ଓଢ଼ଣାରେ ମୁହଁ ଢାଙ୍କିଥାନ୍ତି। ହେଲେ ତୁଆରେଗ ସମାଜରେ ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳେ। ଏହି ସମାଜରେ ପୁରୁଷମାନେ ନିଜ ମୁହଁକୁ କପଡ଼ାରେ ଘୋଡ଼ାଇ ରଖିଥାଆନ୍ତି ଏବଂ ମହିଳାମାନେ ଖୋଲା ମୁହଁରେ ରୁହନ୍ତି। ଏଠାରେ ପୁରୁଷମାନେ ନିଜ ମୁହଁ ଏବଂ ମୁଣ୍ଡକୁ ଏକ ସ୍ୱତନ୍ତ୍ର ନୀଳ ରଙ୍ଗର କପଡ଼ାରେ ଘୋଡ଼ାଇ ରଖନ୍ତି, ଯାହାକୁ ସେମାନଙ୍କ ଭାଷାରେ 'ଟାଗେଲମଷ୍ଟ' କୁହାଯାଏ। ଏହି କପଡ଼ା କେବଳ ସେମାନଙ୍କର ସାଂସ୍କୃତିକ ପରିଚୟ ନୁହେଁ, ବରଂ ମରୁଭୂମିର ପ୍ରଖର ସୂର୍ଯ୍ୟକିରଣ, ଧୂଳି ଏବଂ ବାଲିରୁ ମଧ୍ୟ ସେମାନଙ୍କୁ ସୁରକ୍ଷା ଦେଇଥାଏ। ଏଠାରେ ଯୁବକଙ୍କୁ ୨୫ ବର୍ଷ ବୟସ ହୋଇଯିବା ପରେ ହିଁ ମୁହଁ ଢାଙ୍କିବାକୁ ପଡ଼ିଥାଏ। ଏହାପରେ ହିଁ ସେମାନେ ଯେକୌଣସି ସର୍ବସାଧାରଣ ସ୍ଥାନରେ ନିଜ ମୁହଁ ଲୁଚାଇ ରଖିପାରନ୍ତି। ଏହି କାରଣ ଯୋଗୁଁ ସେମାନଙ୍କୁ ସାହାରାର ନୀଳ ପୁରୁଷ ବୋଲି କୁହାଯାଏ। କାରଣ ସମୟ ସହିତ ଏହି ପୋଷାକର ନୀଳ ରଙ୍ଗ ସେମାନଙ୍କ ମୁହଁରେ ଲାଗିଯାଏ। ଏହିପରି ଭାବେ ସେମାନଙ୍କ ପରିଚୟ ଆହୁରି ସ୍ୱତନ୍ତ୍ର ହୋଇଯାଏ। ଏହାବାଦ୍ ଏଠାରେ ପୁରୁଷ ବାହାଘର ପରେ ନିଜ ଘରେ ନୁହେଁ, ବରଂ ପତ୍ନୀଙ୍କ ଘରେ ରହନ୍ତି। ଏହି ସମାଜ ପୂରା ମାତୃକୈନ୍ଦ୍ରିକ ବ୍ୟବସ୍ଥା ଉପରେ ଆଧାରିତ। ପଶୁ ସମ୍ପଦ ଏବଂ ଘରୋଇ ଜିନିଷ ବି ମହିଳାଙ୍କ ପାଖରେ ରହେ। ଯଦି କୌଣସି କାରଣବଶତଃ ଛାଡ଼ପତ୍ର ହୋଇଯାଏ, ତେବେ ପୁରୁଷଙ୍କୁ ଘର ଛାଡ଼ି ଯିବାକୁ ପଡ଼ିଥାଏ। ହେଲେ ପିଲା ନିଜ ମା'ଙ୍କ ପାଖରେ ରହନ୍ତି। ଏହି ସମାଜରେ ନିଜ ଇଚ୍ଛାରେ ବିବାହ କରିବାର ଅଧିକାର ମହିଳାଙ୍କର ଅଛି ଏବଂ ଦରକାର ପଡ଼ିଲେ ଛାଡ଼ପତ୍ର ନେଇପାରିବେ। ଏଠାରେ ମହିଳାମାନେ କେବଳ ପରିବାର ସମ୍ଭାଳି ନ ଥାନ୍ତି, ସାମାଜିକ ଏବଂ ଆର୍ଥିକ କାମରେ ବି ବେଶ୍ ସକ୍ରିୟ ରୁହନ୍ତି। ମହିଳାମାନେ ପାରମ୍ପରିକ ଗୀତ, ନୃତ୍ୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ମନ ଖୋଲି ସାମିଲ ହୁଅନ୍ତି। ଏହି ଜନଜାତି ମୁଖ୍ୟତଃ ମାଲି, ନାଇଜର, ଆଲଜେରିଆ, ଲିବିଆ ଏବଂ ବୁର୍କିନାଫାସୋ ଭଳି ଦେଶର ମରୁଭୂମି ଅଞ୍ଚଳରେ ବାସ କରନ୍ତି। ଆଜିର ସମୟରେ ଶିକ୍ଷା ଏବଂ ସହରୀ ଜୀବନର ପ୍ରଭାବ ଯୋଗୁଁ କିଛି ଯୁବକ ଏହି ପରମ୍ପରାଠାରୁ ଦୂରେଇ ଯାଉଛନ୍ତି, କିନ୍ତୁ ଗାଁଗୁଡ଼ିକରେ ଏହି ସଂସ୍କୃତି ଆଜି ବି ସେମିତି ରହିଛି।

## ଅଗଷ୍ଟ ୧୫ରେ ମହାଲଢ଼େଇ
## 'ଆୱାରାପନ୍ ୨' ବନାମ 'ବଟୱାରା ୧୯୪୭'





ବକ୍ସ ଅଫିସ୍‌ରେ ଫିଲ୍ମଗୁଡ଼ିକ ମଧ୍ୟରେ ଟକ୍କର ହେବା ଏକ ସାଧାରଣ କଥା ହୋଇଗଲାଣି। ଏବେ ଏକାସାଙ୍ଗେ ତିନି ଚାରୋଟି ଫିଲ୍ମ ରିଲିଜ୍ ହେଉଛି। ଅନେକ ସମୟରେ ଏଥିପାଇଁ ପ୍ରଯୋଜକମାନଙ୍କୁ ବଡ଼ ଧରଣର କ୍ଷତି ସହିବାକୁ ପଡୁଥିବା ବେଳେ କେତେକ ସମୟରେ ଲାଭ ମଧ୍ୟ ହୋଇଥାଏ। ଏଭଳି ପରିସ୍ଥିତିରେ, ସ୍ୱାଧୀନତା ଦିବସ ଅବସରରେ ବକ୍ସ ଅଫିସ୍‌ରେ ଏକ ବଡ଼ ଧମାକା ହେବାକୁ ଯାଉଛି, ଯେଉଁଥିରେ ଦୁଇଟି ବଡ଼ ଫିଲ୍ମ ମଧ୍ୟରେ ଜବରଦସ୍ତ ଟକ୍କର ଦେଖିବାକୁ ମିଳିବ। ଏଥିରେ ସନ୍ନି ଦେଓଲ ଏବଂ ଇମ୍ରାନ୍ ହାସମୀଙ୍କ ମଧ୍ୟରେ ଏକ କଡ଼ା ମୁକାବିଲା ଦେଖିବାକୁ ମିଳିବ। ଇମ୍ରାନ୍‌ଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଆୱାରାପନ୍ ୨' ଏବେ ବେଶ୍ ଚର୍ଚ୍ଚାରେ ରହିଛି। ଏହି ଫିଲ୍ମଟି ୨୦୦୭ରେ ରିଲିଜ୍ ହୋଇଥିବା 'ଆୱାରାପନ୍' ଫିଲ୍ମର ସିକ୍ୱେଲ୍। ନିକଟରେ ଏହାର ଦମ୍‌ଦାର୍ ଟିଜର୍ ରିଲିଜ୍ ହେବା ପରେ ଦର୍ଶକଙ୍କର ଫିଲ୍ମକୁ ନେଇ ଉତ୍ସାହ ବଢ଼ି ଯାଇଛି। ୧୪ ଅଗଷ୍ଟ, ୨୦୨୬ରେ ଏହା ସିନେମାହଲ୍‌ରେ ରିଲିଜ୍ ହେବ। ଏଥିରେ ଇମ୍ରାନ୍‌ଙ୍କ ବିପକ୍ଷରେ ଦିଶା ପଟାନୀ ନଜର ଆସିବେ। ଏହା ସହିତ ଜେନେଲିଆ ଦେଶମୁଖ ଏବଂ ଶବାନା ଆଜମୀ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖାଯିବେ। ଅପରପକ୍ଷରେ 'ଗଦର ୨', 'ବର୍ଡର ୨' ଏବଂ 'ଜାଟ୍' ପରେ ଏବେ ସନ୍ନି 'ବଟୱାରା ୧୯୪୭'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ୧୩ ଅଗଷ୍ଟ, ୨୦୨୬ରେ ଏହା ସିନେମାହଲ୍‌ରେ ରିଲିଜ୍ ହେବ। ଆସନ୍ତା ୧୫ ଅଗଷ୍ଟ ସପ୍ତାହନ୍ତରେ 'ବଟୱାରା ୧୯୪୭' ଏବଂ 'ଆୱାରାପନ୍ ୨' ବକ୍ସ ଅଫିସ୍‌ରେ ସାମ୍ନାସାମ୍ନି ହେବେ। ଇମ୍ରାନ୍‌ଙ୍କ ଫିଲ୍ମ ପାଇଁ ଏକ ପ୍ଲସ୍ ପଏଣ୍ଟ ହେଲା, ଏହାର ମୂଳ ଫିଲ୍ମ ବେଶ୍ ଲୋକପ୍ରିୟ ଥିଲା। ସବୁଠୁ ବଡ଼ କଥା ହେଉଛି ଏହା ଏକ ମ୍ୟୁଜିକାଲ୍ ରୋମାଣ୍ଟିକ ଡ୍ରାମା ଫିଲ୍ମ। ଏଭଳି ଫିଲ୍ମକୁ ସାଧାରଣତଃ ଦର୍ଶକେ ଅଧିକ ପସନ୍ଦ କରନ୍ତି। 'ଆୱାରାପନ୍ ୨'କୁ ନେଇ ଅନୁମାନ କରାଯାଉଛି ଯେ ଏହା 'ସୈୟାରା'ର (୨୨ କୋଟି ପ୍ରଥମ ଦିନର ଆୟ) ରେକର୍ଡକୁ ମଧ୍ୟ ପଛରେ ପକାଇ ଦେଇପାରେ। ଅନ୍ୟପଟେ, ସନ୍ନିଙ୍କ ଫିଲ୍ମ 'ବଟୱାରା ୧୯୪୭' ମଧ୍ୟ ବେଶ୍ ଚର୍ଚ୍ଚାରେ ରହିଛି। ଏହି ଫିଲ୍ମରେ ଦେଶ ବିଭାଜନ ସମୟର କାହାଣୀ ଦେଖିବାକୁ ମିଳିବ। ଅନ୍ୟପଟେ ଲଗାତାର ସନ୍ନିଙ୍କର ଫିଲ୍ମଗୁଡ଼ିକ ହିଟ୍ ହୋଇଥିବାରୁ ଏହା ମଧ୍ୟ ବକ୍ସ ଅଫିସ୍‌ରେ ଭଲ ବିଜିନେସ୍ କରିବ ବୋଲି ଆଶା କରାଯାଉଛି। ତେବେ ଇମ୍ରାନ୍ କି ସନ୍ନି କିଏ ଦର୍ଶକଙ୍କ ହୃଦୟ ଜିଣି ପାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ପ୍ରଥମ ମହିଳା ବାଉନ୍ସର



ବାଉନ୍ସର କହିଲେ, ଲମ୍ବା, ଚଉଡ଼ା ଏବଂ କଳାପୋଷାକ ପିନ୍ଧା ପୁରୁଷଙ୍କ ଦୃଶ୍ୟ ସାମ୍ନାକୁ ଆସିଥାଏ। ଯେଉଁମାନେ ସିନେ ତାରକା, ରାଜନେତା ସମେତ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସୁରକ୍ଷାରେ ମୁତୟନ ହୋଇଥାନ୍ତି। ଏହାକୁ ପୁରୁଷଙ୍କ କାର୍ଯ୍ୟ ବୋଲି କୁହାଯାଏ। ହେଲେ ଏବେ ଏ ଦିଗରେ ମହିଳାଙ୍କ ପ୍ରବେଶ ହୋଇଛି। ଭାରତର ପ୍ରଥମ ମହିଳା ବାଉନ୍ସର ଭାବେ ମେହେରୁନ୍ନିସା ଶୌକତ୍ ଅଲ୍ଲୀ ବେଶ୍ ପ୍ରସିଦ୍ଧି ଲାଭ କରିଛନ୍ତି। ସମାଜର ରଢ଼ିବାଦୀ ଚିନ୍ତାଧାରାକୁ ଆଡ଼େଇ ମର୍ଦ୍ଦାନୀ ବାଉନ୍ସର ଭାବେ ସେ ଦୁଇଦଶନ୍ଧି ଧରି ପୁରୁଷ ପ୍ରାଧାନ୍ୟ ସମାଜରେ ସୁରକ୍ଷା କାର୍ଯ୍ୟ କରିଆସୁଛନ୍ତି।

ଉତ୍ତରପ୍ରଦେଶ ସହାରନପୁରର ଏକ ଛୋଟ ସହରରେ ମେହେରୁନ୍ନିସା ଜନ୍ମ ହୋଇଥିଲେ। ପିଲାବେଳୁ ପୁଲିସ ଏବଂ ସେନାରେ କାର୍ଯ୍ୟ କରିବା ପାଇଁ ତାଙ୍କର ଖୁବ୍ ଆଗ୍ରହ ଥିଲା। ହେଲେ ପରିବାର ବିରୋଧ ଯୋଗୁ ସେ ଏହା କରିପାରି ନଥିଲେ। ତାଙ୍କ ପରିବାରରେ ଝିଅ ବାହାରକୁ ଯିବା, ପାଠପଢ଼ିବାକୁ ଅପରାଧ ମନାଯାଏ। ଏହା ସତ୍ତ୍ୱେ ସେ ଘରେ ଲୁଚିଛପି, ପାଠପଢ଼ିଲେ। ଏହା ତାଙ୍କ ପିତା ଜାଣିବା ପରେ ବହି ଜାଳି ଦେଇଥିଲେ। ଫଳରେ ସେ ଭାଙ୍ଗି ପଡ଼ିଥିଲେ। ପରେ ମାଆଙ୍କ ସମର୍ଥନ କ୍ରମେ ମେହେରୁନ୍ନିସା ପାଠପଢ଼ା ଜାରି ରଖିଥିଲେ। ସେୟାର ମାର୍କେଟରେ କ୍ଷତି ହେବା ପରେ ତାଙ୍କ ପିତାଙ୍କର ହୃଦ୍‌ଘାତ ହୋଇଥିଲା। ପିତାଙ୍କୁ ଦେଖିବା ପାଇଁ ହସ୍‌ପିଟାଲ୍ ଯିବାବେଳେ ସେଠାରେ ସେ ଛିଡ଼ା ହୋଇଥିବା ହଟାକଟା ବାଉନ୍ସରଙ୍କୁ ଦେଖିଥିଲେ। ଏହା ଦେଖି ମହିଳାମାନେ ମଧ୍ୟ ବାଉନ୍ସର ହୋଇପାରିବେ ବୋଲି ସେ ଅନୁଭବ କରିଥିଲେ। ଏହାପରେ ସେ ୨୦୦୩ ମସିହାରେ ସେ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ।

ପାଞ୍ଚ ଫୁଟ୍ ପାଞ୍ଚ ଇଞ୍ଚ, ଉଚ୍ଚତା ଦେଖି ଲୋକେ ତାଙ୍କୁ ପ୍ରଥମେ ସିକ୍ୟୁରିଟି ଗାର୍ଡ ଭାବୁଥିଲେ। ଏଥିପାଇଁ ସେ କଠିନ ପରିଶ୍ରମ ଏବଂ ତାଲିମ୍ ନେଇ ନିଜକୁ ଦକ୍ଷ କରିଥିଲେ। ପରବର୍ତ୍ତୀ ସମୟରେ ବାଉନ୍ସର ଭାବେ ପରିଚିତ ହେଲେ। ପ୍ରିୟଙ୍କା ଚୋପ୍ରା, ସୋନୁ ନିଗମ୍, ଶାହରୁଖ ଏବଂ ସଲ୍‌ମାନ୍ ଖାନଙ୍କ ସମେତ ଅନେକ ବଲିଉଡ୍ ତାରକାଙ୍କ ବାଉନ୍ସର ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କର ଦୃଢ଼ ମନୋବଳ ଏବଂ ପରିଶ୍ରମ ଅନ୍ୟ ମହିଳାଙ୍କୁ ଏ ଦିଗରେ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଛି। ଲୋକେ ତାଙ୍କୁ ଦେଖିଲେ ଆଗ୍ରହର ସହ ସେଲ୍‌ଫି ନେବା ପାଇଁ ଆଗେଇ ଆସନ୍ତି ବୋଲି ସେ କୁହନ୍ତି। ଦିଲ୍ଲୀରେ ସେ ନିଜର ଏକ ସୁରକ୍ଷା ସଂସ୍ଥା ପ୍ରତିଷ୍ଠା କରିଛନ୍ତି। ଏଥିରେ ସେ ଅନ୍ୟ ମହିଳାଙ୍କୁ ତାଲିମ୍ ଦେଇ ରୋଜଗାରକ୍ଷମ କରିଛନ୍ତି। ସେହିପରି ସେ ଦିଲ୍ଲୀର ପ୍ରତିଷ୍ଠିତ ନାଇଟ୍ କ୍ଲବ୍, ପବ୍ ଆଦିରେ ଲୋକଙ୍କୁ ସୁରକ୍ଷା ଦେବାରେ ବାଉନ୍ସର ଭାବେ କାର୍ଯ୍ୟ କରୁଛନ୍ତି।

# ସୁଶ୍ରୀ

## ହଜିଯାଉଥିବା ସ୍ୱାଦ: ତାୱା ସିଙ୍ଗଡ଼ା



**ଆବଶ୍ୟକ ସାମଗ୍ରୀ**

ମଇଦା – ୨୦୦ ଗ୍ରାମ୍, ଦହି – ଅଧା କପ୍, ବେକିଙ୍ଗ୍ ସୋଡ଼ା – ଏକ ଚାମଚ, ଘିଅ – ଏକ ଚାମଚ, ସିଝା ଆଳୁ – ଦୁଇଟି, ଗ୍ରୀନ୍‌ମଟର – ଏକ କପ୍, ଜୀରା – ଏକଚାମଚ, ଧନିଆ – ଏକ ଚାମଚ, ପାନମହୁରୀ – ଅଧା ଚାମଚ, ସୋରିଷ – ଅଧା ଚାମଚ, ହଳଦୀଗୁଣ୍ଡ – ଅଧା ଚାମଚ, ଲଙ୍କା ଗୁଣ୍ଡ – ଅଧା ଚାମଚ, କସୁରୀ ମେଥି – ଅଧା ଚାମଚ, ଧନିଆ ପାଉଡର୍ – ଅଧା ଚାମଚ, ଲୁଣ ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

**ପ୍ରସ୍ତୁତି ପ୍ରଣାଳି**

ଗୋଟିଏ ପାତ୍ରରେ ଅଧା କପ୍ ଦହି, ଅଧା ଚାମଚ ଚିନି, ଲୁଣ, ବେକିଂସୋଡ଼ା, ମଇଦା ସହ ଅଳ୍ପ ପାଣି ଦେଇ ଅଟା ଭଳି ଚକଟି ଘୋଡ଼ାଇ ରଖନ୍ତୁ। ଏହାପରେ ଏକ ପାତ୍ରରେ ସିଝାଆଳୁ ଛଡ଼ାଇ ଚକଟନ୍ତୁ। ଗ୍ୟାସ୍ ଲଗାଇ ପ୍ୟାନ୍ ବସାନ୍ତୁ। ସେଥିରେ ଅଳ୍ପ ତେଲ ଜିରା, ପାନମହୁରୀ, ଗୋଟାଧନିଆ, ସୋରିଷ, କଟାଅଦା, ଗ୍ରୀନ୍‌ମଟର ଦେଇ ଗୋଳାଇ ଦିଅନ୍ତୁ। ଏହାପରେ ସେଥିରେ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଧନିଆଗୁଣ୍ଡ, ଆମଚୁର ପାଉଡର୍ ଦେଇ ଭାଜନ୍ତୁ। ପରେ ଏହାକୁ କାଢ଼ି ଚକଟି ରଖିଥିବା ଆଳୁରେ ପକାଇ ଗୋଳାନ୍ତୁ। ଏହାପରେ ଚକଟି ରଖିଥିବା ମଇଦାକୁ ଛୋଟ ଗୁଳା କରି ବେଲନ୍ତୁ। ସେଥିରେ ଆଳୁ ଷ୍ଟଫି ଦେଇ ମଇଦାକୁ ତ୍ରିଭୂଜାକାର ଦିଅନ୍ତୁ। କଡ଼େଇରେ ତାୱା ବସାଇ ଅଳ୍ପ ତେଲ ଦେଇ ସିଙ୍ଗଡ଼ାକୁ ସେକନ୍ତୁ। ଦୁଇପାଖ ନାଲି ହୋଇଗଲେ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ତାୱା ସିଙ୍ଗଡ଼ା'।

## ମୋତି ନିର୍ମିତ ହୁପ୍ ଇୟରିଂ

**ମୁଖମଣ୍ଡଳର ସୌନ୍ଦର୍ଯ୍ୟକୁ ବଢ଼ାଇବାରେ କାନଫୁଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ବଜାରରେ ଭଳିକିଭଳି ଇମିଟେସନ୍‌ର କାନଫୁଲ ମିଳୁଛି। ହେଲେ ହାତ ତିଆରି କାନଫୁଲ ପିନ୍ଧିବାକୁ ପସନ୍ଦ କରୁଥିଲେ ମୋତି ବ୍ୟବହାର କରି ଘରେ ଆକର୍ଷଣୀୟ କାନଫୁଲ ତିଆରି ପାରିବେ।**



**ଗୋଲାକାର ପର୍ଲ ଇୟରିଙ୍ଗ୍**

ଗୋଲାକାର ରିଙ୍ଗ୍ କାନଫୁଲ ପିନ୍ଧିବାକୁ ଚାହୁଁଥିଲେ ସୁନେଲି ତାରରେ ମୋତିମାଳି ଗୁନ୍ଥି ଏହି କାନଫୁଲ ତିଆରି ପାରିବେ। ଏହା ବିଶେଷ କରି ଧଳା ରଙ୍ଗର ପୋଷାକରେ ଭଲ ମାନିଥାଏ।

**ସିଙ୍ଗଲ୍ ପର୍ଲ**

ଲୁକ୍‌କୁ ପରଫେକ୍ଟ ଏବଂ ଷ୍ଟାଇଲିସ୍ କରିବାକୁ ଚାହୁଁଥିଲେ, ସିଙ୍ଗଲ୍ ପର୍ଲ ଡିଜାଇନ୍ କାନଫୁଲ ପିନ୍ଧିପାରିବେ। ଏ ପ୍ରକାର ଇୟରିଙ୍ଗ୍ ଟ୍ରେଣ୍ଡରେ ରହିଛି। ଅଧିକାଂଶ ମହିଳାଙ୍କର ଏହା ପ୍ରିୟ ହୋଇଥାଏ।

**ହୁପ୍ ଇୟରିଙ୍ଗ୍**

ପାର୍ଟି, ଫଙ୍କ୍‌ସନ୍‌ରେ ନିଜକୁ ଷ୍ଟାଇଲିଶ୍ ଏବଂ ଆକର୍ଷଣୀୟ ଲୁକ୍ ଦେବାକୁ ଚାହୁଁଥିଲେ, ଘରେ ଗୋଲଡେନ୍ ୱେୟାର୍ ପର୍ଲ ହୁପ୍ ଡିଜାଇନ କାନଫୁଲ ତିଆରିପାରିବେ। ଏହା ସୁନ୍ଦର ଦିଶିଥାଏ। ମହିଳାଙ୍କ ମଧ୍ୟରେ ଏହି କାନଫୁଲ ଟ୍ରେଣ୍ଡରେ ରହିଛି।

## ଡେଲିଭରି ପରେ ପିନ୍ଧନ୍ତୁ ଏପରି ପୋଷାକ



**ସାଧାରଣତଃ ମାଆ ହେବା ପରେ ଜୀବନଶୈଳୀରେ ନାନା ପରିବର୍ତ୍ତନ ହୋଇଥାଏ। ମହିଳାମାନେ ସୁନ୍ଦରଠୁ ଅଧିକ ସୁବିଧାଜନକ ଏବଂ ଆରାମଦାୟକ ଆଉଟ୍‌ଫିଟ୍ ପିନ୍ଧିବାକୁ ପସନ୍ଦ କରନ୍ତି। ତେବେ ନୂଆ କରି ମାଆ ହୋଇଥିଲେ କିପରି ପୋଷାକ ପିନ୍ଧିବେ ଜାଣି ରଖନ୍ତୁ।**

**କୋ–ଅର୍ଡ ସେଟ୍**

କୋ-ଅର୍ଡ ସେଟ୍‌କୁ ମହିଳାମାନେ ଅଧିକ ପସନ୍ଦ କରୁଛନ୍ତି। ଏହା ପିନ୍ଧିବାକୁ ଆରାମଦାୟକ ହୋଇଥିବାବେଳେ, ଏଥିରୁ ଏକ କ୍ଲାସି ଲୁକ୍ ମିଳିଥାଏ। ଏହାକୁ ଉଭୟ ଘର ଏବଂ ବାହାର ପିନ୍ଧା କରିପାରିବେ।

**ମ୍ୟାକ୍ସି ଏବଂ ରାପ୍ ଡ୍ରେସ୍**

ସିମ୍ପଲ ଲୁକ୍ ଚାହୁଁଥିଲେ, ମ୍ୟାକ୍ସି ଏବଂ ରାପ୍ ଡ୍ରେସ ପିନ୍ଧିପାରିବେ। ଏହା ପୋଷ୍ଟ ପ୍ରେଗ୍‌ନେସି ମହିଳାଙ୍କୁ ଭଲ ମାନିଥାଏ। ଫ୍ଲୋରାଲ୍ ପ୍ରିଣ୍ଟ ଏବଂ ପେଷ୍ଟାଲ୍ ରଙ୍ଗ ପୋଷାକରୁ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ।

**ନରମ ଫାବ୍ରିକ୍ ଚୟନ କରନ୍ତୁ**

ସର୍ବଦା ସାଧା, ସିଧା ଏବଂ ଆରାମଦାୟକ କପଡ଼ା ଚୟନ କରନ୍ତୁ। କଟନ ଲେଲିନ୍ ଏବଂ ଷ୍ଟ୍ରେଚ୍‌ବୁଲ୍ କପଡ଼ା ନୂଆ ମାଆଙ୍କ ପାଇଁ ଭଲ ହୋଇଥାଏ। ତେଣୁ ଚାହିଁଲେ ଫ୍ଲୋରାଲ କଟନ ଫ୍ରକ୍ ମଧ୍ୟ ପିନ୍ଧିପାରିବେ।

## ଆଖି ଅନୁଯାୟୀ କଜଳ ଲଗାନ୍ତୁ

କଜଳ ଆଖିକୁ ଆକର୍ଷଣୀୟ କରିଥାଏ। ଏଥିପାଇଁ ଅଧିକାଂଶ ମହିଳା କଜଳ ଲଗାଇବାକୁ ପସନ୍ଦ କରନ୍ତି। ହେଲେ ଅନେକେ ମହିଳା କଜଳକୁ ମୋଟା, ପତଳା କିଭଳି ଲଗାଇବେ ତାକୁ ନେଇ ଦ୍ୱନ୍ଦରେ ଥାଆନ୍ତି। ତେବେ ଆଖି ଆକାର ଅନୁଯାୟୀ ଲଗାନ୍ତୁ କଜଳ।

**ଆଖି ଛୋଟ ଥିଲେ**

ଛୋଟ ଆଖିକୁ ସୁନ୍ଦର ଏବଂ ଆକର୍ଷଣୀୟ କରିବାକୁ ଚାହୁଁଥିଲେ, ଆଖିର ତଳ ପାଖରେ ମୋଟା ପରିବର୍ତ୍ତେ ପତଳା ଆକାରରେ କଳା ଲଗାନ୍ତୁ। ଛୋଟ ଆଖି ପାଇଁ ଏହା ଖୁବ୍ ଭଲ ହୋଇଥାଏ। ସେହିପରି ଆଖି କୋଣରେ ମଧ୍ୟ ପତଳା କଳା ଲଗାଇବା ଆବଶ୍ୟକ।

**ଆଖିର ଆକାର ବଡ଼ ଥିଲେ**

ସାଧାରଣତଃ ଆଖି ଆକାର ବଡ଼ ଥିଲେ, ଆଖିରେ ବୋଲ୍‌ଡ ଏବଂ ଗାଢ଼ରଙ୍ଗର କଳା ଲଗେଇ ଆଖିକୁ ସୁନ୍ଦର କରିପାରିବେ। କାରଣ ବଡ଼ ଆଖିରେ ପତଳା କଳା ଲଗାଇଲେ ଏହା ସେତେ ସୁନ୍ଦର ଦେଖାଯାଏନି। ତେଣୁ ବଡ଼ ଆଖି ଥିବା ମହିଳାମାନେ ମୋଟା କଳା ଲଗାଇଲେ ଏହା ଆଖି ସୌନ୍ଦର୍ଯ୍ୟକୁ ଦ୍ୱିଗୁଣା କରିଥାଏ।




# ଏମ୍ବାପ୍ପେ ମ୍ୟାଜିକ୍; ପ୍ରି-କ୍ୱାର୍ଟରରେ ଫ୍ରାନ୍ସ

ନ୍ୟୁୟର୍କ, ୧।୭ (ଏଜେନ୍ସି):

ଷ୍ଟାର୍ ଷ୍ଟ୍ରାଇକର କିଲିଆନ ଏମ୍ବାପ୍ପେଙ୍କ ଡବଲ୍ ଗୋଲ୍ ବଳରେ ଏଠାରେ ବୁଧବାର ସକାଳେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ର ଏକ ମ୍ୟାଚରେ ଶକ୍ତିଶାଳୀ ଫ୍ରାନ୍ସ ୩-୦ ଗୋଲ୍‌ରେ ସ୍ୱିଡେନକୁ ପରାସ୍ତ କରିଛି। ଦୁଇଥରର ବିଶ୍ୱବିଜେତା ଫ୍ରାନ୍ସ ଏହି ବିଜୟ ସହ ବିଶ୍ୱକପ୍‌ର ରାଉଣ୍ଡ-୧୬ ତଥା ପ୍ରି-କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛି। ପ୍ରି-କ୍ୱାର୍ଟରରେ ଫ୍ରାନ୍ସର ମୁକାବିଲା ଶନିବାର ରାତିରେ ପାରାଗୁଏ ସହ ହେବ। ଅପରପକ୍ଷରେ ପରାଜୟ ସହ ସ୍ୱିଡେନର ବିଶ୍ୱକପ୍ ଅଭିଯାନ ଶେଷ ହୋଇଛି।

ସ୍ଥାନୀୟ ନ୍ୟୁଜର୍ସି ଷ୍ଟାଡିୟମରେ ଅନୁଷ୍ଠିତ ଏହି ରାଉଣ୍ଡ ଅଫ୍ ୩୨ ମୁକାବିଲାରେ ବିଶ୍ୱର ଏକ ନମ୍ବର ଦଳ ଫ୍ରାନ୍ସକୁ ଆରମ୍ଭରୁ ସ୍ୱିଡେନ କଡ଼ା ଟକ୍କର ଦେଇଥିଲା। ବିଶ୍ୱ ମାନ୍ୟତାର ୩୭ତମ ସ୍ଥାନରେ ରହିଥିବା ସ୍ୱିଡେନର ଶକ୍ତିଶାଳୀ ରକ୍ଷଣଭାଗକୁ ଫ୍ରାନ୍ସ ଷ୍ଟ୍ରାଇକରମାନେ ଭେଦ କରିବାରେ ବିଫଳ ହୋଇଥିଲେ। ତେବେ ପ୍ରଥମାର୍ଦ୍ଧର ଅନ୍ତିମ ମିନିଟ୍ (୪୫ତମ)ରେ ଫ୍ରାନ୍ସ ଖାତା ଖୋଲିବାରେ ସଫଳ ହୋଇଥିଲେ। ଓଉସମାନ ଡେମ୍ବେଲଙ୍କ ପାସକୁ ଉଦୀୟମାନ ଷ୍ଟ୍ରାଇକର ଏମ୍ବାପ୍ପେ କୌଣସି ତ୍ରୁଟି ନ କରି ବଲ୍‌କୁ ସ୍ୱିଡେନ ଗୋଲ୍ ପୋଷ୍ଟ ମଧ୍ୟକୁ ପଠାଇ ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧରେ ଫ୍ରାନ୍ସ ୧-୦ ଅଗ୍ରଣୀ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧରେ କିନ୍ତୁ ଫ୍ରାନ୍ସ ଖେଳାଳି ଅଧିକ ଆକ୍ରମଣାତ୍ମକ ମନୋଭାବ ନେଇ ପଡ଼ିଆକୁ ଆସିଥିଲେ। ୫୩ତମ ମିନିଟ୍‌ରେ ବ୍ରାଡଲୀ ବାର୍କୋଲାଙ୍କ ଗୋଲ୍ ଫ୍ରାନ୍ସର ଅଗ୍ରଣୀକୁ ୨-୦କୁ ବୃଦ୍ଧି କରିଥିଲା।




## କ୍ଲୋଜଙ୍କୁ ଟପିଲେ ଏମ୍ବାପ୍ପେ

ଫ୍ରାନ୍ସର ଷ୍ଟାର ଖେଳାଳି କିଲିଆନ ଏମ୍ବାପ୍ପେ ସ୍ୱିଡେନ ବିପକ୍ଷରେ ଡବଲ୍ ଗୋଲ୍ ଦେଇ ଦଳକୁ ବିଶ୍ୱକପ୍‌ର ପ୍ରି-କ୍ୱାର୍ଟରରେ ପହଞ୍ଚାଇଛନ୍ତି। ଏଥିସହ ଫିଫା ବିଶ୍ୱକପ୍ ଇତିହାସରେ ଏମ୍ବାପ୍ପେ ଦ୍ୱିତୀୟ ସର୍ବାଧିକ ଗୋଲ୍‌ସ୍କୋରର ହୋଇଛନ୍ତି। ୨୭ ବର୍ଷୀୟ ଏମ୍ବାପ୍ପେ ବର୍ତ୍ତମାନ ବିଶ୍ୱକପରେ ମୋଟ୍ ୧୮ ମ୍ୟାଚ୍ ଖେଳି ୧୮ ଟି ଗୋଲ୍ ଦେଇଛନ୍ତି। ଆର୍ଜେଣ୍ଟିନା ଅଧିନାୟକ ତଥା ମହାନ ଖେଳାଳି ଲିଓନେଲ ମେସି ୧୯ ଗୋଲ୍ ସହ ଏହି ତାଲିକାର ଶୀର୍ଷରେ ରହିଛନ୍ତି। ସେହିଭଳି ତୃତୀୟ ସ୍ଥାନରେ ରହିଥିବା ଜର୍ମାନୀର ପୂର୍ବତନ ଖେଳାଳି ମିରୋସ୍ଲାଭ କ୍ଲୋଜ ୧୬ଟି ଗୋଲ୍ ଦେଇଛନ୍ତି। ଫଳରେ ବିଶ୍ୱକପ୍‌ର ଟପ୍ ସ୍କୋରର ହେବା ଲାଗି ଚଳିତ ଟୁର୍ଣ୍ଣାମେଣ୍ଟରେ ମେସି ଓ ଏମ୍ବାପ୍ପେଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିବ। ସେହିଭଳି ଚଳିତ ବିଶ୍ୱକପ୍‌ରେ ମେସି ଓ ଏମ୍ବାପ୍ପେ ଉଭୟ ୬ଟି ଲେଖାଏ ଗୋଲ୍ ଦେଇ ଗୋଲ୍ଡେନ ବୁଟ୍ ଦୌଡ଼ରେ ସର୍ବାଗ୍ରେ ରହିଛନ୍ତି।

ଏହାପରେ ଦ୍ୱିତୀୟାର୍ଦ୍ଧର ଟାଇମ ଆଉଟ୍ ପରେ ଏମ୍ବାପ୍ପେଙ୍କ କମାଲ ପୁଣିଥରେ ଦେଖିବାକୁ ମିଳିଥିଲା। ୭୪ତମ ମିନିଟରେ ଏମ୍ବାପ୍ପେ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳପାଇଁ ତୃତୀୟ ଗୋଲ୍ ଦେଇଥିଲେ। ୩-୦ ଗୋଲ୍‌ରେ ପଛୁଆ ରହିବା ପରେ ସ୍ୱିଡେନ ଖେଳାଳିମାନେ ମ୍ୟାଚକୁ ଫେରିବା ଲାଗି ଜୋରଦାର ପ୍ରୟାସ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ବିଜୟ ସହ ଫ୍ରାନ୍ସ ଏକାଧିକ ରେକର୍ଡ କରିଛି। ବିଶ୍ୱକପ୍ ଇତିହାସର ପ୍ରଥମ ଦଳ ଭାବେ ଫ୍ରାନ୍ସ କ୍ରମାଗତ ୫ଟି ମ୍ୟାଚରେ ୩ କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ଗୋଲ ଦେବାରେ ସମର୍ଥ ହୋଇଛି। ସେହିଭଳି ଫ୍ରାନ୍ସ କୋଚ୍ ଡିଡିଅର ଡେଶ୍ଚାମ୍ପ ଫିଫା ବିଶ୍ୱକପ୍ ନକ୍‌ଆଉଟ୍‌ରେ ତାଙ୍କର ୯ମ ବିଜୟ ହାସଲ କରିଛନ୍ତି। ଯାହାକି ଫିଫା ବିଶ୍ୱକପ୍ ଇତିହାସରେ କୌଣସି କୋଚ୍ ପାଇଁ ସର୍ବାଧିକ ନକ୍‌ଆଉଟ୍ ବିଜୟର ରେକର୍ଡ ହୋଇଛି।

## ନରୱେକୁ ଜିତାଇଲେ ହାଲାଣ୍ଡ

ଡଲାସ, ୧।୭ (ଏଜେନ୍ସି): ଷ୍ଟ୍ରାଇକର ଖେଳାଳି ଏର୍ଲିଙ୍ଗ ହାଲାଣ୍ଡଙ୍କ ଗୋଲ୍ ବଳରେ ଏଠାରେ ମଙ୍ଗଳବାର ରାତିରେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ର ରାଉଣ୍ଡ-୩୨ ମୁକାବିଲାରେ ନରୱେ ୨-୧ ଗୋଲରେ ଆଇଭରୀ କୋଷ୍ଟକୁ ପରାସ୍ତ କରିଛି। ମ୍ୟାଚର ୩୯ତମ ମିନିଟରେ ଆଣ୍ଟୋନିଓ ନୁସାଙ୍କ ଗୋଲ୍ ବଳରେ ନରୱେ ପ୍ରଥମାର୍ଦ୍ଧରେ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ଏହାପରେ ଖେଳର ଦ୍ୱିତୀୟାର୍ଦ୍ଧ ବେଶ୍ ରୋମାଞ୍ଚକ ରହିଥିଲା। ୭୪ତମ ମିନିଟରେ ଆମାଦ ଡିଆଲୋଙ୍କ ଗୋଲ୍ ସହାୟତାରେ ଆଇଭରୀ କୋଷ୍ଟ ମ୍ୟାଚକୁ ୧-୧'ର ବରାବରସ୍ତରକୁ ଆଣିଥିଲା। ତେବେ ଆଇଭରୀ କୋଷ୍ଟର ଏହି ଖୁସି ବେଶୀ ସମୟ ରହି ନ ଥିଲା। ୮୬ତମ ମିନିଟରେ ଷ୍ଟ୍ରାଇକର ଏର୍ଲିଙ୍ଗ ହଲାଣ୍ଡ ନରୱେ ପାଇଁ ଦ୍ୱିତୀୟ ତଥା ବିଜୟସୂଚକ ଗୋଲଟି ଦେଇଥିଲେ। ଫଳରେ ଫିଫା ବିଶ୍ୱକପ ଇତିହାସରେ ପ୍ରଥମଥର ନକ୍‌ଆଉଟ୍ ଖେଳିଥିବା ଆଇଭରୀ କୋଷ୍ଟ ରାଉଣ୍ଡ-୩୨ରେ ଅଭିଯାନ ଶେଷ କରିଛି। ନରୱେ ପ୍ରି-କ୍ୱାର୍ଟରେ ବ୍ରାଜିଲକୁ ରବିବାର ରାତିରେ ଭେଟିବ।

## ବିଜୟ ଉତ୍ସବ ପାଳନବେଳେ ମେକ୍ସିକୋ ସିଟିରେ ୩ଜଣଙ୍କ ମୃତ୍ୟୁ

ମେକ୍ସିକୋ ସିଟି, ୧।୭ (ଏଜେନ୍ସି): ସହ-ଆୟୋଜକ ମେକ୍ସିକୋ ଚଳିତ ଫିଫା ବିଶ୍ୱକପ୍‌ର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଇକ୍ୱେଡରକୁ ୨-୦ ଗୋଲରେ ହରାଇ ମେକ୍ସିକୋ ଏହି ସଫଳତା ପାଇଛି। ସେହିଭଳି ଦୀର୍ଘ ୪୦ ବର୍ଷ ପରେ ମେକ୍ସିକୋ ଫିଫା ବିଶ୍ୱକପର ନକଆଉଟରେ ବିଜୟ ସ୍ୱାଦ ଚାଖିଛି। ଏହି ପ୍ରତୀକ୍ଷିତ ବିଜୟ ପରେ ମେକ୍ସିକୋ ସିଟିରେ ଲକ୍ଷ ଲକ୍ଷ ଘରୋଇ ପ୍ରଶଂସକ ଏକାଠି ହୋଇ ବିଶାଳ ଉତ୍ସବ ପାଳନ କରିଥିଲେ। ମୁଖ୍ୟତଃ ଏଞ୍ଜେଲ ଅଫ୍ ଇଣ୍ଡିପେଣ୍ଡେନ୍ସ ସ୍ମାରକୀ ଚାରିପାଖରେ ୧୦ ଲକ୍ଷରୁ ଅଧିକ ଲୋକ ରାସ୍ତାକୁ ଓହ୍ଲାଇ ଉତ୍ସବ ମନାଇଥିଲେ। ଫଳରେ ଶ୍ୱାସରୁଦ୍ଧ ହୋଇ ୩ଜଣ ପ୍ରଶଂସକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ପ୍ରାଣ ହରାଇଥିବା ପ୍ରଶଂସକଙ୍କ ମଧ୍ୟରେ ଜଣେ ୧୯ ବର୍ଷୀୟା ଓ ୪୮ ବର୍ଷୀୟା ମହିଳା ରହିଛନ୍ତି। ସେହିଭଳି ଜଣେ ୪୪ ବର୍ଷୀୟ ପୁରୁଷ ପ୍ରଶଂସକ ମଧ୍ୟ ପ୍ରାଣ ହରାଇଛନ୍ତି।

## ଶ୍ରୀସନ୍ଥଙ୍କ ଉପରୁ ବାସନ୍ଦ ଉଠାଇଲା କେରଳ ସଂଘ

ତିରୁଅନନ୍ତପୁରମ, ୧।୭ (ଏଜେନ୍ସି): କେରଳ କ୍ରିକେଟ ଆସୋସିଏସନ (କେସିଏ) ବୁଧବାର ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଏସ. ଶ୍ରୀସନ୍ଥଙ୍କ ଉପରେ ଲଗାଇଥିବା ୩ ବର୍ଷର ବାସନ୍ଦ ଦଣ୍ଡାଦେଶକୁ ହଟାଇ ଦେଇଛି। କେସିଏ ବିରୁଦ୍ଧରେ ମାନହାନିଜନକ ମନ୍ତବ୍ୟ ଦେବା ଅଭିଯୋଗରେ ସଂଘ ଗତବର୍ଷ ୪୩ ବର୍ଷୀୟ ଶ୍ରୀସନ୍ଥଙ୍କ ଉପରେ ତିନି ବର୍ଷର ବାସନ୍ଦ ଲଗାଇଥିଲା। ସଂଘ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି ଯେ, ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକରେ କେସିଏ ଏହି ବାସନ୍ଦ ହଟାଇବା ପାଇଁ ନିଷ୍ପତ୍ତି ନେଇଛି। ଶ୍ରୀସନ୍ଥ କେସିଏ ବିରୁଦ୍ଧରେ ତାଙ୍କ ମନ୍ତବ୍ୟ ପାଇଁ ଦୁଃଖ ପ୍ରକାଶ କରି ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଥିଲେ। ଏହି ଆଧାରରେ କେସିଏ ତାଙ୍କ ଉପରୁ ବାସନ୍ଦ ଉଠାଇ ଦେଇଛି। ଉଲ୍ଲେଖଯୋଗ୍ୟ, ଗତ କେରଳ କ୍ରିକେଟ ଲିଗ୍ (କେସିଏଲ) ମ୍ୟାଚ୍ ପୂର୍ବରୁ ଶ୍ରୀସନ୍ଥଙ୍କ ଉପରେ ଏହି ବାସନ୍ଦ ଲାଗୁ କରାଯାଇଥିଲା।




## ଇକ୍ୱେଡର ବିଦା; ରାଉଣ୍ଡ-୧୬ରେ ମେକ୍ସିକୋ

# ୪୦ ବର୍ଷ ପରେ ମେକ୍ସିକୋର ପ୍ରତୀକ୍ଷିତ ବିଜୟ




ମେକ୍ସିକୋ ସିଟି, ୧।୭ (ଏଜେନ୍ସି): ସହ-ଆୟୋଜକ ମେକ୍ସିକୋ ଚଳିତ ଫିଫା ବିଶ୍ୱକପ୍‌ର ୭ମ ଦଳ ଭାବେ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବୁଧବାର ସକାଳେ ମେକ୍ସିକୋ ସିଟି ଷ୍ଟାଡିୟମରେ ଅନୁଷ୍ଠିତ ଏକପାଖିଆ ମ୍ୟାଚରେ ଘରୋଇ ମେକ୍ସିକୋ ୨-୦ ଗୋଲ୍‌ରେ ଇକ୍ୱେଡରକୁ ହରାଇଦେଇଛି। ମ୍ୟାଚର ପ୍ରଥମାର୍ଦ୍ଧରେ ମେକ୍ସିକୋ ଦୁଇଟିଯାକ ଗୋଲ୍ ଦେଇଥିଲା। ୨୨ତମ ମିନିଟରେ ଜୁଲିଆନ କ୍ୱିନୋନ୍ସଙ୍କ ଗୋଲ୍ ସହାୟତାରେ ମେକ୍ସିକୋ ଖାତା ଖୋଲିଥିଲା। ଏହାର ୯ ମିନିଟ ପରେ ମେକ୍ସିକୋ ଏହି ଅଗ୍ରଣୀକୁ ଦ୍ୱିଗୁଣିତ କରିଥିଲା। ୩୧ତମ ମିନିଟରେ ରାଉଲ ଜିମେଞ୍ଜ ମେକ୍ସିକୋ ପାଇଁ ଏହି ଦ୍ୱିତୀୟ ଗୋଲ୍‌ଟି ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷବେଳକୁ ମେକ୍ସିକୋ ୨-୦ରେ ଆଗୁଆ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧରେ ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ଇକ୍ୱେଡର ମ୍ୟାଚକୁ ଫେରିବା ଲାଗି ଆପ୍ରାଣ ଉଦ୍ୟମ କରିଥିଲା। କିନ୍ତୁ ମେକ୍ସିକୋ ଡିଫେନ୍ସ କୌଣସି ସୁଯୋଗ ଦେଇ ନ ଥିଲେ। ଶେଷରେ ମେକ୍ସିକୋ ବିଜୟ ଲାଭ କରି ପ୍ରି-କ୍ୱାର୍ଟରରେ ସ୍ଥାନ ପକ୍କା କରିଥିଲା। ସମ୍ପୂର୍ଣ୍ଣ ମ୍ୟାଚରେ ପାସ୍, ପାସ୍ ଆକ୍ୟୁରେସି, ପୋଜେସନ ଆଦିରେ ମେକ୍ସିକୋଠାରୁ ଇକ୍ୱେଡର ଉନ୍ନତ ପ୍ରଦର୍ଶନ କରିଥିଲେ ମଧ୍ୟ ଭାଗ୍ୟ ସାଥ୍ ଦେଇ ନ ଥିଲା।

ଅପରପକ୍ଷରେ ଘରୋଇ ମେକ୍ସିକୋ ଦୀର୍ଘ ୪୦ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ବିଶ୍ୱକପ୍‌ରେ ନକ୍‌ଆଉଟ୍ ବିଜୟ ସ୍ୱାଦ ଚାଖିଛି। ଶେଷଥର ଲାଗି ମେକ୍ସିକୋ ୧୯୮୬ ସଂସ୍କରଣରେ ଏକ ନକ୍‌ଆଉଟ୍ ମ୍ୟାଚ୍ ଜିତିଥିଲା। ଏହାପରେ ୧୯୯୪ରୁ ୨୦୧୮ ପର୍ଯ୍ୟନ୍ତ ମେକ୍ସିକୋ ରାଉଣ୍ଡ-୧୬ରେ ହିଁ ଅଟକିଯାଉଥିଲା। ସେହିଭଳି ୨୦୨୨ରେ ଦଳ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଏଥର ଘରୋଇ ପରିବେଶରେ ଖେଳୁଥିବାରୁ ମେକ୍ସିକୋ ଆଗକୁ ଆହୁରି ବିପର୍ଯ୍ୟୟ ଘଟାଇବାକୁ ଲକ୍ଷ୍ୟ ରଖିଛି।



| ଫିଫା ବିଶ୍ୱକପ୍ |
| --- |
| ରାଉଣ୍ଡ ଅଫ୍ ୩୨ ମୁକାବିଲା |
| ଗୁରୁବାର ରାତି |
| ସ୍ପେନ-ଅଷ୍ଟ୍ରିଆ |
| ଲସ୍ ଆଞ୍ଜେଲ୍ସ, ରାତି ୧୨ଟା ୩୦ |
| ଶୁକ୍ରବାର ସକାଳ |
| ପର୍ତ୍ତୁଗାଲ-କ୍ରୋଏସିଆ |
| ଟରୋଣ୍ଟୋ, ଭୋର ୪ଟା ୩୦ |
| ସୁଇଜରଲାଣ୍ଡ-ଆଲଜେରିଆ |
| ଭାଙ୍କୋଭର, ସକାଳ ୮ଟା ୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

## ଜାତୀୟ ପେଞ୍ଚାକ ସିଲାଟରେ ଓଡ଼ିଶାକୁ ୨୭ ପଦକ

ଭୁବନେଶ୍ୱର, ୧।୭ (ସମିସ): ମହାରାଷ୍ଟ୍ରର ନାସିକଠାରେ ଶେଷ ହୋଇଥିବା ଜାତୀୟ ଜୁନିଅର ଓ ସବ୍‌ଜୁନିଅର ପେଞ୍ଚକସିଲାଟ ଚାମ୍ପିଅନସିପରେ ଓଡ଼ିଶା ମୋଟ୍ ୨୭ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୧୨ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୮ଟି କାଂସ୍ୟ ପଦକ ରହିଛି। ପ୍ରତିଯୋଗିତାରେ ଓଡ଼ିଶା ଚତୁର୍ଥ ରନର୍ସଅପ୍ ହୋଇଛି। ନନ୍ଦିତା ଠାକୁର, ଅନ୍ୱେଷା ପାତ୍ର, ପଲ୍ଲବ ମହାନା, ସମୀକ୍ଷା ପି. ମହାନ୍ତ, ଅନୁଷ୍କା ପ୍ରିୟା ନାୟକ, ସ୍ନେହା ସାମନ୍ତରାୟ, ଶେଖର ଥାପା, ସମ୍ପୂର୍ଣ୍ଣା ମିଶ୍ର, ପ୍ରିଶା କର, ଅଭିମନ୍ୟୁ ବସ୍ତି, ଅନନ୍ୟା କୋହଲି ଓ ସ୍ନେହାଞ୍ଜଳି ସାହୁ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଓଡ଼ିଶାରୁ ମୋଟ୍ ୬୨ ଜଣ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ। ଓଡିଶା ସଂଘର ସଭାପତି ତାପସ କୁମାର ରାୟ ଚୌଧୁରୀ, ସମ୍ପାଦକ ଗୁରୁ ପ୍ରେମ ସିଂ ଥାପା, ଖୋର୍ଦ୍ଧା ସଂଘର ସମ୍ପାଦକ ଜୀତେନ୍ଦ୍ର କୁମାର ରାଉତ ପଦକ ବିଜୟୀ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ରାହୁଲ ସା, ପ୍ରକାଶ ବେହେରା ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ।

### ଜାତୀୟ ଜୁନିଅର ହକି କ୍ୟାମ୍ପ

## ଓଡ଼ିଶା ନାଭାଲ ଟାଟା ଏଚ୍‌ପିସିର ୧୪ ଖେଳାଳିଙ୍କୁ ସୁଯୋଗ

ଭୁବନେଶ୍ୱର, ୧।୭ (ସମିସ): ଜାତୀୟ ଜୁନିଅର କ୍ୟାମ୍ପ ପାଇଁ ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫରମାନ୍ସ ସେଣ୍ଟର(ଏଚ୍‌ପିସି)ର ୧୪ଜଣ ଖେଳାଳି ମନୋନୀତ ହୋଇଛନ୍ତି। ଯେଉଁଥିରେ ୯ଜଣ ବାଳକ ଏବଂ ୫ଜଣ ବାଳିକା ରହିଛନ୍ତି। ଅନମୋଲ ଏକ୍କା, ଆଡ୍ରୋହିତ ଏକ୍କା, ରୋହିତ କୁଲ୍ଲୁ, ମୁକେଶ ଟପ୍ପୋ, ବିବେକ ଲାକ୍ରା, ସଞ୍ଜିତ ତିର୍କୀ, ନୀତେଶ ମିଞ୍ଜ, ଅଧିକାରୀମାୟୁମ ସୁରେଶ ଶର୍ମା ଓ ଆର୍ଯ୍ୟନ ଖେସ୍ ବାଳକ ଜୁନିଅର କ୍ୟାମ୍ପରେ ସ୍ଥାନ ପାଇଛନ୍ତି। ସେହିପରି ନିହାରିକା ଟପ୍ପୋ, ଦ୍ରୌପଦୀ ନାଏକ, ସୋନାଲି ଏକ୍କା, ସୁପ୍ରିୟା କୁଜୁର ଓ ଏଞ୍ଜେଲ ହର୍ଷରାଣୀ ମିଞ୍ଜଙ୍କୁ ବାଳିକା କ୍ୟାମ୍ପ ଲାଗି ମନୋନୀତ କରାଯାଇଛି। ସେହିପରି ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ) ଗସ୍ତ ପାଇଁ ଏଚ୍‌ପିସିର ଦୁଇ ପ୍ରତିଭାବାନ ମହିଳା ଖେଳାଳି ଏଞ୍ଜିଲ ହର୍ଷରାଣୀ ମିଞ୍ଜ ଏବଂ ସୁପ୍ରିୟା କୁଜୁରଙ୍କୁ ମନୋନିତ କରାଯାଇଛି। ଏହି ସଫଳତା ସମ୍ପର୍କରେ ହକି ଏସିଇ ଫାଉଣ୍ଡେସନର ସିଇଓ ତଥା ଟାଟା ଷ୍ଟିଲ୍ ଫାଉଣ୍ଡେସନର ସ୍କିଲ୍ ଡେଭଲପମେଣ୍ଟ, ଡିସାବିଲିଟି ଓ ସ୍ପୋର୍ଟ୍ସ ହେଡ୍ କ୍ୟାପଟେନ ଅମିତାଭ କହିଛନ୍ତି, "ଏହା ଓଡ଼ିଶା ନଭାଲ ଟାଟା ହକି ହାଇ ପଫରମାନ୍ସ ସେଣ୍ଟର ପାଇଁ ଗର୍ବର ମୁହୂର୍ତ୍ତ। ଆମ ଖେଳାଳିମାନଙ୍କ ନିଷ୍ଠା ଏବଂ କୋଚ୍ ତଥା ସପୋର୍ଟ ଷ୍ଟାଫ୍‌ଙ୍କ ଅକ୍ଲାନ୍ତ ପରିଶ୍ରମର ଫଳ। ଏହି ସଫଳତା ଏଚ୍‌ପିସିର ଅନ୍ୟ ଯୁବ ଖେଳାଳିଙ୍କୁ ପ୍ରେରଣା ଦେବ।'


### ଆଇସିସି ଟି-୨୦ ର୍‍ୟାଙ୍କିଙ୍ଗ୍

## ଅଭିଷେକଙ୍କୁ ହଟାଇ ପ୍ରଥମଥର ଶୀର୍ଷରେ ଇଶାନ

ଦୁବାଇ, ୧।୭ (ଏଜେନ୍ସି): ୱିକେଟ୍‌କିପର ଇଶାନ କିଶାନ ବିଶ୍ୱର ଏକ ନମ୍ବର ଟି-୨୦ ବ୍ୟାଟର ହୋଇଛନ୍ତି। ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଆଇସିସି ପକ୍ଷରୁ ବୁଧବାର ସଦ୍ୟ ପ୍ରକାଶିତ ଟି-୨୦ ବ୍ୟାଟିଂ ର୍‍ୟାଙ୍କିଙ୍ଗ୍‌ରେ ଇଶାନ ଗୋଟିଏ ପାହାଚ ଉପରକୁ ଉଠି ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ସେ ସାଥୀ ଭାରତୀୟ ଖେଳାଳି ଅଭିଷେକ ଶର୍ମାଙ୍କୁ ହଟାଇ କ୍ୟାରିୟରରେ ପ୍ରଥମଥର ଲାଗି ବ୍ୟାଟିଂ ତାଲିକାର ଶୀର୍ଷ ମାନ୍ୟତା ଲାଭ କରିଛନ୍ତି। ଇଶାନଙ୍କ ରେଟିଂ ପଏଣ୍ଟ ୮୭୬ ରହିଛି। ଦୀର୍ଘ ୧୧ ମାସ ଧରି ଏକ ନମ୍ବର ସ୍ଥାନରେ ରହିଥିବା ଅଭିଷେକ ୮୬୯ ରେଟିଂ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନକୁ ଖସିଯାଇଛନ୍ତି। ସଦ୍ୟ ସମାପ୍ତ ଆୟର୍ଲାଣ୍ଡ ବିପକ୍ଷ ଦୁଇ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜର ପ୍ରଦର୍ଶନକୁ ଆଧାରିତ କରି ଏହି ର୍‍ୟାଙ୍କିଙ୍ଗ ଅପଡେଟ୍ ହୋଇଛି। ବ୍ୟାଟିଂ ତାଲିକାର ଟପ୍-୧୦ରେ ରହିଥିବା ଅନ୍ୟ ଦୁଇ ଭାରତୀୟ ବ୍ୟାଟର ହେଲେ ତିଳକ ବର୍ମା ଓ ସୂର୍ଯ୍ୟକୁମାର ଯାଦବ। ତିଳକ ପୂର୍ବଭଳି ଷଷ୍ଠ ସ୍ଥାନରେ ସ୍ଥିର ରହିଛନ୍ତି। ତେବେ ସୂର୍ଯ୍ୟକୁମାର ଗୋଟିଏ ପାହାଚ ତଳକୁ ଖସି ୮ମ ସ୍ଥାନ ଲାଭ କରିଛନ୍ତି। ପାକିସ୍ତାନର ଶାହିବଜାଦ ଫରହାନ, ଇଂଲଣ୍ଡର ଫିଲ୍ ସଲ୍ଟ ଓ ଶ୍ରୀଲଙ୍କାର ପାଥୁମ ନିଶାଙ୍କ ଯଥାକ୍ରମେ ୩ୟରୁ ପଞ୍ଚମ ସ୍ଥାନ ମଧ୍ୟରେ ରହିଛନ୍ତି।

ଅପରପକ୍ଷରେ ବୋଲିଂ ତାଲିକାରେ ବରୁଣ ଚକ୍ରବର୍ତ୍ତୀ ଓ ଯଶପ୍ରୀତ ବୁମରା ଗୋଟିଏ ଲେଖାଏ ସ୍ଥାନ ହରାଇଛନ୍ତି। ବରୁଣ ଓ ବୁମରା ଯଥାକ୍ରମେ ୩ୟ ଓ ଷଷ୍ଠ ସ୍ଥାନ ହାସଲ କରିଛନ୍ତି। ଆଫଗାନିସ୍ତାନର ରଶିଦ ଖାନ ଓ ପାକିସ୍ତାନର ଆବରାର ଅହମ୍ମଦ ଯଥାକ୍ରମେ ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି।

## ୱିମ୍ବଲଡନ: ପ୍ରତ୍ୟାବର୍ତ୍ତନର ୪ ବର୍ଷ ପରେ ହାରିଲେ ସେରେନା



ଲଣ୍ଡନ, ୧।୭ (ଏଜେନ୍ସି): ଅବସରର ଦୀର୍ଘ ୪ ବର୍ଷ ପରେ ପୁଣିଥରେ କୋର୍ଟକୁ ପ୍ରତ୍ୟାବର୍ତ୍ତନ କରିଥିବା କିମ୍ବଦନ୍ତୀ ଟେନିସ ଖେଳାଳି ସେରେନା ୱିଲିୟମ୍ସଙ୍କୁ ୱିମ୍ବଲଡନର ପ୍ରଥମ ରାଉଣ୍ଡରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି। ପ୍ରତ୍ୟାବର୍ତ୍ତନ ପରେ ନିଜର ପ୍ରଥମ ସିଙ୍ଗଲ୍ସ ମ୍ୟାଚ୍ ଏଠାରେ ଖେଳିଥିବା ୪୪ ବର୍ଷୀୟା ସେରେନା ୩-୬, ୭-୬, ୩-୬ ସେଟରେ ଅଷ୍ଟ୍ରେଲିଆର ମାୟା ଜଏଣ୍ଟଙ୍କ ନିକଟରୁ ହାରିଯାଇଛନ୍ତି। ୱିମ୍ବଲଡନରେ ସିଙ୍ଗଲ୍ସ ଓ ଡବଲ୍ସରେ ମୋଟ ୧୩ଟି ଟାଇଟଲ ଜିତିଥିବା ସେରେନା ଏବେ ମହିଳା ଡବଲ୍ସରେ ଭଉଣୀ ଭେନସଙ୍କ ସହ ମିଶି ଖେଳିବେ। ଉଲ୍ଲେଖଯୋଗ୍ୟ ୨୩ଥରର ଗ୍ରାଣ୍ଡସ୍ଲାମ ବିଜୟିନୀ ସେରେନା ୨୦୨୨ରେ ପ୍ରଫେସନାଲ ଟେନିସରୁ ଅବସର ନେଇଥିଲେ। ତେବେ ୪ ବର୍ଷ ପରେ ଗତ ମାସରେ ସେ ପୁଣିଥରେ କୋର୍ଟକୁ ଫେରି କେବଳ ମହିଳା ଡବଲ୍ସ ଖେଳିଥିଲେ। ଏବେ ସେ ୱିମ୍ବଲଡନରେ ପ୍ରଥମ ସିଙ୍ଗଲ୍ସ ଖେଳିଛନ୍ତି। ସେରେନାଙ୍କର 'ଅଲିମ୍ପିଆ' ଓ 'ଆଦ୍ରିରା' ନାମକ ଦୁଇଟି କନ୍ୟା ରହିଛନ୍ତି।

## ଜେଏମ୍ ଏକାଡେମୀରେ କ୍ରୀଡ଼ା ସାମ୍ବାଦିକ ସମ୍ବର୍ଦ୍ଧିତ




ଭୁବନେଶ୍ୱର,୧।୭(ସମିସ): ସ୍ଥାନୀୟ ଜେଏମ୍ କ୍ରୀଡ଼ା ଏକାଡେମୀଠାରେ ବୁଧବାର ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳିତ ହୋଇଛି। କ୍ରୀଡ଼ାର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ରାଜ୍ୟର କିଛି ଆଗଧାଡ଼ିର ସାମ୍ବାଦିକ ଓ ସମାଜସେବୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମାରୋହରେ କ୍ରୀଡ଼ା ସମ୍ବାଦିକ ସନ୍ତୋଷ ମହାନ୍ତି, ରଜନୀକାନ୍ତ ଶତ୍ରୁଶଲ୍ୟ, ସୁଭଜିତ ଜେନା, ବିଜୟ ଖୁଣ୍ଟିଆ, ତପନ ମହାରଣା, ମନୋଜ ସ୍ୱାଇଁ ଏବଂ ବିଶିଷ୍ଟ ସମାଜସେବୀ ବିକାଶ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟ ଅତିଥି ଭାବେ ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଯୋଗଦେଇଥିଲେ। ସେହିଭଳି ମୁଖ୍ୟବକ୍ତା ଭାବେ ବରିଷ୍ଠ କ୍ରୀଡ଼ା ସାମ୍ବାଦିକ ସନାତନ ପାଣି, ସମ୍ମାନିତ ଅତିଥି ପାରା କ୍ରୀଡ଼ାବିତ୍ ରଖାଲ ସେଠୀ ଏବଂ 'ଦୂରଦର୍ଶୀ' ପତ୍ରିକାର ସମ୍ପାଦକ ଦୁର୍ଗା ସାମନ୍ତରାୟ ଉପସ୍ଥିତ ରହିଥିଲେ। ଜେଏମ୍ କ୍ରୀଡ଼ା ଏକାଡେମୀର ଅଧ୍ୟକ୍ଷା ମୀରାରାଣୀ ଦାସ, ସମ୍ପାଦକ ଯଶୋବନ୍ତ ଦାସ, ଆଇନ ପରାମର୍ଶଦାତା ସୁବ୍ରତ ମହାପାତ୍ର ଏବଂ ପ୍ରଯୋଜକ ଅତିଶ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଉତ୍ତର-ପୂର୍ବାଞ୍ଚଳ ଦୃଷ୍ଟିହୀନ ଫୁଟବଲ ଉଦଘାଟିତ

ଭୁବନେଶ୍ୱର, ୧।୭ (ସମିସ):

ଉତ୍ତର-ପୂର୍ବାଞ୍ଚଳ ଦୃଷ୍ଟିବାଧିତ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ବୁଧବାର ସ୍ଥାନୀୟ ୟୁନିଟ-୧ ଏକାଡେମୀ ଫୁଟବଲ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଓ ବ୍ଲୁସ୍ଆଇ ଅର୍ଗାନାଇଜେସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ୩ ଦିନ ଧରି ଖେଳାଯିବ। ପ୍ରଥମ ଦିବସରେ ଅନୁଷ୍ଠିତ ପୁରୁଷ ବିଭାଗ ମ୍ୟାଚରେ ମେଘାଳୟ ୧୦-୦ ଗୋଲରେ ଆସାମକୁ ଓ ନାଗାଲାଣ୍ଡ ୧-୦ ଗୋଲରେ ମିଜୋରାମକୁ ପରାସ୍ତ କରିଛି। ସେହିଭଳି ଆୟୋଜକ ଓଡ଼ିଶା ଓ ନାଗାଲାଣ୍ଡ ମଧ୍ୟରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଅପରପକ୍ଷରେ ପଦ୍ମିନୀ ଟୁଡୁଙ୍କ ଡବଲ ଗୋଲ୍ ବଳରେ ଓଡ଼ିଶା ମହିଳା ଦଳ ୩-୦ ଗୋଲ୍‌ରେ ମେଘାଳୟକୁ ହରାଇଛି। ସରସ୍ୱତୀ ମୁର୍ମୁ ଓଡ଼ିଶା ପାଇଁ ଅନ୍ୟତମ ଗୋଲଟି ଦେଇଥିଲେ। ଓଡ଼ିଶାରେ ପ୍ରଥମଥର ଆୟୋଜିତ ଏହି ଜାତୀୟ ଦୃଷ୍ଟିହୀନ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟକୁ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ସୁଧାକର ନାୟକ ଅତିଥିଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଓଏସଡି ଧୀରଜ ପଟ୍ଟନାୟକ, କ୍ଷଣପ୍ରଭା ମହାନ୍ତି, ସନ୍ତୋଷିନୀ ଜୈନ ଓ ବ୍ଲୁସ୍ଆଇର ଅଧ୍ୟକ୍ଷ ତ୍ରିଲୋଚନ ବେହେରା ଉପସ୍ଥିତ ରହିଥିଲେ।



## ଫାଓ ଲିଗ୍ ଆରମ୍ଭ

ଭୁବନେଶ୍ୱର, ୧।୭ (ସମିସ): କଟକ ବାରବାଟୀ ଷ୍ଟାଡିୟମରେ ବୁଧବାର ଏମଜିଏମ୍ ଫାଓ ଲିଗ୍‌ର ୨୦୨୬ତମ ସଂସ୍କରଣ ଉଦଘାଟିତ ହୋଇଯାଇଛି। ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଲିଗରେ ୨୧ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ସନରାଇଜ କ୍ଲବ ୩-୦ ଗୋଲରେ ରୋଭର୍ସ କ୍ଲବକୁ ପରାସ୍ତ କରିଛି। ସିଏମସି କମିଶନର କୀରନଦୀପ୍ କୌର ସାହୋତ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାଓ ଉପସଭାପତି ବିଜୟ ଦାସ, ସହଦେବ ରାଉତ, ବୀରେନ୍ଦ୍ର ବେହେରା, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ୍ ଓ ବିଶ୍ୱ ରଞ୍ଜନ ଘଡ଼େଇ ପ୍ରମୁଖ ଉପସ୍ଥିତ ରହିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS